# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୮/୨୦୨୫ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 28/2025 Page 20 ₹ 7.00

୫୧ଶ ଭାଗ ୩୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 304 ମୂଲ୍ୟ ₹୭/-







# ଓଡ଼ିଶାରେ ଚିପ୍‌ରୁ ଶିପ୍ ସବୁ ତିଆରି ହେବ: ପ୍ରଧାନମନ୍ତ୍ରୀ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ରାଜ୍ୟକୁ ଗସ୍ତ କରି ଲୋକଙ୍କ ଉନ୍ନତି କଳ୍ପେ ବିଭିନ୍ନ ପ୍ରକଳ୍ପ ଭେଟି ଦେଉଛନ୍ତି। ଏହି କ୍ରମରେ ସେ ଶନିବାର ଝାରସୁଗୁଡ଼ାଠାରେ ଦେଶ ପାଇଁ ୬୦,୦୦୦ କୋଟି ଟଙ୍କାର ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ବ୍ରହ୍ମପୁର-ସୁରଟ୍ ମଧ୍ୟରେ ନୂତନ ରେଳ ଚଳାଚଳର ଶୁଭାରମ୍ଭ କରି ରାଜ୍ୟବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଝାରସୁଗୁଡ଼ା ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ଅନୁଷ୍ଠିତ ସର୍ବଭାରତୀୟ ଯୁବ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

- ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ
- ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ରେଳ ଚଳାଚଳ ଆରମ୍ଭ
- ମୋହନ ଜଣେ କର୍ମଠ ମୁଖ୍ୟମନ୍ତ୍ରୀ: ମୋଦି

**ଝାରସୁଗୁଡ଼ା, ୨୭।୯ (ଆଶିଷ ରଞ୍ଜନ ଦାଶ)**

ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେ କହିଛନ୍ତି, ପ୍ରକୃତି ଓଡ଼ିଶାକୁ ଅନେକ କିଛି ଦେଇଛି। ଏହି ଦଶକ ଓଡ଼ିଶା ପାଇଁ ବହୁ ମୂଲ୍ୟବାନ। ଓଡ଼ିଶା ବର୍ତ୍ତମାନ ଭାରତର ଶିଳ୍ପ ହବ୍ ହେବାକୁ ଯାଉଛି। ଆଜି ଆମେ କାହା ଉପରେ ନିର୍ଭର କରିବା ନାହିଁ। ଆମେ ଆତ୍ମନିର୍ଭର ହୋଇ ଆଗକୁ ବଢ଼ିବା। ଚିପ୍ ତିଆରି ପାଇଁ ୭୦ ହଜାର କୋଟିର ପ୍ରୋଜେକ୍ଟ ପ୍ରସ୍ତୁତ ହୋଇ ସାରିଛି, ଯାହା ଦ୍ୱାରା ୪.୫ ଲକ୍ଷ କୋଟିର ନିବେଶ ଓଡ଼ିଶାକୁ ଆସିବ। ଏହା ଦ୍ୱାରା ଅନେକ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ଏବଂ ଓଡ଼ିଶା ଏଥିରେ ଆଗରେ ରହିବ। ଗତ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାର ଲୋକମାନେ ଏକ ସଂକଳ୍ପ ନେଇଥିଲେ, ଯାହାର ମୂଲ୍ୟରେ ବର୍ତ୍ତମାନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ଏହି ୧୦ ବର୍ଷ ଭିତରେ ଓଡ଼ିଶା ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଝାରସୁଗୁଡ଼ା ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ସର୍ବଭାରତୀୟ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ☞ପୃଷ୍ଠା-୬

# ଯୁବବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରେରଣାର ସ୍ରୋତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଗହଣରେ ଉପସ୍ଥିତ ଥିବାରୁ ସେବା ପକ୍ଷର ଏହି ଦିନଟି ସମସ୍ତଙ୍କ ପାଇଁ ଗୋଟିଏ ମହୋତ୍ସବର ଦିନ। ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମ ବିଧିର ବିଧାନ। କାରଣ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଠିକ୍ ୮ ବର୍ଷ ପୂର୍ବେ ☞ପୃଷ୍ଠା-୬






# ବିଜୟଙ୍କ ରାଲିରେ ଦଳାଚକଟା: ୩୮ ମୃତ



ତାମିଲନାଡୁର କରୁରଠାରେ ଶନିବାର ଟିଭିକେ ମୁଖ୍ୟ ବିଜୟ ପ୍ରଚାରଗାଡ଼ିରୁ ସମର୍ଥକଙ୍କୁ ସମ୍ବୋଧନ କରୁଥିବାବେଳେ ଦଳାଚକଟାର ଦୃଶ୍ୟ।

## ୪୬ ଆହତ

**ଚେନ୍ନାଇ/କରୁର, ୨୭।୯**

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟା ହୋଇଛି। ଏଥିରେ ୧୦ ଶିଶୁ ଓ ୧୬ ମହିଳାଙ୍କ ସମେତ ୩୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୬ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶୀର୍ଷ ଅଧିକାରୀମାନଙ୍କ ବୈଠକ ଡକାଇ ସ୍ଥିତି ସମୀକ୍ଷା କରିଛନ୍ତି। ରାଜନୈତିକ ରାଲିରେ ଦଳାଚକଟା ଘଟି ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ରାଲିରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସେମାନେ ବିଜୟଙ୍କ ପାଇଁ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରି ରହିଥିଲେ। ବିଜୟ ବହୁ ବିଳମ୍ବରେ ରାଲି ସ୍ଥଳରେ ପହଞ୍ଚିଥିଲେ। ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଥିବାରୁ ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ ହୋଇଥିଲା। ଭିଡ଼ ଓ ଦଳାଚକଟା ଯୋଗୁ ଅନେକ ସମର୍ଥକ ମୂର୍ଚ୍ଛା ହୋଇଯାଇଥିଲେ। ଏହା ଜାଣିବା ପରେ ବିଜୟ ଭାଷଣ ବନ୍ଦ କରି ପ୍ରଚାର ବସ୍‌ରୁ ଗହଳି ମଧ୍ୟକୁ ପାଣି ବୋତଲ ଫିଙ୍ଗିଥିଲେ। ଏଥିସହ ପୋଲିସକୁ ସହଯୋଗ ପାଇଁ ନିବେଦନ କରିଥିଲେ। ଆହତ ଓ ମୂର୍ଚ୍ଛାଯାଇଥିବା ଲୋକଙ୍କୁ ନେବା ପାଇଁ ଆସିଥିବା ଆମ୍ବୁଲାନ୍ସ ପ୍ରବଳ ଭିଡ଼ ଯୋଗୁ ବିଳମ୍ବରେ ହସ୍ପିଟାଲରେ ପହଞ୍ଚିଥିଲା। ଫଳରେ ବାଟରେ ଅନେକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା ☞ପୃଷ୍ଠା-୬

# ଏସିଆ କପ୍ | ଆଜି ଭାରତ-ପାକିସ୍ତାନ ଫାଇନାଲ

**ଦୁବାଇ, ୨୭।୯(ପି.ଟି.)**

ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୭ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇ ଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିବା ବେଳେ ପାକିସ୍ତାନ ପେସର ହାରିସ ରୌଫ ପ୍ରତିପକ୍ଷ ବ୍ୟାଟରଙ୍କୁ ଗାଳି କରିବା ସହ ଯୁଦ୍ଧବିମାନ ଖସାଇବା ସଙ୍କେତ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରିବା ପରେ ପାକିସ୍ତାନୀ ଓପନର ସାହିବଜାଦା ଫର୍ହାନ ବ୍ୟାଟକୁ ବନ୍ଧୁକ ଭଳି ଦେଖାଇଥିଲେ। ଏଥିଯୋଗୁ ଉଭୟଙ୍କୁ ଆଇସିସି ପକ୍ଷରୁ ଦଣ୍ଡିତ ମଧ୍ୟ କରାଯାଇଛି। ଭାରତୀୟ ଦଳ ଫାଇନାଲ ଜିତିଲେ, ଚାମ୍ପିୟନ ଟ୍ରଫି ଏସିଆନ କ୍ରିକେଟ କାଉନସିଲ (ଏସିସି) ଓ ପିସିବି ମୁଖ୍ୟ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ପଡ଼ିପାରେ। କିନ୍ତୁ ଏଥିଲାଗି ବିସିସିଆଇ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ଏଥିଯୋଗୁ ଗତ ଦୁଇ ମ୍ୟାଚ୍ ଭଳି ଫାଇନାଲ ମଧ୍ୟ ବିବାଦୀୟ ରହିବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ସର୍ବାଧିକ ୮ ଥର ଏସିଆ କପ୍ ଜିତିଥିବା ବେଳେ ପାକିସ୍ତାନ ମାତ୍ର ଦୁଇ ଥର ଟ୍ରଫି ହାତେଇଛି।


DSPL-285



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବିଶ୍ୱ ଜଳାତଙ୍କ ଦିବସ

୨୮ ସେପ୍ଟେମ୍ବର ୨୦୨୫

- ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ। ସଂକ୍ରମିତ ପ୍ରାଣୀ କାମୁଡ଼ିଲେ କିମ୍ବା ତା'ର ଲାଳ ସଂସ୍ପର୍ଶରେ ଆସିଲେ ଜଳାତଙ୍କ ହୋଇଥାଏ।
- କୌଣସି ଗୃହପାଳିତ/ବନ୍ୟପ୍ରାଣୀ କାମୁଡ଼ିଲେ ତୁରନ୍ତ ସେ ସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରି ଜଳାତଙ୍କ ପ୍ରତିଷେଧକ ଟିକାର ସମ୍ପୂର୍ଣ୍ଣ ମାତ୍ରା ନିଅନ୍ତୁ।
- **ଜଳାତଙ୍କ ପ୍ରତିଷେଧକ ଟିକା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ମାଗଣାରେ ଉପଲବ୍ଧ।**
- ଆପଣଙ୍କ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ରଖିବାକୁ ବୁଲା କୁକୁର ଏବଂ ଅନ୍ୟାନ୍ୟ ମାଂସଭୋଜୀ ବନ୍ୟପ୍ରାଣୀଙ୍କ ପ୍ରତି ସାବଧାନ ରୁହନ୍ତୁ।
- ସଂକ୍ରମିତ ପ୍ରାଣୀ ଗୃହପାଳିତ ପ୍ରାଣୀଙ୍କୁ କାମୁଡ଼ିଲେ ତୁରନ୍ତ କ୍ଷତସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଭଲଭାବରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ପ୍ରାଣିଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।
- **ନିଜର ପୋଷା କୁକୁରକୁ ବର୍ଷକୁ ଥରେ ଲେଖାଏଁ ପ୍ରତିଷେଧକ ଟିକାକରଣ କରାନ୍ତୁ।**

OIPR-06014/13/0062/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment farddepartment

DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୮/୨୦୨୫ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 28/2025 Page 20 ₹ 7.00

୫୧ଶ ଭାଗ ୩୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 304 ମୂଲ୍ୟ ₹୭/-







# ଓଡ଼ିଶାରେ ଚିପ୍‌ରୁ ଶିପ୍ ସବୁ ତିଆରି ହେବ: ପ୍ରଧାନମନ୍ତ୍ରୀ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ରାଜ୍ୟକୁ ଗସ୍ତ କରି ଲୋକଙ୍କ ଉନ୍ନତି କଳ୍ପେ ବିଭିନ୍ନ ପ୍ରକଳ୍ପ ଭେଟି ଦେଉଛନ୍ତି। ଏହି କ୍ରମରେ ସେ ଶନିବାର ଝାରସୁଗୁଡ଼ାଠାରେ ଦେଶ ପାଇଁ ୬୦,୦୦୦ କୋଟି ଟଙ୍କାର ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ବ୍ରହ୍ମପୁର-ସୁରଟ୍ ମଧ୍ୟରେ ନୂତନ ରେଳ ଚଳାଚଳର ଶୁଭାରମ୍ଭ କରି ରାଜ୍ୟବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଝାରସୁଗୁଡ଼ା ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ଅନୁଷ୍ଠିତ ସର୍ବଭାରତୀୟ ଯୁବ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

- ୬୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ
- ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ରେଳ ଚଳାଚଳ ଆରମ୍ଭ
- ମୋହନ ଜଣେ କର୍ମଠ ମୁଖ୍ୟମନ୍ତ୍ରୀ: ମୋଦି

**ଝାରସୁଗୁଡ଼ା, ୨୭।୯ (ଆଶିଷ ରଞ୍ଜନ ଦାଶ)**

ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେ କହିଛନ୍ତି, ପ୍ରକୃତି ଓଡ଼ିଶାକୁ ଅନେକ କିଛି ଦେଇଛି। ଏହି ଦଶକ ଓଡ଼ିଶା ପାଇଁ ବହୁ ମୂଲ୍ୟବାନ। ଓଡ଼ିଶା ବର୍ତ୍ତମାନ ଭାରତର ଶିଳ୍ପ ହବ୍ ହେବାକୁ ଯାଉଛି। ଆଜି ଆମେ କାହା ଉପରେ ନିର୍ଭର କରିବା ନାହିଁ। ଆମେ ଆତ୍ମନିର୍ଭର ହୋଇ ଆଗକୁ ବଢ଼ିବା। ଚିପ୍ ତିଆରି ପାଇଁ ୭୦ ହଜାର କୋଟିର ପ୍ରୋଜେକ୍ଟ ପ୍ରସ୍ତୁତ ହୋଇ ସାରିଛି, ଯାହା ଦ୍ୱାରା ୪.୫ ଲକ୍ଷ କୋଟିର ନିବେଶ ଓଡ଼ିଶାକୁ ଆସିବ। ଏହା ଦ୍ୱାରା ଅନେକ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ଏବଂ ଓଡ଼ିଶା ଏଥିରେ ଆଗରେ ରହିବ। ଗତ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାର ଲୋକମାନେ ଏକ ସଂକଳ୍ପ ନେଇଥିଲେ, ଯାହାର ମୂଲ୍ୟରେ ବର୍ତ୍ତମାନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ଏହି ୧୦ ବର୍ଷ ଭିତରେ ଓଡ଼ିଶା ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଝାରସୁଗୁଡ଼ା ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ସର୍ବଭାରତୀୟ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ☞ପୃଷ୍ଠା-୬

# ଯୁବବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରେରଣାର ସ୍ରୋତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଗହଣରେ ଉପସ୍ଥିତ ଥିବାରୁ ସେବା ପକ୍ଷର ଏହି ଦିନଟି ସମସ୍ତଙ୍କ ପାଇଁ ଗୋଟିଏ ମହୋତ୍ସବର ଦିନ। ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମ ବିଧିର ବିଧାନ। କାରଣ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଠିକ୍ ୮ ବର୍ଷ ପୂର୍ବେ ☞ପୃଷ୍ଠା-୬






# ବିଜୟଙ୍କ ରାଲିରେ ଦଳାଚକଟା: ୩୮ ମୃତ



ତାମିଲନାଡୁର କରୁରଠାରେ ଶନିବାର ଟିଭିକେ ମୁଖ୍ୟ ବିଜୟ ପ୍ରଚାରଗାଡ଼ିରୁ ସମର୍ଥକଙ୍କୁ ସମ୍ବୋଧନ କରୁଥିବାବେଳେ ଦଳାଚକଟାର ଦୃଶ୍ୟ।

## ୪୬ ଆହତ

**ଚେନ୍ନାଇ/କରୁର,୨୭।୯**

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟା ହୋଇଛି। ଏଥିରେ ୧୦ ଶିଶୁ ଓ ୧୬ ମହିଳାଙ୍କ ସମେତ ୩୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୬ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶୀର୍ଷ ଅଧିକାରୀମାନଙ୍କ ବୈଠକ ଡକାଇ ସ୍ଥିତି ସମୀକ୍ଷା କରିଛନ୍ତି। ରାଜନୈତିକ ରାଲିରେ ଦଳାଚକଟା ଘଟି ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ରାଲିରେ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସେମାନେ ବିଜୟଙ୍କ ପାଇଁ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା କରି ରହିଥିଲେ। ବିଜୟ ବହୁ ବିଳମ୍ବରେ ରାଲି ସ୍ଥଳରେ ପହଞ୍ଚିଥିଲେ। ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଥିବାରୁ ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ ହୋଇଥିଲା। ଭିଡ଼ ଓ ଦଳାଚକଟା ଯୋଗୁ ଅନେକ ସମର୍ଥକ ମୂର୍ଚ୍ଛା ହୋଇଯାଇଥିଲେ। ଏହା ଜାଣିବା ପରେ ବିଜୟ ଭାଷଣ ବନ୍ଦ କରି ପ୍ରଚାର ବସ୍‌ରୁ ଗହଳି ମଧ୍ୟକୁ ପାଣି ବୋତଲ ଫିଙ୍ଗିଥିଲେ। ଏଥିସହ ପୋଲିସକୁ ସହଯୋଗ ପାଇଁ ନିବେଦନ କରିଥିଲେ। ଆହତ ଓ ମୂର୍ଚ୍ଛାଯାଇଥିବା ଲୋକଙ୍କୁ ନେବା ପାଇଁ ଆସିଥିବା ଆମ୍ବୁଲାନ୍ସ ପ୍ରବଳ ଭିଡ଼ ଯୋଗୁ ବିଳମ୍ବରେ ହସ୍ପିଟାଲରେ ପହଞ୍ଚିଥିଲା। ଫଳରେ ବାଟରେ ଅନେକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା ☞ପୃଷ୍ଠା-୬

# ଏସିଆ କପ୍ ଆଜି ଭାରତ-ପାକିସ୍ତାନ ଫାଇନାଲ

**ଦୁବାଇ,୨୭।୯(ପି.ଟି.)**

ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୭ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇ ଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିବା ବେଳେ ପାକିସ୍ତାନ ପେସର ହାରିସ ରୌଫ ପ୍ରତିପକ୍ଷ ବ୍ୟାଟରଙ୍କୁ ଗାଳି କରିବା ସହ ଯୁଦ୍ଧବିମାନ ଖସାଇବା ସଙ୍କେତ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରିବା ପରେ ପାକିସ୍ତାନୀ ଓପନର ସାହିବଜାଦା ଫର୍ହାନ ବ୍ୟାଟକୁ ବନ୍ଧୁକ ଭଳି ଦେଖାଇଥିଲେ। ଏଥିଯୋଗୁ ଉଭୟଙ୍କୁ ଆଇସିସି ପକ୍ଷରୁ ଦଣ୍ଡିତ ମଧ୍ୟ କରାଯାଇଛି। ଭାରତୀୟ ଦଳ ଫାଇନାଲ ଜିତିଲେ, ଚାମ୍ପିୟନ ଟ୍ରଫି ଏସିଆନ କ୍ରିକେଟ କାଉନସିଲ (ଏସିସି) ଓ ପିସିବି ମୁଖ୍ୟ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ପଡ଼ିପାରେ। କିନ୍ତୁ ଏଥିଲାଗି ବିସିସିଆଇ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ଏଥିଯୋଗୁ ଗତ ଦୁଇ ମ୍ୟାଚ୍ ଭଳି ଫାଇନାଲ ମଧ୍ୟ ବିବାଦୀୟ ରହିବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ସର୍ବାଧିକ ୮ ଥର ଏସିଆ କପ୍ ଜିତିଥିବା ବେଳେ ପାକିସ୍ତାନ ମାତ୍ର ଦୁଇ ଥର ଟ୍ରଫି ହାତେଇଛି।


DSPL-285



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଜଳାତଙ୍କ ଦିବସ

୨୮ ସେପ୍ଟେମ୍ବର ୨୦୨୫

- ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ। ସଂକ୍ରମିତ ପ୍ରାଣୀ କାମୁଡ଼ିଲେ କିମ୍ବା ତା'ର ଲାଳ ସଂସ୍ପର୍ଶରେ ଆସିଲେ ଜଳାତଙ୍କ ହୋଇଥାଏ।
- କୌଣସି ଗୃହପାଳିତ/ବନ୍ୟପ୍ରାଣୀ କାମୁଡ଼ିଲେ ତୁରନ୍ତ ସେ ସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରି ଜଳାତଙ୍କ ପ୍ରତିଷେଧକ ଟିକାର ସମ୍ପୂର୍ଣ୍ଣ ମାତ୍ରା ନିଅନ୍ତୁ।
- **ଜଳାତଙ୍କ ପ୍ରତିଷେଧକ ଟିକା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ମାଗଣାରେ ଉପଲବ୍ଧ।**
- ଆପଣଙ୍କ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ରଖିବାକୁ ବୁଲା କୁକୁର ଏବଂ ଅନ୍ୟାନ୍ୟ ମାଂସଭୋଜୀ ବନ୍ୟପ୍ରାଣୀଙ୍କ ପ୍ରତି ସାବଧାନ ରୁହନ୍ତୁ।
- ସଂକ୍ରମିତ ପ୍ରାଣୀ ଗୃହପାଳିତ ପ୍ରାଣୀଙ୍କୁ କାମୁଡ଼ିଲେ ତୁରନ୍ତ କ୍ଷତସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଭଲଭାବରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ପ୍ରାଣିଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।
- **ନିଜର ପୋଷା କୁକୁରକୁ ବର୍ଷକୁ ଥରେ ଲେଖାଏଁ ପ୍ରତିଷେଧକ ଟିକାକରଣ କରାନ୍ତୁ।**

OIPR-06014/13/0062/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment farddepartment


A quality product from
PAN BAHAR
शुभ नवरात्री
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD
बहार
खानदानी इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in





# ମଧ୍ୟସ୍ଥତା ନ୍ୟାୟ ପ୍ରଦାନର ବିଶ୍ୱସନୀୟ ସ୍ତମ୍ଭ: ସିଜେଆଇ

## ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଉଦ୍‌ଘାଟିତ

■ ମଧ୍ୟସ୍ଥତାକୁ ଦେଶର ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଆଧାରଶିଳା ହେବ ସମ୍ମିଳନୀ: ମୁଖ୍ୟମନ୍ତ୍ରୀ

■ ଆଲୋଚନାର ସଂସ୍କୃତି ଓ ସହମତି ପ୍ରତିଷ୍ଠା ପାଇଁ ଏହା ଏକ ଉତ୍କୃଷ୍ଟ ଉଦ୍ୟମ: ରାଜ୍ୟପାଳ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

ମଧ୍ୟସ୍ଥତା ହେଉଛି ନ୍ୟାୟ ପ୍ରଦାନର ଏକ ବିଶ୍ୱସନୀୟ ଅଙ୍ଗ, ଯାହାକି ବହୁବିଧ କ୍ଷେତ୍ରରେ ଲୋକଙ୍କ ସମସ୍ୟାର ସମାଧାନ ସହ ଅଦାଲତଗୁଡ଼ିକରେ ମାମଲା ବୋଝ ହ୍ରାସ କରିବାରେ ସହାୟକ ହୋଇଥାଏ ବୋଲି ଶନିବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନର କନ୍‌ଭେନ୍ସନ ହଲ୍‌ଠାରେ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀର ଉଦ୍‌ଘାଟନ ଅବସରରେ ସିଜେଆଇ ଏପରି ମତବ୍ୟକ୍ତ କରିଛନ୍ତି। ଏଥିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ କୁମାର ଟଣ୍ଡନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରା ମନେକରାଯାଉଛି।

ରାଜ୍ୟପାଳ ଉକ୍ତ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଛନ୍ତି. ମଧ୍ୟସ୍ଥତା କେବଳ ବିବାଦ ସମାଧାନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ବିଶ୍ୱାସ ପ୍ରତିଷ୍ଠା, ସମ୍ପର୍କର ସୁରକ୍ଷା ଏବଂ ସାମାଜିକ ସହାବସ୍ଥାନ ନିର୍ମାଣର ଏକ ମାଧ୍ୟମ। ଦେଶରେ ଆଲୋଚନାର ସଂସ୍କୃତି ଓ ବିଭିନ୍ନ ପ୍ରସଙ୍ଗରେ ସହମତି ପ୍ରତିଷ୍ଠା କରିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ଉତ୍କୃଷ୍ଟ ଉଦ୍ୟମ, ଯଦ୍ୱାରା ଦୀର୍ଘ ସମସ୍ୟାର ସମାଧାନ ହୋଇପାରିବ। ଓଡ଼ିଶା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରୁଥିବାରୁ ରାଜ୍ୟପାଳ ଗର୍ବ ଅନୁଭବ କରୁଥିବା କହିଛନ୍ତି। ସିଜେଆଇ ଗବଇ ମେଡିଏଶନ୍ ଆକ୍ଟ, ୨୦୨୩ର ତାତ୍ପର୍ଯ୍ୟ ପ୍ରତିପାଦିତ କରିବାକୁ ଯାଇ କହିଛନ୍ତି, ମେଡିଏଶନ୍‌କୁ ବୈଧାନିକ ସ୍ୱୀକୃତି ପ୍ରଦାନ କରାଯାଇଥିବାରୁ ଏହା ସମାଧାନର ଏକ ପନ୍ଥାରୁ ନ୍ୟାୟ ପ୍ରଦାନର ବିଶ୍ୱସନୀୟ ସ୍ତମ୍ଭରେ ପରିଣତ ହୋଇପାରିଛି।



ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ଶନିବାର ୨ୟ ଜାତୀୟ ମେଡିଏଶନ କନଫରେନ୍ସ ୨୦୨୫କୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭୂଷଣ ରାମକ୍ରିଷ୍ଣ ଗବଇ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉପସ୍ଥିତ ଅଛନ୍ତି।

ଏହି ଆଇନ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସହଭାଗିତା, ସମାନତା, ଉପଲବ୍ଧତାକୁ ସୁନିଶ୍ଚିତ କରି କୋର୍ଟର ମାମଲା ବୋଝକୁ ହ୍ରାସ କରିପାରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ନ୍ୟାୟିକ ସଂସ୍କାର କ୍ଷେତ୍ରରେ ଓଡ଼ିଶାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବା ସହ ବିବାଦ ସମାଧାନ ଦିଗରେ ମଧ୍ୟସ୍ଥତାର ପ୍ରାସଙ୍ଗିକତାକୁ ଦର୍ଶାଇଛନ୍ତି। ଏହି ସମ୍ମିଳନୀ ଆଗକୁ ମଧ୍ୟସ୍ଥତାକୁ ଭାରତର ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଆଧାରଶୀଳରେ ପରିଣତ କରିବ। ଫଳରେ ଆଇନଗତ ପ୍ରକ୍ରିୟାରେ ଦକ୍ଷତା, ଅନ୍ତର୍ଭୁକ୍ତୀକରଣ ଓ ଆସ୍ଥା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଧ୍ୟସ୍ଥତା ପ୍ରାଚୀର ନୁହେଁ, ବରଂ ଏକ ସେତୁ। ଏହା ୪ସି ଯଥା– ବ୍ୟୟସାପେକ୍ଷତା, ଗୋପନୀୟତା, ନିୟନ୍ତ୍ରଣ ଓ ସୃଜନଶୀଳତା ଉପରେ ପର୍ଯ୍ୟବସିତ। ଏହି ୪ ବୈଶିଷ୍ଟ୍ୟ ସ୍ୱଳ୍ପ ଖର୍ଚ୍ଚରେ ଆଲୋଚନା ଜରିଆରେ ବିବାଦର ସମାଧାନ ☞ପୃଷ୍ଠା–୧୩

# ୩ ବର୍ଷରେ ଶିକ୍ଷା ବିଭାଗ କିରାଣିଙ୍କ ବଦଳି ବାଧ୍ୟତାମୂଳକ

**ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)**

ଶିକ୍ଷା ବିଭାଗରେ କାର୍ଯ୍ୟରତ କିରାଣି(ମିନିଷ୍ଟେରିଆଲ ଷ୍ଟାଫ୍)ଙ୍କର ୩ ବର୍ଷରେ ବଦଳି ବାଧ୍ୟତାମୂଳକ କରାଯାଇଛି। ଯେଉଁ କିରାଣିମାନେ ଗୋଟିଏ ସ୍ଥାନରେ ୩ବର୍ଷ କିମ୍ବା ତା'ଠାରୁ ଅଧିକ ଦିନ ରହିଛନ୍ତି, ସେମାନଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଅଗଷ୍ଟ ୨୦ରେ ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁଯାୟୀ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଥିବା କିରାଣିଙ୍କ ମଧ୍ୟରୁ ୫୦ପ୍ରତିଶତ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବଶିଷ୍ଟ ୫୦ ପ୍ରତିଶତ କିରାଣିଙ୍କୁ ଆସନ୍ତା ବର୍ଷ ବଦଳି କରାଯିବ। ଯେଉଁମାନେ ଅଧିକ ବର୍ଷ ଧରି ରହିଛନ୍ତି, ସେମାନଙ୍କୁ ପ୍ରଥମେ ବଦଳି ଦିଗରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ତେବେ ଏହି ନିୟମ ଶିକ୍ଷକଙ୍କ ପାଇଁ ଲାଗୁ କରାଯିବ ନାହିଁ। ପ୍ରତିବର୍ଷ ଏପ୍ରିଲ ୩୦ରୁ ୧୫ ଜୁନ ମଧ୍ୟରେ ସାଧାରଣ ବଦଳି କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି ସମୟ ସୀମା ପରେ ଯଦି କାହାକୁ ବଦଳି କରାଯାଏ, ତେବେ ଏଥିପାଇଁ ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ଏହି ସମସ୍ତ କାର୍ଯ୍ୟକୁ ଠିକ ଭାବେ ପାଳନ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଶିଶୁ ସେବିକାମାନେ ଶିକ୍ଷାଦାନ, ଔଷଧ ଦେବେ ନାହିଁ

## ମାର୍ଗଦର୍ଶିକା ଜାରିକଲା ଓସେପା

**ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)**

ଶିଶୁ ସେବିକାମାନେ ଶିଶୁଙ୍କୁ ପାଠପଢ଼ାଇ ପାରିବେ ନାହିଁ। ସେମାନେ ଶିଶୁମାନଙ୍କ ଉପରେ ରାଗିବେ ନାହିଁ କି ଦଣ୍ଡ ଦେଇପାରିବେ ନାହିଁ। ଏମିତି କି ଶିଶୁମାନଙ୍କ ଦେହ ଅସୁସ୍ଥ ଲାଗିଲେ ସେବିକାମାନେ ସେମାନଙ୍କୁ କୌଣସି ଔଷଧ ସେବନ କରିବାକୁ ଦେଇପାରିବେ ନାହିଁ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ଜାତୀୟ ଶିକ୍ଷା ନିତି–୨୦୨୦ ଅନୁଯାୟୀ ପ୍ରତି ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁ ବାଟିକା ☞ପୃଷ୍ଠା–୬

# ପାକ୍‌ର ବିଜୟ ଦାବିକୁ ପରିହାସ କଲା ଭାରତ

**ଜାତିସଂଘ,୨୭।୯**

## ଅପରେଶନ ସିନ୍ଦୂର

### ଅସ୍ତ୍ରବିରତି ପାଇଁ ନିବେଦନ କରିଥିଲା ଶତ୍ରୁପକ୍ଷ



ପେଟାଲ ଗେହଲଟ୍

ମେ' ୭ରୁ ୧୦ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦାବି କରିଥିବାବେଳେ ଶନିବାର ଭାରତ ଏହାର ପରିହାସ କରିଛି। ଅପରେଶନ ସିନ୍ଦୂର ବେଳେ ପାକିସ୍ତାନ ଏୟାରବେସ୍ ଏବଂ ସାମରିକ ଭିତ୍ତିଭୂମି ଧ୍ୱଂସ ହୋଇଥିବାର ଚିତ୍ର ବିଜୟ ଭଳି ଦେଖାଯାଉଛି କି ବୋଲି ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟାଲ ଗେହଲଟ୍ କହିଛନ୍ତି। ସଂଘର୍ଷରେ କିଏ ବିଜୟୀ ହୋଇଥିଲା ତାହାର ପ୍ରମାଣ ବିଶ୍ୱ ନିକଟରେ ରଖାଯାଇଥିବା ୟୁଏନ୍‌ଜିଏର ୮୦ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଗେହଲଟ୍ କହିଛନ୍ତି। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା, ଯାହାର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ଅଛି। ପାକ୍ ପ୍ରଧାନମନ୍ତ୍ରୀଙ୍କ ଦାବି ଅନୁଯାୟୀ ଧ୍ୱଂସପ୍ରାପ୍ତ ରନ୍‌ୱେ ଏବଂ ଜଳିଯାଇଥିବା ହ୍ୟାଙ୍ଗରଗୁଡ଼ିକ ଯଦି ବିଜୟ ଭଳି ଦେଖାଯାଉଥାଏ, ତେବେ ଇସ୍‌ଲାମାବାଦ ତାହାକୁ ଉପଭୋଗ କରୁ ବୋଲି ଗେହଲଟ୍ କହିଛନ୍ତି।

ଅସ୍ତ୍ରବିରତି ପାଇଁ ପାକିସ୍ତାନୀ ସେନା ଅନୁରୋଧ କରିଥିଲା। ନୂଆଦିଲ୍ଲୀ ଏବଂ ଇସ୍‌ଲାମାବାଦ ମଧ୍ୟରେ ଥିବା ପ୍ରସଙ୍ଗଗୁଡ଼ିକରେ ତୃତୀୟ ପକ୍ଷ ହସ୍ତକ୍ଷେପ କରିବାର ସ୍ଥାନ ନ ଥିବା ଗେହଲଟ ଜାତିସଂଘରେ ସ୍ପଷ୍ଟ କରିଦେଇଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ପୁଣିଥରେ ଆତଙ୍କବାଦର ପ୍ରଶଂସା କରିଛନ୍ତି, ଯେପରି ଏହା ସେମାନଙ୍କ ବିଦେଶ ନୀତିର ମୁଖ୍ୟ ଭାଗ ବୋଲି ଗେହଲଟ୍ ଜାତିସଂଘରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ପରେ ମେ' ୭ରେ ଭାରତୀୟ ସଶସ୍ତ୍ର ବଳ 'ଅପରେଶନ୍ ସିନ୍ଦୂର' ଜରିଆରେ ଏହାର ପ୍ରତିଶୋଧ ନେଇଥିଲା। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶଗୁଡ଼ିକୁ ଆତଙ୍କବାଦୀମାନେ ହିଁ ଧ୍ୱଂସ କରିଦେବେ ବୋଲି ଭାରତ ଚେତାଇଦେଇଛି।

## ପାକିସ୍ତାନ ବୈଶ୍ୱିକ ଆତଙ୍କବାଦର କେନ୍ଦ୍ରସ୍ଥଳ

### ୟୁଏନ୍‌ଜିଏରେ ସମାଲୋଚନା କଲେ ଜୟଶଙ୍କର

**ଜାତିସଂଘ,୨୭।୯(ପି.ଟି.)**

ଭାରତ ସ୍ୱାଧୀନତା ଲାଭ ପରଠାରୁ ଆତଙ୍କବାଦର ଆହ୍ୱାନକୁ ସାମ୍ନା କରୁଛି। ଏକ ପଡ଼ୋଶୀ ଦେଶ ବୈଶ୍ୱିକ ଆତଙ୍କବାଦର କେନ୍ଦ୍ରସ୍ଥଳ ପାଲଟିଛି ବୋଲି ଶନିବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପାକିସ୍ତାନ ଉଦ୍ଦେଶ୍ୟରେ କଡ଼ା ସମାଲୋଚନା କରିଛନ୍ତି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ୮୦ତମ ଅଧିବେଶନର ଜେନେରାଲ ଡିବେଟ୍ ବେଳେ ଜୟଶଙ୍କର ଭାରତର ଜନସାଧାରଣଙ୍କ ପକ୍ଷରୁ ନମସ୍କାର କହି ସମ୍ବୋଧନ ଆରମ୍ଭ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଅନେକ ଦଶନ୍ଧି ଧରି ବଡ଼ ଅନ୍ତର୍ଜାତୀୟ ଆତଙ୍କବାଦୀ ଆକ୍ରମଣ ଗୋଟିଏ ଦେଶରୁ ହେଉଛି। ଭାରତ ସ୍ୱାଧୀନ ହେବା ପରଠୁ ସେହି ପଡ଼ୋଶୀ ଦେଶ ବୈଶ୍ୱିକ ଆତଙ୍କବାଦର କେନ୍ଦ୍ରସ୍ଥଳ ପାଲଟିଛି। ଏହାର ସଦ୍ୟତମ ସୀମାପାର ବର୍ବରତା ପହଲଗାମ୍‌ରେ ଦେଖିବାକୁ ମିଳିଥିଲା। ଗତ ଏପ୍ରିଲରେ ଆତଙ୍କବାଦୀମାନେ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରିଥିଲେ। ଭାରତ ଆତଙ୍କବାଦ ବିରୋଧରେ ନିଜ ଲୋକଙ୍କୁ ସୁରକ୍ଷା ଦେବା ନେଇ ରହିଥିବା ଅଧିକାରକୁ ପ୍ରୟୋଗ କରି ଆତଙ୍କବାଦୀଙ୍କ ସଙ୍ଗଠକ ଓ ପୃଷ୍ଠପୋଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଜାତିସଂଘର ଆତଙ୍କବାଦୀ ତାଲିକାରେ ସର୍ବାଧିକ ପାକିସ୍ତାନୀ ନାଗରିକ ରହିଛନ୍ତି।






## ମା' ମୋବାଇଲ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ,୨୭।୯ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ପୋଇପାଣି ଗ୍ରାମରେ ମା' ମୋବାଇଲ ନ ଦେବାରୁ ନାବାଳକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ପୋଇପାଣି ଗ୍ରାମର ଶିଶୁବିଦ୍ୟାମନ୍ଦିରର ଗୁରୁଜୀ ଅର୍ଜୁନ ଚରଣ ☞ପୃଷ୍ଠା–୧୩

**ଆଜିର ସମ୍ପାଦକୀୟ**

**ନୂଆ ଭାରତର ସ୍ଥିତି**

# ଭିଜିବ ଦଶହରା

## ଅକ୍ଟୋବର ୧ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)**

ଦଶହରାକୁ ଭିଜାଇବ ବର୍ଷା। ଫିକା ପଡିପାରେ ପାର୍ବଣ। ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ଅକ୍ଟୋବର ୧ରୁ ବର୍ଷାର ପରିମାଣ ବଢ଼ିବା ନେଇ ଅନୁମାନ କରାଯାଉଥିବା



ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତାଙ୍କ ସୂଚନାନୁସାରେ, ୧ ତାରିଖରେ ଉତ୍ତର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅପରପକ୍ଷେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ସକ୍ରିୟ ରହିଛି। ଏହା ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବ। ତେବେ ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସାରା ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରବିବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଉପକୂଳ ଓଡ଼ିଶାର ☞ପୃଷ୍ଠା–୬



ରାଜ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ସମସ୍ତ ଓଡ଼ିଶାବାସୀ ଓ ଶ୍ରଦ୍ଧେୟ ଗ୍ରାହକମାନଙ୍କୁ ଶାରଦୀୟ ଶୁଭେଚ୍ଛା
THINK BIG...THINK RAJ...
RAJ ELECTRONICS
BUY 1 GET 3 OFFERS FREE*
Durga Puja Offer
ଏହି ପୂଜାରେ ଆପଣଙ୍କ ଘରକୁ ଆଣନ୍ତୁ ଆଉ ଏକ ଖୁସିର ସମ୍ଭାର...
UPTO 47%* INSTANT DISCOUNT
UPTO ₹30,000 CASH BACK*
UPTO 10% GST MAHA SAVING MELA
UPTO GET 2 EMI REFUND* upto ₹15000 cash back
000 DOWN PAYMENT | PROCESSING FEE | DBD
LOWEST EMI ₹888* ONWARDS
INSTANT CASHBACK UPTO ₹3500*
EXCHANGE YOUR OLD PRODUCT AND SAVE UP TO ₹15000*
4 YEARS EXTENDED WARRANTY WITH EASY EMI
UPTO 36 MONTHS EMI FACILITY
FAST DELIVERY
10 YEARS WARRANTY
Free MINI* REFRIGERATOR
EMI: ₹ 2025/-
QLED EMI: ₹ 2999/- 3YEAR* ASSURANCE
OLED EMI: ₹ 2995/- 3YEAR* ASSURANCE
Google TV EMI: ₹ 1777/- 3YEAR* ASSURANCE
32" LED EMI: ₹ 1024/-
43" LED EMI: ₹ 990/-
55" LED EMI: ₹ 1999/-
65" LED EMI: ₹ 2995/-
75" LED EMI: ₹ 2995/-
200 Ltr. 195 Ltr. 215 Ltr.
EMI Starts : ₹ 999/-
Solo : EMI: ₹ 888/-
Grill : EMI: ₹ 888/-
Convention : EMI: ₹ 1499/-
AVAIL OFF SEASON OFFERS on AC
4in1
2025 New
1.0Ton 3* Inverter EMI: ₹ 2200/-
1.5Ton 3* Inverter EMI: ₹ 2400/-
1.5Ton 5* Inverter EMI: ₹ 1999/-
Front Load EMI: ₹ 1811/-
Fully Auto EMI: ₹ 990/-
Semi Auto EMI: ₹ 890/-
UPGRADE with NEW GEN. MOBILE
SAVE upto ₹15,000/-
Price Starts- ₹7999/-*
958 33 84064/7735233453
EMI starts from ₹ 888/-*
EMI starts from ₹ 999/-*
Now Easy EMI Facility from your home
benow it's easy
BAJAJ FINSERV
IDFC FIRST Bank
HDB FINANCIAL SERVICES
HDFC BANK We understand your world
UPTO 7.5% INSTANT DISCOUNT* SBI card
#Min. Trxn.: ₹15,000; Max. Discount: ₹5,000 per card. Also valid on EMI Trxns. Validity: 20 Sep - 21 Oct 2025. T&C Apply.
Request To All Customer That, Please Check Our PRICE AND OFFERS Before You Purchase.
ଆଜି ହିଁ ଆସନ୍ତୁ
ସବୁଠାରୁ ଶସ୍ତା କେବଳ ରାଜ ଇଲେକ୍ଟ୍ରୋନିକ୍ସରେ
RAJ ELECTRONICS
BHUBANESWAR
BARAMUNDA : Near Bus Stand, Mob: 9238365729
PATIA : Opp. Idea Office, Mob: 9238365755
NAYAPALLY : Opp. Hotel Presidency, Mob: 9238365515
BAPUJI NAGAR : (Old Showroom) Mob: 9124942931
BAPUJI NAGAR : (Premium) Mob: 9238365728
CUTTACK Link Road, Madhupatna, Ph : 0671- 2342999 Mob : 9238365721
ANGUL Near TATA Motors Nalco Square Ph : 9124942933
TALCHER Sharma Chhak, Near IndusInd Bank Mob : 9124942932
ROURKELA Udit Nagar, Infront Of Vishal Mega Mart, Ph : 9238365730
BALASORE Near Hotel Suraj, Sahadev Khunta, Mob : 9124942935
JHARSUGUDA Near Bus Stand, Kali Mandir Road, Mob.: 9124942934
JAJPUR ROAD Chorda Traffic Chhak, By-Pass Road Mob : 9937475155
Bus Stand Bypass, Ph : 9238365722
JAJPUR TOWN Medical Road, Ph : 06728-222701 9238365724
BHADRAK Chapulia, Ph : 06784-250566, 9238365720
LG SAMSUNG SONY Panasonic Whirlpool Godrej LLOYD VOLTAS HITACHI Carrier BLUE STAR BOSCH Haier IFB MITSUBISHI KENT EUREKA FORBES HAVELLS BAJAJ
*T&C Apply. Offer applicable on selected products/Brand only. Pictures are indicative only. # Festive offers from Company only




## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

# ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲକଲା କ୍ରାଇମବ୍ରାଞ୍ଚ

**ବାଲେଶ୍ୱର, ୨୭।୯ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲ କରାଯାଇଛି। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଗତ ୯ ତାରିଖରେ ଡିଏସ୍‌ପି ନାୟକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୫୦୪ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଥିଲେ। ଏଥିରେ ୧୨୦ଜଣ ସାକ୍ଷୀଙ୍କ ନାମ ରହିଥିଲା।


କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।

ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍‌ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

# ସଚେତନତା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ

**ଆଜି ବିଶ୍ୱ ଜଳାତଙ୍କ ଦିବସ**

ଜଳାତଙ୍କ ଏକ ଭୂତାଣୁଜନିତ ରୋଗ। ପାଗଳା କୁକୁର କାମୁଡ଼ିଲେ ଏହି ରୋଗର ଆଶଙ୍କା ଅଧିକ ଥାଏ। ଏ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି– 'ଆକ୍ଟ ନାଓଁ, ୟୁ, ମି, କମ୍ୟୁନିଟିଜ୍'। ଅର୍ଥାତ୍ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି କେବଳ ମୁଁ ନୁହେଁ, ଆପଣ ଏବଂ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସ୍ଥାୟୀ ଚିକିତ୍ସା ପ୍ରାୟ ନାହିଁ। ଅର୍ଥାତ୍ ଜଳାତଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ମୃତ୍ୟୁ ପ୍ରାୟ ସୁନିଶ୍ଚିତ। ଏହି ରୋଗ କୁକୁର, ବିରାଡ଼ି, ବିଲୁଆ, ଗଧିଆ ଆଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କଠାରୁ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନଙ୍କୁ ବ୍ୟାପିଥାଏ। ଜଳାତଙ୍କ ରୋଗ ଲାଇସା ଭୂତାଣୁ ଦ୍ୱାରା ବ୍ୟାପିଥାଏ। ଏହି ଭୂତାଣୁ ମୁଖ୍ୟତଃ ବୁଲା ପାଗଳା କୁକୁର କାମୁଡ଼ିବା କିମ୍ବା ସେମାନଙ୍କ ଲାଳ ଦ୍ୱାରା ସୁସ୍ଥ ମନୁଷ୍ୟ କିମ୍ବା ପଶୁମାନଙ୍କୁ ବ୍ୟାପିଥାଏ। କ୍ଷତ ସ୍ଥାନ ଜଳାପୋଡ଼ା ଏବଂ କୁଣ୍ଡେଇ ହେବା, ସ୍ନାୟବିକ ଦୁର୍ବଳତା ଓ ଅକ୍ଷମତା, ପାଣି, ପବନ, ନିଆଁ, ଶବ୍ଦ ଏବଂ ଆଲୋକ ଆଦିକୁ ଭୟ କରିବା, ଅତ୍ୟଧିକ ପରିଶ୍ରମ ସହ୍ୟ କରି ନ ପାରିବା, ଖାଦ୍ୟ ଢୋକିବାରେ କଷ୍ଟ ଅନୁଭବ କରିବା ଏବଂ ବାନ୍ତି ହେବା ହେଉଛି ଜଳାତଙ୍କର ପ୍ରମୁଖ ଲକ୍ଷଣ। ଯଦି ଗୋଟିଏ ସୁସ୍ଥ ପ୍ରାଣୀ କିମ୍ବା ମନୁଷ୍ୟକୁ ଏକ ବୁଲା କୁକୁର କାମୁଡ଼ିଦେଲା, ତେବେ ଡାକ୍ତରୀ ପରାମର୍ଶ କରି ଟିକା ନେବା ପୂର୍ବରୁ ଉକ୍ତ କାମୁଡ଼ା ଜାଗାଟିକୁ ଭଲ ଭାବରେ ସାବୁନ୍‌ରେ ଅତିକମ୍‌ରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ଧୋଇ ସାରିବା ପରେ ଉକ୍ତ ଜାଗାଟିକୁ ଚଳନ୍ତା ପାଣି ସ୍ରୋତ କିମ୍ବା ଟ୍ୟାପ୍ ପାଣିରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ତା'ପରେ ଉକ୍ତ ସ୍ଥାନଟିରେ ଆଣ୍ଟିସେପ୍ଟିକ ମଲମ କିମ୍ବା ଲୋଶନ ଲଗାନ୍ତୁ। କୌଣସି ପରିସ୍ଥିତିରେ ଉକ୍ତ ଜାଗାକୁ ବ୍ୟାଣ୍ଡେଜ କରନ୍ତୁ ନାହିଁ। ଉପରୋକ୍ତ ପ୍ରାଥମିକ ଚିକିତ୍ସା କରିସାରିବା ପରେ ଡାକ୍ତରୀ ପରାମର୍ଶ ଅନୁସାରେ ଟିକା ନିଅନ୍ତୁ।

**– ଡା. ଅନନ୍ତ ଆଚାର୍ଯ୍ୟ**

# ହାତଗୋଡ଼ ବାନ୍ଧି ଗର୍ଭବତୀଙ୍କୁ ମାଡ଼ମାରି ଲୁଟିନେଲେ ସୁନାଗହଣା

**ସୋର, ୨୭।୯ (ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଟେଣ୍ଟେଇ ପଞ୍ଚାୟତ ବିରିପଡା ଗ୍ରାମରେ ଶୁକ୍ରବାର ରାତିରେ ଦୁଇଟି ଘରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଜଣେ ଗର୍ଭବତୀ ମହିଳାଙ୍କ ହାତଗୋଡ ବାନ୍ଧି ମାଡ଼ ମାରି ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଗ୍ରାମର ଅହଲ୍ୟା ନାୟକଙ୍କ ଘର କାମ ଚାଲୁଥିବାରୁ ସେ ପରିବାର ସହ ଏକ ଅସ୍ଥାୟୀ ଘରେ ରହୁଛନ୍ତି। ଶୁକ୍ରବାର ରାତିରେ ୪ଜଣ ଦୁର୍ବୃତ୍ତ ପଲିଥିନ ଚିରି ତାଙ୍କ ଘର ଭିତରକୁ ପଶିଥିଲେ। ପରେ ଅହଲ୍ୟାଙ୍କ ଗର୍ଭବତୀ ଝିଅକୁ ମାଡ଼ ମାରିବା ସହିତ ତାଙ୍କୁ ଓ ପରିବାରର ୩ଜଣଙ୍କୁ ହାତଗୋଡ ବାନ୍ଧି ଘରେ ଥିବା ୫୦ ହଜାରରୁ ଅଧିକ ଟଙ୍କାର ସୁନାଗହଣା ଓ ନଗଦ ୧୪ ହଜାର ଟଙ୍କା ଲୁଟିନେଇଥିଲେ। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଥିବା ଝିଅ ରଶ୍ମିତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିପରି ଉକ୍ତ ଗ୍ରାମର ଚକ୍ରଧର ବେହେରା ୨ ମାସ ହେବ ବେଙ୍ଗାଲୁରୁରେ ଥିବା ପୁଅ ପାଖକୁ ଯାଇଥିବା ବେଳେ ରାତିରେ ତାଙ୍କ ଘରର ଝରକା ଭାଙ୍ଗି ସୁନା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଶନିବାର ଅପରାହ୍ଣରେ ସୋର ଥାନାରେ ପୃଥକ ଭାବେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।






> ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି– ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। –ଶ୍ରୀଅରବିନ୍ଦ

ପୀଠେ ଶ୍ରୀଦୁର୍ଗାଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା



# ନୂଆ ଭାରତର ସ୍ଥିତି



**ଆକାର ପଟେଲ**

'ଈଶ୍ୱର ତାଙ୍କ ଚମତ୍କାରିତା ପ୍ରଦର୍ଶନ କରିବା ପାଇଁ ରହସ୍ୟମୟ ତରିକାରେ ଆଗକୁ ବଢ଼ନ୍ତି' (ଗଡ୍ ମୁଭସ୍ ଇନ୍ ମିଷ୍ଟେରିୟସ ୱେଜ୍ ହିଜ୍ ୱଣ୍ଡର୍ସ ଟୁ ପରଫର୍ମ)– ଏହି ଐଶ୍ୱରୀୟ ସ୍ତୁତିକୁ ମୁଁ ସ୍କୁଲରେ ପଢ଼ିଥିଲି। ପ୍ରକୃତ କଥା ହେଉଛି ମନୁଷ୍ୟର ଜ୍ଞାନ ବାହାରେ ସାଧାରଣତଃ ଅଲୌକିକ ଘଟଣା ଘଟିଥାଏ, ଯେଉଁଠି ଉଚ୍ଚତର ଶକ୍ତି କାମ କରେ। ସେଭଳି କିଛି ଭାରତର ବୈଦେଶିକ ନୀତିରେ ଘଟୁଛି। ସରକାରଙ୍କ ପ୍ରଚାର ଅନୁଯାୟୀ ଏହି କ୍ଷେତ୍ରରେ ବଡ଼ ଜିନିଷ ହାସଲ ହୋଇଛି, କିନ୍ତୁ ଏ ସମ୍ବନ୍ଧରେ ସବିଶେଷ ତଥ୍ୟ କେହି ଜାଣନ୍ତି ନାହିଁ। ତେବେ ଗୋଟିଏ ସପ୍ତାହ ମଧ୍ୟରେ ଜାତିସଂଘର ସାଧାରଣ ସଭାରେ ଆମର କ'ଣ ବିଜୟ ଘଟିଛି ସେ ସମ୍ପର୍କରେ ଜାଣିବା ପାଇଁ ଚାହିଁଲି ଏବଂ ଏଥିଲାଗି ମୋ ବନ୍ଧୁମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଫାଇଲ ଉପଯୋଗୀ ହୋଇପାରେ ବୋଲି ଭାବିଲି। ଯଦି ତୁମେ ଏକ ବୈଦେଶିକ ନୀତିର ବୈଧ ତଥ୍ୟକୁ ପରଖିବ, ତେବେ ବୁଝିପାରିବ ଯେ ବିଶ୍ୱରେ ନୂଆ ଭାରତର ସ୍ଥିତି କେଉଁଠି। ଆମ ପଡ଼ୋଶୀଙ୍କଠାରୁ ଆରମ୍ଭ କରିବା। ମୁଁ ସୂଚିତ କରିପାରେ, ପାକିସ୍ତାନ ସହ ଆମ ସମ୍ପର୍କ ଖରାପ। ପାକିସ୍ତାନ ବିରୋଧରେ ଆମ ମିଲିଟାରି ଅପରେଶନକୁ ଶେଷ ନ କରି ସ୍ଥଗିତ ରଖିଥିବାରୁ ସେମାନଙ୍କ ସହ 'ଯୁଦ୍ଧ'ରେ ଅବତୀର୍ଣ୍ଣ ହୋଇଛୁ ବୋଲି କୁହାଯାଇପାରେ। 'ଯୁଦ୍ଧ'କୁ କୋଟେଶନ ଚିହ୍ନ ମଧ୍ୟରେ ରଖିବାର କାରଣ ହେଉଛି ଆମେ ବାସ୍ତବରେ ଯୁଦ୍ଧ ଘୋଷଣା କରିନାହୁଁ। ବାଂଲାଦେଶ ସେମାନଙ୍କ ପ୍ରଧାନମନ୍ତ୍ରୀଙ୍କୁ ଫେରାଇବା ଲାଗି ତାହା ଦାବି କରୁଛି, ଯେଉଁଥିରେ ତାଙ୍କୁ ଦଣ୍ଡିତ କରାଯାଇପାରେ। କିନ୍ତୁ ଆମେ ଏଯାବତ୍ ମନାକରି ଆସିଛୁ। ବାଂଲାଦେଶର ନେତା ସାର୍କକୁ ପୁନର୍ଗଠନ କରାଯିବାକୁ ଚାହୁଁଛନ୍ତି ଏବଂ ଭାରତ ଏହାକୁ ନିଷ୍କ୍ରିୟ କରିଦେବା ଅଭିଯୋଗ କରିଛନ୍ତି। ୨୦୨୨ରେ ଅଗ୍ନିପଥ ଯୋଜନା ଆରମ୍ଭ କରି ଭାରତୀୟ ଆର୍ମିରେ ନେପାଳୀମାନେ ଭାଗନେବାର ୨୦୦ ବର୍ଷର ସମ୍ପର୍କକୁ ଶେଷ କରିଦେଇଛନ୍ତି। ୨୦୧୫ରେ ନେପାଳୀଙ୍କ ବିରୋଧରେ କଟକଣା ସେମାନଙ୍କୁ କ୍ରୋଧିତ କରିଛି। ଗାଜାରେ ଗଣହତ୍ୟା ବନ୍ଦ କରିବା ପାଇଁ ଦାବି କରି ଶ୍ରୀଲଙ୍କା ଆମ ତୁଳନାରେ ଅଧିକ ସାହସ ଦେଖାଇଛି। କିଛିଦିନ ପୂର୍ବେ ସରକାରଙ୍କ ସମର୍ଥକମାନେ ମାଲଡେଭିସ ସହ ସମ୍ପର୍କ ନ ରଖିବାକୁ ଦାବି କରିଥିଲେ, କାରଣ ଆମେ ସେମାନଙ୍କ ଉପରେ ଅସନ୍ତୁଷ୍ଟ ଥିଲୁ। ଆମର ଏବେ ସେମାନଙ୍କ ସହ ବନ୍ଧୁତ୍ୱ ରହିଛି କି ନାହିଁ ତାହା ଅସ୍ପଷ୍ଟ। ଆମ ନେତାଙ୍କ ନିର୍ଦ୍ଦେଶରେ ଚାଇନିଜ ଟେଲିଭିଜନକୁ ନଷ୍ଟ କରିଥିଲୁ। ଏଥିପାଇଁ ଭାରତୀୟଙ୍କୁ କ୍ଷମା କରିଦିଆଯାଇପାରେ, କାରଣ କେବଳ ସେମାନେ ନୁହନ୍ତି, କେହି ବି ଏବେ ଚାଇନା ସହିତ ଆମ ସମ୍ପର୍କ କିଭଳି ରହିଛି ଜାଣନ୍ତି ନାହିଁ। ବିଗତ ଦିନରେ ତାଲିବାନକୁ ସମାଲୋଚନା କରୁଥିଲେ ବି ଏବେ ତାକୁ କାହିଁକି ଗ୍ରହଣ କରିଛୁ ସ୍ପଷ୍ଟ କରାଯାଉନାହିଁ। ୮ ବର୍ଷ ପୂର୍ବେ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେ ଇରାନଠାରୁ ତେଲ କିଣିବା ବନ୍ଦ କରିଥିଲୁ, ହେଲେ ସେମାନେ ଏବେ ମଧ୍ୟ ଆମ ତୀର୍ଥଯାତ୍ରୀଙ୍କୁ ଗ୍ରହଣ କରୁଛନ୍ତି।

ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଆମେ ଦୁଇଟି ବିରାଟ ରାଲିର ଆୟୋଜନ କରିଥିଲୁ। ତାଙ୍କ ପାଇଁ ଆମ କର୍ପୋରେଟ ଟ୍ୟାକ୍ସ ହ୍ରାସ କରିଥିଲୁ ଓ ଆମେରିକା ନିର୍ବାଚନରେ ହସ୍ତକ୍ଷେପ କରିଥିଲୁ। ସେହି ଟ୍ରମ୍ପ ଏବେ ଆମ(୨୫%) ତୁଳନାରେ ପାକିସ୍ତାନ(୧୯%) ଏବଂ ବାଂଲାଦେଶ(୨୦%) ଉପରେ କମ୍ ଟାରିଫ ଲାଗୁ କରିଥିଲେ ଓ ପରେ ଆମ ଉପରେ ଆଉ ୨୫% ବଢ଼ାଇଛନ୍ତି। ଏହା ବ୍ୟତୀତ ଏଚ୍– ୱାନ୍ –ବି ଭିଜା ଦେୟ ବୃଦ୍ଧି କରି ୧,୦୦,୦୦୦ ଡଲାର କରିଛନ୍ତି। ଏବେ ସେ ଫାର୍ମା ଉପରେ ଆଉ ଅଧିକ ଟାରିଫ ଲଗାଇଛନ୍ତି। ଏହା ନିଶ୍ଚିତ ଯେ, ଆମେରିକା ଆମ ବନ୍ଧୁ ନୁହେଁ। କିନ୍ତୁ ଇସ୍ରାଏଲ ଆମ ବନ୍ଧୁ। ଜାତିସଂଘରେ ଗଣହତ୍ୟାକୁ ଯୁକ୍ତିଯୁକ୍ତ ଦର୍ଶାଇ ନେତାନ୍ୟାହୁ ଅଭିଭାଷଣ ରଖିଥିବାବେଳେ ବିଶ୍ୱର ବହୁ ଦେଶର ପ୍ରତିନିଧିମାନେ ବାହାରକୁ ଚାଲିଯାଇଥିଲେ, ହେଲେ ଭାରତ ତାଙ୍କୁ ପ୍ରଶଂସା କରିଥିଲା। ତୁର୍କୀ ଓ ଆଜାରବୈଜାନ ହେଉଛନ୍ତି ଶତ୍ରୁ, କାରଣ ସେମାନେ ପାକିସ୍ତାନର ବନ୍ଧୁ। ସମଗ୍ର ଆଫ୍ରିକୀୟ ଉପମହାଦେଶ(୫୪ରୁ ୫୩ଟି ଦେଶ, ପୁରୁଣା ସ୍ୱାଜିଲାଣ୍ଡକୁ ଛାଡ଼ି ସମସ୍ତେ) ଚାଇନାର ବେଲ୍ଟ ଆଣ୍ଡ୍ ରୋଡ୍ ପ୍ରୋଗ୍ରାମର ଅଂଶ ଭାବେ ରହିଛନ୍ତି। ନିଶ୍ଚିତ ଯେ, ସେମାନଙ୍କ ଉପରେ ଆମର ଅଧିକ ପ୍ରଭାବ ନାହିଁ। ସମାନ କାରଣ ପାଇଁ କେନ୍ଦ୍ର ଏସିଆ ଓ ଆସିଆନ ରାଷ୍ଟ୍ରଗୁଡ଼ିକ କ୍ଷେତ୍ରରେ ମଧ୍ୟ ସମାନ କଥା ଘଟୁଛି। ଚାଇନା ସହ ଭାରତର ଥିବା ବାଣିଜ୍ୟର ମାତ୍ର ୧୦% ଏବଂ ଆଫ୍ରିକା ସହ ଥିବା ବାଣିଜ୍ୟର ଏକ ଚତୁର୍ଥାଂଶ ରହିଛି ଆସିଆନ ସହ। ରୁଷିଆ ସହ ଆମର ନେଣଦେଣ ସମ୍ପର୍କ। ଅସ୍ତ୍ରଶସ୍ତ୍ର ପାଇଁ ଆମେ ସମ୍ପୂର୍ଣ୍ଣ ଭାବେ ଏହାକୁ ଏକ ଉତ୍ସ ଭାବେ ବ୍ୟବହାର କରୁଛୁ ଏବଂ ଏବେ ତେଲ ପାଇଁ ତାହା କରୁଛୁ। ପ୍ରତିବଦଳରେ ସେମାନେ ଆମକୁ ବନ୍ଧୁ ନୁହେଁ, ବରଂ ଗ୍ରାହକ ଭାବେ ଦେଖୁଛନ୍ତି। ଆମକୁ କଦାପି ସହଯୋଗୀ ଭାବେ ବିଚାର କରୁନାହାନ୍ତି। ଇସ୍ରାଏଲକୁ କୋଳେଇ ନେବା ଯୋଗୁ ଭାରତ ଆରବ ଦେଶଗୁଡ଼ିକର ଲୋକମାନଙ୍କ ସମର୍ଥନ ହରାଇଛି। ଏହା ଆରବ ଦେଶଗୁଡ଼ିକ ସହ ଥିବା ସମ୍ପର୍କକୁ ପ୍ରଭାବିତ କରି ନ ପାରେ, କିନ୍ତୁ ଆରବର ଏକଚ୍ଛତ୍ରବାଦୀ ଶାସକମାନେ ଆମକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

ମୂଲ୍ୟବୋଧ ଦୃଷ୍ଟିରୁ ଆମେ ଧର୍ମନିରପେକ୍ଷ, ଉଦାରବାଦୀ ବ୍ୟବସ୍ଥାରୁ ଦୂରେଇ ଯାଇଛୁ, ଯେଉଁଠିକୁ ଏବେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ଯୁବପିଢ଼ି ଯୋଗୁ ଫେରିବାକୁ ବାଧ୍ୟ ହେଉଛନ୍ତି। ଆମ ବ୍ରିକ୍ସ ସହଯୋଗୀ ବ୍ରାଜିଲ ଆମେରିକାର ସାମ୍ରାଜ୍ୟବାଦକୁ ଦୃଢ଼ ଭାବେ ଅସ୍ୱୀକାର କରିଛି, ଯାହା ଆମେ କେବେ ବି କରିନାହୁଁ। ବିଶ୍ୱରେ ଭାରତ ଏମିତି ଏତେ ଏପାଖ ସେପାଖ ହେବା ଇତିହାସରେ କୌଣସି ସମୟରେ କେବେ ବି ଦେଖାଯାଇନାହିଁ। କାହା ପକ୍ଷରେ ରହିବ କିମ୍ବା କାହା ବିରୋଧରେ ଠିଆହେବ ତାହାକୁ ନେଇ ଅଧିକ ଦ୍ୱନ୍ଦ୍ୱରେ ପଡ଼ିବା ଏବଂ ଅଧିକ ଅପମାନିତ ହେବା ବି ଅତୀତରେ ଲକ୍ଷ୍ୟ କରାଯାଇନାହିଁ। ଏହା ପାଠକଙ୍କୁ ବୁଝିବାରେ ସାହାଯ୍ୟ କରିବ କାହିଁକି ଆମେ ଜଗତୀକରଣର ଅନେକ ବର୍ଷ ପରେ ଜି୨୦ ନେତୃତ୍ୱ ଓ ବିଶ୍ୱଗୁରୁ ତଥା ଅନ୍ୟସବୁ ବିଷୟରେ କହି ଏବେ ଆତ୍ମନିର୍ଭର କଥା କହୁଛୁ। ଏହାକୁ ଆମେ ନୂଆ 'ନୂତନ ଭାରତ'ର ସ୍ଥିତି ବୋଲି କହିପାରିବା।

Email:aakar.patel@gmail.com

# ପେନ୍‌ସନର ଟେନ୍‌ସନ



**ନଳିନୀକାନ୍ତ ଧର**

ଭାରତ ଭଳି ବିକାଶୋନ୍ମୁଖୀ ଦେଶରେ ଯେଉଁଠି ଯୋଜନା ବାବଦ ଖର୍ଚ୍ଚ ଅଧିକ ହେବା ଆବଶ୍ୟକ ସେଠାରେ ଦରମା, ପେନ୍‌ସନ, ସୁଧ, ସବ୍‌ସିଡି, ପ୍ରତିରକ୍ଷା ଇତ୍ୟାଦିରେ ବଜେଟର ୭୧.୬୬ ପ୍ରତିଶତ (୨୦୨୫–୨୬) ରାଶି ବ୍ୟୟବରାଦ ହୋଇଯାଏ। ତେଣୁ ବିକାଶ ପାଇଁ ଯେତିକି ପୁଞ୍ଜି ଆବଶ୍ୟକ ଆମକୁ ସବୁବେଳେ ନିଅଣ୍ଟ ପଡ଼େ ଓ ବିତ୍ତୀୟ ନିଅଣ୍ଟକୁ ଭରଣା କରିବା ପାଇଁ ସରକାର ଉଭୟ ଦେଶୀୟ ଓ ବାହ୍ୟ ସୂତ୍ରରୁ ବହୁମାତ୍ରାରେ ଋଣ କରିଥାନ୍ତି। ପୂର୍ବ ପ୍ରଚଳିତ ପେନ୍‌ସନ ବ୍ୟବସ୍ଥାରେ ଭାରତବର୍ଷରୁ ବହୁରାଶି ଖର୍ଚ୍ଚ ହୋଇଥିବାରୁ ତତ୍କାଳୀନ ଏନ୍‌ଡିଏ ସରକାର ୨୦୦୪ ପରଠାରୁ ନୂତନ ପେନ୍‌ସନ ଯୋଜନା ଏନ୍‌ପିଏସ୍ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଆରମ୍ଭ କରିବା ପରେ ସମୟାନୁକ୍ରମେ ସମସ୍ତ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିଥିଲେ। ଏହି ନୂତନ ଯୋଜନାର ବିଶେଷତ୍ୱ ହେଲା ଯେ ପୂର୍ବ ଯୋଜନାରେ କେତେ ପେନ୍‌ସନ ରାଶି ପାଇବେ ତାହା ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। ନୂତନ ବ୍ୟବସ୍ଥା ଅନୁଯାୟୀ ନିଜସ୍ୱ ଦେୟର ଅର୍ଜିତ ରାଶି ଉପରେ ଆଧାରିତ ହୋଇଗଲା ଓ ସ୍ଥାୟିତ୍ୱ ମଧ୍ୟ ରହିଲା ନାହିଁ। ନୂତନ ପେନ୍‌ସନ ବ୍ୟବସ୍ଥା ଏନ୍‌ପିଏସ୍ ଯାହାକି ପୁଞ୍ଜିବଜାରରୁ ଆୟ ଉପରେ ନିର୍ଭରଶୀଳ, ତେଣୁ ଅବସର ପରେ କେତେ ପେନ୍‌ସନ ପାଇବେ ତାହା ନିର୍ଦ୍ଧାରିତ ନୁହେଁ ଓ ପେନ୍‌ସନ ରାଶି ମଧ୍ୟ ମୁଦ୍ରାସ୍ଫୀତି ସହ ତାଳଦେଇ ବୃଦ୍ଧି ପାଉ ନ ଥିବାରୁ ଏହା ବିଶେଷ ଆଦୃତ ହେଲା ନାହିଁ। ଦୀର୍ଘ ୨ଦଶନ୍ଧି ଧରି ପୁରୁଣା ପେନ୍‌ସନ ନୀତିକୁ ପୁନଃ ପ୍ରଚଳନ କରିବା ପାଇଁ ବିଭିନ୍ନ ସ୍ତରରେ ଦାବି ହୋଇ ଆସୁଛି ଓ ସ୍ଥଳ ବିଶେଷରେ ହିମାଚଳ ପ୍ରଦେଶ, ପଞ୍ଜାବ, ଛତିଶଗଡ଼ ଭଳି କେତେକ ରାଜ୍ୟ ପୂର୍ବ ପ୍ରଚଳିତ ପେନ୍‌ସନ ନୀତି ମଧ୍ୟ ପ୍ରଣୟନ କରିଛନ୍ତି।

ଭାରତ ସ୍ୱାଧୀନ ହେବା ସମୟରେ ଜଣେ ଭାରତୀୟଙ୍କର ହାରାହାରି ଆୟୁ ୩୨ ବର୍ଷ ଥିଲା , ଯାହାକି ବୃଦ୍ଧି ପାଇ ବର୍ତ୍ତମାନ ୭୨ରେ ପହଞ୍ଚିଛି। ଆଗାମୀ ଦିନରେ ଜନସାଧାରଣଙ୍କର ଆର୍ଥିକ ସ୍ୱଚ୍ଛଳତା, ସ୍ୱାସ୍ଥ୍ୟ ସଚେତନତା, ଚିକିତ୍ସା ବିଜ୍ଞାନର ଅଗ୍ରଗତି ଫଳରେ ଏହା ଆହୁରି ବୃଦ୍ଧି ପାଇବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କ୍ରମାଗତ ଭାବରେ ସରକାର ପୁରାତନ ପେନ୍‌ସନ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବାକୁ ବିଭିନ୍ନ ଗୋଷ୍ଠୀର ଚାପର ସମ୍ମୁଖୀନ ହୋଇଥିଲେ ଓ ଶେଷରେ ବର୍ତ୍ତମାନ ସାର୍ବଜନୀନ ପେନ୍‌ସନ ବ୍ୟବସ୍ଥା (ୟୁପିଏସ୍) ପରି ଏକ ନୂତନ ପେନ୍‌ସନ ଯୋଜନା ପ୍ରଚଳନ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ଚଳିତ ସେପ୍ଟେମ୍ବର ଶେଷ ସୁଦ୍ଧା ନିଜର ସ୍ୱୀକୃତି ଦେବାପାଇଁ ସମୟ ନିର୍ଘଣ୍ଟ ହୋଇଛି। ପୂର୍ବ ପ୍ରଚଳିତ ନିର୍ଦ୍ଦିଷ୍ଟ ପେନ୍‌ସନ ଯୋଜନାର କେତୋଟି ମୁଖ୍ୟ ତ୍ରୁଟି ହେଲା, ଯେପରି ପ୍ରତିବର୍ଷ ରାଜକୋଷରୁ କେତେ ରାଶି ପେନ୍‌ସନ ବାବଦରେ ଯିବ ତାହା ଜଣା ନ ଥାଏ ଓ ବର୍ତ୍ତମାନ ସରକାରଙ୍କର ଖର୍ଚ୍ଚକୁ ଆଗାମୀ ବଂଶଧର ପାଇଁ ଏହାକୁ ଏକ ବୋଝ ଭାବରେ ଲଦି ଦିଆଯାଏ। ତେଣୁ ପୂର୍ବ ପେନ୍‌ସନ ବ୍ୟବସ୍ଥା ଓ ବର୍ତ୍ତମାନର ଏନ୍‌ପିଏସ୍ ବ୍ୟବସ୍ଥାର ଉଭୟର ଭାରସାମ୍ୟ ରଖି




ସରକାର ଏକ ନୂତନ ଯୋଜନା ୟୁପିଏସ୍ ଆଣିଛନ୍ତି ଓ ଏହି ଯୋଜନାରେ ପୂର୍ବ ପରି ୨୫ ବର୍ଷ ଚାକିରି କରିଥିଲେ ଅବସର ସମୟରେ ଶେଷ ୧୨ ମାସର ହାରାହାରି ଦରମାର ୫୦ ପ୍ରତିଶତ ପେନ୍‌ସନ ହେବ ଓ ଏହା ମୁଦ୍ରାସ୍ଫୀତି ସହ ଅତିରିକ୍ତ ଆକାରରେ ଡିଏ ମଧ୍ୟ ବୃଦ୍ଧି ପାଇବ। ପ୍ରସ୍ତାବିତ ନୂତନ ୟୁପିଏସ୍ ପେନ୍‌ସନ ବ୍ୟବସ୍ଥାରେ ସରକାର ପେନ୍‌ସନ ରାଶି ବାବଦରେ ୧୦ ପ୍ରତିଶତ ଓ ଅତିରିକ୍ତ ପେନ୍‌ସନ ପାଣ୍ଠିକୁ ୮.୫ ପ୍ରତିଶତ ସର୍ବମୋଟ ଦରମାର ୧୮.୫ ବିନିଯୋଗ କରିବେ। ପେନ୍‌ସନ ପାଇଁ ଗଚ୍ଛିତ ପାଣ୍ଠିରୁ ଅର୍ଜିତ ରାଶି ପେନ୍‌ସନ ଯଦି ନିଅଣ୍ଟ ହୁଏ ତା'ହେଲେ ସରକାର ସୃଷ୍ଟି କରିଥିବା ନିଜସ୍ୱ ପାଣ୍ଠିରୁ ଭରଣା କରିବେ। ଏହି ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କଲେ ବୁଝାଯାଏ ଯେ, ସରକାର ଭବିଷ୍ୟତ ପାଇଁ କୌଣସି ବୋଝ ରଖୁନାହାନ୍ତି ଓ ପ୍ରତ୍ୟେକ ଆର୍ଥିକ ବର୍ଷରେ ନିଜର ୧୦/୧୮ ପ୍ରତିଶତ ରାଶି ପେନ୍‌ସନ ଫଣ୍ଡକୁ ପ୍ରଦାନ କରିଦେଉଛନ୍ତି।

ତେବେ ଜଣେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ସେପ୍ଟେମ୍ବର ସୁଦ୍ଧା ସମ୍ମତି ପ୍ରଦାନ କରିବାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠୁଛି। ସେମାନେ ୟୁପିଏସ୍‌କୁ ବାଛିବେ ନା ଏନ୍‌ପିଏସ୍‌କୁ ବାଛିବେ ଦ୍ୱନ୍ଦ୍ୱରେ ଅଛନ୍ତି। ଏବେ ସୁଦ୍ଧା ଖୁବ୍ ଅଳ୍ପ ସଂଖ୍ୟକ ୫ ପ୍ରତିଶତରୁ କମ୍ ୟୁପିଏସ୍ ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ସରକାର କୌଣସି ଯୋଜନାର ଢାଞ୍ଚାଗତ ପରିବର୍ତ୍ତନ କଲେ ଅଧିକ ଜନସଚେନତା ସୃଷ୍ଟିକରିବାର ଆବଶ୍ୟକତା ଅଛି ଓ ନିକଟ ଅତୀତରେ ଇପିଏଫ୍‌ଓର ସଦସ୍ୟମାନେ ମଧ୍ୟ ଏହି କାରଣରୁ ବର୍ଦ୍ଧିତ ପେନ୍‌ସନ ପାଇଁ ଦ୍ୱନ୍ଦ୍ୱରେ ଅନେକେ ନିଜର ସମ୍ମତି ପ୍ରଦାନ କରି ନ ଥିଲେ। ୟୁପିଏସ୍‌ର ବିଶେଷତ୍ୱ ହେଲା ଏହାର ସ୍ଥାୟିତ୍ୱ ଓ ମୁଦ୍ରାସ୍ଫୀତି ସହ ବର୍ଦ୍ଧିତ ପେନ୍‌ସନ ରାଶି ଯାହାକି ପେନ୍‌ସନଭୋଗୀଙ୍କୁ ସୁହାଇବ। କିନ୍ତୁ ଏହି ଯୋଜନାରେ ଯଦି ପେନ୍‌ସନଭୋଗୀ ଉଭୟ ସ୍ୱାମୀ, ସ୍ତ୍ରୀ ମୃତ୍ୟୁବରଣ କରନ୍ତି କୌଣସି ମୂଳଧନ ସେମାନେ ଫେରିପାଇବେ ନାହିଁ। ନ୍ୟାଶନାଲ ପେନ୍‌ସନ ସ୍କିମ୍ ବା ଏନ୍‌ପିଏସ୍ ରେ କିନ୍ତୁ ଜଣେ ନିଜ ଗଚ୍ଛିତ ରାଶି ଫେରି ପାଇପାରୁଛନ୍ତି ଓ ଏଠାରେ ବିନିଯୋଗ ପ୍ରକ୍ରିୟାରେ ନିଜସ୍ୱ ସ୍ୱାଧୀନତା ମଧ୍ୟ ଅଧିକ। ବର୍ତ୍ତମାନ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଏନ୍‌ପିଏସ୍‌ର ପେନ୍‌ସନ ରାଶି କ'ଣ ୟୁପିଏସ୍ ସମକକ୍ଷ ହେବ। ବିଗତ ଦିନରେ ଭାରତର ପୁଞ୍ଜିବଜାରରେ ଅଭିବୃଦ୍ଧି ଭଲ ହୋଇଥିବାରୁ ଏନ୍‌ପିଏସ୍‌ରେ ମଧ୍ୟ ଭଲ ଅଭିବୃଦ୍ଧି ହୋଇଛି, କିନ୍ତୁ ଭବିଷ୍ୟତରେ ଏହା ବଜାୟ ରହିବ ତା'ର କୌଣସି ନିଶ୍ଚିତତା ନାହିଁ। କିନ୍ତୁ ଜଣେ ଯଦି ଦୀର୍ଘଦିନ ଅର୍ଥାତ୍ ୩୫/୪୦ ବର୍ଷ କାର୍ଯ୍ୟରତ ରହେ ଓ ଆଗାମୀ ୨/୩ ଦଶନ୍ଧି ଭାରତର ଅର୍ଥନୀତି ଦ୍ରୁତଗତିରେ ବୃଦ୍ଧି ପାଇବ ହୋଲି ଆଶା କରାଯାଏ ଏନ୍‌ପିଏସ୍‌ରେ ହୁଏତ ସେ ଲାଭବାନ୍ ହୋଇପାରନ୍ତି ବୋଲି ବିଶେଷଜ୍ଞଙ୍କ ମତ। କିନ୍ତୁ ପରବର୍ତ୍ତୀ ସମୟରେ ଗଚ୍ଛିତ ରାଶିକୁ ଜୀବନକାଳ ଯେଉଁ ପେନ୍‌ସନ ପାଇବ ଏନ୍‌ପିଏସ୍‌ରେ ସ୍ଥାୟିତ୍ୱ ନ ରହୁ ନ ଥିବାରୁ ୟୁପିଏସ୍ ଶ୍ରେୟସ୍କର ବୋଲି ଅନେକେ ମଧ୍ୟ ମତ ପୋଷଣ କରନ୍ତି। ସ୍ୱାମୀ ଓ ସ୍ତ୍ରୀ ଉଭୟେ ପେନ୍‌ସନ ପାଇଁ ଯୋଗ୍ୟ ହୋଇଥିଲେ ଅନେକେ ୟୁପିଏସ୍ ବଦଳରେ ଏନ୍‌ପିଏସ୍‌କୁ ପସନ୍ଦ କରିବେ। କାରଣ ମୃତ୍ୟୁ ପରେ ମୂଳରାଶି ଉତ୍ତରାଧିକାରୀ ଫେରି ପାଇବେ। ସାମଗ୍ରିକ ଭାବରେ ବିଚାରକଲେ ଏନ୍‌ପିଏସ୍ ଠାରୁ ୟୁପିଏସ୍ ଭଲ ବିକଳ୍ପ। କେନ୍ଦ୍ର ସରକାର ଏହାକୁ ଲାଗୁ କଲାପରେ ରାଜ୍ୟ ସରକାରଙ୍କୁ ମଧ୍ୟ ଏହାର ପ୍ରଚଳନ ପାଇଁ ଚାପ ପଡ଼ିବ। ଅନେକ ରାଜ୍ୟର ଆର୍ଥିକ ସ୍ଥିତି ଭଲ ନୁହେଁ। ତେଣୁ ସେମାନେ ଯଦି ୟୁପିଏସ୍‌କୁ ପ୍ରତ୍ୟାବର୍ତ୍ତନ କରନ୍ତି ବିତ୍ତୀୟ ନିଅଣ୍ଟ ଭଳି ସଙ୍କଟ ସୃଷ୍ଟି ହୋଇପାରେ।

ଭାରତରେ ଜନସଂଖ୍ୟାର ମାତ୍ର ୨ ପ୍ରତିଶତ କେନ୍ଦ୍ର ଅଥବା ରାଜ୍ୟ ସରକାରରେ କାର୍ଯ୍ୟରତ। ବିଭିନ୍ନ ସାର୍ବଜନୀନ ଓ ଘରୋଇ ସଂସ୍ଥାରେ ନିଯୁକ୍ତ କର୍ମଚାରୀ ନିଜସ୍ୱ ଜମା ଅର୍ଥରାଶିରୁ ଇପିଏଫ୍‌ଓ ଅଥବା ଏନ୍‌ପିଏସ୍‌ରୁ ପେନ୍‌ସନ ପାଇଥାନ୍ତି। ଅଧିକାଂଶଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ନ୍ୟୂନ ଓ ମୁଦ୍ରାସ୍ଫୀତି ସହ ମଧ୍ୟ ବୃଦ୍ଧିପାଏ ନାହିଁ। ଭାରତରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ନୁହେଁ। ଭାରତ ପରି ସର୍ବ ବୃହତ୍ ଗଣତାନ୍ତ୍ରିକ ଦେଶରେ କୌଣସି ମୁଷ୍ଟିମେୟ ଗୋଷ୍ଠୀ ପାଇଁ ସରକାରୀ ରାଜସ୍ୱରୁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି ନ କରି ଜନସାଧାରଣଙ୍କର ନ୍ୟୂନତମ ଆବଶ୍ୟକତା ପୂରଣକରି ପେନ୍‌ସନ ନୀତି ନିର୍ଦ୍ଧାରଣ ହେବା ଆବଶ୍ୟକ। ସାର୍ବଜନୀନ ପେନ୍‌ସନ ବହୁଦିନରୁ ବିଚାରାଧୀନ ଅଛି ହେଲେ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପରିଲକ୍ଷିତ ହେଉନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମଗ୍ରିକ ଭାବରେ ପେନ୍‌ସନ ବା ଅବସରକାଳୀନ ସାମାଜିକ ସୁରକ୍ଷାକୁ ସାର୍ବଜନୀନ ତଥା ସୁଦୃଢ଼ କରିବା ଏକାନ୍ତ ବାଞ୍ଛନୀୟ।

ରାଉରକେଲା
ମୋ: ୯୪୩୭୩୪୪୬୫୪

# ତର୍ଜମା ଆଣେ ବିଚାର ନିଷ୍କର୍ଷ



**ଭଗବାନ ଦାଶ**

ଅପରାଧ, ଅପରାଧୀ ଓ ଅଭିଯୋଗକାରୀଙ୍କ ଭିଆଣ। ବିଚାର ଚାଲେ, ବିଚାରାଳୟ, ନ୍ୟାୟାଳୟରେ। ହାଜିର ହୁଅନ୍ତି ଉଭୟ। ବିଚାର ବଢ଼େ। ଅଭିଯୋଗକାରୀ ଅଭିଯୋଗ ବଖାଣେ। ଅଭିଯୁକ୍ତଙ୍କୁ ଅପରାଧୀ ବୋଲି ସାବ୍ୟସ୍ତ କରିବାକୁ ଯୁକ୍ତିସଙ୍ଗତ ନ୍ୟାୟ ବାଢ଼ନ୍ତି ଅଭିଯୋଗକାରୀ। ଅଭିଯୁକ୍ତଙ୍କ ପକ୍ଷ ମଧ୍ୟ ନିଜକୁ ମୁକ୍ତ କରିବାକୁ , ଦୋଷମୁକ୍ତ କରିବାକୁ ତାଙ୍କର ଆଇନସମ୍ମତ ଯୁକ୍ତି ଦର୍ଶାନ୍ତି।

ଉଭୟଙ୍କର ଜଣାଣର ଶୁଣାଣି କରନ୍ତି ନ୍ୟାୟାଧୀଶ। ଆଇନର ପରିସରରେ ରହି ବିଚାର ଶୁଣାନ୍ତି। ପରେ ବିଚାର ସନ୍ତୋଷଜନକ ହୋଇ ନ ଥିଲେ, ଉପର ବିଚାରାଳୟକୁ ବିଚାର ଆବେଦନ ଯାଏ। ଏପରିକି ଆବଶ୍ୟକ ହେଲେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ କେତେକ କ୍ରମାନ୍ୱୟରେ ବିଚାରପାଇଁ ପହଞ୍ଚିପାରେ। ପୂର୍ବ ବିଚାରରେ କିଛିଟା ବୈଷୟିକ ତଥ୍ୟ, ପ୍ରମାଣଗତ ସାକ୍ଷ୍ୟର ତାରତମ୍ୟର ଅଭାବ ଅନୁଭବ କଲେ, ସର୍ବୋଚ୍ଚ ନ୍ୟାୟାଳୟ ତାହାକୁ ପୁନର୍ବିଚାର ପାଇଁ ଗ୍ରହଣ କରିପାରନ୍ତି ନତୁବା ଅଗ୍ରାହ୍ୟ କରିପାରନ୍ତି। ପୁନର୍ବିଚାରରେ ଦଣ୍ଡ ଦେଇପାରନ୍ତି କିମ୍ବା କୋହଳ କରିପାରନ୍ତି କିମ୍ବା ବିଚାର ଠିକ୍‌ଥିବାର ନିର୍ଦ୍ଦେଶନାମା ଶୁଣାଇପାରନ୍ତି।

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରକୁ ସମ୍ବିଧାନସମ୍ମତ ମଣି ମାନି ନିଆଯାଏ। ପ୍ରଶ୍ନ ଉଠେ ସମ୍ବିଧାନ ବଡ଼ ନା ଲୋକ ସଭା ବଡ଼ ନା ରାଷ୍ଟ୍ରପତି ବଡ଼। ସ୍ୱାଭାବିକ ମଣିଷ ପାଇଁ ଏ ସବୁ ଶୁଣିବାକୁ ଭଲ ଲାଗେ। ସମ୍ବିଧାନର ଧାରା ବଦଳାଇବା କ୍ଷମତା ନିର୍ବାଚିତ ପ୍ରତିନିଧିଙ୍କର ଅଛି। ସେଥିପାଇଁ ସମ୍ବିଧାନର ଧାରା ବାରମ୍ବାର ଲୋକାଭିମୁଖୀ ହୋଇ ସଂଶୋଧିତ ହୋଇପାରୁଛି। ବହୁଜନହିତାୟ ହୋଇଥିବାରୁ ସମ୍ବିଧାନକୁ ଆଖି ଆଗରେ ରଖି ବିଚାରଧାରା ଚାଲିଥାଏ। ସେହି ସମ୍ବିଧାନର ନିୟମରେ ହିଁ ଲୋକ ସଭା, ରାଜ୍ୟ ସଭା, ରାଜ୍ୟପାଳ, ବିଧାନ ପରିଷଦ, ବିଧାନ ସଭା ଏପରିକି ନ୍ୟାୟାଳୟ ଇତ୍ୟାଦିର ସୃଷ୍ଟି। ପ୍ରତ୍ୟେକଙ୍କର କାର୍ଯ୍ୟସୂଚୀ ଅଲଗା ଅଲଗା। ଜନ ପ୍ରତିନିଧି ଆଇନ ମନଇଚ୍ଛା ବଦଳାଇ ପାରିବେ ନାହିଁ, କିନ୍ତୁ ବଦଳାଇବା ପାଇଁ ସମ୍ବିଧାନସମ୍ମତ ସଂଖ୍ୟାର ସମର୍ଥନ ଥିଲେ ମଧ୍ୟ ଆଇନରେ ପରିବର୍ତ୍ତନ ପାଇଁ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ସ୍ୱୀକୃତି ଲୋଡିବା ଅବଶ୍ୟମ୍ଭାବୀ, ପ୍ରାପ୍ତି ହେଲେ ତାହା ଆଇନର ପରିସରଭୁକ୍ତ ହୋଇଥାଏ।

ସାଧାରଣତଃ ରାଜ୍ୟପାଳ ହୁଅନ୍ତୁ, ରାଷ୍ଟ୍ରପତି ସେମାନେ ନିରପେକ୍ଷ । ସବୁପକ୍ଷର। ଏହା କ'ଣ ବାସ୍ତବରେ ଆମ ଦେଶରେ ପ୍ରତିଫଳିତ ହେଉଛି କି? ଯେଉଁ ଦଳର ହାତବାରିସି ହୋଇ ଯିଏ ସ୍ଥାପିତ ହୋଇଛନ୍ତି, ସେ ତ ତାଙ୍କର ନୀତି ଆଦର୍ଶକୁ ଆପଣାଇ ନେଉଛନ୍ତି, ପ୍ରାଧାନ୍ୟ ଦେଉଛନ୍ତି। ନିର୍ଭୀକ ନିରପେକ୍ଷ ବିଚାର ଲୁପ୍ତପ୍ରାୟ। ଆଇନରେ ନିରପେକ୍ଷତା ସର୍ବମାନ୍ୟ, କିନ୍ତୁ ଏହା ଆଜିକାଲି ସର୍ବସତ୍ୟ ନୁହେଁ। କାରଣ ଉକ୍ତ ପଦବୀଧାରୀ କୌଣସି ନା କୌଣସି ଦଳଭୁକ୍ତ। ଏଇ ତ ବ୍ୟତିକ୍ରମ। କେହି ଶତପ୍ରତିଶତ



ଭୋଟ ପାଇ ନିଜ ବଳରେ ନିର୍ବାଚିତ ହୋଇ ନ ଥାଆନ୍ତି। ତେଣୁ ପକ୍ଷ ଟାଣିବାରେ ଅସ୍ୱାଭାବିକତା ଆସିବନି କାହିଁକି? ପାର୍ଥକ୍ୟ ଏତିକି ଶତ ପ୍ରତିଶତ ସମର୍ଥନ ହାସଲ ନ କରିଥିଲେ ମଧ୍ୟ ସେମାନଙ୍କ ଦସ୍ତଖତରେ ହେବା ଆଇନଟି ଶତ ପ୍ରତିଶତ ଜନତାଙ୍କ ପାଇଁ। ଏହା ହିଁ ପ୍ରକୃତ ବ୍ୟତିକ୍ରମ। ଆଇନ ଥରେ ହେଲେ ତାହା ରହେ,କାର୍ଯ୍ୟକାରୀ ହୁଏ ବଦଳିବାଯାଏ। ସତ୍ତାଧାରୀ ହେବା ଆଉ ଆଇନ ବଦଳାଇବା ଏ ଦୁଇଟା ଏକାକଥା ନୁହେଁ। ଅଧିକା ଭାଗ ସତ୍ତାପ୍ରାପ୍ତ ହୁଏ, କିନ୍ତୁ ଆଇନ ବଦଳିବାକୁ ଦୁଇ ତୃତୀୟାଂଶର ଆବଶ୍ୟକତା ଅନିବାର୍ଯ୍ୟ ଏବଂ ଅପରିହାର୍ଯ୍ୟ ମଧ୍ୟ। ଏଇଠି କିଛିଟା ବହୁଜନଙ୍କର ସମର୍ଥନ ପ୍ରତଫଳିତ ହେବାର ଉପଲବ୍ଧି ହୁଏ।

କିନ୍ତୁ ବିଚାରାଳୟର ଧାରା ଭିନ୍ନ। ତର୍ଜମା ହୁଏ। ପକ୍ଷ ପ୍ରତିପକ୍ଷଙ୍କୁ ସୁଯୋଗ ଦିଆଯାଏ। ଉଭୟଙ୍କ କଥା ହାକିମ ଶୁଣନ୍ତି। ଉତ୍ଥାପିତ ପ୍ରଶ୍ନଗୁଡିକର ମୁହାଁମୁହିଁ ଉତ୍ତର ମଧ୍ୟ ଦେବାର ସୁଯୋଗ ମିଳେ। ଆଇନଜ୍ଞ ମାନଙ୍କର ଆଇନସମ୍ମତ ଯୁକ୍ତିତର୍କ ମନ୍ତବ୍ୟ ଶୁଣିଲାପରେ ଖଣ୍ଡପୀଠ ବିଚାର ଶୁଣାନ୍ତି। ସ୍ଥଳ ବିଶେଷରେ ଆପତ୍ତିର ଗୁରୁତ୍ୱ ଦେଖି ଖଣ୍ଡପୀଠ ହାକିମଙ୍କ ସଂଖ୍ୟାମଧ୍ୟ ବୃଦ୍ଧି କରିଥାନ୍ତି। ଆଇନର ଯଥୋଚିତ ଚର୍ଚ୍ଚାରୁ ନିଷ୍କର୍ଷ ଆସେ, ତାହା ଖଣ୍ଡପୀଠଙ୍କ ବିଚାରର ଫଳ ହୋଇ ପ୍ରକାଶିତ ହୁଏ ଏବଂ କାର୍ଯ୍ୟକାରୀ କରାଯାଏ । ଏଥିରେ ଯେ ଭୁଲଭଟକା ମୋଟେ ନାହିଁ ଏକଥା କହି ହୁଏ ନାହିଁ, ତଥାପି ଆଇନତଃ ତାକୁ ମାନିବାକୁ ବାଧ୍ୟ ହେବାକୁ ହୁଏ । ସେ ପ୍ରକାର ବିଚାର ସବୁକୁ ସମାନ। ସମକକ୍ଷ ସେହି ସ୍ତରର ମକଦ୍ଦମାରେ ଉଦାହରଣ ରୂପେ ନିଆଯାଇ ସମ୍ପ୍ରତି ବିଚାରକୁ ପରିସ୍ଥିତି ଦେଖି ସିଦ୍ଧ କରାଯାଏ।

ଲୋକପ୍ରତିନିଧି ବିଚାରରେ ଦଳୀୟ ପ୍ରଭାବ ପ୍ରତିଭାତ ହେଲାବେଳେ, ବିଚାରାଳୟରେ ନିର୍ଦ୍ଦଳୀୟ ପରିବେଶରେ ତର୍ଜମା ପୂର୍ବକ ବିଚାର ହୁଏ। ତେଣୁ ତାହା ଆପେକ୍ଷିକ ଭାବରେ ଗ୍ରହଣୀୟର ଭାବ ବହନ କରେ। ଜନ ସମର୍ଥନରେ ଆସିଥିବା ଲୋକମାନେ ଜନକଲ୍ୟାଣ ପାଇଁ ଭଲମନ୍ଦ ଭାବୁଥିବା ସବୁକାର୍ଯ୍ୟ ଯେ ଆଇନସମ୍ମତ ଏହା ଭାବିବାର ବେଳ ଆସିଛି। ତର୍ଜମା ବିନା ନିର୍ଯାସ ସମ୍ଭବ କି? ଆଉ ଯାହା ସମ୍ଭବ ଏବଂ ସତ୍ୟ ସେ ସବୁକୁ ତ ନ୍ୟାୟାଳୟରେ ଠିକ ବୋଲି ଧରିନେବାରେ କୌଣସି ପ୍ରତିବନ୍ଧକ ଆସେନି। କାରଣ ସମସ୍ତ ଜନହିତକର ଆଇନକୁ କେବେହେଲେ ଅସିଦ୍ଧ କରାଯାଏନି। ପରିଷଦରେ ନିୟୋଜିତ ଯୁକ୍ତିସଙ୍ଗତ ବିଚାର ନ୍ୟାୟାଳୟରେ ଅଧିକ ବିଚାରର ଶରବ୍ୟ ହୁଏ, ବେଳେ ବେଳେ ସ୍ଥିର ରହିପାରେ କିମ୍ବା ତା'ର ଗତି ବଦଳାଇପାରେ ସମ୍ବିଧାନର ଧାରା ମଧ୍ୟରେ।

ଅବଶ୍ୟ ନିଷ୍କର୍ଷ ଏତିକି ଆସିପାରେ, ଯାହା ଆସୁଛି ତାହା ସବୁକାଳ ପାଇଁ ଯେ ଅପରିବର୍ତ୍ତନୀୟ ଏ ଭାବନା କେବେ ମନକୁ ନ ଆସୁ। ପ୍ରତ୍ୟେକ ସୃଷ୍ଟ ଆଇନର ବିଚାରଧାରାକୁ ବିଶ୍ଳେଷଣ କଲେ ନୂତନ ଦିଗଦର୍ଶନ ମିଳେ। ପ୍ରଚଳିତ ଆଇନ ଯେ ପୁନଃ ସଂଶୋଧନ ପରେ ସଂସ୍ଥାପିତ ନ ହେବ ଏହା କିଏ କହିପାରିବ। ସଦା ସର୍ବଦା ପରିବର୍ତ୍ତନ ହିଁ ସ୍ଥିର।

ଗୁଣ୍ଡିଚା ବିହାର, ପୁରୀ
ମୋ:୮୨୪୯୦୮୨୪୦୦

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି । ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ଖାଦ୍ୟ ରୋଷେଇ ହେଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି । ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୂରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ସେପ୍ଟେମ୍ବର ୧୯୭୬**

- ଚୀନ ସଫଳତାର ସହିତ ଆଣବିକ ପରୀକ୍ଷା କରିଥିବା ନେଇ ଚୀନ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ଘୋଷଣା।
- ଇଣ୍ଡୋନେସିଆର ବଲି ଅଞ୍ଚଳରେ ଭୂକମ୍ପ ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ ନିମନ୍ତେ ଭାରତର ସରକାରଙ୍କ ଦାନ ସ୍ୱରୂପ ୫୦୬ କିଲୋଗ୍ରାମ ଓଜନର ଔଷଧ ପ୍ରେରଣ।
- ତାମିଲ ସାହିତ୍ୟିକ ଶ୍ରୀ ପି.ଭି. ଆକିଲାନ୍ଦାନ ଏକାଦଶ ବାର୍ଷିକ ଜ୍ଞାନପୀଠ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 6 | 1 | | 8 | 7 | |
| | | | | | | 1 | | 2 |
| | | | 4 | 7 | | | | |
| 2 | 4 | | 3 | | | | | |
| 9 | 1 | | | | | | | 5 |
| | 6 | | | | | | | |
| 1 | | | 7 | 3 | | 2 | | 8 |
| | | | | 6 | | | 5 | 9 |
| | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 3 | 6 | 9 | 8 | 1 | 4 |
| 1 | 6 | 8 | 5 | 2 | 4 | 9 | 3 | 7 |
| 4 | 9 | 3 | 7 | 1 | 8 | 6 | 5 | 2 |
| 8 | 3 | 6 | 1 | 4 | 5 | 7 | 2 | 9 |
| 2 | 1 | 9 | 6 | 3 | 7 | 5 | 4 | 8 |
| 5 | 4 | 7 | 9 | 8 | 2 | 3 | 6 | 1 |
| 9 | 8 | 4 | 2 | 5 | 6 | 1 | 7 | 3 |
| 3 | 2 | 5 | 8 | 7 | 1 | 4 | 9 | 6 |
| 6 | 7 | 1 | 4 | 9 | 3 | 2 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାର ମାନ କମୁଛି

ମହାଶୟ,

ଶିକ୍ଷାର ଗମ୍ବୁଜ ଯେ ଦିନେ ଦିଲ୍ଲୀରୁ ଦୌଲତାବାଦ, ଚେନ୍ନାଇରୁ ଅହମ୍ମଦାବାଦ ଯାଇ ପହଞ୍ଚିପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ମାତ୍ର ସାଂପ୍ରତିକ ସମୟରେ ଶିକ୍ଷା ପୁସ୍ତକକେନ୍ଦ୍ରିକ, ଯଦ୍ଦ୍ୱାରା ଶିକ୍ଷାର ପରିଧି କୂପ ମଣ୍ଡୁକ ସଦୃଶ, କେବଳ ନିର୍ଦ୍ଦିଷ୍ଟ ସ୍ଥାନ, କାଳ, ସମୟର ପରିଧି ମଧ୍ୟରେ ଆବଦ୍ଧ ହୋଇ ରହିଯାଉଛି। ପୁରାତନ ଗୁରୁକୁଳରେ ଦିଆଯାଉଥିବା ଶିକ୍ଷାରେ ଶିକ୍ଷା, ସଂସ୍କୃତି, ଆଚରଣ ବହୁ ପରିମାଣରେ ଭରପୂର ହୋଇ ରହିଥିଲାବେଳେ ମାତ୍ର ଆଜିକାଲିର ଶିକ୍ଷା ଗଦାଗଦା ବହିଥାକ ମଧ୍ୟରେ ସୀମିତ ହୋଇ ରହିଯାଉଛି। ବାସ୍ତବିକ ଶିକ୍ଷାର ପରିଧି କେବଳ ଟ୍ୟୁଶନ ଶିକ୍ଷାରେ ସୀମିତ ରହୁଛି। ଦୁଃଖର କଥା ଯେ ସରକାର ଗଦାଗଦା ସାଉଁଟା ଯୋଜନା ସରକାରୀ କଳରୁ ଖର୍ଚ୍ଚକରି ଜନହିତ ଉଦ୍ଦେଶ୍ୟରେ ପ୍ରୟୋଗ କରୁଛନ୍ତି, ମାତ୍ର ଏସବୁ ଆକାଶ କଇଁଆ ଚିଲିକା ମାଛର ଦୁଷ୍ପ୍ରାପ୍ୟ ସଂଯୋଗ ପରି ଅହେତୁକ ଅବସ୍ଥାରେ ପଡ଼ିରହୁଛି। ସରକାରୀ ବିଦ୍ୟାଳୟରେ ପାଠ ପଢିବାକୁ ସମସ୍ତ ଉପକରଣ ଥିବା ସତ୍ତ୍ୱେ ଶିକ୍ଷାର ମାନ ବୃଦ୍ଧି ପାଉନାହିଁ। ଶିକ୍ଷା ମନ୍ଦିରରେ ଯୌନ ନିର୍ଯାତନା, ଗଣ୍ଡଗୋଳ ରାଗିଂ ପରି ଚରମ ପଦକ୍ଷେପ ଦ୍ୱାରା ଶିକ୍ଷାର୍ଥୀର ଭବିଷ୍ୟତ ଗଢ଼ିବା ଆଗରୁ ହିଁ ଭାଙ୍ଗିପଡୁଛି। ଉନ୍ନତମାନର ଯୋଜନା ଅଛି ସତ, ମାତ୍ର ସଫଳ ପ୍ରୟୋଗ ନାହିଁ। ବିଦ୍ୟାଳୟ ଅଛି ସତ, ମାତ୍ର ପାଠପଢ଼ା ନାହିଁ, ଯୋଉଥିପାଇଁ ଶିକ୍ଷାର ମାନଦଣ୍ଡ ବଢିବ କ'ଣ ବରଂ କମିକମି ଯାଉଛି। ଆଜି ବି ସ୍ୱାଧୀନତାର ଏତେ ବର୍ଷ ବିତିଥିଲେ ମଧ୍ୟ ଦୁର୍ଗମ ଅଞ୍ଚଳରେ ଶିକ୍ଷା ପହଞ୍ଚିପାରିନାହିଁ।

**– ପ୍ରଶାନ୍ତ କୁମାର ଜେନା, ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

## ଚିରନ୍ତନୀ

ଶ୍ରାବଣର ଘନ ଉହାଡ଼େ ପ୍ରକାଶ
ଜୋଛନା ସମାନ ଫୁଟିଉଠୁ ହାସ
ଜୀବନର ସବୁ କାଳିମା ପୂରାଇ
ସକଳ ରନ୍ଧ୍ର ଭରି
ଚମ୍ପକ ହାସ ହସିଯାଅ ଧୀରେ
ଆଗୋ ଗୋରଚନା–ଗୋରି!
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗାଜା ଯୁଦ୍ଧ ବନ୍ଦ ପାଇଁ ଆମେରିକାର ୨୧ ସୂତ୍ରୀ ଯୋଜନା

ନ୍ୟୁୟର୍କ,୨୭।୯

ଗାଜା ଯୁଦ୍ଧ ବନ୍ଦ କରିବା ସହ ଭବିଷ୍ୟତର ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ପାଇଁ ଆମେରିକା ଏକ ୨୧ ସୂତ୍ରୀ ପ୍ରସ୍ତାବ ଆଣିଛି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ସମ୍ମିଳନୀ ପୂର୍ବରୁ ଚଳିତ ସପ୍ତାହରେ ଏହି ପ୍ରସ୍ତାବ ଅଳ୍ପ କେତେକ ଆରବ ଓ ମୁସଲିମ୍ ରାଷ୍ଟ୍ର ସହ ଶେୟାର କରାଯାଇଥିଲା। ଯୋଜନା ଅନୁଯାୟୀ, ହମାସ୍ ଅସ୍ତ୍ର ତ୍ୟାଗ କରିବା ସହ ତୁରନ୍ତ ପଣବନ୍ଦୀମାନଙ୍କୁ ମୁକ୍ତ କରିବ। ପାଲେଷ୍ଟିନୀୟମାନେ ଗାଜା ଷ୍ଟ୍ରିପ୍‌ରେ ରହିବା ପାଇଁ ପ୍ରୋତ୍ସାହିତ କରାଯିବ ଏବଂ ଶାନ୍ତ ହମାସ୍ ସଦସ୍ୟମାନଙ୍କୁ କ୍ଷମା ପ୍ରଦାନ କରାଯିବ ବୋଲି ଟାଇମ୍ସ ଅଫ୍ ଇସ୍ରାଏଲ୍‌ର ହସ୍ତଗତ ହୋଇଥିବା ଉକ୍ତ ପ୍ରସ୍ତାବରୁ ଜଣାପଡ଼ିଛି। ଗାଜା ଷ୍ଟ୍ରିପ୍‌ରେ ପାଲେଷ୍ଟିନୀୟଙ୍କ ରହିବା ପାଇଁ ପ୍ରସ୍ତାବ ଥିବାରୁ ଆମେରିକା ନୀତିରେ ବଡ଼ ପରିବର୍ତ୍ତନ ହୋଇଥିବାର ସଙ୍କେତ ମିଳୁଛି। ଆମେରିକା ଗାଜା ଦଖଲ କରିବା ସହ ସେଠାର ୨୦ ଲକ୍ଷ ଲୋକଙ୍କୁ ସ୍ଥାୟୀ ଭାବେ ସ୍ଥାନାନ୍ତର କରାଯିବ ବୋଲି ଗତ ଫେବୃଆରୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ। ଦୁଇ ରାଷ୍ଟ୍ର ସମାଧାନ ସୂତ୍ରକୁ ଆମେରିକା ସମର୍ଥନ କରୁ ନ ଥିବାବେଳେ ନୂଆ ପ୍ରସ୍ତାବରେ ଭବିଷ୍ୟତ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ପଥ ସୁଗମ କରାଯାଇଛି।

## ତେଲକୋଇ ବନାଞ୍ଚଳରେ ମାଇହାତୀ ଅସୁସ୍ଥ



କେନ୍ଦୁଝର,୨୭।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ସେକ୍ସନରେ ଏକ ମାଇହାତୀ ଅସୁସ୍ଥଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀର ସମ୍ମୁଖ ବାମ ଗୋଡ଼ରେ ଆଘାତ ଲାଗିଥିବା ସନ୍ଦେହ କରାଯାଉଛି। ହାତୀ ଏବେ ଆକୁଳକାଳିମା ମଧ୍ୟରେ ଥିବା ଗୁଠୁଣି ଜଙ୍ଗଲରେ ବୁଲୁଛି। ବନ ବିଭାଗ ପକ୍ଷରୁ ଏକ ବନ୍ୟପ୍ରାଣୀ ଚିକିତ୍ସକ ଦଳ ଗୁଠୁଣି ଜଙ୍ଗଲରେ ପହଞ୍ଚିଛନ୍ତି। ଡ୍ରୋନ ଦ୍ୱାରା ହାତୀର ଗତିବିଧିକୁ ବିଶେଷଜ୍ଞ ଦଳ ନିରୀକ୍ଷଣ କରୁଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟ ହାତୀର ଗତିବିଧି ଉପରେ ନଜର ରଖାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ସ୍କୁଲ ଭିତରେ ବିଇଓଙ୍କୁ ୫ ଘଣ୍ଟା ତାଲା ପକାଇ ରଖିଲେ ଗ୍ରାମବାସୀ



ଅଧିକାରୀମାନେ ଧାରଣାରେ ବସିଥିବା ଲୋକଙ୍କ ସହ ଆଲୋଚନା କରୁଛନ୍ତି।

- ହଷ୍ଟେଲ ଅନ୍ତେବାସୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା
- ୨ ଲକ୍ଷ କ୍ଷତିପୂରଣ, ପ୍ରଧାନ ଶିକ୍ଷକ ନିଲମ୍ବିତ

ରାଇଘର, ୨୭।୯(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଡୁରୁଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ସପ୍ତମ ଶ୍ରେଣୀ ଛାତ୍ର ମଙ୍ଗଳ ସିଂ ଗଣ୍ଡ ଶୁକ୍ରବାର ରାତିରେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗକରି ଗ୍ରାମବାସୀଙ୍କ ସମେତ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, କଂଗ୍ରେସ ନେତା ସନରାଜ ଗଣ୍ଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ସମିତି ସଭ୍ୟ ରାମନାଥ କେଉଟ ପ୍ରମୁଖ ଧାରଣାରେ ବସିଥିଲେ। ଘଟଣାର ତଦନ୍ତ କରିବାକୁ ସ୍କୁଲକୁ ଆସିଥିବା ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ଗ୍ରାମବାସୀ ତାଲା ପକାଇ ଦେଇଥିଲେ। ଦୀର୍ଘ ୫ଘଣ୍ଟା ଧରି ବିଇଓଙ୍କୁ ଗ୍ରାମବାସୀ ତାଲା ପକାଇ ରଖିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ମୌସୁମୀ ସାଜନ, ଏବିଡିଓ ବିଜୟ କୁମାର ସେଠୀ, ମଙ୍ଗଳ ଅଧିକାରୀ ଶ୍ୟାମସୁନ୍ଦର ଧୂରୁଆ, ରାଇଘର ଥାନାଧିକାରୀ ରଘୁନାଥ ମାଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ଗ୍ରାମବାସୀ ତାଲା ଖୋଲି ବିଇଓଙ୍କୁ ବାହାର କରିଥିଲେ। ମୃତ ଛାତ୍ରଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ସହ ପ୍ରଧାନ ଶିକ୍ଷକ ନନିଗୋପାଳ ବିଶ୍ୱାସଙ୍କୁ ନିଲମ୍ବନ କରାଯିବା ପରେ ଉତ୍ତ୍ୟକ୍ତ ଲୋକେ ଧାରଣାରୁ ହଟିଥିଲେ।

ସୂଚନାନୁଯାୟୀ, କଚାରପରା ପଞ୍ଚାୟତ ଓଡ଼ଣ୍ଡୀ ଗ୍ରାମର ମଙ୍ଗଳ ସିଂ ଗଣ୍ଡ ଡୁରୁଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼ନ୍ତି। ସେ ସ୍କୁଲ ହଷ୍ଟେଲରେ ରହୁଥିଲେ। ଶୁକ୍ରବାର ରାତ୍ରି ୧୧ଟା ୩୦ରେ ମଙ୍ଗଳ ସିଂ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ଏହ ଜାଣିବାପରେ ତାଙ୍କୁ ହାଟଭରଣ୍ଡି ଡାକ୍ତରଖାନାକୁ ନେଇଥିଲେ। ରାତି ୧୨ଟା୩୦ରେ ଡାକ୍ତର ଛାତ୍ରଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ରାତି ୧ଟା ୩୦ରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଦୀର୍ଘ ୪୫ ମିନିଟ୍ ପରେ ସେଠାରେ ଡାକ୍ତର ମଙ୍ଗଳ ସିଂଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପ୍ରଧାନ ଶିକ୍ଷକ ନନିଗୋପାଲ ବିଶ୍ୱାସଙ୍କୁ ପଚାରିବାରୁ ଛାତ୍ର ଜଣଙ୍କ ସିକଲ୍‌ସେଲ୍ ରୋଗରେ ପୀଡ଼ିତ ଥିଲେ। ଦୀର୍ଘ ୧ ବର୍ଷ ହେବ ତାଙ୍କ ସ୍ୱାସ୍ଥ୍ୟ ଖରାପ ରହୁଥିଲା ବୋଲି କହିଥିଲେ।

DSPL - 284

ଓଡ଼ିଶା ସରକାର

ଅନ୍ତର୍ଜାତୀୟ
ନିରାପଦ ଗର୍ଭପାତ ଦିବସ
୨୮ ସେପ୍ଟେମ୍ବର ୨୦୨୫

ତାଲିମ୍‌ପ୍ରାପ୍ତ ଡାକ୍ତରଙ୍କ ପରାମର୍ଶରେ ଏବଂ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଗର୍ଭପାତ କରାଇବା ଆଇନ୍ ସମ୍ମତ ଓ ନିରାପଦ ।



ସୁରକ୍ଷିତ ସମୟ ଓ ବିଧି
୯ ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା
୧୨ ସପ୍ତାହ ମଧ୍ୟରେ ଏମ୍.ଭି.ଏ ପଦ୍ଧତି ଦ୍ୱାରା
୧୨ ରୁ ୨୪ ସପ୍ତାହ ମଧ୍ୟରେ ଅନୁମୋଦିତ ପଦ୍ଧତି ଦ୍ୱାରା

ଗର୍ଭପାତ ଯେତେ ଶୀଘ୍ର କରାଯିବ ସେତିକି ହେବ
ସହଜ, ସରଳ ଓ ସୁରକ୍ଷିତ

୨୦ ସପ୍ତାହରୁ ୨୪ ସପ୍ତାହ ପର୍ଯ୍ୟନ୍ତ
ଗର୍ଭପାତ କେବଳ ନିର୍ଦ୍ଦିଷ୍ଟ ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ

କେବଳ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ ବିନାମୂଲ୍ୟରେ କରାନ୍ତୁ ।
ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରନ୍ତୁ ।

OIPR-10003/13/0289/2526

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

CAR BAAZAR™
Cars for you, Cars from you !

NEW BRANCH OPENED
AT PAHALA
Buy I Sale I Exchange

0% DP
Upto 10000 Km Warranty
Instant Finance
7 Days Exchange Policy



+91 9090066677

wish you all
HAPPY Dussehra



Toll Free 1800 208 2021

Mercedes-Benz Audi BMW JAGUAR LAND-ROVER HYUNDAI NISSAN TATA MOTORS HONDA KIA Mahindra MG RENAULT ŠKODA TOYOTA MARUTI SUZUKI

RUDRAPUR, PAHAL, OPPROSITE ASSOTECH WORLD
BHUBANESWAR, ODISHA-751032

PLOT NO.131, BYPASS, KORADAKANTA,
BHUBANESWAR,

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସହିଦ ଭଗତସିଂ ବିଚାର ମଞ୍ଚ ପକ୍ଷରୁ ଆଲୋଚନା 'ବିପଦ ଗ୍ରସ୍ତ ଭାରତ ଓ ଆମ ପାଇଁ ଆହ୍ୱାନ', ସ୍ଥାନ: ନାଗଭୂଷଣ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍‌ଭେଶନ୍ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ 'ଆରମ୍ଭ' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ଅଡ଼ିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦେବଯୁଗ୍ ପରିବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କେଦାରଗୌରୀ ରିସର୍ଟ, ସମୟ: ପୂର୍ବାହ୍ନ ୧୧ଟା।
- ଅପୂର୍ବା ସମ୍ଭ୍ରାନ୍ତ ପ୍ରକାଶନୀ ପକ୍ଷରୁ ୨୭ତମ ଜନ୍ମ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ଷଷ୍ଠ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।
- ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଷ୍ଟାଫ୍ ଆସୋସିଏଶନ ଭୁବନେଶ୍ୱର ସର୍କଲର ୧୨ତମ ତ୍ରୈବାର୍ଷିକ ସାଧାରଣ ପରିଷଦ ସମ୍ମିଳନୀ, ସ୍ଥାନ: ଜବାହର ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଜନସୁଧା ସାହିତ୍ୟପତ୍ର ଓ ବିଜୟିନୀ ପବ୍ଲିକେଶସନ୍ସର ୨୮ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା ୪୫।

## ପୁରୀ

- ବ୍ଲକସ୍ତରୀୟ ଶ୍ରମିକ କଲ୍ୟାଣ ସହାୟତା ମେଳା, ସ୍ଥାନ: ସ୍ୱର୍ଣ୍ଣ ମଣ୍ଡପ, ସତ୍ୟବାଦୀ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଓୟୁଡବ୍ଲୁଜେ ଖୋର୍ଦ୍ଧା ଜିଲାର ବନ୍ଧୁମିଳନ, ସ୍ଥାନ: ବାଉତି ମନ୍ଦିର, କୁମାରବସ୍ତ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପରିଛଲ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପରିଛଲ ଖେଳପଡ଼ିଆ, ସମୟ: ମଧାହ୍ନ ୧୨ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ, ସ୍ଥାନ: ସହଦେବଖୁଣ୍ଟା ଉପସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକାର ଶୁଭ ଉନ୍ମୋଚନ ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଧାତ୍ମିକ ଭଜନ ଓ ପ୍ରବଚନ, ସ୍ଥାନ: ଖୁଣ୍ଟା ମଠ ପ୍ରାଙ୍ଗଣ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- କବିବର ରାଧାନାଥ ରାୟଙ୍କ ୧୭୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ଅପରାହ୍ନ ୨ଟା ୩୦।

## ଭଦ୍ରକ

- ଶହୀଦ ସ୍ମୃତି ଦିବସ, ସ୍ଥାନ: ଇରମ, ବାସୁଦେବପୁର, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଶତାବ୍ଦୀ ଉଦ୍‌ଘାଟନ ଦିବସ ପାଳନ, ସ୍ଥାନ: ମହିଷାପଦା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ମଞ୍ଜୁରୀରୋଡ୍ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଟୋକା ଗଣେଶଙ୍କ ଭସାଣି, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ମା' ଦୁର୍ଗାଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୮ ଟା।

## ବ୍ରହ୍ମପୁର

- ଅନ୍ୱେଷା କଳାକେନ୍ଦ୍ରର ଯା'ଦେବୀ ସର୍ବଭୂତେଷୁ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା ୧୦।

## ଗଞ୍ଜାମ

- ଦୁର୍ଗା ପୂଜା, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଭା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ଅପରାହ୍ନ ୨ଟା ୩୦ ।
- କବି ସମ୍ରାଟ ସାହିତ୍ୟ ସଂସଦର ଉତ୍ସବ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର

- ଉତ୍ତରେଶ୍ୱରୀ ପୀଠରେ ମହାସପ୍ତମୀ ପୂଜା, ସ୍ଥାନ: ସିହା ଗ୍ରାମ, ଏରସମା ବ୍ଲକ, ସମୟ: ପ୍ରାତଃ ୪ଟା।
- ଜାତୀୟସ୍ତରରେ ଜୁଡୋ ଖେଳିବା ପାଇଁ ଚୟନ, ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ଇନଡୋର୍ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ମହାସପ୍ତମୀ ଅବସରରେ ମା' ଦୁର୍ଗାଙ୍କ ବଗଳାମୁଖୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲା ଭାଜପା ପକ୍ଷରୁ ଜିଏସ୍‌ଟି ସୁଧାର ସମ୍ପର୍କରେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ କନକ ଦୁର୍ଗା ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଚକ୍ର ଓ ଉଦୟଭାନୁ କ୍ଲବ ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ବିଞ୍ଝାରପୁର ମଇନ୍ଦା ଲେଙ୍କାସାହି କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଦୁର୍ଗାପୂଜା ଅବସର ମହାସପ୍ତମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଶୁଣୀ ପୀଠ ; ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ ; କଣ୍ଟିଲୋ ଶ୍ମଶାନଚଣ୍ଡୀ ; ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ଷଷ୍ଠୀରେ ବିଲ୍ୱବରଣ ପୂଜା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ରାତି ୮ଟା ।

## ରାୟଗଡ଼ା

- ବିଲ୍ ପୂଜା ଓ ଗଙ୍ଗା ଆବାହନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ମାଁ ଦୁର୍ଗାଙ୍କ ଷଷ୍ଠୀ ପୂଜା ପାଇଁ କଳସୀ ଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଦଶହରା ପୂଜା ପାଇଁ ବିଲ୍ ବରଣ ଓ କଳସ ଅଧିବାସ, ସ୍ଥାନ: ବତ୍ରିଶ ସିଂହାସନ ପରିସର ଓ ଗଙ୍ଗେଇଶୁଣି ନଦୀ ତୁଠ, ସମୟ: ସକାଳ ୮ଟା।

## ସମ୍ବଲପୁର

- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ମାଲାବାର ସୁନା ଓ ହୀରା ଶୋରୁମର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ସହଯୋଗ ନଗର ଛକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଲବକୁଶ ଅନୁଷ୍ଠାନ କଳାକାରଙ୍କ ଶ୍ରୀରାମ ଲିଳା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଦୁର୍ଗାପୀଠରେ କାତ୍ୟାୟନୀ ପୂଜା, ସ୍ଥାନ: ରୁଗୁଡିପଡ଼ା, ପିପି ଏକାଡେମୀ, ପେଲେସଲାଇନ୍, ଗାନ୍ଧୀନଗରପଡା, ଟିକ୍ରାପଡା, କନ୍ଧପାଲିପଡା, ଠିକାଦାରପଡା, ବଲାଙ୍ଗୀର ସମୟ: ସକାଳ ୭ଟା ।

## ରାଉରକେଲା

- ନବରାତ୍ରି ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଭାରତୀୟ ଆଇନଜୀବୀ ସଂଘ ସମ୍ମିଳନୀ, ସ୍ଥାନ: ଆଇଟିଡିଏ ହଲ୍, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଛେଣ୍ଡରେ ସତ୍‌ସଙ୍ଗ, ସ୍ଥାନ: ଅନୁକୂଳଚନ୍ଦ୍ର ସେବାଶ୍ରମ, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା ।
- ରାସ୍ତା ପାର୍ଶ୍ୱ ଆଲୋକୀକରଣର ଶୁଭାରମ୍ଭ, ସ୍ଥାନ:ଆଶା କିରଣ ଛକ, ବରଗଡ଼,ସମୟ: ସନ୍ଧ୍ୟା ୫ଟା ୩୦।
- ଦୁର୍ଗା ମଣ୍ଡପର ଉନ୍ନତିକରଣ କାର୍ଯ୍ୟର ଉଦ୍‌ଘାଟନ,ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ମହାବୀର ସାଂସ୍କୃତିକ ଅନୁଷ୍ଠାନର ଭାବାର୍ପଣ ସଭା, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର ପୂଜାର (ସପ୍ତମ ଦିବସ) ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ମା'ପଧାନୀ, ଦକ୍ଷିଣକାଳୀ ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ଭାଜପା ବିନିକା ନଗର ମଣ୍ଡଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବିନିକା ସ୍ପୋର୍ଟ୍ସ କ୍ଲବ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ କାଳରାତ୍ରୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।

## ନୂଆପଡ଼ା

- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଧାରଣା ସପ୍ତମ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଜୟହିନ୍ଦ ଯୁବକ ସଂଘ ନବଦୁର୍ଗା କମିଟି ବିରେଶକେଲା ପକ୍ଷରୁ ରାମଲୀଳା ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ବିରେଶକେଲା ଗାଁ, ସମୟ: ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନରୁ ଅଟକି ରହିଥିବା ସବୁ କାମ ସୁବିଧାରେ ହେବା ସହ ପ୍ରଶଂସିତ ହେବେ। ଆଜି ଆପଣ ଯାହାକୁ ଯାହା କହିବେ ସେ କଦାପି ନାହିଁ କରିବ ନାହିଁ। ମାତ୍ର ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେଇପାରେ।

**ବୃଷ** କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ମଧ ଅସଫଳତା ହେତୁ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନର ଅପୂରଣୀୟ ଅଭିଳାଷ ମନରେ କ୍ରୋଧ ସୃଷ୍ଟି କରିପାରେ। ସଭାସମିତିର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ଖଳ ଲୋକଙ୍କ ଅନୁପ୍ରବେଶ କଳହକୁ ପ୍ରୋତ୍ସାହିତ କରିପାରେ। କର୍ମକ୍ଷେତ୍ରରେ କୌଣସି ନିଷ୍ପତ୍ତି ପାଇଁ ବିବାଦ ବଢ଼ିବାର ଆଶଙ୍କା ରହିଛି ।

**କର୍କଟ** ଆଜି ଦିନଟିରେ ଯାହା ପାଇବାକୁ ଇଚ୍ଛା କରିଛନ୍ତି, ତାହା ଶନିଙ୍କ ପ୍ରଭାବରୁ ବିଳମ୍ବରେ ପାଇବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି।

**ସିଂହ** ଦୀର୍ଘ ଦିନର ଯୋଜନାକୁ ବାସ୍ତବରୂପ ଦେବାରେ ଆଜି ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। ସହକର୍ମୀମାନେ ଆବଶ୍ୟକ ସହଯୋଗ କରିବା ସାଙ୍ଗକୁ ପ୍ରଶଂସାରେ ଶତମୁଖ ହୋଇପାରନ୍ତି।

**କନ୍ୟା** ଆଜିର କର୍ମକ୍ଷେତ୍ର ପ୍ରଶସ୍ତ ରହିବ ଏବଂ ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବଢ଼ିଯିବ। ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ସାମାଜିକ ସ୍ତରରେ ଆନୁଷ୍ଠାନିକ କାର୍ଯ୍ୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ସରକାରୀ କ୍ଷେତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବିଛା** କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କ୍ରୟବିକ୍ରୟ ପରିପ୍ରେକ୍ଷୀରେ ଜମିଜମା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କାର୍ଯ୍ୟରେ ସାମିଲ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବାରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ବ୍ୟବସାୟ ଓ ପରିବହନ ସମସ୍ୟାର ସମାଧାନ ହୋଇଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଖୁସି ମନାଇପାରନ୍ତି।

**ମକର** ପ୍ରତିକୂଳ ସମୟଜନିତ ଘରେ ବସି ରହିଥିଲେ ମଧ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟିଯିବ। ଆତ୍ମୀୟମାନେ ସ୍ୱାର୍ଥସାଧନ ମାନସରେ ଅଘଟଣ ଘଟାଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ଅଭାବ ସୁଧାରିବାକୁ ଯାଇ ଧାରକରଜ କରିବାକୁ ବାଧ ହେବେ। ସମ୍ପର୍କୀୟଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବାର ସୁଯୋଗ ଲାଭ କରିବେ।

**ମୀନ** ସମସ୍ୟା ରହିଥିଲେ ମଧ ବନ୍ଧୁଙ୍କ ପରାମର୍ଶ ଅନୁସାରେ ସମାଧାନ ପାଇଁ ଚେଷ୍ଟା କରିବେ। ନିଜ ଲୋକଙ୍କ ଈର୍ଷାପରାୟଣତାରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଅଜଣା ଅଶୁଣା ବ୍ୟକ୍ତିଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯାନ୍ତ୍ରିକଦ୍ରବ୍ୟ କିମ୍ବା ବିଦ୍ୟୁତ୍, ଲୌହ, ତୈଳାଦି ବ୍ୟବସାୟରୁ ଲାଭବାନ୍ ହେବେ।

ଆଜି ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ,ଭଗତ ସିଂହ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ପୀଠେ ତ୍ରିଦିନାତ୍ମକ ଦୁର୍ଗାପୂଜା, ସାୟଂକାଳେ ମୃଣ୍ମୟୀ ବିଲ୍ୱାଧିବାସରେ ମହାସପ୍ତମୀ ପୂଜା, ମୃଣ୍ମୟୀଦେବୀଙ୍କର ଷଷ୍ଠୀବିହିତପୂଜା, ସବିମଳା ଦେବୀଙ୍କ ପରାପୂଜା, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୬ ଗତେ ଘ.୦୩।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୪ ଗତେ ଘ.୦୫।୩୪ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଭିଜିବ ଦଶହରା...

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରିଛି। ବର୍ଷା ସମୟରେ ୩୦ ରୁ ୪୦ କି.ମି ପବନ ବହିବାର ସମ୍ଭାବନା ରହିଛି। ଆସନ୍ତା ୨ ଦିନ ଯାଏ ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣର କିଛି ସ୍ଥାନରେ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଅକ୍ଟୋବର ୪ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବା ବେଳେ ୨୪ଟି ଷ୍ଟେଶନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ବଲାଙ୍ଗୀର ସାଲେଭଟାରେ ସର୍ବାଧିକ ୧୨୩.୨ ମିମି ବର୍ଷା ରେକର୍ଡ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସତୀ ଲୋ, ସତେଇ ହେଉଛୁ କେତେ?**
**ତୋହ ଘର ନିଆଁ ଅଣ୍ଟିରେ ପୂରେଇ**
**ଖଟେଇ ହଉଛୁ କେତେ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସ୍ତିରୀ ହୋଇ ଯଦି ନ ଥିବ ଗୁଣ**
**ଧୋଇ କି ପିଇବ ସୁନ୍ଦର ପଣ?**

ଗୁଣ ନ ଥିଲେ ରୂପ ବ୍ୟର୍ଥ। ସ୍ତ୍ରୀ ରୂପବତୀ ହୋଇଥିଲେ ମଧ ଯଦି ତା' ଠାରେ ସ୍ନେହ, ଆଦର, ସେବା ତଥା ପତିବ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟା ହୋଇପାରି ନ ଥାଏ। ରୂପଠାରୁ ଗୁଣର ମହତ୍ତ୍ୱ ଖୁବ୍ ଅଧିକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଓଡ଼ିଶାରେ ଚିପ୍‌ରୁ ...

ଯୋଗଦେଇ ପ୍ରଧାନମନ୍ତ୍ରୀ ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ କରିଥିଲେ। ସେ ବିଏସ୍‌ଏନ୍‌ଏଲ ସ୍ୱଦେଶୀ ୪-ଜି ସେବାର ଶୁଭାରମ୍ଭ କରିବା ସହ ସବୁଜ ପତାକା ଦେଖାଇ ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳ ଆରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିଏସ୍‌ଏନ୍‌ଏଲ୍‌ର ୪-ଜି ସେବା ଏବେ ସାରା ଦେଶରେ ଆରମ୍ଭ ହେବା ସହିତ ଟେଲିକମ କ୍ଷେତ୍ରରେ ଭାରତ ବର୍ତ୍ତମାନ ପୃଥିବୀର ୫ଟି ଶ୍ରେଷ୍ଠ ରାଷ୍ଟ୍ର ମଧ୍ୟରେ ରହିଛି। ଓଡ଼ିଶାରେ ବିଏସ୍‌ଏନ୍‌ଏଲ୍ ୨,୪୭୨ଟି ଆଦିବାସୀ ତଥା ନେଟୱର୍କ ପହଞ୍ଚୁ ନ ଥିବା ଗ୍ରାମକୁ ଫୋନ୍ ସେବା ଯୋଗାଇ ପାରିଛି, ଯାହା ଆମ ପାଇଁ ଗୌରବର କଥା। ଦେଶରେ ବର୍ତ୍ତମାନ ୮୦ରୁ ଊର୍ଦ୍ଧ୍ୱ ଆଇଆଇଟି ତିଆରି ହେଉଥିବା ବେଳେ ଦେଶରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ବହୁ ସୁଯୋଗ ସୃଷ୍ଟି କରିବ। ଭାଜପା ସରକାର ଗରିବ, ଦଳିତ, ଆଦିବାସୀଙ୍କୁ ମୂଳସ୍ତରରୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟା କରୁଥିବା ବେଳେ ସେମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ତିଆରି କରାଯାଇଛି ଓ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ଆଦିବାସୀମାନେ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ବହୁ ଆଗରେ ରହିଛନ୍ତି। ୪ କୋଟିରୁ ଅଧିକ ପରିବାରକୁ ଡବଲ ଇଞ୍ଜିନ ସରକାର ପ୍ରଧାନମନ୍ତ୍ରୀ ଆବାସ ମାଧ୍ୟମରେ ଘର ଦେଇ ଦେଶରେ ଇତିହାସ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ କର୍ମଠ ବ୍ୟକ୍ତି ବୋଲି ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱରେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିବା ସହିତ ଦେଶରେ ବର୍ତ୍ତମାନ ୪୦ ହଜାର ଆଦିବାସୀ ଗ୍ରାମ ଘୋଷଣା ହୋଇ ସାରିଲାଣି ଏବଂ ଆହୁରି କିଛି ଗ୍ରାମର ଉନ୍ନତି ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି।

ଆୟୁଷ୍ମାନ ଯୋଜନା ଅନ୍ତର୍ଭୁକ୍ତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ୮ ଲକ୍ଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ମହିଳାମାନେ ଉପକୃତ ହେଉଛନ୍ତି। ୨୨ ସେପ୍ଟେମ୍ବରରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ସୁଧାର ଆସିଛି। ବହୁ ଜିନିଷ ଶସ୍ତା ହୋଇସାରିଛି। ଫଳରେ ଗରିବ ଲୋକମାନେ ଉପକୃତ ହେବା ସହିତ କୃଷକମାନେ ଏକ ଟ୍ରାକ୍ଟର କିଣିଲେ ଜିଏସ୍‌ଟିରୁ ୪୦ ହଜାର ଟଙ୍କା ଲାଭ ପାଇବା ସହିତ ବିଭିନ୍ନ କୃଷି ଉପକରଣ କିଣିଲେ ଲାଭବାନ ହେବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ନବରାତ୍ରର ଏହି ପବିତ୍ର ପର୍ବ ଚାଲିଥିବା ବେଳେ ମା' ସମଲେଶ୍ୱରୀ ଓ ରାମଚଣ୍ଡୀଙ୍କ ପାବନ ଭୂମିକୁ ପ୍ରଧାନମନ୍ତ୍ରୀ ପ୍ରଣାମ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଜୟ ଜଗନ୍ନାଥ, ଜୟ ମା' ସମଲେଇ, ଜୟ ଜୟ ମା' ରାମଚଣ୍ଡୀଙ୍କ ଜୟ ଧ୍ୱନି କରି ଭାଷଣ ଆରମ୍ଭ କରିଥିଲେ। ଜୟ ଜଗନ୍ନାଥ, ଭାରତ ମାତା କୀ ଜୟ ସ୍ଲୋଗନ ଦେଇ ମୋଦି ଭାଷଣ ସାରିଥିଲେ। ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଭାରତର ଯୁବ ସମାଜ ପାଇଁ ଏକ ଆଦର୍ଶ ବୋଲି କହିବା ସହ 'ଏକ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମରେ ଓଡ଼ିଶାରେ ୧ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗା ଯାଇଛି ବୋଲି କହିଛନ୍ତି। ଆଜିର ଏହି ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ ଓ ଏହି ଦିନଟି ସବୁଦିନ ପାଇଁ ମନେ ରହିବ କାରଣ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆମ ସହିତ ଉପସ୍ଥିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ମନ୍ତ୍ରୀ, ଏମ୍‌ପି, ବିଧାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପୂର୍ବାହ୍ନ ୧୧ଟା ୧୦ରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବଂ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ସଭାସ୍ଥଳକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସିଥିବା ବେଳେ ବ୍ୟାରିକେଡ୍‌ରେ ଦେଖିବା ପାଇଁ ଥିବା ଲୋକଙ୍କୁ ଅଭିବାଦନ କରି ଝାରସୁଗୁଡ଼ା ଓଏମ୍‌ପି ଛକ ଦେଇ ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ପହଞ୍ଚିଥିଲେ। ମୋଦି ସଭା ମଞ୍ଚରେ ପହଞ୍ଚିଲା ପରେ 'ମୋଦି ମୋଦି' ସ୍ଲୋଗାନରେ ସଭାସ୍ଥଳ କମ୍ପି ଉଠିଥିଲା। ପ୍ରଧାନମନ୍ତ୍ରୀ ପ୍ରଥମେ ସଭାସ୍ଥଳରେ ଥିବା ଲୋକମାନଙ୍କୁ ଶୁଭେଚ୍ଛା ଓ ନମସ୍କାର ଜଣାଇବା ପରେ ଉପସ୍ଥିତ ଥିବା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭିନ୍ନ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଦିବାସୀ ଛାତ୍ରୀ ବର୍ଷା ଓ କମଳା ପ୍ରଧାନମନ୍ତ୍ରୀଙ୍କୁ ଏକ ସମ୍ବଲପୁରୀ ଲୋଗୋ ଦେଇ ଏବଂ ମୁଖ୍ୟମନ୍ତ୍ରୀ ସମଲେଶ୍ୱରୀଙ୍କ ଏକ ଫଟୋ ଦେଇ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ଯୁବବର୍ଗଙ୍କ ପାଇଁ ...

ସେପ୍ଟେମ୍ବର ୨୨ରେ ଆପଣଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଏହି ବିମାନବନ୍ଦର ବିଶେଷ ଭାବେ ପଶ୍ଚିମ ଓଡ଼ିଶା ବିକାଶର ଗତିକୁ ତ୍ୱରାନ୍ୱିତ କରିଛି। କିଛିଦିନ ପୂର୍ବେ ସମଗ୍ର ଦେଶ ହର୍ଷଉଲ୍ଲାସର ସହ ଆପଣଙ୍କ ଜନ୍ମଦିବସ ପାଳନ କରିଥିଲା। ସେପ୍ଟେମ୍ବର ୧୭ରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ 'ସେବା ପକ୍ଷ' ଭାବେ ପାଳନ କରିବା ଏହାର ସବୁଠାରୁ ବଡ଼ ପ୍ରମାଣ। ଏହା ଆମ ପାଇଁ 'ସେବା ପର୍ବ'। ଏହି ସମାବେଶ ଯୁବବର୍ଗଙ୍କ ପାଇଁ ସମର୍ପିତ। ବିଶେଷକରି ୨୦୧୪ ପରେ ଦେଶର ଯୁବବର୍ଗଙ୍କ ପାଇଁ ଆପଣ ଯଥାର୍ଥ ଭାବେ ସବୁଠାରୁ ବଡ଼ 'ଆଇକନ୍'। ଦେଶର ଯୁବବର୍ଗଙ୍କ ପାଇଁ ଆପଣ ପ୍ରେରଣାର ସ୍ରୋତ ବୋଲି ମୋଦିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, 'ଅପରେଶନ ସିନ୍ଦୂର' ସହ ଦେଶର ସୁରକ୍ଷାକୁ ନେଇ ଆପଣ ଯେଉଁ 'ଲକ୍ଷ୍ମଣରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କ ମନପ୍ରାଣରେ ଏକ ନୂତନ ଉତ୍ସାହ ଭରିଦେଇଛି। ଭାରତରେ ଗୋଟିଏ ପ୍ରସିଦ୍ଧ ହିନ୍ଦୀ ଲୋକକଥା ଅଛି - 'ଛୋଡେଙ୍ଗେ ନେହିଁ, ଅଗର କୋଇ ଛୋଡେଗା, ତୋ ଛୋଡେଙ୍ଗେ ନେହିଁ'। ପହଲଗାମ୍ ନରସଂହାର ପରେ ଶତ୍ରୁ ଦେଶରେ ପ୍ରବେଶକରି ଆତଙ୍କବାଦୀ ଏବଂ ସେମାନଙ୍କ ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଦେଶକୁ ସୁରକ୍ଷିତ ରଖିଥିବାରୁ ସମଗ୍ର ଦେଶ ପକ୍ଷରୁ ଧନ୍ୟବାଦ। ଭାଜପା ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ୭ ଥର ଓଡ଼ିଶା ଗସ୍ତ କରିଛନ୍ତି। ଗତବର୍ଷ ତାଙ୍କ ଜନ୍ମଦିନରେ ସେ ଓଡ଼ିଶା ଆସି 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିଥିଲେ। ଆଜି ଏହି ଯୋଜନା ଅଧୀନରେ ୧ କୋଟିରୁ ଅଧିକ ମା'ଙ୍କୁ ପ୍ରତିବର୍ଷ ୧୦,୦୦୦ ଟଙ୍କାର ସହାୟତା ମିଳୁଛି। ପରିବେଶ ସୁରକ୍ଷା ପ୍ରତି ଆପଣଙ୍କ ଚିନ୍ତା ବିଷୟରେ ସମଗ୍ର ଦେଶ ଜାଣିଛି। ଗତବର୍ଷ ଆପଣ ଯେଉଁ ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ତାହା ବର୍ତ୍ତମାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଏବେ ଦ୍ରୁତଗତିରେ ବିକାଶପଥରେ ଅଗ୍ରସର ହେଉଛି। ଆପଣ ଯେତେବେଳେ ଓଡ଼ିଶା ଆସନ୍ତି ରାଜ୍ୟବାସୀଙ୍କ ପାଇଁ ଅନେକ ଉପହାର ନେଇଆସନ୍ତି। ଚଳିତ ବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଉଦ୍ୟୋଗପତିମାନଙ୍କୁ ରାଜ୍ୟରେ ନିବେଶ କରିବା ପାଇଁ ଆହ୍ୱାନ ଦେଇ କହିଛନ୍ତି, ଏହି ସାଢେ ୭ ମାସ ମଧ୍ୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହ ଓଡ଼ିଶାରେ ୮୪ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଛି। ଏହାଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗତ ୧୧ ବର୍ଷରେ ତାଙ୍କ ନେତୃତ୍ୱରେ ଦେଶ ପ୍ରତ୍ୟେକ କ୍ଷେତ୍ରରେ ନୂଆ ଶିଖରରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶିଶୁ ସେବିକାମାନେ ...

ଖୋଲାଯାଇଛି। ଏଠାରେ କୁନି କୁନି ପିଲାଙ୍କୁ ଖେଳକୁଦ ମାଧ୍ୟମରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରାଯିବ। ପିଲାଙ୍କ ଯତ୍ନ ନେବା ପାଇଁ ପ୍ରତି ଶିଶୁ ବାଟିକାରେ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ଶିଶୁ ସେବିକାଙ୍କ କାର୍ଯ୍ୟକୁ ନେଇ ଓସେପା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସେମାନେ ଶିଶୁ ବାଟିକାରେ କ'ଣ କାମ କରିବେ ଓ କ'ଣ କରିବେ ନାହିଁ ସେନେଇ ସମସ୍ତ ଡିଇଓ ଏବଂ ଡିପିସି ସମଗ୍ର ଶିକ୍ଷାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ସେବିକାମାନେ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକଙ୍କୁ ସହଯୋଗ କରିବେ ନାହିଁ ବରଂ ଶିଶୁମାନଙ୍କ ସୁରକ୍ଷାରେ ସହାୟକ ଭାବେ କାମ କରିବେ। ଶିଶୁମାନେ ଶ୍ରେଣୀ ଗୃହରେ ହେଉ କି ଖେଳପଡ଼ିଆରେ ଯେପରି ସୁରକ୍ଷିତ ରହିବେ ସେଥିପ୍ରତି ଧ୍ୟାନ ଦେବେ। ପିଲାମାନେ ତାଙ୍କର ନିୟମିତ କାର୍ଯ୍ୟ ତଥା ହାତ ଧୋଇବା, ଖାଇବା, ବହି, ଖେଳନା ସାମଗ୍ରୀ ଦେବାରେ ଶିଶୁ ସେବିକାମାନେ ସହଯୋଗ କରିବେ। ପିଲାମାନେ ଶୌଚ କିମ୍ବା ବାହାରକୁ ଗଲେ ତାଙ୍କ ସହିତ ସେମାନେ ଯିବେ। ଯଦି କୌଣସି ଶିଶୁଙ୍କର ସ୍ୱାସ୍ଥ୍ୟ ଅସୁସ୍ଥ ଲାଗେ କିମ୍ବା କୌଣସି ଭିନ୍ନ ଆଚରଣ କରନ୍ତି, ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଜଣାଇବା ଭଳି କାର୍ଯ୍ୟ ଶିଶୁ ସେବିକାଙ୍କୁ କରିବାକୁ ପଡ଼ିବ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବିଜୟଙ୍କ ରାଲିରେ...

କରାଯାଉଛି। ଇତିମଧ୍ୟରେ ଷ୍ଟାଲିନ୍ ଆହତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଚିକିତ୍ସା ଯୋଗାଇଦେବାକୁ କରୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ପୂର୍ବତନ ମନ୍ତ୍ରୀ ସେନ୍ଥିଲ ବାଲାଜୀଙ୍କୁ ସହାୟତା କରିବାକୁ କହିଛନ୍ତି। ସ୍ଥିତି ସ୍ୱାଭାବିକ କରିବାକୁ ପୋଲିସ ଏଡିଜିଙ୍କୁ କୁହାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଘଟଣା ସମ୍ପର୍କରେ ତାମିଲନାଡୁ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଇତିମଧ୍ୟରେ ବିଜୟ ତ୍ରିଚି ବିମାନବନ୍ଦର ଯାଇ ସେଠାରୁ ବିମାନ ଯୋଗେ ଚେନ୍ନାଇ ଯାଇଛନ୍ତି। ତେବେ ସେ ଏୟାରପୋର୍ଟରେ କ୍ୟାମେରାଠାରୁ ଦୂରେଇ ରହିବା ସହ ଗଣମାଧ୍ୟମକୁ କୌଣସି ମନ୍ତବ୍ୟ ଦେଇ ନ ଥିଲେ।

DSPL - 288



**Smt. Droupadi Murmu**
Hon'ble President of India

# 2ND NATIONAL MEDIATION CONFERENCE 2025

27 - 28 September
**Bhubaneswar, Odisha**



**Shri Narendra Modi**
Hon'ble Prime Minister of India

## Inauguration by



**Dr. Hari Babu Kambhampati**
Hon'ble Governor, Odisha



**Hon'ble Shri Justice B.R Gavai**
Chief Justice of India



**Shri Mohan Charan Majhi**
Hon'ble Chief Minister, Odisha

**Shri Dharmendra Pradhan**
Hon'ble Minister of Education,
Government of India

**Shri Arjun Ram Meghwal**
Hon'ble Minister of Law & Justice,
Government of India

## In The August Presence of

### Judges of Supreme Court of India

Hon'ble Shri Justice Surya Kant
Hon'ble Shri Justice J.K. Maheshwari
Hon'ble Mrs. Justice B. V. Nagarathna
Hon'ble Shri Justice M. M. Sundresh
Hon'ble Shri Justice Sanjay Karol
Hon'ble Shri Ahsanuddin Amanullah
Hon'ble Shri Justice Aravind Kumar
Hon'ble Shri Justice Prashant Kumar Mishra
Hon'ble Shri Justice N. Kotiswar Singh
Hon'ble Shri Justice Vipul M Pancholi

**Shri R Venkataramani**
Attorney General for India

**Shri Tushar Mehta**
Solicitor General of India

### Chief Justices of High Courts

Hon'ble Shri Justice Harish Tandon
Chief Justice, High Court of Orissa

Hon'ble Mrs. Justice Sunita Agarwal,
High Court of Gujarat

Hon'ble Shri Justice Devendra Kumar Upadhyaya,
High Court of Delhi

Hon'ble Shri Justice Maninder Mohan Shrivastava,
Madras High Court

Hon'ble Shri Justice Guhanathan Narendar,
High Court of Uttarakhand

Hon'ble Shri Justice Arun Palli,
High Court of Jammu & Kashmir and Ladakh

Hon'ble Shri Justice Ashutosh Kumar,
Gauhati High Court

Hon'ble Shri Justice P. B. Bajanthri,
Patna High Court

Hon'ble Shri Justice Dhiraj Singh Thakur,
High Court of Andhra Pradesh

Hon'ble Shri Justice Arun Bhansali,
High Court of Judicature at Allahabad

Hon'ble Shri Justice Nitin Jamdar,
High Court of Kerala

Hon'ble Shri Justice Gurmeet Singh Sandhawalia,
High Court of Himachal Pradesh

Hon'ble Shri Justice Sanjeev Sachdeva,
High Court of Madhya Pradesh

Hon'ble Shri Justice Tarlok Singh Chauhan,
High Court of Jharkhand

Hon'ble Shri Justice M. Sundar,
High Court of Manipur

Hon'ble Shri Justice Soumen Sen,
High Court of Calcutta

**Shri Prithiviraj Harichandan**
Hon'ble Minister of Law, Works, Excise, Government of Odisha

**Shri Pitambar Acharya**
Advocate General, Odisha

OIPR-18001/13/0031/2526

## ସଂକ୍ଷେପରେ

### ଦୁର୍ଘଟଣାରେ ଶିକ୍ଷକ ଗୁରୁତର

ବୋଲଗଡ଼,୨୭।୯(ଦେବବ୍ରତ ହୋତା): ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ବ୍ଲକ ପିତ୍ରୁକୁଳିସ୍ଥିତ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ରାତି ଦୁର୍ଘଟଣାରେ ଜଣେ ଶିକ୍ଷକ ଗୁରୁତର ଆହତ ହେଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଶରଣକୁଳ ନିକଟସ୍ଥ ବରସାହି ଗ୍ରାମର ବିପିନ କୁମାର ସ୍ୱାଇଁ। ସୂଚନା ମୁତାବକ, ଶିକ୍ଷକ ସ୍ୱାଇଁ କେନ୍ଦୁପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ତାଙ୍କ ଝିଅ ଓଡ଼ଗାଁ ଆଦର୍ଶ ବିଦ୍ୟାଳୟରେ ପଢୁଥିବାରୁ ସେ ଓଡ଼ଗାଁ ବିଜୟମଣ୍ଡପ ସାହିରେ ଭଡ଼ାରେ ରହୁଛନ୍ତି। କୌଣସି କାମରେ ସେ ବାଇକ୍‌ରେ ଭୁବନେଶ୍ୱରରୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ବେଗୁନିଆ ପୋଲିସ ପହଞ୍ଚି ଗୁରୁତର ଶିକ୍ଷକ ସ୍ୱାଇଁଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

### ମନୁଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ୧୨ରେ

ବେଗୁନିଆ,୨୭।୯(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆସ୍ଥିତ ମନୁଆ ସାହିତ୍ୟ ସଂସଦର ଦଶମ ବାର୍ଷିକ ଉତ୍ସବ ଆସନ୍ତା ଅକ୍ଟୋବର ୧୨ରେ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ସଭାଗୃହରେ ଅନୁଷ୍ଠିତ ହେବ। ଅନୁଷ୍ଠାନର ସଭାପତି ପରମାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ, ଡ. ପ୍ରତିମା ଷଡ଼ଙ୍ଗୀ, ଉପସଭାପତି ଯଜ୍ଞେଶ୍ୱର ମଙ୍ଗରାଜ, ସମ୍ପାଦକ ଲମ୍ବୋଦର ଶତପଥୀ, କୋଷାଧ୍ୟକ୍ଷ ଦୀନବନ୍ଧୁ ଦାଶଙ୍କ ସମେତ ସଦସ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମତ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ 'ସ୍ମୃତି' ଶୀର୍ଷକ ସ୍ୱରଚିତ କବିତା ଆଗ୍ରହୀ ସଭ୍ୟମାନେ ପଠନ କରିବା ପାଇଁ ଅନୁରୋଧ କରାଯାଇଛି।

### ବାପୁଜୀଙ୍କ ଜୟନ୍ତୀରେ ଆଲୋଚନା ହେବ 'ଗାନ୍ଧୀ ବିଚାର'

ବେଗୁନିଆ,୨୭।୯(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ପ୍ରତିବର୍ଷ ଭଳି ଆସନ୍ତା ଅକ୍ଟୋବର ୨ରେ ପାଳନ ହେବ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଜନ୍ମୋତ୍ସବ। ଏନେଇ ପ୍ରସ୍ତୁତି ବୈଠକ ସଦର ମହକୁମା ସ୍ଥିତ ଆଦର୍ଶ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ପୀଠ ପରିସରରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ସାହିତ୍ୟିକ ତଥା ସଂସ୍କୃତି ବିଶେଷଜ୍ଞ ଡ.ଉଦ୍ଧବ ଚରଣ ନାୟକ ଏବଂ ବିଶିଷ୍ଟ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂହ ପ୍ରମୁଖ ଅତିଥିଭାବେ ଯୋଗଦେବାର ନିଷ୍ପତ୍ତି ହୋଇଛି। ଏହି ଅବସରରେ 'ଗାନ୍ଧୀ ବିଚାର' ଶୀର୍ଷକ ଆଲୋଚନାଚକ୍ର ହେବ ବୋଲି ପ୍ରସ୍ତାବ ରଖାଯାଇଛି। ବୈଠକରେ ସଂସଦର ସଭାପତି ପ୍ରଫେସର ଡ. ହରିପ୍ରସାଦ ଦାସ ଅଧ୍ୟକ୍ଷତା କରିଥିବା ବେଳେ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଆୟୋଜିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ବିବରଣୀ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁଧାକର ସାମନ୍ତରାୟ, ସଦସ୍ୟା ସୁଶ୍ରୀ ସଂଘମିତ୍ରା ରଥ, କବୟିତ୍ରୀ ମାନସୀ ଦାସ, ଗାୟକ ବସନ୍ତ କୁମାର ଦାସ, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ମହାପାତ୍ର, ସୁରେନ୍ଦ୍ର ପାଲଟାସିଂହ, ପ୍ରଶାନ୍ତ କୁମାର ବାରିକ, ରାମଚନ୍ଦ୍ର ବେହେରା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହେଫୁଜ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

ବୋଲଗଡ଼,୨୭।୯(ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ପିତ୍ରୁକୁଳିସ୍ଥିତ ଶ୍ରୀରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ କୋଠରିର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ମଧ୍ୟାହ୍ନଭୋଜନ ପାଇଁ ଥିବା ଚାଉଳ ଚୋରିକରି ନେଇଛନ୍ତି। ଶନିବାର ଏନେଇ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ଭାଗୀରଥି ଗୁରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲେ। ସମ୍ପୃକ୍ତ ସାଧନକେନ୍ଦ୍ର ସଂଯୋଜକ ଲୋକନାଥ ସାହୁ ଖବରପାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମାଧ୍ୟମରେ ବିଦ୍ୟାୟର ପରିଚାଳନା ପରିଷଦ ଅଧ୍ୟକ୍ଷ ବବିନା ନାୟକଙ୍କୁ ଡକାଇଥିଲେ। ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱାଇଁ ବିଦ୍ୟାଳୟରେ ପହଞ୍ଚି ଚାଉଳ ମହଜୁଦ ଥିବା କୋଠରିର ତାଲା ଖୋଲାଥିବା ଏବଂ ବାହାର ବାରଣ୍ଡାରେ କିଛି ଚାଉଳ ବିଛାଡ଼ି ହୋଇ ପଡ଼ିଥିବା ଦେଖି ପଞ୍ଚଶିକ୍ଷା ଶିକ୍ଷାସେତୁ



ଯାଞ୍ଚ ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ।

ସଙ୍ଗଠନର ଅଧ୍ୟକ୍ଷ ଶ୍ୟାମକାନ୍ତ ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ର, ବରିଷ୍ଠ ଶିକ୍ଷକ ସୁଧୀର ସେଠୀ, ମାନସ କୁମାର ବେହେରା, ଚିତ୍ତରଞ୍ଜନ ରାୟଗୁରୁ ମହାପାତ୍ର, ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ଗୁରୁ, ବୈକୁଣ୍ଠ ପାଣିଗ୍ରାହୀ ଓ ପାଚିକାଙ୍କ ସହିତ କୋଠରି ଭିତରକୁ ପ୍ରବେଶ କରିଥିଲେ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ଗୁରୁ ଏବଂ ପାଚିକାମାନେ ୫ ବସ୍ତା ଚାଉଳ ଚୋରି ହୋଇଛି ବୋଲି କହିଥିଲେ। ରାତ୍ରଜଗୁଆଳ ବିରଞ୍ଚି ପାତାଳସିଂହଙ୍କୁ ପଚାରିବାରୁ ବିଦ୍ୟାଳୟ ଭିତରକୁ ପ୍ରତିଦିନ ଏକ ପାଗଳ ବ୍ୟକ୍ତି ପାଚେରି ଡେଇଁ ଆସୁଥିବାରୁ ଆକ୍ରମଣ ଆଶଙ୍କାରେ ସେ ଶୁକ୍ରବାର ରାତିରେ ଶିକ୍ଷକମାନଙ୍କ ପ୍ରକୋଷ୍ଠ ସମ୍ମୁଖ ବାରଣ୍ଡାରେ ବସି ରହିଥିବା ଏବଂ ଚାଉଳ ଚୋରି ବିଷୟରେ ଜାଣି ନ ଥିବା କହିଥିଲେ। ପରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପବିତ୍ର ମୋହନ ମାଝୀ ସେଠାରେ ପହଞ୍ଚି ପୂର୍ବରୁ ଏହି ବିଦ୍ୟାଳୟର ସିସିଟିଭି କ୍ୟାମେରା ଚୋରି, ଆଜବେଷ୍ଟସ, ପାଇପ୍ ଓ ଟ୍ୟାପ୍ ଆଦି ଭଙ୍ଗାରୁଜା ହେବା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ଜାଣିବାକୁ ପାଇଥିଲେ। ତେବେ ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱାଇଁ କହିଛନ୍ତି, ଗ୍ରାମସଭାରେ ଏ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ଖବର ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଆମ ପୋଲିସ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଏସ୍‌ପି ବିବେକାନନ୍ଦ ଶର୍ମା ଉଦ୍‌ବୋଧନ ଦେଉଛନ୍ତି।

ବେଗୁନିଆ,୨୭।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ପୋଲିସ ପକ୍ଷରୁ ଶନିବାର 'ଆମ ପୋଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିତ୍ରୁକୁଳି ଗ୍ରାମସ୍ଥିତ କଲ୍ୟାଣ ମଣ୍ଡପ ସଭାଗୃହରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇଥିଲେ। ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ବକ୍ତାଭାବେ ଯୋଗଦେଇଥିବା ବେଳେ ସ୍ଥାନୀୟ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଥାନା ଅଧୀନରେ ଥିବା ବେଗୁନିଆ ଓ ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ୧୮ ପଞ୍ଚାୟତର ବହୁ ସରପଞ୍ଚ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଗ୍ରାମାଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଅଭିଯୋଗ ଉଠାଇଥିଲେ। ସେହିପରି ଧଳାପଥର ଫାଣ୍ଡି କାର୍ଯ୍ୟାଳୟକୁ ଗୋଟିଏ ପୋଲିସ ଭ୍ୟାନ ଯୋଗାଇଦେବାକୁ ଦାବି ହୋଇଥିଲା। ଗ୍ରାମାଞ୍ଚଳରେ ବଢୁଥିବା ଲୁଟ, ନିଶାଦ୍ରବ୍ୟ କାରବାର ଏବଂ ଆପରାଧିକ କାର୍ଯ୍ୟକଳାପ ଉପରେ ପୋଲିସ ପକ୍ଷରୁ ନିୟନ୍ତ୍ରଣ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଥିଲା। ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ସାଧାରଣ ଜନତାଙ୍କ ସହଯୋଗ ଲୋଡ଼ା ବୋଲି ଏସ୍‌ପି ଶର୍ମା କହିଛନ୍ତି।

# ଉତ୍କଳୀୟ ସଂସ୍କୃତିରେ ନବରାତ୍ର ଉପାସନା ବହୁ ପ୍ରାଚୀନ

ଭୁବନେଶ୍ୱର, ୨୭।୯ (ସୌମ୍ୟରଞ୍ଜନ ରାଉତ)

ଗ୍ଲୋବାଲ୍ ସ୍ପିରିଚୁଆଲ୍ ମିଶନ ପକ୍ଷରୁ 'ଉତ୍କଳୀୟ ସଂସ୍କୃତିରେ ନବରାତ୍ର ଉପାସନା ବହୁ ପ୍ରାଚୀନ' ଉପରେ ଏକ ଆଲୋଚନାଚକ୍ର ଶନିବାର ଆଇଆର୍‌ସି ଭିଲେଜସ୍ଥିତ ରାମକୃଷ୍ଣ ମିଶନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡା. ସୁଶୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତ ଭୂଷଣ ରଥ ଯୋଗଦେଇ କହିଲେ, ଉତ୍କଳୀୟ ସଂସ୍କୃତିରେ ନବରାତ୍ର ଉପାସନା ବହୁ ପ୍ରାଚୀନ ଓ ଏହା ପ୍ରକୃତି ମାତାଙ୍କ ପୂଜା। ଏହା ଦ୍ୱାରା ସମାଜ ଓ ପରିବାରରେ ଶାନ୍ତି ଆନନ୍ଦ ଉପଲବ୍ଧ ହେବା ସହ ପ୍ରକୃତି ମାତା ଆଶୀର୍ବାଦ ପ୍ରଦାନ କରିଥାନ୍ତି ବୋଲି ସେ କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ମିଶ୍ର ନବରାତ୍ର ପାଳନ




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଅବସରରେ ସମସ୍ତେ ପ୍ରକୃତି ମାତାଙ୍କ ପୂଜା ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହି ଅବସରରେ ମଧୁସ୍ମିତା ଦାଶ ଭଜନ ଗାନ କରିଥିଲାବେଳେ ମୁରଲୀଧର ପଲାଇ, କୃଷ୍ଣା ପଲାଇ ଜଗନ୍ନାଥ ସାହସ୍ରନାମ ଗାନ କରିଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ଓ ବିଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ହସ୍ପିଟାଲରୁ କପର ପ୍ଲେଟ୍ ଚୋରି ଅଭିଯୋଗ, ୨ ଗିରଫ

ତ୍ରିଶୂଳିଆ/ବାରଙ୍ଗ,୨୭।୯ (ତୁଷାରକାନ୍ତ ବେହେରା/ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅନ୍ତର୍ଗତ ଏକ ନିର୍ମାଣାଧୀନ ଘରୋଇ ପ୍ରଶାନ୍ତି ହସ୍ପିଟାଲରୁ କପର ପ୍ଲେଟ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଶନିବାର ପୋଲିସ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ଶିଖର ବେଉରା(୩୦) ଓ ଅନ୍ୟ ଜଣେ ଚୋରି ସାମଗ୍ରୀ ରଖିଥିବା କବାଡ଼ିଆ ବାରଙ୍ଗ ଥାନା ସୀତାରାମ ବଜାରର ସୁନୀଲ କୁମାର ଗୁପ୍ତା। ଏନେଇ ପୋଲିସ ଏକ ମାମଲା(ନଂ. ୩୬୦/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୧ ତାରିଖରେ ସେମାନେ ହସ୍ପିଟାଲରୁ ୨ କେଜି ୨ଶହ ଗ୍ରାମ୍ ଓଜନର ତମ୍ବାଚାଦର ଚୋରିକରି ନେଇଥିଲେ। ଏନେଇ ହସ୍ପିଟାଲର ସୁରକ୍ଷା କର୍ମୀ ପ୍ରତାପ କୁମାର ଜେନା ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଶିଖର ବେଉରାଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା ବେଳେ ସେ ଚୋରି ସାମଗ୍ରୀକୁ ଏକ କବାଡ଼ିଆ ସୁନୀଲଙ୍କୁ ବିକ୍ରି କରିଥିବା କହିଥିଲେ। ପୋଲିସ ସାମଗ୍ରୀଗୁଡ଼ିକୁ ଜବତ କରିବା ସହ ଉଭୟଙ୍କୁ କାବୁ କରିଛି।

# ତ୍ୟାଗ, ସମର୍ପଣର ମହାନୁଭବ ଥିଲେ ସଂଗ୍ରାମୀ ପୀତାମ୍ବର

ଭୁବନେଶ୍ୱର, ୨୭।୯ (ସୌମ୍ୟରଞ୍ଜନ ରାଉତ)

ତ୍ୟାଗ ଓ ସମର୍ପଣର ମହାନୁଭବ ଥିଲେ ସ୍ୱାଧୀନତା ସଂଗ୍ରାମୀ ପୀତାମ୍ବର ପଟ୍ଟନାୟକ। ଛାତ୍ର ଜୀବନରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ନିଜକୁ ସମର୍ପଣ କରିଥିଲେ। ସ୍ୱର୍ଗତ ହରେକୃଷ୍ଣ ମହତାବ, ସତ୍ୟପ୍ରିୟ ମହାନ୍ତି ଓ ନନ୍ଦିନୀ ଶତପଥୀଙ୍କର ସେ ଅତ୍ୟନ୍ତ ପ୍ରିୟ ଥିଲେ ବୋଲି ୪୨ତମ ଶ୍ରାଦ୍ଧ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ବୁଦ୍ଧ ମନ୍ଦିର ପରିସରରେ ପୀତାମ୍ବର ନୀଳମଣି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ବାବୁ ସିଂ, ଓଟିଡିସିର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ମହାନ୍ତି, ବିବେକାନନ୍ଦ ପାଣିଗ୍ରାହୀ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁରଲୀ ମନୋହର ପାତ୍ରଙ୍କ ସମ୍ପାଦନରେ 'ସଂଗ୍ରାମୀ ପୀତାମ୍ବର' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏଥିସହ ୧୮ ଜଣଙ୍କୁ 'ପୀତାମ୍ବର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଦେବୀଦତ୍ତ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅରୁଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# 'ଏଯାଏ ଶ୍ରେଷ୍ଠ ଗଳ୍ପ ଲେଖା ହୋଇନାହିଁ'

### ଆଲୋଚନାଚକ୍ର 'ତୁମର ପ୍ରିୟ ଗଳ୍ପ'

ଭୁବନେଶ୍ୱର, ୨୭।୯(ସୌମ୍ୟରଞ୍ଜନ ରାଉତ)

ଲେଖକ ସାମ୍ମୁଖ୍ୟର ମାସିକ ବୈଠକ ସଭାପତି ତଥା ପୂର୍ବତନ ପ୍ରଶାସକ ଡ. ଅଲେଖ ଚନ୍ଦ୍ର ପଡ଼ିଆରୀଙ୍କ ସଭାପତିତ୍ୱରେ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ତୁମର ପ୍ରିୟ ଗଳ୍ପ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଳ୍ପିକ ତରୁଣକାନ୍ତି ମିଶ୍ର କହିଲେ, ଏ ଯାଏ ଶ୍ରେଷ୍ଠ ଗଳ୍ପ ଲେଖା ହୋଇନାହିଁ। ଗଳ୍ପ ଶ୍ରେଷ୍ଠତା ପାଇଁ ଓ ଗଳ୍ପକୁ କାଳଜୟୀ କହିବା ପାଇଁ ବିଭିନ୍ନ ଉପାଦାନର ଆବଶ୍ୟକତା ରହିଥିବା ସେ କହିବା ସହ ତାହା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକା ଡ. ଜୟନ୍ତୀ ରଥ ଯୋଗଦେଇ କହିଲେ, ବର୍ଣ୍ଣନାର ସାବଲୀଳ ପ୍ରବାହ ଓ କାହାଣୀରେ ରହୁଥିବା ଉତ୍କଣ୍ଠାର ସମନ୍ୱୟରେ ଗଳ୍ପ ସରସ ସୁନ୍ଦର ଓ ସୁଖପାଠ୍ୟ ହେବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ଗାଳ୍ପିକା ମାନସୀ ଦାସ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ବର୍ଷିୟାନ ସାହିତ୍ୟିକ ପର୍ଶୁରାମ ଦ୍ୱିବେଦୀ, ବରିଷ୍ଠ ଖବରଦାତା ଶ୍ରୀରାମ ଦାଶ, ଲେଖକ ସାମ୍ମୁଖ୍ୟର ଉପସଭାପତି ଡ. ପ୍ରେମଲତା ଦେବୀ, ସଙ୍ଗଠନ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ନିଜ ନିଜର ପ୍ରିୟ ଗଳ୍ପ ଉପରେ ଆଲୋଚନା କରିଥିଲେ। ସାମ୍ମୁଖ୍ୟର ସମ୍ପାଦିକା ତଥା 'ଗୋଧୂଳି'ର ସମ୍ପାଦିକା ବିମଳା ସିଂହ ଅତିଥି ପରିଚୟ ଦେଇଥିବାବେଳେ କାର୍ଯ୍ୟକାରୀ ସଦସ୍ୟା ବ୍ରଜେଶରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ପୋଲିସ ସମିତି ପକ୍ଷରୁ ବୈଠକ



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ ସାଧାରଣ ଜନତା।

ଟାଙ୍ଗୀ,୨୭।୯(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଆମ ପୋଲିସ ସମିତି ପକ୍ଷରୁ ଥାନା ପରିସରରେ ଟାଙ୍ଗୀ ବ୍ଲକର ଜନପ୍ରତିନିଧି ଓ ପୋଲିସ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୋଲିସ କିଭଳି ଜନସାଧାରଣଙ୍କ ଅଧିକ ବିଶ୍ୱାସଭାଜନ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଗ୍ରାମରେ କିଛି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଲୋକେ କିଭଳି ବିନା ଦ୍ୱିଧାରେ ପୋଲିସର ସହାୟତା ନେଇପାରିବେ ସେ ନେଇ ଆଇଆଇସି ଭୁଜବଳ କହିଥିଲେ। ଆଗାମୀ ଦିନରେ ଆମ ପୋଲିସ ସମିତି ପକ୍ଷରୁ ପଞ୍ଚାୟତସ୍ତରରେ ବୈଠକ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ବିନୋଦ ଚନ୍ଦ୍ର ପରିଡ଼ା, କୁହୁଡ଼ି ଫାଣ୍ଡି ଅଧିକାରୀ ଅନିରୁଦ୍ଧ ସାମନ୍ତରାୟ, ଏସ୍‌ଆଇ ସୁଜାତା ପଲାଇ, ଏସ୍‌ଆଇ ପି.କେ. ସାହୁ ପ୍ରମୁଖ ମନ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ ଦାଶ, ନୂଆଗଡ଼ ସରପଞ୍ଚ କିଶୋର କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)

୨୦୧୫ ମସିହାରେ ସତ୍ୟବାଦୀ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ସତ୍ୟବାଦୀ ଥାନା ବଳପୁରର ଫକିର ଭୋଇ (୫୫)ଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଅଭିଯୁକ୍ତ ଫକିର ୨୦୧୫ ଡିସେମ୍ବର ୯ ତାରିଖରେ ନାବାଳିକା ଜଣଙ୍କ ଘରଠାରୁ ମାତ୍ର ୫୦ ମିଟର ଦୂର କେନାଲକୁ ବାସନ ମାଜିବାକୁ ଯାଇଥିଲେ। ଫକିର ସେଠାରେ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ନାବାଳିକା ତାଙ୍କ ହାତ କାମୁଡ଼ି ଖସିଆସି ଘରେ ଜଣାଇଥିଲା। ଏ ନେଇ ନାବାଳିକାଙ୍କ ବାପା ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୮୩/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୬ ଜାନୁଆରୀ ୩୧ ତାରିଖରେ ଏହାର ଚାର୍ଜସିଟ୍ ଦାଖଲ ହୋଇଥିଲା। ତେବେ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଦାଲତ ଏହି ରାୟ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୁହାଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

# ବେଲ୍‌ଜିୟମରେ ଓଡ଼ିଶା ହସ୍ତତନ୍ତକୁ ପରିଚିତ କରାଇଲେ ରୋଜାଲିନ

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ବେଲ୍‌ଜିୟମର ଆଣ୍ଟୱେର୍ପ ସହରରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀ 'ୱିମେନ୍ ଇନ୍ ଏଗ୍ରିଟେକ୍'ରେ ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ଡ. ରୋଜାଲିନ ପାଟଶାଣୀ ମିଶ୍ର ବିଶିଷ୍ଟ ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ 'ଥ୍ରେଡ୍‌ସ ଅଫ୍ ଇମ୍ପାକ୍ଟ: ୱିମେନ ଲିଡିଙ୍ଗ୍ ସଷ୍ଟେନେବଲ୍ ଟେକ୍ସଟାଇଲ ଇନୋଭେଶନ' ପ୍ରସଙ୍ଗରେ ବକ୍ତବ୍ୟ ଦେଇଥିଲେ। ଏଥିସହ ଓଡ଼ିଶାର ପାରମ୍ପରିକ ବୁଣାଳୀ ସମ୍ପ୍ରଦାୟଙ୍କ କଳାକୃତିକୁ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶନ କରିବା ସହ ନୂଆପଡ଼ା, ବ୍ରହ୍ମପୁର, କୋଟପାଡ଼୍ ଓ ସମ୍ବଲପୁରୀ ବୁଣାଳୀଙ୍କ ହସ୍ତତନ୍ତ ଉତ୍ପାଦ ସ୍ୱତନ୍ତ୍ର କଳାକୃତିରେ ପରିପୂର୍ଣ୍ଣ ବୋଲି ସେ କହିଥିଲେ। ଅନ୍ତର୍ଜାତୀୟ ବଜାର ସହିତ ସମ୍ପର୍କ ସୃଷ୍ଟିର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ଡ. ରୋଜାଲିନଙ୍କ ସହିତ ଗିନିର ସିନେଟର ସୁଶ୍ରୀ ଟ୍ରାଓର ଏବଂ ଫ୍ରାନ୍ସର ଫ୍ୟାଶନ ଡିଜାଇନର ନତାଶା ମଧ୍ୟ ଅଂଶଗ୍ରହଣ କରିଥିଲେ। ଆଲୋଚନାକୁ କାନାଡାର ସାଦିଆ ଲାକେହାଲ ବିଶେଷଜ୍ଞ ଭାବରେ ପରିଚାଳନା କରିଥିଲେ।



ଅନ୍ତର୍ଜାତୀୟ ସମ୍ମିଳନୀରେ ଅତିଥିଙ୍କ ସହ ଡ. ରୋଜାଲିନ ପାଟଶାଣୀ ମିଶ୍ର।

### ଆରମ୍ଭ ହେଲା 'ସ୍ୱଚ୍ଛ ସହର ଯୋଡି କାର୍ଯ୍ୟକ୍ରମ'

# ୫ ସହରକୁ ସ୍ୱଚ୍ଛତା ପାଠ ପଢ଼ାଇବ ବିଏମ୍‌ସି

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ଚଳିତ ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ର୍‍ୟାଙ୍କ୍ ରଖିବା ପରେ ଆଉ ୫ଟି ସହର ଯଥା କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ, ଯୋଡା, ଦେବଗଡ଼ ଓ ବରଗଡ଼କୁ ସ୍ୱଚ୍ଛତା ପାଠ ପଢ଼ାଇବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏନେଇ ବିଏମ୍‌ସି କାର୍ଯ୍ୟାଳୟଠାରେ ସ୍ୱଚ୍ଛ ସହର ଯୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଏଥିପାଇଁ ଶନିବାର ବିଏମ୍‌ସି ସହିତ ୫ଟି ମେଣ୍ଟି ସହରର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାରେ ଉତ୍ତମ ପ୍ରତିପାଦନ କରିଥିବା ସହରଗୁଡିକଠାରୁ ଭଲ ଅଭ୍ୟାସଗୁଡିକ ଶିଖି ଅନ୍ୟ ସହରଗୁଡିକ ସହରାଞ୍ଚଳ ସ୍ୱଚ୍ଛତା ଏବଂ ଆନୁଷଙ୍ଗିକ କାର୍ଯ୍ୟରେ ଉନ୍ନତି ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ସ୍ୱଚ୍ଛ ସର୍ବେକ୍ଷଣରେ ଉତ୍ତମ ସ୍ଥାନରେ ଥିବା ସହରକୁ 'ମେଣ୍ଟର' ଭାବେ




ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ବିଧାୟକ, ମେୟର, କମିଶନରଙ୍କ ସହ ଅଧିକାରୀମାନେ।

### ବୁଝାମଣାପତ୍ର ସ୍ୱାକ୍ଷରିତ

ନିଆଯାଇଛି ଏବଂ ଉତ୍ତମ ଅଭ୍ୟାସ ବାବଦରେ ଶିଖିବା ପାଇଁ ସମ୍ପୃକ୍ତ ସହର ସହ ଯୋଡି ହୋଇଥିବା ସହରଗୁଡ଼ିକୁ 'ମେଣ୍ଟି ସହର' ଭାବେ ନିଆଯାଇଛି। ସମ୍ପୃକ୍ତ ସହରଗୁଡ଼ିକ ସହରର ସାମୁଦାୟିକ ସ୍ୱଚ୍ଛତା, ବର୍ଜ୍ୟ ପୃଥକୀକରଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଶୌଚାଳୟର ପରିଚ୍ଛନ୍ନତା, ମଳ ପରିଚାଳନା, ସ୍ୱେରେଜ ପରିଚାଳନା, ପ୍ରମୁଖ ପରିମଳକର୍ମୀଙ୍କ କାର୍ଯ୍ୟରେ ବୈଷୟିକ ଉପଯୋଗ ସହ ସେମାନଙ୍କ ସୁରକ୍ଷିତ କାର୍ଯ୍ୟ, ଜନ ସଚେତନତା ଏବଂ ନାଗରିକ ମତାମତ ଇତ୍ୟାଦି ୮ଟି ଉପାଦାନ ବାବଦରେ ନିଜର ବିକାଶ କରିବେ।

କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର ଏବଂ ୫ଟି ମେଣ୍ଟି ସହରର ନିର୍ବାହ ଅଧିକାରୀ ଓ ଅଧ୍ୟକ୍ଷ ଉପସ୍ଥିତ ଥିଲେ।

# ୫ ସହରକୁ ସ୍ୱଚ୍ଛତା ପାଠ ପଢ଼ାଇବ ବିଏମ୍‌ସି




ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ବିଧାୟକ, ମେୟର, କମିଶନରଙ୍କ ସହ ଅଧିକାରୀମାନେ।

## ଆରମ୍ଭ ହେଲା 'ସ୍ୱଚ୍ଛ ସହର ଯୋଡ଼ି କାର୍ଯ୍ୟକ୍ରମ'

### ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ଚଳିତ ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ର୍ୟାଙ୍କ୍ ରଖିବା ପରେ ଆଉ ୫ଟି ସହର ଯଥା କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ, ଯୋଡା, ଦେବଗଡ଼ ଓ ବରଗଡ଼କୁ ସ୍ୱଚ୍ଛତା ପାଠ ପଢାଇବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏନେଇ ବିଏମ୍‌ସି କାର୍ଯ୍ୟାଳୟଠାରେ ସ୍ୱଚ୍ଛ ସହର ଯୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଏଥିପାଇଁ ଶନିବାର ବିଏମ୍‌ସି ସହିତ ୫ଟି ମେଣ୍ଟି ସହରର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାରେ ଉତ୍ତମ ପ୍ରତିପାଦନ କରିଥିବା ସହରଗୁଡିକଠାରୁ ଭଲ ଅଭ୍ୟାସଗୁଡିକ ଶିଖି ଅନ୍ୟ ସହରଗୁଡିକ ସହରାଞ୍ଚଳ ସ୍ୱଚ୍ଛତା ଏବଂ ଆନୁଷଙ୍ଗିକ କାର୍ଯ୍ୟରେ ଉନ୍ନତି ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ସ୍ୱଚ୍ଛ ସର୍ବେକ୍ଷଣରେ ଉତ୍ତମ ସ୍ଥାନରେ ଥିବା ସହରକୁ 'ମେଣ୍ଟର' ଭାବେ ନିଆଯାଇଛି ଏବଂ ଉତ୍ତମ ଅଭ୍ୟାସ ବାବଦରେ ଶିଖିବା ପାଇଁ ସମ୍ପୃକ୍ତ ସହର ସହ ଯୋଡି ହୋଇଥିବା ସହରଗୁଡ଼ିକୁ 'ମେଣ୍ଟି ସହର' ଭାବେ ନିଆଯାଇଛି। ସମ୍ପୃକ୍ତ ସହରଗୁଡ଼ିକ ସହରର ସାମୁଦାୟିକ ସ୍ୱଚ୍ଛତା, ବର୍ଜ୍ୟ ପୃଥକୀକରଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଶୌଚାଳୟର ପରିଚ୍ଛନ୍ନତା, ମଳ ପରିଚାଳନା, ସ୍ୱେରେଜ ପରିଚାଳନା, ପ୍ରମୁଖ ପରିମଳକର୍ମୀଙ୍କ କାର୍ଯ୍ୟରେ ବୈଷୟିକ ଉପଯୋଗ ସହ ସେମାନଙ୍କ ସୁରକ୍ଷିତ କାର୍ଯ୍ୟ, ଜନ ସଚେତନତା ଏବଂ ନାଗରିକ ମତାମତ ଇତ୍ୟାଦି ୮ଟି ଉପାଦାନ ବାବଦରେ ନିଜର ବିକାଶ କରିବେ।

କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର ଏବଂ ୫ଟି ମେଣ୍ଟି ସହରର ନିର୍ବାହ ଅଧିକାରୀ ଓ ଅଧ୍ୟକ୍ଷ ଉପସ୍ଥିତ ଥିଲେ।

## ହସ୍ପିଟାଲରୁ କପର ପ୍ଲେଟ୍ ଚୋରି ଅଭିଯୋଗ, ୨ ଗିରଫ

ତ୍ରିଶୁଳିଆ/ବାରଙ୍ଗ,୨୭।୯(ତୁଷାରକାନ୍ତ ବେହେରା/ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅନ୍ତର୍ଗତ ଏକ ନିର୍ମାଣାଧୀନ ଘରୋଇ ପ୍ରଶାନ୍ତି ହସ୍ପିଟାଲରୁ କପର ପ୍ଲେଟ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଶନିବାର ପୋଲିସ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ଶିଖର ବେଉରା(୩୦) ଓ ଅନ୍ୟ ଜଣେ ଚୋରି ସାମଗ୍ରୀ ରଖିଥିବା କବାଡ଼ିଆ ବାରଙ୍ଗ ଥାନା ସୀତାରାମ ବଜାରର ସୁନୀଲ କୁମାର ଗୁପ୍ତା। ଏନେଇ ପୋଲିସ ଏକ ମାମଲା(ନଂ. ୩୬୦/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଗତ ୨୧ ତାରିଖରେ ସେମାନେ ହସ୍ପିଟାଲରୁ ୨ କେଜି ୨ଶହ ଗ୍ରାମ୍ ଓଜନର ତମ୍ବାଚାଦର ଚୋରିକରି ନେଇଥିଲେ। ଏନେଇ ହସ୍ପିଟାଲର ସୁରକ୍ଷା କର୍ମୀ ପ୍ରତାପ କୁମାର ଜେନା ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଶିଖର ବେଉରାଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା ବେଳେ ସେ ଚୋରି ସାମଗ୍ରୀକୁ ଏକ କବାଡ଼ିଆ ସୁନୀଲଙ୍କୁ ବିକ୍ରି କରିଥିବା କହିଥିଲେ। ପୋଲିସ ସାମଗ୍ରୀଗୁଡ଼ିକୁ ଜବତ କରିବା ସହ ଉଭୟଙ୍କୁ କାବୁ କରିଛି।

## ଉତ୍କଳ ଦୃଷ୍ଟିହୀନ ସଂଘ ପକ୍ଷରୁ ଡିସିପି ଅଫିସ ଆଗରେ ଧାରଣା



ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ଉତ୍କଳ ଦୃଷ୍ଟିହୀନ ସଂଘ ପକ୍ଷରୁ ଶନିବାର ଭୁବନେଶ୍ୱର ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଉଦ୍ଦେଶ୍ୟମୂଳକ ଭାବେ ଆସୋସିଏଶନ୍‌ର ପ୍ରାୟ ୩୦ଜଣ ସଦସ୍ୟଙ୍କ ବିରୋଧରେ ମିଥ୍ୟା ଶାନ୍ତି ଭଙ୍ଗ ମାମଲା ରୁଜୁ କରାଯିବା ସହ ପୋଲିସ ଅସଦାଚରଣ କରିଥିବା ନେଇ ଆସୋସିଏଶନ୍ ଅଭିଯୋଗ କରିଛି। ସେହିପରି ଗଣେଶ ପୂଜା ପରଦିନ ଶ୍ରେଣୀଗୃହ, ଛାତ୍ରାବାସ ଏବଂ କାର୍ଯ୍ୟାଳୟକୁ ତାଲା ପକାଇଦେବା, ହଷ୍ଟେଲ ନିକଟରେ ମଦ ବୋତଲ ଫୋପାଡିବା, ନିକଟରେ ଥିବା କଲ୍ୟାଣ ମଣ୍ଡପରେ ବେଆଇନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବାହାର ଲୋକମାନେ ଅଶ୍ଳୀଳ ଆଚରଣ କରିଥିଲେ। ତେଣୁ ଏ ସବୁର ପ୍ରତିବାଦ କରାଯିବା ସହ ସମ୍ପୃକ୍ତ ନିର୍ଦ୍ଦୋଷ ଦୃଷ୍ଟିହୀନ ବ୍ୟକ୍ତିଙ୍କ ବିରୋଧରେ ରୁଜୁ ହୋଇଥିବା ମିଥ୍ୟା ୧୦୭ ସିଆର୍‌ପିସି ମାମଲାକୁ ତୁରନ୍ତ ପ୍ରତ୍ୟାହାର କରିବା, ଆସୋସିଏଶନ୍‌ର ଜମିରେ ଚାଲିଥିବା ମଦ, ଟେଷ୍ଟ ହାଉସ୍ ଏବଂ ବାଣ ବ୍ୟବସାୟ ମଧ୍ୟରେ ବେଆଇନ ରୋଜଗାର ବନ୍ଦ କରିବା, ସରକାରୀ ଲିଜ୍ ହୋଲ୍ଡ ଜମିର ଅପବ୍ୟବହାର ବନ୍ଦ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି।

## ଶାରଦୀୟ କଳିଙ୍ଗ ସାହିତ୍ୟ ମହୋତ୍ସବରେ ସଂସ୍କୃତି, ସାହିତ୍ୟ ଆଲୋଚନା

ଭୁବନେଶ୍ୱର, ୨୭।୯ (ସୌମ୍ୟରଞ୍ଜନ ରାଉତ)

କଳିଙ୍ଗ ସାହିତ୍ୟ ମହୋତ୍ସବ ପକ୍ଷରୁ 'ଶାରଦୀୟ କଳିଙ୍ଗ ସାହିତ୍ୟ ମହୋତ୍ସବ' ଶନିବାର ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟିକ ଦେବଦାସ ଛୋଟରାୟ, ସଙ୍ଗୀତ ଗୁରୁ ରାମହରି ଦାସ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପ୍ରଫେସର ଯତୀନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ 'ଶାରଦୀୟ କଳିଙ୍ଗ ସାହିତ୍ୟ ମହୋତ୍ସବ'ର ସଂସ୍କୃତି ଓ ସାହିତ୍ୟ ପ୍ରଚାର କରିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ କୁମାର ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବେଦପ୍ରକାଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସ୍ଥାପକ ଭାବେ ବିଜୟ ମଲ୍ଲ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ବିଆଇଆଇଟିଏମ୍‌ର 'ଜଶନ୍-୨୦୨୫'




କାର୍ଯ୍ୟକ୍ରମରେ ଅତିଥିମାନେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨୭।୯(ଅନୁରାଧା ମହାରଣା)

ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍) ବାର୍ଷିକ ଫ୍ଲାଗ୍‌ଶିପ ଇଭେଣ୍ଟ 'ଜଶନ୍ ୨୦୨୫' ଶନିବାର ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବିଆଇଆଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣରେ ବାର୍ଷିକ ରିପୋର୍ଟ ୨୦୨୪-୨୫ ଉପସ୍ଥାପନ କରିଥିଲେ। ଏଥିସହ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଏକାଡେମିକ ସଫଳତା, ଗବେଷଣା ପଦକ୍ଷେପ ଏବଂ ଭବିଷ୍ୟତ ଆକାଂକ୍ଷା ଉପରେ ଆଲୋକପାତ କରିଥିଲେ। ଡିନ୍ (ଏକାଡେମିକ) ପ୍ରଫେସର ଚିନ୍ମୟ କୁମାର ଦାସ ଏବଂ ପରାମର୍ଶଦାତା(ଏକାଡେମିକ) ପ୍ରଫେସର ପ୍ରତାପ ରୁଦ୍ର ପଟ୍ଟନାୟକ ଏକାଡେମିକ ଉତ୍କର୍ଷତା ଓ ଭବିଷ୍ୟତ ନେତୃତ୍ୱ ଗଠନରେ ସାମଗ୍ରିକ ଶିକ୍ଷାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଆଇଟିର ମହାନିର୍ଦ୍ଦେଶକ (ଗବେଷଣା ଓ ବିକାଶ ଏବଂ ନବସୃଜନ) ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମୁଖ୍ୟବକ୍ତା ଭାବେ ଯୋଗଦେଇ ବଡ଼ ସ୍ୱପ୍ନ ଦେଖିବା, ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଟ୍ରେଣ୍ଡସେଟର ହେବା, ପ୍ରଯୁକ୍ତି ବିଦ୍ୟା ଏବଂ ବୌଦ୍ଧିକ ସମ୍ପତ୍ତିକୁ ପ୍ରଭାବୀ ଢଙ୍ଗରେ ପରିଚାଳନା କରିବା, ବାସ୍ତବ ବିଶ୍ୱ ଆହ୍ୱାନର ମୁକାବିଲା କରିବା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୟା ଓ ନମ୍ରତାକୁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ରାଉରକେଲା ବିପିୟୁଟିର ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବସୃଜନ, ଷ୍ଟାର୍ଟଅପ୍ ଏବଂ ଉଦ୍ୟମିତାର ପରିବର୍ତ୍ତନକାରୀ ଶକ୍ତି ବିଷୟରେ କହିଥିଲେ। ପ୍ରଫେସର ସଞ୍ଜୀବ କୁମାର ଦେ ଓ ପ୍ରଫେସର ଦେବବ୍ରତ ଶର୍ମାଙ୍କ ଦ୍ୱାରା ଲିଖିତ 'ଜିଏସ୍‌ଟି ଏବଂ ଅନ୍ୟାନ୍ୟ ପରୋକ୍ଷ ଟିକସ, ସୀମା ଶୁଳ୍କ' ପୁସ୍ତକ ଉନ୍ମୋଚନ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିଯୁକ୍ତି ଓ ପ୍ରଶିକ୍ଷଣ ମୁଖ୍ୟ ପ୍ରଫେସର କେ. ଚନ୍ଦ୍ରଶେଖର ଧନ୍ୟବାଦ ଦେଇଥିଲେ।

## ଏ ଯାଏ ଶ୍ରେଷ୍ଠ ଗଳ୍ପ ଲେଖା ହୋଇନାହିଁ

### ଆଲୋଚନାଚକ୍ର 'ତୁମର ପ୍ରିୟ ଗଳ୍ପ'

ଭୁବନେଶ୍ୱର, ୨୭।୯(ସୌମ୍ୟରଞ୍ଜନ ରାଉତ)

ଲେଖକ ସାମ୍ମୁଖ୍ୟର ମାସିକ ବୈଠକ ସଭାପତି ତଥା ପୂର୍ବତନ ପ୍ରଶାସକ ଡ. ଅଲେଖ ଚନ୍ଦ୍ର ପଡ଼ିଆରୀଙ୍କ ସଭାପତିତ୍ୱରେ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ତୁମର ପ୍ରିୟ ଗଳ୍ପ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଳ୍ପିକ ତରୁଣକାନ୍ତି ମିଶ୍ର କହିଲେ, ଏ ଯାଏ ଶ୍ରେଷ୍ଠ ଗଳ୍ପ ଲେଖା ହୋଇନାହିଁ। ଗଳ୍ପ ଶ୍ରେଷ୍ଠତା ପାଇଁ ଓ ଗଳ୍ପକୁ କାଳଜୟୀ କହିବା ପାଇଁ ବିଭିନ୍ନ ଉପାଦାନର ଆବଶ୍ୟକତା ରହିଥିବା ସେ କହିବା ସହ ତାହା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକା ଡ. ଜୟନ୍ତୀ ରଥ ଯୋଗଦେଇ କହିଲେ, ବର୍ଣ୍ଣନାର ସାବଲୀଳ ପ୍ରବାହ ଓ କାହାଣୀରେ ରହୁଥିବା ଉତ୍କଣ୍ଠାର ସମନ୍ୱୟରେ ଗଳ୍ପ ସରସ ସୁନ୍ଦର ଓ ସୁଖପାଠ୍ୟ ହେବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ଗାଳ୍ପିକା ମାନସୀ ଦାସ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ବର୍ଷିୟାନ ସାହିତ୍ୟିକ ପର୍ଶୁରାମ ଦ୍ୱିବେଦୀ, ବରିଷ୍ଠ ଖବରଦାତା ଶ୍ରୀରାମ ଦାଶ, ଲେଖକ ସାମ୍ମୁଖ୍ୟର ଉପସଭାପତି ଡ. ପ୍ରେମଲତା ଦେବୀ, ସଙ୍ଗଠନ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ନିଜ ନିଜର ପ୍ରିୟ ଗଳ୍ପ ଉପରେ ଆଲୋଚନା କରିଥିଲେ। ସାମ୍ମୁଖ୍ୟର ସମ୍ପାଦିକା ତଥା 'ଗୋଧୂଳି'ର ସମ୍ପାଦିକା ବିମଳା ସିଂହ ଅତିଥି ପରିଚୟ ଦେଇଥିବାବେଳେ କାର୍ଯ୍ୟକାରୀ ସଦସ୍ୟା ବ୍ରଜେଶରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କ ସହ ଅନ୍ୟ ଅତିଥିମାନେ।

## ବେଲ୍‌ଜିୟମରେ ଓଡ଼ିଶା ହସ୍ତତନ୍ତକୁ ପରିଚିତ କରାଇଲେ ରୋଜାଲିନ

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ବେଲ୍‌ଜିୟମର ଆଣ୍ଟୱେର୍ପ୍ ସହରରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀ 'ୱିମେନ୍ ଇନ୍ ଏଗ୍ରିଟେକ୍'ରେ ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷା ଡ. ରୋଜାଲିନ ପାଟଶାଣୀ ମିଶ୍ର ବିଶିଷ୍ଟ ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ 'ଥ୍ରେଡ୍‌ସ ଅଫ୍ ଇମ୍ପାକ୍ଟ: ୱିମେନ ଲିଡିଙ୍ଗ୍ ସଷ୍ଟେନେବଲ୍ ଟେକ୍ସଟାଇଲ ଇନୋଭେଶନ' ପ୍ରସଙ୍ଗରେ ବକ୍ତବ୍ୟ ଦେଇଥିଲେ। ଏଥିସହ ଓଡ଼ିଶାର ପାରମ୍ପରିକ ବୁଣାଳୀ ସମ୍ପ୍ରଦାୟଙ୍କ କଳାକୃତିକୁ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶନ କରିବା ସହ ନୂଆପଡା, ବ୍ରହ୍ମପୁର, କୋଟପାଡ୍ ଓ ସମ୍ବଲପୁରୀ ବୁଣାଳୀଙ୍କ ହସ୍ତତନ୍ତ ଉତ୍ପାଦ ସ୍ୱତନ୍ତ୍ର କଳାକୃତିରେ ପରିପୂର୍ଣ୍ଣ ବୋଲି ସେ କହିଥିଲେ। ଅନ୍ତର୍ଜାତୀୟ ବଜାର ସହିତ ସମ୍ପର୍କ ସୃଷ୍ଟିର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ଡ. ରୋଜାଲିନଙ୍କ ସହିତ ଗିନିର ସିନେଟର ସୁଶ୍ରୀ ଟ୍ରାଓର ଏବଂ ଫ୍ରାନ୍ସର ଫ୍ୟାଶନ ଡିଜାଇନର ନତାଶା ମଧ୍ୟ ଅଂଶଗ୍ରହଣ କରିଥିଲେ। ଆଲୋଚନାକୁ କାନାଡାର ସାଦିଆ ଲାକେହାଲ ବିଶେଷଜ୍ଞ ଭାବରେ ପରିଚାଳନା କରିଥିଲେ।



ଅନ୍ତର୍ଜାତୀୟ ସମ୍ମିଳନୀରେ ଅନ୍ୟ ଅତିଥିଙ୍କ ସହ ଡ. ରୋଜାଲିନ ପାଟଶାଣୀ ମିଶ୍ର।

## ଅନାଥ ଆଶ୍ରମରେ ପୁସ୍ତକ, ପୋଷାକ ବଣ୍ଟନ

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ

ବାରଙ୍ଗ,୨୭।୯ (ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶନିବାର ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ନିକଟସ୍ଥ ଦେବାଳୟ ଓ ମନ୍ଦିରଗୁଡ଼ିକ ସଫେଇ, ପୁନରୁଦ୍ଧାର ଓ ଦାନ ଅଭିଯାନରେ ଭାଗ ନେଇଛନ୍ତି। ଏଥିସହ ସିଦ୍ଧେଶ୍ୱର ଧାମ ମନ୍ଦିରରେ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ସେବାଦାନ କରିବା ସହ 'ଓଡ଼ିଶା ଚିଲ୍‌ଡ୍ରେନ୍ ଅର୍ଫାନେଜ'(ଅନାଥାଶ୍ରମ)ରେ ମଧ ପୁସ୍ତକ ଓ ପୋଷାକ ବଣ୍ଟନ କରିଛନ୍ତି। ବିଶ୍ୱବିଦ୍ୟାଳୟର ଏହି ସେବାମୂଳକ କାର୍ଯ୍ୟକ୍ରମରେ ଡ. ଅମ୍ବିକା ପ୍ରସାଦ ସଂଯୋଜକ ଥିବାବେଳେ ଆର୍କିଟେକ୍ ଦେବାଶ୍ରିତା ମହାନ୍ତି, ଡ. ସୋନମ୍ ଅଗ୍ରୱାଲ ଓ ମନୋଜ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ଅଧିକାରୀ ଦାୟିତ୍ୱରେ ଥିଲେ। ପାରିପାର୍ଶ୍ୱିକ ଅଞ୍ଚଳରେ ସେବାଦାନ ନିମନ୍ତେ କୁଳପତି ପ୍ରଫେସର ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ ପ୍ରମୁଖ ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।

## ପାଲା ଶ୍ରୀପାଳିଆଙ୍କ ପରଲୋକ

ତ୍ରିଶୁଳିଆ (ତୁଷାର କାନ୍ତ ବେହେରା)

ବାରଙ୍ଗ ବ୍ଲକ ରାମଦାସପୁର ପଞ୍ଚାୟତ ଅରିଲୋ ଗ୍ରାମର ବିଶିଷ୍ଟ ପାଲା ଶ୍ରୀପାଳିଆ ଦିଜବର ପଣ୍ଡାଙ୍କ ଶନିବାର ତାଙ୍କ ଅରିଲୋ ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଦିଜବର ଦୀର୍ଘ ଦିନ ହେବ ରୋଗଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ ମିଷ୍ଟଭାଷୀ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳବାସୀ ତଥା ପାଲା କଳା ପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଅନ୍ତିମ ଯାତ୍ରାରେ ଅଞ୍ଚଳର ଅନେକ ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କ ସହ ଗାୟକ ହୃଦାନନ୍ଦ ବେଉରା, ଓକିଲ ପ୍ରଭାତ କୁମାର ଲେଙ୍କା ଓ ସାମାଜିକ କର୍ମୀ ଅଭୟ କୁମାର ଦାସ ଯୋଗଦେଇ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ତ୍ୟାଗ, ସମର୍ପଣର ମହାନୁଭବ ଥିଲେ ସଂଗ୍ରାମୀ ପୀତାମ୍ବର

### ପୁସ୍ତକ ଉନ୍ମୋଚନ, ୧୮ଜଣଙ୍କୁ 'ପୀତାମ୍ବର ସ୍ମୃତି ସମ୍ମାନ' ପ୍ରଦାନ

ଭୁବନେଶ୍ୱର, ୨୭।୯ (ସୌମ୍ୟରଞ୍ଜନ ରାଉତ)

ତ୍ୟାଗ ଓ ସମର୍ପଣର ମହାନୁଭବ ଥିଲେ ସ୍ୱାଧୀନତା ସଂଗ୍ରାମୀ ପୀତାମ୍ବର ପଟ୍ଟନାୟକ। ଛାତ୍ର ଜୀବନରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ନିଜକୁ ସମର୍ପଣ କରିଥିଲେ। ସ୍ୱର୍ଗତ ହରେକୃଷ୍ଣ ମହତାବ, ସତ୍ୟପ୍ରିୟ ମହାନ୍ତି ଓ ନନ୍ଦିନୀ ଶତପଥୀଙ୍କର ସେ ଅତ୍ୟନ୍ତ ପ୍ରିୟ ଥିଲେ ବୋଲି ୪୨ତମ ଶ୍ରାଦ୍ଧ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଦ୍ଧ ମନ୍ଦିର ପରିସରରେ ପୀତାମ୍ବର ନୀଳମଣି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ବାବୁ ସିଂ, ଓଟିଡିସିର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ମହାନ୍ତି, ବିବେକାନନ୍ଦ ପାଣିଗ୍ରାହୀ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁରଲୀ ମନୋହର ପାତ୍ରଙ୍କ ସମ୍ପାଦନରେ 'ସଂଗ୍ରାମୀ ପୀତାମ୍ବର' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏଥିସହ ୧୮ ଜଣଙ୍କୁ 'ପୀତାମ୍ବର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଦେବୀଦତ୍ତ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅରୁଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା 'ସଂଗ୍ରାମୀ ପୀତାମ୍ବର'କୁ ଉନ୍ମୋଚନ କରୁଛନ୍ତି।

# ସାଲିଆ ସାହିରେ ଚାଲିଥିଲା ଦେଶୀ ମଦଭାଟି

### ବିପୁଳ ମଦ, ପୋଚ ଜବତ: ୪ ଗିରଫ

ଭୁବନେଶ୍ୱର, ୨୭।୯(ସତ୍ୟଜିତ ରାଉତ)





ସାଲିଆ ସାହିରେ ଦେଶୀ ମଦ ରନ୍ଧା ଯାଉଛି ଓ ଡ୍ରମ୍‌ରେ ପ୍ରସ୍ତୁତ କଞ୍ଚାମାଲକୁ ପୋଲିସ ଜବତ କରୁଛି।

ପୋଲିସ ଓ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଚାଲିଥିଲା ଦେଶୀ ମଦ ଭାଟି। ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରେ ଦେଶୀ ମଦ ତିଆରି କରାଯାଇ ଭୁବନେଶ୍ୱର ସମେତ ଅନ୍ୟ ଅଞ୍ଚଳକୁ ଚାଲାଣ କରାଯାଉଥିଲା। ଆଗରେ ରହିଥିଲା ଘର। ଉକ୍ତ ଘରୁ ସୁଡଙ୍ଗ କରାଯାଇ ପଛରେ ସ୍ୱତନ୍ତ୍ର ଘରେ ଚାଲିଥିଲା ଦେଶୀ ମଦ ତିଆରି। ଶନିବାର ଅବକାରୀ ଟିମ୍ ସାଲିଆସାହିରେ ଭିନ୍ନ ଭିନ୍ନ ୩ଟି ଦେଶୀ ମଦ ଭାଟିରେ ଚଢ଼ାଉ କରି ଦୁଇଜଣ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରା ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେଠାରେ ୧୬ ହଜାର ୫୦ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୬ ହଜାର ଲିଟର ଦେଶୀ ମଦ ଏବଂ ମଦ ପ୍ରସ୍ତୁତି ଓ କାରବାରରେ ବ୍ୟବହୃତ ଡ୍ରମ, ହାଣ୍ଡି ଆଦି ଜବତ କରାଯାଇଛି। ଘଟଣାସ୍ଥଳରୁ ୨ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଅବକାରୀ ଟିମ ସେମାନଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛି। ମଦ ବେପାରୀଙ୍କ ଉପରେ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଅବକାରୀ ଏସ୍‌ପି ଦେବାଶିଷ ପଟେଲ କହିଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା ଆମ୍ବୁଲାନ୍ସ

ତ୍ରିଶୂଳିଆ, (ତୁଷାରକାନ୍ତ ବେହେରା):ବାରଙ୍ଗ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାର ଷଣ୍ଢପୁର ଗ୍ରାମ ନିକଟରେ ଶନିବାର ଏକ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଗାଡ଼ିରେ କେହି ରୋଗୀ ନ ଥିବା ବେଳେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ସକାଳେ ଆମ୍ବୁଲାନ୍ସଟି ଭୁବନେଶ୍ୱରର ଏକ ଡାକ୍ତରଖାନାରେ ରୋଗୀଙ୍କୁ ଛାଡ଼ି ଅନୁଗୋଳ ଅଭିମୁଖେ ଯାଉଥିଲା। ପୁରୀ ମୁଖ୍ୟ କେନାଲପଟେ ଦ୍ରୁତଗତିରେ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଗାଡ଼ିଟି ଓଲଟି ପଡ଼ିଥିଲା।

# ଅକ୍ଟୋବର ୨ ଯାଏ ଟ୍ରାଫିକ୍ କଟକଣା

## ପାର୍ବଣ ପାଇଁ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା

■ ଅପରାହ୍ନ ୨ଟାରୁ ରାତି ୨ଟା ଯାଏ ୱାନ ୱେ

**କଟକ,୨୭।୯ (କାର୍ତ୍ତିକ ସାହୁ):**

ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳାର ସହ ପାଳନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୨ ତାରିଖ ଯାଏ ସହରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ସହରରେ ଟ୍ରାଫିକ କଟକଣା ଜାରି ହେବ। ପ୍ରତ୍ୟେକ ଦିନ ଅପରାହ୍ନ ୨ଟାରୁ ରାତି ୨ଟା ଯାଏ ନିୟମ ବଳବତ୍ତର ରହିବ।

ହାଓଡ଼ାମୋଟର ଛକଠାରୁ କୌଣସି ଯାନବାହନ ସିଧା ମଙ୍ଗଳାବାଗ ଛକ ଆଡ଼କୁ ଯାଇପାରିବେ ନାହିଁ। ଏହି ଗାଡ଼ିଗୁଡ଼ିକ ହାଓଡ଼ାମୋଟର ଛକଠାରୁ ମାତାମଠ ଦେଇ ମହାନଦୀ ରିଂବନ୍ଧରେ ଆସି ଘଣ୍ଟାଘର ଟାୱାର ଛକ ଦେଇ ଯାଇପାରିବେ। ସେହିପରି ମଙ୍ଗଳାବାଗ ଆଡୁ କୌଣସି ଗାଡ଼ି କାଠଗୋଲା କିମ୍ବା ମଲ୍ଲାସାହି ଆଡ଼କୁ ଯାଇପାରିବେ ନାହିଁ। ସେଗୁଡ଼ିକ ମେଡିକାଲ ଭିତର ଦେଇ ତାଳଦଣ୍ଡା କେନାଲ ରୋଡ୍‌ରେ ଯାଇପାରିବେ। କୌଣସି ଯାନବାହନ ବଜ୍ରକବାଟି ରୋଡ୍‌ରୁ ରାଣୀହାଟ ଛକକୁ ସିଧାସଳଖ ଯିବେ ନାହିଁ। ସେଗୁଡ଼ିକ ବଜ୍ରକବାଟି ଛକରୁ ବାମ ମୋଡ଼ନେଇ ଗହ୍ଣାଡିଆ, କବରସ୍ଥାନ, କେଶରପୁର ଛକ ଦେଇ ମଙ୍ଗଳାବାଗ କିମ୍ବା ବକ୍ସିବଜାର ଆଡ଼କୁ ଯାଇପାରିବେ ଏବଂ ଫ୍ରେଣ୍ଡସ୍ କଲୋନୀ ଦେଇ ଥୋରିଆସାହି ବାଳିକା ସ୍କୁଲ ପାଖରେ ବାହାରି କେବଳ ମଙ୍ଗଳାବାଗ ଆଡ଼କୁ ଯିବେ, ମାତ୍ର ବଣିଆସାହି କିମ୍ବା ଭୂଦାନ ଅଫିସ ଆଡ଼େ ଯାଇପାରିବେ ନାହିଁ। ବଣିଆସାହି ବା ଥୋରିଆସାହି ଛକଠାରୁ ବଡ଼େଇସାହି ଆଡ଼କୁ ଯାଇପାରିବେ ନାହିଁ। ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ଯାନଗୁଡ଼ିକ ମହତାବ ରୋଡ୍ ଦେଇ ଛତ୍ରବଜାର ଆଡ଼କୁ ଓ ସେଠାରୁ କେବଳ ମାଲଗୋଦାମ ଆଡ଼କୁ ଯିବେ। କୌଣସି ଯାନ ଛତ୍ରବଜାର ପୋଲଠାରୁ ଛତ୍ରବଜାର ଦେଇ ମହତାବ ରୋଡ୍ ଆଡ଼କୁ କିମ୍ବା ପିଲଗ୍ରୀମ ରୋଡ୍ ଦେଇ କଲେଜ ଛକ ଆଡ଼କୁ ଯାଇପାରିବେ ନାହିଁ। ମୋଚିସାହି ଛକରୁ କୌଣସି ଯାନ ରାଣୀହାଟ ହାଇସ୍କୁଲ ଦେଇ ଘଣ୍ଟା ଟାୱାର ଆଡ଼କୁ ଯାଇପାରିବେ ନାହିଁ। ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ଯାନଗୁଡ଼ିକ ମହତାବ ରୋଡ୍ ଦେଇ ଛତ୍ରବଜାର ଆଡ଼କୁ ଯାଇ ସେହିଠାରୁ ମାଲଗୋଦାମ ଆଡ଼କୁ ଯାଇପାରିବେ। କୌଣସି ଯାନ ଛତ୍ରବଜାର ଦେଇ ମହତାବ ରୋଡ୍ ଆଡ଼କୁ କିମ୍ବା ପିଲିଗ୍ରିମ ରୋଡ୍‌ରେ କଲେଜ ଛକ ଆଡ଼କୁ ଯାଇପାରିବେ ନାହିଁ। କ୍ଲକ୍ ଟାୱାରଠାରୁ କେନାଲ କୂଳରେ ଆସୁଥିବା ଯାନଗୁଡ଼ିକ ଛତ୍ରବଜାର ବନ୍ଧଠାରୁ ବାମ ମୋଡ଼ ନେଇ ମାଲଗୋଦାମ କିମ୍ବା ସମ୍ରାଟ ହଲ୍ ଆଡ଼କୁ ଯାଇପାରିବେ। କୌଣସି ଯାନ ଛତ୍ରବଜାର ଦୈତାରି ରାଉତଙ୍କ ଆଳୁଗୋଦାମ ଆଡୁ ପ୍ରଫେସରପଡ଼ା କେନାଲ ରାସ୍ତାରେ ବଜ୍ରକବାଟି ରୋଡ୍ ଆଡ଼କୁ ଆସିପାରିବେ ନାହିଁ। କିନ୍ତୁ ବଜ୍ରକବାଟି ରୋଡ୍ ପାର୍ଶ୍ୱରୁ ଯାନଗୁଡ଼ିକ ପ୍ରଫେସରପଡ଼ା ଆଡ଼କୁ ଯାଇପାରିବେ। ଛତ୍ରବଜାର କିମ୍ବା ମାଲଗୋଦାମରୁ କୌଣସି ଯାନ ମହତାବ ରୋଡ୍‌ରେ ଦୋଳମୁଣ୍ଡାଇ ଆଡ଼କୁ ଯାଇପାରିବେ ନାହିଁ। ମାଲଗୋଦାମ ଟ୍ରାଫିକ ପୋଷ୍ଟରୁ ମାଲଗୋଦାମ ମେଡ଼ ପର୍ଯ୍ୟନ୍ତ ଯାନବାହନ ଯିବା ପାଇଁ ଅନୁମତି ଅଛି।

ପିଠାପୁର ଓ ଝୋଲାସାହିରୁ ଯାନଗୁଡ଼ିକ ଗୋପାଳଜୀଉ ଲେନ୍, ବଙ୍ଗାଳିସାହି କିମ୍ବା ନନ୍ଦିସାହି ଛକ ଆଡ଼କୁ ନ ଯାଇ କାଠଗଡ଼ାସାହି ଦେଇ ଜେଲରୋଡ୍ କିମ୍ବା ଗୌରୀଶଙ୍କର ପାର୍କ ଦେଇ କାଠଗଡ଼ାସାହି, ଧର୍ମଶାଳା ଫୁଲ ଦୋକାନ, ଉତ୍କଳିକାଠାରୁ ଫୋନ ବକ୍ସ ଛକରେ ଡାହାଣ ମୋଡ଼ ନେଇଯିବେ। ପୁରୁଣା ଜେଲ ଛକରୁ ଚୌଧୁରୀ ବଜାର ଛକ ଆଡ଼କୁ କୌଣସି ଯାନ ଯିବାକୁ ଅନୁମତି ନାହିଁ। ଚୌଧୁରୀବଜାର ଛକରୁ କୌଣସି ଯାନ ଗୌରୀଶଙ୍କର ପାର୍କ ଆଡ଼କୁ ଯାଇପାରିବେ ନାହିଁ। ବାଲୁବଜାର ଛକରୁ ନିମ୍‌ଚୌଡ଼ି ଛକ, ଇପାରୀଗୋବିନ୍ଦ ଗହଣା ଦୋକାନ ଛକ ଓ ହାଇକୋର୍ଟଛକ ଦେଇ ଚାନ୍ଦିନୀ ଚୌକ ଯାଇପାରିବେ ନାହିଁ। କାଳିଗଳି ଭିତରୁ ଆସୁଥିବା ଯାନ ଚାନ୍ଦିନୀଚୌକ ଯାଇପାରିବେ ନାହିଁ। କାଳୀଗଳିରୁ ଯାନଗୁଡ଼ିକ ହାଇକୋର୍ଟ ଛକ ଆଡ଼କୁ ଯାଇପାରିବେ। ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଅନୁରୂପ ଭାବେ ୱେନ ୱେ ଟ୍ରାଫିକ କାର୍ଯ୍ୟ କରିବ ବୋଲି ଭୁବନେଶ୍ୱର-କଟକ ପୋଲିସ କମିଶନର ଡ. ସୁରେଶ ଦେବ ଦତ୍ତ ସିଂହ ପ୍ରେସ୍ ଇସ୍ତାହାରରେ ଶନିବାର ସୂଚନା ଦେଇଛନ୍ତି।



ଦୁର୍ଗାପୂଜାର ଅବ୍ୟବହିତ ପୂର୍ବରୁ ଶନିବାର କଟକ ରେଲ୍‌ୱେ ଷ୍ଟେଶନଠାରୁ ପୁରୀଘାଟ ଦେବୀଗଡ଼ା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ଓସିଏସ୍ ପାଇଲେ ବର୍ଣ୍ଣାଳି ଆଚାର୍ଯ୍ୟ

**କଟକ,୨୭।୯(କାର୍ତ୍ତିକ ସାହୁ):**



କଟକ ସହର ଅନ୍ଦରପୁର ନିବାସୀ ସ୍ୱର୍ଗତ ଘନଶ୍ୟାମ ଆଚାର୍ଯ୍ୟଙ୍କ ପୁତ୍ର ବିମଳ ପ୍ରସନ୍ନ ଆଚାର୍ଯ୍ୟ ଓ ଲୋପାମୁଦ୍ରା କର ଆଚାର୍ଯ୍ୟଙ୍କ ଏକମାତ୍ର କନ୍ୟା ବର୍ଣ୍ଣାଳି ଆଚାର୍ଯ୍ୟ ଓଡ଼ିଶା ପ୍ରାଶାସନିକ ସେବା (ଓସିଏସ୍) ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଓସିଏସ୍ ମେଧା ତାଲିକାର ୨୩ କ୍ରମାଙ୍କରେ ସେ ସ୍ଥାନିତ ହୋଇଛନ୍ତି। ବର୍ଣ୍ଣାଳି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟରୁ ବିଏସ୍‌ସି (ଏଜି) ଏବଂ ବାରଣାସୀ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଏମ୍.ଏସି.(ଏଜି) ପାସ୍ କରିଛନ୍ତି। ତାଙ୍କ ମାତା ଲୋପାମୁଦ୍ରା ହେଉଛନ୍ତି ସାଲେପୁରର ବିଖ୍ୟାତ ବିକଳାନନ୍ଦ କରଙ୍କ ଦ୍ୱିତୀୟ ପୁତ୍ର ସ୍ୱର୍ଗତ ଦେବେନ୍ଦ୍ର ନାଥ କରଙ୍କ କନିଷ୍ଠ କନ୍ୟା। ସେ ଭବିଷ୍ୟତରେ ଭାରତୀୟ ପ୍ରାଶାସନିକ ସେବା ପ୍ରାପ୍ତି ଲକ୍ଷ୍ୟ ରଖିଛନ୍ତି। ଜନସାଧାରଣଙ୍କ ସେବା, ନିଃସ୍ୱାର୍ଥପର ଭାବେ କରିବାକୁ ସେ ସଂକଳ୍ପ କରିଛନ୍ତି। ତାଙ୍କ ସଫଳତାର ଶ୍ରେୟ ମାତାପିତା, ଶିକ୍ଷୟିତ୍ରୀଶିକ୍ଷକ ଓ ଶୁଭେଚ୍ଛୁମାନଙ୍କୁ ପ୍ରଦାନ କରିଛନ୍ତି।

### ଓସିଏସ୍ ପରୀକ୍ଷାରେ ସତ୍ୟରଞ୍ଜନ ବେଉରା କୃତକାର୍ଯ୍ୟ



ବାଙ୍କୀ,୨୭।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗି ପଞ୍ଚାୟତର ସତ୍ୟରଞ୍ଜନ ବେଉରା ଓସିଏସ୍ ପରୀକ୍ଷାରେ ୧୭୨ ର୍‌ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସେ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ବେଉରାଙ୍କ ପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି ।

### ପାଲା ଶ୍ରୀପାଳିଆଙ୍କ ପରଲୋକ

ତ୍ରିଶୂଳିଆ (ତୁଷାର କାନ୍ତ ବେହେରା): ବାରଙ୍ଗ ବ୍ଲକ ରାମଦାସପୁର ପଞ୍ଚାୟତ ଅରିଲୋ ଗ୍ରାମର ବିଶିଷ୍ଟ ପାଲା ଶ୍ରୀପାଳିଆ ଦିଜବର ପଣ୍ଡାଙ୍କ ଶନିବାର ତାଙ୍କ ଅରିଲୋ ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଦିଜବର ଦୀର୍ଘ ଦିନ ହେବ ରୋଗଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ ମିଷ୍ଟଭାଷୀ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳବାସୀ ତଥା ପାଲା କଳା ପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଅନ୍ତିମ ଯାତ୍ରାରେ ଅଞ୍ଚଳର ଅନେକ ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କ ସହ ଗାୟକ ହୃଦାନନ୍ଦ ବେଉରା, ଓକିଲ ପ୍ରଭାତ କୁମାର ଲେଙ୍କା ଓ ସାମାଜିକ କର୍ମୀ ଅଭୟ କୁମାର ଦାସ ଯୋଗଦେଇ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ

ବାରଙ୍ଗ,୨୭।୯(ଲିଙ୍ଗରାଜ ରାଉତ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶନିବାର ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ନିକଟସ୍ଥ ଦେବାଳୟ ଓ ମନ୍ଦିରଗୁଡ଼ିକ ସଫେଇ, ପୁନରୁଦ୍ଧାର ଓ ଦାନ ଅଭିଯାନରେ ଭାଗ ନେଇଛନ୍ତି। ଏଥିସହ ସିଦ୍ଧେଶ୍ୱର ଧାମ ମନ୍ଦିରରେ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ସେବାଦାନ କରିବା ସହ 'ଓଡ଼ିଶା ଚିଲ୍‌ଡ୍ରେନ୍ ଅର୍ଫାନେଜ'(ଅନାଥାଶ୍ରମ)ରେ ମଧ୍ୟ ପୁସ୍ତକ ଓ ପୋଷାକ ବଣ୍ଟନ କରିଛନ୍ତି। ବିଶ୍ୱବିଦ୍ୟାଳୟର ଏହି ସେବାମୂଳକ କାର୍ଯ୍ୟକ୍ରମରେ ଡ. ଅମ୍ବିକା ପ୍ରସାଦ ସଂଯୋଜକ ଥିବାବେଳେ ଆର୍କିଟେକ୍ ଦେବାଶ୍ରିତା ମହାନ୍ତି, ଡ. ସୋନମ୍ ଅଗ୍ରୱାଲ ଓ ମନୋଜ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ଅଧିକାରୀ ଦାୟିତ୍ୱରେ ଥିଲେ। ପାରିପାର୍ଶ୍ୱିକ ଅଞ୍ଚଳରେ ସେବାଦାନ ନିମନ୍ତେ କୁଳପତି ପ୍ରଫେସର ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ ପ୍ରମୁଖ ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।

# ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ



ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**କଟକ,୨୭।୯(କାର୍ତ୍ତିକ ସାହୁ):**

ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରିସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ମିହିର ଶତପଥୀ ପ୍ରଥମ, ମୃତ୍ୟୁଞ୍ଜୟ ପରିଡ଼ା ଦ୍ୱିତୀୟ ଓ ଓମ ପ୍ରକାଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ରେଭେନ୍ସା ମହାବିଦ୍ୟାଳୟର ଅଶଲେଶ ସ୍ୱାଇଁ ପ୍ରଥମ, ଈଶାନ କୁମାର କୁଅଁର ଦ୍ୱିତୀୟ ଓ ସଚ୍ଚିଦାନନ୍ଦ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ସୌଭାଗ୍ୟ ରାଉତ ଓ ସାଗରୀକା ରାଉତ ପରିଚାଳନା କରିଥିଲେ। ପର୍ଯ୍ୟଟନ ଉପଖଣ୍ଡ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ

**ଆଠଗଡ,୨୭।୯(ସତ୍ୟ ପ୍ରସାଦ ରଥ):**

ଆଠଗଡ଼ ବ୍ୟାଡ୍‌ମିଣ୍ଟନ କ୍ଲବ ପକ୍ଷରୁ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ରବିବାର ଶୁଭାରମ୍ଭ ହୋଇଛି। ୨ ଦିନିଆ ଏହି ଟୁର୍ନାମେଣ୍ଟ ଆଠଗଡ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। କ୍ଲବର ସଭାପତି ଅଶୋକ କୁମାର ରାଉତ ଓ ସମ୍ପାଦକ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦ୍‌ଘାଟନୀ ସଭାରେ କ୍ରୀଡ଼ା ସଙ୍ଗଠକ ଲକ୍ଷ୍ମୀନାରାୟଣ ଭଞ୍ଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ପ୍ରତିଯୋଗିତାରେ ମୋଟ ତିନୋଟି ବିଭାଗ ରହିଛି। ଜୁନିୟରସ୍ତର (୧୫ ବର୍ଷରୁ କମ୍)ରେ ୧୬ ଟିମ୍, ସିନିୟରସ୍ତର(୧୬ରୁ ୪୦ ବର୍ଷ)ରେ ୩୨ ଦଳ ଓ ଭେଟେରାନସ୍ତର (୪୦ ବର୍ଷରୁ ଉର୍ଦ୍ଧ୍ୱ)ରେ ୧୬ଟି ଦଳ ଭାଗ ନେଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲା ଯଥା ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, କଟକ, ଯାଜପୁର, ଭଦ୍ରକ, ନୟାଗଡ଼ ଓ ବାଲେଶ୍ୱର ଆଦିରୁ ପ୍ରତିଯୋଗୀମାନେ ଏହି ଚାମ୍ପିୟନଶିପରେ ଭାଗ ନେଇଛନ୍ତି ବୋଲି କ୍ଲବ ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।

## ୨୬.୬୪୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ମଙ୍ଗୁଳି-ଜଗତପୁର,୨୭।୯(ମାନସ ସାମଲ)

ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଯୁବକଙ୍କୁ ଟାଙ୍ଗୀ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଦୁହେଁ ହେଲେ ବାଲେଶ୍ୱର ଜିଲ୍ଲା ରାଇସୁଆଁ ଗ୍ରାମର ଅଶୋକ କୁମାର ଦାସ (୨୧), ପରମାନନ୍ଦପୁର ଗ୍ରାମର କାହ୍ନା ମଲିକ (୨୩)। ସେମାନଙ୍କ ନିକଟରୁ ୨୬ କେଜି ୬୪୦ଗ୍ରାମର ଗଞ୍ଜେଇ ଜବତ ହୋଇଛି। ଏ ନେଇ ଟାଙ୍ଗୀ ପୋଲିସ ନିଜ ଆଡୁ ଏକ ମାମଲା (ନଂ. ୩୧୯/୨୫)ରୁଜୁ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପାଖାପାଖି ୨.୭୦ ଲକ୍ଷ ଟଙ୍କା ହେବ ଓ ଏହି ଚାଲାଣରେ ଅନ୍ୟ କାହାର ସମ୍ପୃକ୍ତି ସନ୍ଦେହ କରି ତଦନ୍ତ ଜାରି ରହିଛି ବୋଲି ଟାଙ୍ଗୀ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରାସାଦ ଭଦ୍ର ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଟାଙ୍ଗୀ ଥାନା ଏସଆଇ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱରେ ଅନ୍ୟ ପୋଲିସ କର୍ମଚାରୀ ପାଟ୍ରୋଲିଂ କରୁଥିଲା। ଏହିସମୟରେ ମଙ୍ଗୁଳି ଛକ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ କାର୍ (ନଂ.ଓଡି୦୧-ଏଡି-୬୪୪୩)କୁ ସନ୍ଦେହ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ କାର୍ ପଛ ଡିକିରୁ ଏକ ବସ୍ତାରୁ ୨୫ ପଲିଥିନ ପୋଲିସ ପାଇଥିଲା।

## କ୍ଲବର ନୂତନ କର୍ମକର୍ତ୍ତା

ବାଙ୍କୀ,୨୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ କିଆପଲ୍ଲା ପଞ୍ଚାୟତର ନୂତନ ଜୟ ବଜରଙ୍ଗୀ କ୍ଲବର ନୂତନ କର୍ମକର୍ତ୍ତା ଶନିବାର ଚୟନ କରାଯାଇଛି । ଏଥିରେ ସଭାପତିଭାବେ ବବୁଲ ରାଉତ, ସମ୍ପାଦକ ଲିପୁ ପରିଡା ଚୟନ ହୋଇଛନ୍ତି। ଦଶହରା ପାଇଁ ବଜରଙ୍ଗୀ କ୍ଲବ ପକ୍ଷରୁ ୧୫ ଫୁଟର ହନୁମାନ ମୂର୍ତ୍ତି, ରାମଲୀଳା, ମେଲୋଡି କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। କ୍ଲବର ସଦସ୍ୟମାନଙ୍କ ମଧ୍ୟରେ ଆଲୋକ ଜେନା, ରଜତ ଜେନା, ଚିତ୍ରସେନ ମହାନ୍ତି, ରାକେଶ ରାଉତ, ଦୀପୁ ରାଉତ, ଜିତୁ ନାୟକ, ଗିଟୁନ ନାୟକ, ରାଜା ନାୟକ, ଚିନୁ ନାୟକ,ମଣ୍ଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ



ବୈଠକରେ ବିଧାୟକ ପ୍ରଶାନ୍ତ କୁମାର ବେହେରା,ପଞ୍ଚାୟତ ସମିତି ଅଧକ୍ଷ ଓ ପ୍ରଶାସନିକ ଅଧିକାରୀମାନେ ।

**ସାଲେପୁର,୨୭।୯(ଅରବିନ୍ଦ ଭୂୟାଁ):**

ଅକ୍ଟୋବର ୧୦ରେ ସାଲେପୁର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏନେଇ ଶନିବାର ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଡିଓ ଲୋପାମୁଦ୍ରା ନାୟକଙ୍କ ସଭାପତିତ୍ୱରେ ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଶିବିର କିଭଳି ଶୃଙ୍ଖଳାର ସହ ସମ୍ପନ୍ନ ହେବ ଏବଂ ଅଧିକରୁ ଅଧିକ ସଂଖ୍ୟକ ଭିନ୍ନକ୍ଷମମାନେ ଯୋଗଦେଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ କେନ୍ଦ୍ରାପଡା ଏମ୍‌ପି ପ୍ରତିନିଧି ସନାତନ ଦାଶ, ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ, ସହକାରୀ ଯନ୍ତ୍ରୀ ସୁକାନ୍ତ କୁମାର ମଲ୍ଲିକ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ତଥା ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ନୂତନ କଂଗ୍ରେସ ନଗର ସଭାପତିଙ୍କୁ ସମ୍ବର୍ଦ୍ଧନା

**କଟକ,୨୭।୯(ଶିଲ୍ପା ପ୍ରିୟଦର୍ଶିନୀ)**

ସେଲଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ନବନିର୍ବାଚିତ କଟକ ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରାଙ୍କୁ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ, ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସମେତ ଯୁବ କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ କର୍ପୋରେଟର ବୃନ୍ଦ, ଛାତ୍ର କଂଗ୍ରେସ, ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ନୂତନ ସଭାନେତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଗିରିବାଳାଙ୍କ ନେତୃତ୍ୱରେ ନଗର କଂଗ୍ରେସ ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ ହେବ ବୋଲି ମହମ୍ମଦ ମୋକିମ କହିଥିଲେ। ସେହିପରି ବିଧାୟିକା ସୋଫିଆ କହିଛନ୍ତି, ଗିରିବାଳାଙ୍କ ନେତୃତ୍ୱରେ ସମସ୍ତେ ଏକଜୁଟ ହୋଇ କଂଗ୍ରେସକୁ ମଜଭୁତ କରି ଆଗାମୀ ପୌରନିର୍ବାଚନରେ କଟକ ସହରରେ କିପରି କଂଗ୍ରେସ ଜିତିବ ସେ ଉପରେ କାମ କରିବାକୁ କହିଥିଲେ । କଟକ ସହରର ସମସ୍ତ ବୁଦ୍ଧିଜୀବୀ, ନେତା ଓ କର୍ମୀମାନଙ୍କୁ ଧନ୍ୟବାଦ ଦେବା ସହ କଟକରେ କଂଗ୍ରେସକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସର୍ବଦା କାମ କରିବା ପାଇଁ ସଭାପତି ଗିରିବାଳା ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜାରାଣୀ ରାଉତ, ଶୁବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପସାୟତ, ଜନାର୍ଦ୍ଦନ ପରିଡା, ଭାନୁ ସେନାପତି ଓ ଜେ. କାମେଶ୍ୱର ରାଓ, କଂଗ୍ରେସ ନେତ୍ରୀ ଶୈଳବାଳା ଜେନା, ସ୍ନେହଲତା ଚୌଧୁରୀ, କେଦାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।




କଟକ ନଗର ଜିଲ୍ଲା କଂଗ୍ରେସର ନୂତନ ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ହସ୍ପିଟାଲରୁ କପର ପ୍ଲେଟ୍ ଚୋରି ଅଭିଯୋଗ, ୨ ଗିରଫ



**ତ୍ରିଶୂଳିଆ/ବାରଙ୍ଗ,୨୭।୯ (ତୁଷାରକାନ୍ତ ବେହେରା/ଲିଙ୍ଗରାଜ ରାଉତ):**

ନନ୍ଦନକାନନ ଥାନା ଅନ୍ତର୍ଗତ ଏକ ନିର୍ମାଣାଧୀନ ଘରୋଇ ପ୍ରଶାନ୍ତି ହସ୍ପିଟାଲରୁ କପର ପ୍ଲେଟ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଶନିବାର ପୋଲିସ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ଶିଖର ବେଉରା(୩୦) ଓ ଅନ୍ୟ ଜଣେ ଚୋରି ସାମଗ୍ରୀ ରଖିଥିବା କବାଡ଼ିଆ ବାରଙ୍ଗ ଥାନା ସୀତାରାମ ବଜାରର ସୁନୀଲ କୁମାର ଗୁପ୍ତା। ଏନେଇ ପୋଲିସ ଏକ ମାମଲା(ନଂ. ୩୬୦/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୧ ତାରିଖରେ ସେମାନେ ହସ୍ପିଟାଲରୁ ୨ କେଜି ୨ଶହ ଗ୍ରାମ୍ ଓଜନର ତମ୍ବାଚାଦର ଚୋରିକରି ନେଇଥିଲେ। ଏନେଇ ହସ୍ପିଟାଲର ସୁରକ୍ଷା କର୍ମୀ ପ୍ରତାପ କୁମାର ଜେନା ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଶିଖର ବେଉରାଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା ବେଳେ ସେ ଚୋରି ସାମଗ୍ରୀକୁ ଏକ କବାଡ଼ିଆ ସୁନୀଲଙ୍କୁ ବିକ୍ରି କରିଥିବା କହିଥିଲେ। ପୋଲିସ ସାମଗ୍ରୀଗୁଡ଼ିକୁ ଜବତ କରିବା ସହ ଉଭୟଙ୍କୁ କାବୁ କରିଛି।

# 'ପର୍ଯ୍ୟଟନ କ୍ଷେତ୍ର ବିକାଶ ହେଲେ ସାଂସ୍କୃତିକ, ଅର୍ଥନୈତିକ ବିକାଶ ହେବ'

## ବିଶ୍ୱ ପର୍ଯ୍ୟଟନ ଦିବସ ଉପରେ ଆଲୋଚନାଚକ୍ର

**ବାଙ୍କୀ,୨୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂଗୋଳ ବିଭାଗ ଆନୁକୂଲ୍ୟରେ ଶନିବାର ଆଭାସୀ ମାଧ୍ୟମରେ ବିଶ୍ୱ ପର୍ଯ୍ୟଟନ ଦିବସ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ଅରଜିତ ମିଶ୍ର ସଭାପତିତ୍ୱ କରିବା ସହ ବିଶ୍ୱ ପର୍ଯ୍ୟଟନ ଦିବସ ୧୯୭୦ମସିହାରୁ ପାଳିତ ହେଉଛି ବୋଲି କହିଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ତଥା ପୂର୍ବତନ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେଲେ ସେଠାକାର ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ହୋଇପାରିବ ବୋଲି କହିଛନ୍ତି। ଏଥି ସହ ପର୍ଯ୍ୟଟନ କ୍ଷେତ୍ର ଦ୍ୱାରା ଶାନ୍ତି, ସମତା, ଶୃଙ୍ଖଳା ଓ ବିକାଶର ମାର୍ଗ ସୃଷ୍ଟି ହୋଇପାରିବ ବୋଲି ପ୍ରାଧାପକ ମହାପାତ୍ର ଉଲ୍ଲେଖ କରିଛନ୍ତି। ଆଲୋଚନାଚକ୍ରରେ ଅଦ୍ୱୈତ ନାରାୟଣ ନାୟକ, ସୁମେନ ସ୍ୱାଇଁ, ନମିତା ଦଳେଇ, ସରସ୍ୱତୀ ମନ୍ତ୍ରୀ ପ୍ରମୁଖ ଭାଗନେଇ ପର୍ଯ୍ୟଟନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ବାଙ୍କୀର ବିଷ୍ଣୁପ୍ରିୟା କରଙ୍କୁ ଶ୍ରେଷ୍ଠ ଟୁର୍ ଗାଇଡ୍ ସମ୍ମାନରେ ସମ୍ମାନିତ କରାଯାଉଛି।

ସେହିପରି ଭୁବନେଶ୍ୱର ହାଉସିଂବୋର୍ଡ ଛକ ନିକଟସ୍ଥ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଭାରତରେ ପ୍ରଥମ ଟୁରିଷ୍ଟ ଗାଇଡ ଆଣ୍ଡ୍ରଏଡ୍ ଆପ୍ଲିକେଶନ ଲଞ୍ଚ୍ ଘୋଷଣା କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଓ ପର୍ଯ୍ୟଟନ ବିଭାଗର ଡ. ମହମ୍ମଦ ସର୍ବି ହୁସେନ, ସମ୍ମାନିତ ଅତିଥିଭାବେ ଦୀପକ କୁମାର ସାମନ୍ତରା, ଅନିଲ ଧିର, ଆଦ୍ୟାଶା ଦାସ ଓ ସଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଉପରୋକ୍ତ ଆପ୍ଲିକେଶନ ଏକ କ୍ରାନ୍ତିକାରୀ ଡିଜିଟାଲ ପ୍ଲାଟଫର୍ମ। ଏହା ଯାତ୍ରୀ ଏବଂ ଯାଞ୍ଚ ହୋଇଥିବା ପର୍ଯ୍ୟଟକ ଗାଇଡ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଡିଜାଇନ କରାଯାଇଛି। ଏହି ଆପ୍ ଯାତ୍ରୀମାନଙ୍କୁ ପ୍ରାମାଣିକ, ବୃତ୍ତିଗତ ଏବଂ ପଞ୍ଜିକୃତ ଗାଇଡ ବିଷୟରେ ସୂଚନା ଦେବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବାଙ୍କୀର ବିଷ୍ଣୁପ୍ରିୟା କରଙ୍କୁ ଇକୋ ୱାଇଲଡ ଲାଇଫ କମ୍ପାନୀ ପକ୍ଷରୁ ଶ୍ରେଷ୍ଠ ଟୁର୍ ଗାଇଡ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୯।୨୦୨୫

| ୩,୬୩,୪୨୩ ଟଙ୍କା | |
|---|---|
| ସୁନା | ୨.୧୦୦ ଗ୍ରାମ୍ |
| ରୁପା | ୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ମଙ୍ଗଳସୂତ୍ର ଲୁଟ ଅଭିଯୋଗରେ ଜଣେ ଗିରଫ

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)

ଯାତ୍ରୀଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପିନେବା ଅଭିଯୋଗରେ ରେଲ୍ୱେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ଉତ୍ତର ପ୍ରଦେଶ ଶାମାଲୀ ଜିଲା ଝିଞ୍ଜାନା ଥାନା ଅଞ୍ଚଳର ଗୁରୁ ଦୟାଲ (୬୨)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଲୁଟ ହୋଇଥିବା ସୁନା ମଙ୍ଗଳସୂତ୍ରକୁ ଜବତ କରିଛନ୍ତି। ରେଲ୍ୱେ ପୋଲିସର ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଜି. ଗୋପୀ ରାଓ ଜିଆର୍‌ପି ଥାନରେ ଅଭିଯୋଗ କରିଥିଲେ ଯେ, ସେ ତାଙ୍କ ବାପା ଓ ମା'ଙ୍କ ସହିତ ପୁରୀ–ତିରୁପତି ଏକ୍ସପ୍ରେସ୍ ଯୋଗେ ପୁରୀ ରେଲ୍ୱେ ଷ୍ଟେଶନର ପ୍ଲାଟଫର୍ମ ନମ୍ବର ୩ରୁ ଯାତ୍ରା କରିବା ପାଇଁ ଯାଉଥିଲେ। ଟ୍ରେନ୍ ଛାଡ଼ିବା ସମୟରେ ଜଣେ ଅଜଣା ବ୍ୟକ୍ତି ହଠାତ୍ ତାଙ୍କ ମା'ଙ୍କ ବେକରୁ ପ୍ରାୟ ୪୦ ଗ୍ରାମ ଓଜନର ଏକ ସୁନା ମଙ୍ଗଳସୂତ୍ର ଛିଣ୍ଡାଇ ଅନ୍ୟରାସ୍ତା ଦେଇ ପଳାଇବାକୁ ଚେଷ୍ଟା କରିଥିଲେ। ମାଆଙ୍କ ପାଟିଶୁଣି ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ପିଛା କରିଥିଲେ ଏବଂ ପ୍ଲାଟଫର୍ମ ନମ୍ବର ୨ ନିକଟରେ ତାଙ୍କୁ ଧରିବାରେ ସଫଳ ହୋଇଥିଲେ। ଏହି ସମୟରେ ଡ୍ୟୁଟିରେ ଥିବା ଆରପିଏଫ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ ବ୍ୟକ୍ତିଙ୍କ ନିକଟରୁ ଏକ ସୁନା ଲକେଟ ଜବତ କରିଥିଲେ। ଅଭିଯୁକ୍ତ ସହିତ ଅନ୍ୟ ଜଣେ ଯୁବକ ଥିବା ପୋଲିସ ସନ୍ଦେହ କରୁଛି। ରେଲ୍ୱେପୋଲିସ କେସ୍ ନଂ. ୨୬/୨୫ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।

### ଅବସର ଦିନରେ ପେନ୍‌ସନ ପତ୍ର ପ୍ରଦାନ

ପୁରୀ,୨୭।୯(ଅଜିତ କୁମାର ମହାନ୍ତି)

ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚୂଡ଼ାନ୍ତ ପେନସନ୍ ହସ୍ତାନ୍ତର ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ଥର ପାଇଁ ପୁରୀର ଟିବି ଏବଂ ଆଇଡିଏଚ୍‌ର ଅବସରପ୍ରାପ୍ତ ସହକାରୀ ନର୍ସିଂ ଅଧୀକ୍ଷକ ଅଞ୍ଜନା ସେଠୀଙ୍କୁ ଶୁକ୍ରବାର ଅବସର ଦିବସରେ ଚୂଡ଼ାନ୍ତ ପେନସନ୍‌ପତ୍ର ପ୍ରଦାନ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଏହା ପ୍ରଥମ ଉଦାହରଣ। ସେଠୀଙ୍କୁ ସିଡିଏମ୍‌ଓ ଡ. ଅକ୍ଷୟ କୁମାର ଶତପଥୀ ଶୁଭେଚ୍ଛା ଜଣାଇଛନ୍ତି। ପେନସନ୍ ମଞ୍ଜୁର କରିବାରେ ସମୟୋଚିତ ଓ ସୁଗମ ପ୍ରୟାସ ପାଇଁ ଅର୍ଥ ଅଧିକାରୀ ତଥା ନୋଡାଲ୍ ଅଧିକାରୀ ହିମାଦ୍ରୀ ସାମଲ, ଟିବି ଏବଂ ଆଇଡିଏଚ୍‌ର ଅଧୀକ୍ଷକ ଡ. ରଶ୍ମିରଞ୍ଜନ ବେହେରା ପ୍ରମୁଖ ପ୍ରୟାସକୁ ସିଡିଏମ୍‌ଓ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏଭଳି ସେବା ଯୋଗାଇଦେବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରୟାସ ଜାରି ରଖିବ ବୋଲି ଶତପଥୀ ପ୍ରକାଶ କରିଛନ୍ତି।

### ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୨୭।୯(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକ ଅଲଗୁମ ଜାଗେଶ୍ୱରୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ଅବସର ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପାଠାଗାରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା, ଦୁର୍ଯ୍ୟୋଧନ ନାୟକ, କୁମାର ପ୍ରଧାନ ଓ ପିଅନ ବେଣୁଧରଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ପ୍ରଫୁଲ୍ଲ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ତଥା ଛାତ୍ର ପ୍ରଶାନ୍ତ କୁମାର ବିଶ୍ୱାଳ, ଅନିରୁଦ୍ଧ ବିଶ୍ୱାଳ, ଅନିଲ ମହାପାତ୍ର ଓ ସରପଞ୍ଚ ସରସ୍ୱତୀ ବିଶ୍ୱାଳ ଯୋଗଦେଇ ଶିକ୍ଷକଙ୍କ ଅବସର ଜୀବନର ସୁଖଶାନ୍ତି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବିନୋଦିନୀ ନାୟକ ଧନ୍ୟବାଦ ଦେଇଥିଲେ।

# ଶ୍ରୀକ୍ଷେତ୍ରରେ ନିଆରା ପରମ୍ପରା ନେତ ପିଲା

**ଭଲ ବର ପାଇବା ଆଶାରେ ସେବାୟତ ଘରର କୁମାରୀ କନ୍ୟାଙ୍କ ନେତପୂଜା**

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)

ବଳିରେ ବଳି ନ କର କଳି .. କାଲି ଆଣିଦେବି ସରୁ ଚକୁଳି ..ସରୁ ଚକୁଳି ଉପରେ ଘିଅ, ଏପରି ଗୀତରେ ଝଙ୍କୃତ ହୋଇଥିଲା ମାର୍କଣ୍ଡ ପୁଷ୍କରିଣୀ କୂଳ। ସେବାୟତ ପରିବାରର କୁମାରୀ କନ୍ୟାମାନେ ନେତବେଶରେ ସଜେଇ ହୋଇ ଏହି ଗୀତ ବୋଲି ହରପାର୍ବତୀଙ୍କୁ ଆରାଧନା କରିଥିଲେ। ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ମଧ୍ୟରୁ ନେତ ପିଲା ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଏହି ନେତ ପିଲା ପରମ୍ପରା ଆଶ୍ୱିନ ମାସରେ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥାଏ। ସେବାୟତ ପରିବାରର କୁନିକୁନି ଝିଅମାନେ ବିଭିନ୍ନ ସୁନାରୁପା ଅଳଙ୍କାରରେ ସଜେଇ ହୋଇ ମାର୍କଣ୍ଡେୟ ପୁଷ୍କରିଣୀକୁ ଆସିଥିଲେ। ସୁନ୍ଦର ଓ ଯୋଗ୍ୟ ବରପ୍ରାପ୍ତି ପାଇଁ ଠାକୁରଙ୍କ ନିକଟରେ ମନାସୀ ପୂଜା କରିଥିଲେ। ଶ୍ରୀକ୍ଷେତ୍ରରେ ବହୁ ପୁରାତନ କାଳରୁ ଏହି ନେତପିଲା ପରମ୍ପରା ଚାଲିଆସୁଛି। ଶ୍ରୀକ୍ଷେତ୍ରର ସେବାୟତ ପରିବାରରେ ଥିବା କୁନିକୁନି କୁମାରୀ କନ୍ୟାମାନେ ବିଶେଷ କରି ଅଢ଼େଇ ବର୍ଷରୁ ୮ବର୍ଷ ବୟସର କୁମାରୀ କନ୍ୟାମାନେ ବିଭିନ୍ନ ପ୍ରକାର ସୁନା ଅଳଙ୍କାରରେ ବେଶଭୂଷାରେ ସଜ୍ଜିତ ହୋଇ ନେତପିଲା ବେଶ ହୋଇ ପୂଜା କରିଥାନ୍ତି। ମୁଖ୍ୟତଃ ପରିବାରର କଲ୍ୟାଣ ତଥା ଭଲ ବର ବା ସ୍ୱାମୀ ପାଇବା ଉଦ୍ଦେଶ୍ୟରେ ଏହି ପୂଜା ପିଲାମାନେ ପାଳନ କରିଥିବା ଜଣାଯାଏ। ପୁରୀ ଶ୍ରୀମନ୍ଦିରର ସେବାୟତ ପରିବାରରେ ଶାରଦୀୟ ଦୁର୍ଗାପୂଜା ସମୟରେ ଦେଖିବାକୁ ମିଳିଥାଏ ନେତପିଲା ପରମ୍ପରା। ଭାଦ୍ରବ ମାସ ପୂର୍ଣ୍ଣିମାଠାରୁ ନେତପୂଜା ଆରମ୍ଭ ହୋଇଥାଏ। ପ୍ରଥମ ୨୧ଦିନ ଧରି ସେବାୟତ ପରିବାରର କୁମାରୀ କନ୍ୟାମାନେ ସନ୍ଧ୍ୟାରେ ଘରେ ଶିବପାର୍ବତୀଙ୍କୁ ପୂଜା କରିଥାନ୍ତି। ସେହିପରି ଆଶ୍ୱିନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ ୪ ଦିନ ଧରି ବିଭିନ୍ନ ଅଳଙ୍କାର ପରିଧାନ କରି ନେତପିଲା ବେଶରେ ସଜ୍ଜିତ ହୋଇ ମାର୍କଣ୍ଡ ପୋଖରୀଠାରେ ମା' ବୃନ୍ଦାବତୀଙ୍କ ପାଖରେ ଶିବପାର୍ବତୀଙ୍କ ଉପାସନା କରିଥାନ୍ତି। ପୂଜା କରିବା ସହ ସେଠାରେ ବଳି ଗୀତ ଗାଇଥାନ୍ତି। ଏହି ନିଆରା ଓ ଭିନ୍ନ ଧରଣର ପରମ୍ପରା କେବଳ ଶ୍ରୀକ୍ଷେତ୍ର ପୁରୀରେ ଦେଖିବାକୁ ମିଳିଥିବା ବେଳେ ପୂଜା ସମୟରେ ସ୍ୱତନ୍ତ୍ର ଆଭୂଷଣ ଏବଂ ବସ୍ତ୍ରରେ ଭୂଷିତ ହୋଇ ନେତପିଲାମାନେ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରକାରର ଫଳ, ନଡ଼ିଆ, ପରିବା, ଗୁଆ ଆଦି ଅର୍ପଣ କରି ପୂଜା କରିବାର ବିଧି ଥିବାବେଳେ ବଳି ଗୀତ ଗାନ କରିଥାନ୍ତି। ପୂଜା ପରେ ନେତପିଲାମାନେ ସେମାନଙ୍କର ସମ୍ପର୍କୀୟମାନଙ୍କ ଘରକୁ ବୁଲିଯିବାର ବିଧି ରହିଛି। ପାର୍ବତୀ ଶିବଙ୍କୁ ପାଇବା ଉଦ୍ଦେଶ୍ୟରେ ଏହି ପୂଜା କରିବାର କିମ୍ବଦନ୍ତୀ ରହିଥିବାରୁ ତାହାକୁ ଅନୁସରଣ କରି ଶିବଙ୍କ ଭଳି ସ୍ୱାମୀ ପାଇବା ଉଦ୍ଦେଶ୍ୟରେ ଏହି ନେତପିଲା ନେତ ଓଷା ପାଳିତ ହୋଇଥାଏ ବୋଲି ବିଶ୍ୱାସ ରହିଛି।



ପୁରୀ ମାର୍କଣ୍ଡେଶ୍ୱର ପୁଷ୍କରିଣୀ ପରିସରରେ ସେବାୟତ ଘରର କୁମାରୀମାନେ ନେତ ବେଶ ହୋଇ ପୂଜା କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ପୁରୀର ୨ ପ୍ରତିଭା ନୂଆଦିଲ୍ଲୀ ଭାରତ ମଣ୍ଡପମ୍‌ରେ ସମ୍ବର୍ଦ୍ଧିତ

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ସଂସ୍କୃତି ସଂରକ୍ଷକ, ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଅଜୟ କୁମାର ପଣ୍ଡା ଏବଂ ଯୁବ ରକ୍ତଦାତା ତଥା ସ୍ୱେଚ୍ଛାସେବୀ ପ୍ରହ୍ଲାଦ ଖୁଣ୍ଟିଆଙ୍କୁ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ଓ ଜାତୀୟ ଅନୁଷ୍ଠାନ ନିଫାର ମୁଖ୍ୟ କାର୍ଯ୍ୟାଳୟ ବହରିଆନାର କର୍ନାଲଠାରେ ଅନୁଷ୍ଠିତ ୨୫ବର୍ଷ ରୌପ୍ୟଜୟନ୍ତୀ ସମାରୋହ ଅବସରରେ ନିଫାର ଚେୟାରମ୍ୟାନ୍ ପ୍ରୀତିପାଲ ସିଂ ପାନୁଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ଏହି ଉତ୍ସବ ସେପ୍ଟେମ୍ବର ୨୦ରୁ ୨୫ ଯାଏ ସମଗ୍ର ଦେଶର ପ୍ରତି ରାଜ୍ୟରୁ ଶିକ୍ଷାବିତ୍, ସାମାଜିକ କର୍ମୀ, ରକ୍ତଦାତା, ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ୧୨୨୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଭାରତର ନିକଟବର୍ତ୍ତୀ ବନ୍ଧୁରାଷ୍ଟ୍ର ଚାଇନା, ଜାପାନ, ମରିସସ, ରୁଷିଆ ପ୍ରମୁଖ ୧୨ଟି ଦେଶରୁ ନିମନ୍ତ୍ରିତ ବ୍ୟକ୍ତିମାନେ ଏଥିରେ ସାମିଲ ହୋଇଥିଲେ। ଦେଶର ଐକ୍ୟ, ଶାନ୍ତି, ମୈତ୍ରୀ, ଭାତୃଭାବ ବଜାୟ ରଖିବା ପାଇଁ ନିଜ ରାଜ୍ୟର ବ୍ୟାନର୍ ଧରି ନିଜ ନିଜ ପାରମ୍ପରିକ ପୋଷାକ ପିନ୍ଧି ଭାରତ ମାତା କି ଜୟ ସ୍ଲୋଗାନମାନ ଦେଇଥିଲେ। ଅଂଶଗ୍ରହଣ କରିଥିବା ପ୍ରତିଭାଧାରୀମାନଙ୍କୁ ଉଚ୍ଚକୋଟିର ଆତିଥ୍ୟତା ଓ ସମ୍ମାନିତ କରାଯାଇଥିଲା।

## କୁମାର ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)

ପୁରୀର ଅନ୍ୟତମ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପୁରୀ ଆନୁକୂଲ୍ୟରେ ଅନୁଷ୍ଠାନର ସାଧାରଣ ବୈଠକ ସ୍ଥାନୀୟ ମୋଚିସାହିସ୍ଥିତ ମ୍ୟୁନିସିପାଲିଟି କ୍ଲବ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅକ୍ଟୋବର ୫ରେ ହେବାକୁ ଥିବା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ୬ ଏବଂ ୭ ତାରିଖ ଦୁଇଦିନ ଧରି ପୌରସଦନ (ଟାଉନ୍‌ହଲ)ଠାରେ ୪୬ତମ କୁମାର ଉତ୍ସବ ପାଳନ ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସଭାପତି ବୀରେନ୍ଦ୍ର ନାରାୟଣ ଗୋଛିକାରଙ୍କ ଅଧ୍ୟକ୍ଷତାରେ ବୈଠକରେ ନୂତନ ସମ୍ପାଦକ ଭାବେ ସନ୍ତୋଷ ଶତପଥୀ ଓ କୋଷାଧ୍ୟକ୍ଷ ଭାବେ ଜିତେନ୍ଦ୍ର ଦାସମହାପାତ୍ରଙ୍କୁ ଚୟନ କରାଯାଇଛି। ଉକ୍ତ ବୈଠକରେ ଚଳିତ ବର୍ଷ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଯଥା ମ୍ୟାଜିକ୍ ମ୍ୟାଥ, ଚିତ୍ରାଙ୍କନ, ଝୋଟି, ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ସ୍ଥାନୀୟ ପୌରସଦନ ଠାରେ ଆସନ୍ତା ୫ତାରିଖ ସକାଳ ୯ଟା ଠାରୁ ସନ୍ଧ୍ୟା ୪ଟା ମଧ୍ୟରେ ଅନୁଷ୍ଠିତ ହେବ। ଏଥିସହିତ ଅକ୍ଟୋବର ୫ତାରିଖ ଦିନ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଗୋପବନ୍ଧୁ ଆୟୁର୍ବେଦ ହସ୍ପିଟାଲ ଠାରେ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ୬ ଓ ୭ ତାରିଖ ଦୁଇଦିନ ଧରି ପୌରସଦନ ଠାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶା, ଲୋକନୃତ୍ୟ ସହ ଓଲିଉଡ୍ ଓ ବଲିଉଡ୍ ନାଇଟ୍ ଅନୁଷ୍ଠିତ ହେବା ନେଇ ବୈଠକରେ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ଅନୁଷ୍ଠାନର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ମା' ଅଲେଇ ଠାକୁରାଣୀଙ୍କ ନୀଳସରସ୍ୱତୀ ବେଶ

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)



ଶ୍ରୀକ୍ଷେତ୍ରର ସାତସାହି ମଧ୍ୟରେ ଅନ୍ୟତମ ସାହି ମାର୍କଣ୍ଡେଶ୍ୱର ସାହି ଅନ୍ତର୍ଗତ ମିଶ୍ରସାହିରେ ପୂଜା ପାଉଥିବା ମା' ଅଲେଇ ଠାକୁରାଣୀଙ୍କ ପୀଠ ବହୁ ପ୍ରାଚୀନ। ଆଶ୍ୱିନ ମାସର ମୂଳାଷ୍ଟମୀ ଦ୍ୱିତୀୟା ଓଷା ଠାରୁ ମାଆଙ୍କ ଷୋଡ଼ଶ ପୂଜା ଆଧ୍ୟାତ୍ମିକ ପରିବେଶରେ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ। କେଉଁ ଆବହମାନ କାଳରୁ ମା'ଙ୍କ ନିକଟରେ ସହସ୍ର କୁମ୍ଭ ବରଣ କରାଯିବା ପରେ ଷୋଡ଼ଶ ପୂଜାରେ ମା'ଙ୍କୁ ପ୍ରତ୍ୟେକ ଦିନ ବିଭିନ୍ନ ଦୁର୍ଲ୍ଲଭ ବେଶରେ ସଜ୍ଜିତ ହେବାର ନୀତି ପ୍ରଚଳିତ ହୋଇଆସୁଛି। ପ୍ରତ୍ୟେକ ଦିନ ସକାଳ ଦ୍ୱାର ଖୋଲାଯିବା ପରେ ମଙ୍ଗଳଆଳତୀ, ଅବକାଶ, ମାଜଣା, ମଇଲମ ଓ ବଲ୍ଲଭଧୂପ ନୀତିସମ୍ପନ୍ନ ହୋଇଥାଏ। ଷୋଡ଼ଶ ପୂଜାରେ ମା'ଙ୍କୁ ସୁବାସିତ ଜଳରେ ସ୍ନାନ କରାଯିବା ପରେ ନୂତନ ବସ୍ତ୍ର ପରିଧାନ କରାଯିବାର ନୀତି ରହିଛି। ଷୋଡ଼ଶ ପୂଜା ସମୟରେ ବାଲ ଭୋଗରେ ଖଇକୋରା, ଚୁଡ଼ାଭଜା, ସେଓ, କଦଳୀ, କାକୁଡ଼ି, କମଳା ଓ ବିଭିନ୍ନ ଫଳଭୋଗ ଅର୍ପଣ କରାଯାଏ। ଆଶ୍ୱିନ ମାସରେ ମା'ଙ୍କ ପୀଠରେ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ଆମିଷ ଭୋଗ ଲାଗି କରାଯିବାର ବିଧି ରହିଛି। ଅନ୍ୟଦିନଗୁଡ଼ିକରେ ମା'ଙ୍କ ପାଖରେ ବାଳଭୋଗ ହୋଇଥାଏ। ଷୋଳପୂଜାରେ ମା'ଙ୍କୁ ମହାଲକ୍ଷ୍ମୀ, ନୀଳସରସ୍ୱତୀ ଓ ମହିଷାସୁର ମର୍ଦ୍ଦିନୀ ସହ ଅନ୍ୟାନ୍ୟ ବେଶରେ ସଜ୍ଜିତ କରାଯାଇଥାଏ। ଶନିବାର ମା'ଙ୍କ ନୀଳସରସ୍ୱତୀ ବେଶ ଅନୁଷ୍ଠିତ ହୋଇଥିବା ବେଳେ ମା'ଙ୍କ ବେଶ ଦର୍ଶନ କରିବା ନିମନ୍ତେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରତିଦିନ ଶ୍ରୀମନ୍ଦିରରୁ ଦୈନନ୍ଦିନ ଶ୍ରୀମହାପ୍ରସାଦ ମା'ଙ୍କ ପାଖରେ ଲାଗି ହୋଇଥାଏ। ଏହି ଷୋଳପୂଜା ଅବସରରେ ଶ୍ରୀମନ୍ଦିରରୁ ପ୍ରତ୍ୟେକ ବର୍ଷ ଶ୍ରୀଜଗନ୍ନାଥଙ୍କ ଲାଗି ପାଟବସ୍ତ୍ର ମା'ଙ୍କ ନିମନ୍ତେ ଆସିଥାଏ। ଷୋଳପୂଜା ଅବସରରେ ମା'ଙ୍କ ମନ୍ଦିର ପରିସରରେ ଚଣ୍ଡୀପାଠ କରାଯାଏ। ଶ୍ରୀମନ୍ଦିରଠାରୁ ପ୍ରାୟ ୧୦୦ ମିଟର ଦୂରରେ ମା' ଅଲେଇ ଠାକୁରାଣୀଙ୍କ ମନ୍ଦିର ଅବସ୍ଥିତ। ମା'ଙ୍କ ମନ୍ଦିର ପରିସରରେ ଦଶ ମହାବିଦ୍ୟା, ଲକ୍ଷ୍ମୀ ଓ ଗଣେଶଙ୍କ ମୂର୍ତ୍ତି ପୂଜିତ ହେଉଛନ୍ତି। ବିଶ୍ୱରଞ୍ଜନ ଦାଶ ମା'ଙ୍କ ମୁଖ୍ୟ ପୂଜକ କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ନୈତିକ ମିଶ୍ର ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି। ମା' ଅଲେଇ ଠାକୁରାଣୀ ପରିଚାଳନା କମିଟିର ସଭାପତି ଗଙ୍ଗାଧର ଖୁଣ୍ଟିଆ ଓ ସମ୍ପାଦକ ରାଜେନ୍ଦ୍ର କୁମାର ସିଂହଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ପରିଚାଳିତ ହେଉଛି।

## ସ୍ୱଚ୍ଛତା, ହିନ୍ଦୀ ପକ୍ଷ ପାଳନ

ପିପିଲି,୨୭।୯(ଦୁର୍ଗାମାଧବ ମିଶ୍ର)

ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ପକ୍ଷ ଓ ହିନ୍ଦୀ ପକ୍ଷ ପାଳନ ଅବସରରେ ଶନିବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ବିଭୂତି ଭୂଷଣ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋବିନ୍ଦପୁର କ୍ଲଷ୍ଟରର ପୂର୍ବତନ ସିଆର୍‌ସିସି ଚିନ୍ତାମଣି ଓଝା ଯୋଗଦେଇ ସ୍ୱଚ୍ଛତା ଓ ହିନ୍ଦୀ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଶିକ୍ଷକ ସୁଜିତ୍ କୁମାର ନାୟକ ସ୍ୱଚ୍ଛତା ପକ୍ଷ ଏବଂ ହିନ୍ଦୀ ପକ୍ଷ ପାଳନର ଶିକ୍ଷୟିତ୍ରୀ କଲ୍ୟାଣୀ ଦିଗଲଙ୍କ ପ୍ରତିଦିନର କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ। ହିନ୍ଦୀ ପକ୍ଷ ପାଳନ ଅବସରରେ ହିନ୍ଦୀ ହସ୍ତାକ୍ଷର ଲିଖନ, ନିବନ୍ଧ ଲିଖନ, କବିତା ଆବୃତ୍ତି, ବ୍ୟାକରଣ, କଥାବାଚନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ଉପରେ ଏକ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଦିବସରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କୋଣାର୍କ ପଥ ଉତ୍ସବ ହେଉଛି ପର୍ଯ୍ୟଟନ ଶିଳ୍ପ ଅଭିବୃଦ୍ଧିର ମାଧ୍ୟମ




ବୈଠକରେ ଉପସ୍ଥିତ ଅଧିକାରୀମାନେ ।

କୋଣାର୍କ,୨୭।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଏନ୍ଏସି କଲ୍ୟାଣ ମଣ୍ଡପ ଠାରେ ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଓ ଆଞ୍ଚଳିକ ପ୍ରଗତି ପାଇଁ କୋଣାର୍କ ପଥ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ପଥ ଉତ୍ସବର ଅଧ୍ୟକ୍ଷ ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ବୈଠକରେ ପଥ ଉତ୍ସବର ସାମୂହିକ ଲୋଗୋ ଉନ୍ମୋଚିତ ହୋଇଥିଲା। ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି କରିବା ପଥ ଉତ୍ସବ ଏକ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ବରିଷ୍ଠ ସାମାଜିକ କର୍ମୀ ରାଜକିଶୋର ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ କାମଦେବ ବିଶ୍ୱାଳ, ବରିଷ୍ଠ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ବାମଦେବ ଆଲୁକ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଶପଥ ଗ୍ରହଣ କରିଥିଲେ। ଦେଶର ବିଭିନ୍ନ ବର୍ଗ, ବିଭିନ୍ନ ପ୍ରାନ୍ତର ଛାତ୍ରୀଛାତ୍ର, ବ୍ୟବସାୟୀ, ରାଜନୈତିକ ବ୍ୟକ୍ତି ଓ ସରକାରୀ କର୍ମଚାରୀମାନେ ସହଯୋଗର ହାତ ବଢ଼ାଇବା ପାଇଁ କୋଣାର୍କ ପଥ ଉତ୍ସବର ଅଧ୍ୟକ୍ଷ ଅଶୋକ ନନ୍ଦ ଆହ୍ୱାନ ଦେଇଥିଲେ। ଯେଉଁମାନେ ଏହି ପଥ ଉତ୍ସବରେ ଭାଗନେବେ ସେମାନେ ସଂଗଠନର ୱେବ ସାଇଟ ମାଧ୍ୟମରେ ପଞ୍ଜୀକରଣ କରିବା ପାଇଁ ଜଣାଇ ଦିଆଯାଇଛି।

## ଥୋଡ଼ ଧାନକୁ ଗୁଣ୍ଡିପୋକ ବିପଦ, ଚିନ୍ତାରେ ଚାଷୀକୁଳ

କାକଟପୁର/ଅସ୍ତରଙ୍ଗ,୨୭।୯
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ଆଗରୁ ପଙ୍ଗପାଳ ଧାନ କିଆରିରେ ମାଡ଼ି ଯାଉଥିଲେ, ଏବେ ପଙ୍ଗପାଳ ଭଳି ବଡ଼ ବଡ଼ ଝିଣ୍ଟିକା ଥୋଡ଼ ଧାନରେ ବସି କାଟିବା ଆରମ୍ଭ କଲେଣି। ଗୁଣ୍ଡିପୋକ ଏବଂ ଦିଆଲି ପୋକ କଳାରୁଆ ଧାନରେ ବ୍ୟାପି ଗଲେଣି। ଚାଷୀ ଏହି ପୋକ ଦାଉରୁ କ୍ଷେତକୁ ବଞ୍ଚାଇବା ପାଇଁ ବିଶୋଧନ ସ୍ପ୍ରେ କରିବା ଆରମ୍ଭ କରିଛନ୍ତି। ଆଉ ଦିନ କେଇଟା ପରେ ସଂକ୍ରାନ୍ତି। ଚାଷୀ ନିଜ ଧାନ ବିଲକୁ ସୁରକ୍ଷିତ ରଖିବାକୁ ଚାଷଜମି ମୁଣ୍ଡରେ ଖଡ଼ା ମାରିବାକୁ ତୟାର। ଆଉ ୩ ମାସ ପରେ ଧାନ କାଟିବାକୁ ଆଶା ରଖିଥିବା ଚାଷୀକୁଳ ଗତ କିଛିଦିନ ହେବ ଥୋଡ଼ ଧାନ କିଆରିରେ ପୋକଙ୍କ ଉପଦ୍ରବ ଦେଖି ଆବାକ୍ ହୋଇପଡ଼ିଛନ୍ତି।

ଏହି ଗୁଣ୍ଡି ପୋକ ପାଇଁ କୃଷି ବିଭାଗ ତତ୍ପର ନ ହେଲେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଖରିଫ୍ ଧାନ ଉଜୁଡ଼ିଯିବ। ବହୁ ପରିଶ୍ରମରେ ଧାନ ଚାଷ କରି ଚଢ଼ା ଦାମ୍‌ରେ ବିହନ, ଔଷଧ, ସାର, କୀଟନାଶକ ଓ ମଜୁରି ଖର୍ଚ୍ଚ କରି ନୟାନ୍ତ ହୋଇଥିବା ଚାଷୀକୁଳ ପାଇଁ ଏବେ ପୋକ ଉପଦ୍ରବ ଚିନ୍ତାର କାରଣ ସାଜିଛି। ଗର୍ଭଣା ସଂକ୍ରାନ୍ତି ପୂର୍ବରୁ ଚାଷୀମାନେ ନିଜକ୍ଷେତରେ ଚାରିଆ ପୋକ ଲାଗିଥିବା ଦେଖିଛନ୍ତି। ହଠାତ୍ ଏହି ପୋକମାନଙ୍କୁ ଦେଖିବାରୁ କୃଷି ବିଭାଗ କର୍ମଚାରୀଙ୍କୁ ଜଣାଇବା ପରେ କୃଷି କର୍ମଚାରୀ କିଛି ବିଚାର ନ କରି ଉପର ଠାଉରିଆ ଢଙ୍ଗରେ ଉତ୍ତର ଦେଉଥିବାରୁ ଚାଷୀ ଭରସାଶୂନ୍ୟ ହୋଇ ପଡୁଛନ୍ତି। ପ୍ରତିକୂଳ ପାଣିପାଗରେ ଚଳିତ ଥର ଧାନ ଚାଷ ହୋଇଥିବା ବେଳେ ଏହି ଅଞ୍ଚଳ ପାଇଁ ଥୋଡ଼ ଧାନରେ ହଳଦୀ ଗୁଣ୍ଡି ପୋକ ଲାଗିବା ଚାରିଆଡ଼େ ଆତଙ୍କ ଖେଳାଇ ଦେଇଛି। ଧାନ ଗଛର ଚେର ପଚିଯିବାରୁ ଚାଷୀ ନିଜେ ବିଭିନ୍ନ ଔଷଧ ପକାଇବାକୁ ଆରମ୍ଭ କରିଛନ୍ତି। ଅତ୍ୟଧିକ ବର୍ଷା ଓ ଜମିରେ ପାଣି ବୁଡ଼ି ରହିବା କାରଣରୁ ଏଭଳି ପରିସ୍ଥିତି ହୋଇଥିବା ପୁରୁଖା ଚାଷୀ ଅନୁମାନ କରୁଛନ୍ତି। ବିଶେଷ କରି ଅସ୍ତରଙ୍ଗ ବ୍ଲକର ଥୋଡ଼ ଧାନରେ ଏଭଳି ଅବସ୍ଥା ଦେଖାଦେଇଥିବାରୁ ନଈଗୁଆଁ, ନଗର, ଆଳଙ୍ଗପୁର, ନୂଆଗଡ଼ ଆଦି ଅଞ୍ଚଳରେ ସ୍ୱର୍ଣ୍ଣ ୧୦୦୧, ରାଣୀ ୧୦୦୯, ଡେରାଡୁନ୍ ଆଦି କିସମର ଧାନରେ ଥୋଡ଼ ବାହାରିବାକୁ ନେଇ ସନ୍ଦେହ ଦେଖାଦେଇଛି।

## ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ

ଚାରିଛକ,୨୭।୯(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବ୍ଲକ ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା, ପ୍ଲାଷ୍ଟିକ ବର୍ଜନ, ଗାନ୍ଧୀଙ୍କ ସ୍ୱପ୍ନ ସ୍ୱଚ୍ଛ ଭାରତ ସାକାର ମିଶାଇ ହାତ, ସ୍ୱଚ୍ଛ ଥିଲେ ପରିବେଶ ଆମର, ଖୁସିରେ ରହିବ ଆମ ସଂସାର ଇତ୍ୟାଦି ସ୍ଲୋଗାନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ବୃନ୍ଦ ଓ ଛାତ୍ରୀଛାତ୍ରମାନେ ଚାରିଛକ ବଜାରସ୍ଥିତ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ଥିବା ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ଆଦ୍ୟାଶ୍ୟା ପ୍ରିୟଦର୍ଶିନୀ, ରାନୀ ବଡ଼ୁଆ, ବିଭୁ ପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲ, ଅଭିଭାବକ ରଶ୍ମିତା ସାହୁ, ଟିଙ୍କି ସ୍ୱାଇଁ ଓ ସମସ୍ତ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସଫେଇ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିଥିଲେ।

## ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ରାସ୍ତା କାଦୁଅ ପଙ୍କରେ ଭର୍ତ୍ତି

ସାକ୍ଷୀଗୋପାଳ,୨୭।୯(ଭରତ ରାଉତ)

ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ସମ୍ମୁଖ ରାସ୍ତା କାଦୁଅ ପଙ୍କରେ ଭର୍ତ୍ତି ହୋଇଛି। ଫଳରେ କାର୍ଯ୍ୟାଳୟକୁ ଯିବା ପାଇଁ ରାସ୍ତାରେ ମାଟି କାଦୁଅ ଓ ଅପରିଷ୍କାର ପାଣିରେ ପଶି ଯିବାକୁ ପଡୁଛି। ସାକ୍ଷୀଗୋପାଳ ବଜାର ରାସ୍ତା ସମ୍ପ୍ରସାରଣ ଓ ରେଳ ଫାଟକ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ ରାସ୍ତା ଓ ଡ୍ରେନ୍ ନିର୍ମାଣ ହୋଇ ନ ପାରିବାରୁ ରାସ୍ତାରେ ଜମି ରହୁଥିବା ଅପରିଷ୍କାର ପାଣି ନିୟନ୍ତ୍ରିତ ବଜାର ସମ୍ମୁଖ ମୁଖ୍ୟ ରାସ୍ତା ଦେଇ ପ୍ରବେଶ କରିବା ଦ୍ୱାରା କାର୍ଯ୍ୟାଳୟ ସମ୍ମୁଖରେ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏଥିସହିତ କାର୍ଯ୍ୟାଳୟ ସମ୍ମୁଖରେ ରହୁଥିବା ୩ଟି ଆମ ବସ୍‌କୁ ସେହି ସ୍ଥାନରେ ଧୁଆଯାଉଥିବା କାରଣରୁ ଗାଡ଼ିଧୁଆ ପାଣି ଏବଂ ଚକରେ ଲାଗୁଥିବା ପଙ୍କ କାଦୁଅ ପଡ଼ି ପାଗ ଶୁଖିଲା ରହୁଥିବା ସମୟରେ ମଧ୍ୟ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଫଳରେ କାର୍ଯ୍ୟାଳୟ ମଧ୍ୟକୁ ସାଧାରଣଲୋକ କିମ୍ବା ଚାଷୀ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆରଏମ୍‌ସି ବଜାର ପ୍ରାଙ୍ଗଣରେ ବିସ୍ତୀର୍ଣ୍ଣ ଜାଗା ରହିଛି। ତେଣୁ ଗାଡ଼ିଗୁଡ଼ିକ କାର୍ଯ୍ୟାଳୟ ସମ୍ମୁଖରେ ନ ରଖି ବଜାର ପ୍ରାଙ୍ଗଣରେ ରଖିବା ସହିତ ସେହି ସ୍ଥାନରେ ଧୁଆ ସଫା କରିବା ପାଇଁ କାର୍ଯ୍ୟାଳୟ ସହିତ ସମ୍ପୃକ୍ତ ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରୁଛନ୍ତି। କାର୍ଯ୍ୟାଳୟଟି ପୁରୁଣା ହୋଇଥିବାରୁ ରାସ୍ତାଠାରୁ ତଳୁଆ ହୋଇଗଲାଣି। ଫଳରେ କାର୍ଯ୍ୟାଳୟ ସମ୍ମୁଖରୁ ଏହି ଅପରିଷ୍କାର ପାଣି ଜମି ରହୁଥିବାରୁ କାଦୁଅ ପଙ୍କ ଅନ୍ୟତ୍ର ଯାଇପାରୁନାହିଁ। ସମସ୍ୟାର ସମାଧାନ ପାଇଁ କାର୍ଯ୍ୟାଳୟକୁ ପ୍ରବେଶ କରୁଥିବା ଅପରିଷ୍କାର ପାଣି ବାଟ ବନ୍ଦ କରାଯିବା ସହିତ ସମ୍ମୁଖରେ ରହୁଥିବା ବସ୍‌କୁ ବଜାର ପ୍ରାଙ୍ଗଣ ମଧ୍ୟକୁ ସ୍ଥାନାନ୍ତର କରାଯିବା ପାଇଁ ଆଲୋଚନା ହେଉଛି।

## ଆକର୍ଷଣ ସାଜିବ ପଶ୍ଚିମବଙ୍ଗର ମାୟାପୁର ଇସ୍କନ ମନ୍ଦିର

ଅସ୍ତରଙ୍ଗ,୨୭।୯
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

- ସମନ୍ୱୟ ପ୍ରସ୍ତୁତି ବୈଠକ
- ପାରମ୍ପରିକ ବାଦ୍ୟରେ ହେବ ଭସାଣ ଉତ୍ସବ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ ।

ଚଳିତବର୍ଷ ୫୭ବର୍ଷରେ ପାଦ ଥାପିଛି ଅସ୍ତରଙ୍ଗ ଦୁର୍ଗାପୂଜା କମିଟି। ଚାରିଆଡ଼େ ଖୁସିର ମାହୋଲ, ଆନନ୍ଦ ଉଲ୍ଲାସରେ ଫାଟି ପଡୁଛି ଭକ୍ତଙ୍କ ମନ। ଦିନ କେଇଟା ପରେ ଭକ୍ତମାନଙ୍କୁ ଦର୍ଶନ ଦେବେ ମା' ଦଶଭୁଜା। ଅସ୍ତରଙ୍ଗ ଦୁର୍ଗା କ୍ଲବ ଦ୍ୱାରା ଆୟୋଜିତ ଦୁର୍ଗା ପୂଜା ନିଜର ନିଆରା ପରମ୍ପରା, ସଂସ୍କୃତିକୁ ନେଇ ସାରା ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶୁକ୍ରବାର ଅପରାହ୍ନରେ ଅସ୍ତରଙ୍ଗ ଦୁର୍ଗା କ୍ଲବ ତରଫରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସମନ୍ୱୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅତିଥିମାନଙ୍କ ମଧ୍ୟରେ ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର, ଅଗ୍ନିଶମ ବିଭାଗ ଅଧିକାରୀ ପ୍ରହ୍ଲାଦ ରାଓଙ୍କ ସମେତ ଦୁର୍ଗା କ୍ଲବର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଭିଡ଼ ନିୟନ୍ତ୍ରଣ ସମେତ ଶାନ୍ତିଶୃଙ୍ଖଳାରେ ପୂଜା କରିବାକୁ ଥାନାଧିକାରୀ ମହାପାତ୍ର ମତ ଦେଇଥିଲେ। ଅସ୍ତରଙ୍ଗ ଦୁର୍ଗା ପୂଜା ପଡ଼ିଆରେ ଛିଡ଼ା ହେବ ପଶ୍ଚିମବଙ୍ଗ 'ମାୟାପୁର'ର ଇସ୍କନ ମନ୍ଦିର। ଫାଇବର, ସନ୍‌ମାଇକା ଓ ପ୍ଲାଏଉଡ୍ ଓ ସୋଲ୍‌ରେ ହେବ ଅବିକଳ ତୋରଣ। ପଶ୍ଚିମବଙ୍ଗ ମେଦିନୀପୁରରୁ ଆସିଥିବା ୧୭ରୁ ଊର୍ଦ୍ଧ୍ୱ କାରିଗର ତୋରଣ ତିଆରି କରୁଛନ୍ତି। ତୋରଣ ଉଚ୍ଚତା ୭୫ଫୁଟ ଓ ଚଉଡ଼ା ୭୦ ଫୁଟ୍ ରହିବ। ଅସ୍ତରଙ୍ଗ ଦୁର୍ଗା କ୍ଲବ ଦ୍ୱାରା ଆୟୋଜିତ ଦୁର୍ଗା ପୂଜା ୫୭ବର୍ଷରେ ପଦାର୍ପଣ କରିଛି। ମା'ଙ୍କ ୧୦ଫୁଟର ମୃଣ୍ମୟୀ ମୂର୍ତ୍ତି ସହ ୧୬ଫୁଟର ମେଢ଼ ତିଆରି କରୁଛନ୍ତି। ପ୍ରତିବର୍ଷ ମା'ଙ୍କ ଆଗମନକୁ ଅନାଇ ବସିଥାନ୍ତି ହଜାର ହଜାର ଶ୍ରଦ୍ଧାଳୁ। ପିଲାଠୁ ବୟସ୍କ ସଭିଙ୍କ ମନରେ ମା'ଙ୍କୁ ଦେଖିବାକୁ ଉତ୍ସାହ। ଷଷ୍ଠୀରେ ବିଲ୍ୱବରଣ, ମହାସପ୍ତମୀରୁ ବିଜୟା ଦଶମୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେବ। ସମନ୍ୱୟ ବୈଠକରେ କ୍ଲବ ସଦସ୍ୟମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ବେହେରା, ଯୁଗଳ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ଦୁର୍ଗାପୂଜା

## ଆଜି ଷଷ୍ଠୀ




ଝଲସୁଛି ବମିଖାଲ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ ଓ ଆଲୋକସଜା। (ଫଟୋ: ମନୋରଞ୍ଜନ ମିଶ୍ର)



ପ୍ରକୃତି ଓ ପରିବେଶକୁ ନେଇ ରସୁଲଗଡ଼ ଦୁର୍ଗାପୂଜା କମିଟିର ତୋରଣ ମନ ଜିଣୁଛି।



କେରଳର ଶାସ୍ତ୍ରୀୟ ନୃତ୍ୟ କଥକଲିକୁ ନେଇ ନୟାପଲ୍ଲୀଠାରେ ନିର୍ମିତ ତୋରଣ ଭାରତର ଲୋକକଳାକୁ ଜୀବନ୍ତ କରୁଛି। (ଫଟୋ– ବିକାଶ ନାୟକ)

# ଆଲିଶାନ୍‌ର 'ବିଗ୍ ଫେଷ୍ଟିଭାଲ' ଅଫର ଆରମ୍ଭ

ଭୁବନେଶ୍ୱର, ୨୭।୯
(ଅନୁରାଧା ମହାରଣା)

Alishan
men's exclusive since 1996

ଶାରଦୀୟ ଦୁର୍ଗାପୂଜା ଅବସରରେ ଭୁବନେଶ୍ୱରସ୍ଥିତ ପୁରୁଷ ପରିଧାନ ଶୋ'ରୁମ୍ ଆଲିଶାନ୍ ପକ୍ଷରୁ 'ବିଗ୍ ଫେଷ୍ଟିଭାଲ' ଅଫର ଆରମ୍ଭ ହୋଇଛି। ଏହି ଆକର୍ଷଣୀୟ ଅଫରରେ ସମସ୍ତ ବ୍ରାଣ୍ଡ ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ରହିଛି । ଏହା ସହ ନିର୍ଦ୍ଦିଷ୍ଟ କେତୋଟି ବ୍ରାଣ୍ଡର ପରିଧାନ ଉପରେ ୭%ର ରିହାତି ରହିଛି। କଲରପ୍ଲସ୍, ପାର୍କ ଆଭେନ୍ୟୁ, ପାର୍କ୍ସ, ଆଲେନ୍‌ସୋଲି, ଭ୍ୟାନ୍‌ହୁସେନ୍, ଲୁଇଫିଲିପ୍, ଲିଭାଇସ୍, ରେମଣ୍ଡ, ବ୍ଲାକ୍‌ବେରି, ୟୁଏସ୍‌ପୋଲୋ, ଟର୍ଟଲ, ଆରୋ, ମୁଫ୍‌ଟି, କିଲର୍, ବିଙ୍ଗ୍ ହ୍ୟୁମାନ, ସିଲିଓ, ରେୟାର ରାବିଟ୍ ଭଳି ବ୍ରାଣ୍ଡର ଫର୍ମାଲ, କାଜୁଆଲ୍ ଓ ପାର୍ଟି ପରିଧାନ ଏବଂ ବିଭିନ୍ନ ପାରମ୍ପରିକ ଉତ୍ସବ ପରିଧାନର ସମ୍ଭାର ଉପଲବ୍ଧ । ଏହି ଅଫରରେ ଆଲିଶାନ ପକ୍ଷରୁ 'ଫେଷ୍ଟିଭ୍ ରୟାଲ୍ଟି' ଗିଫ୍ଟ ଭାଉଚର ରହିଛି। ସୂଚନା ଥାଉକି, ୧୯୯୬ ମସିହାରେ ପ୍ରତିଷ୍ଠିତ ଆଲିଶାନ ଶୋ'ରୁମ୍‌ରେ କାଜୁଆଲ ପୋଷାକଠାରୁ ଆରମ୍ଭକରି ପାରମ୍ପରିକ ପରିଧାନ, ଡିଜାଇନର ପୋଷାକ, କୁର୍ତ୍ତା ପାଇଜାମା, ଜିନ୍ସ–ଟି ଶାର୍ଟ, ଶୁଟିଂ ଶାର୍ଟିଂ, ରେଡିମେଡ୍ ଗାର୍ମେଣ୍ଟ, ଜ୍ୟାକେଟ, ୱେଷ୍ଟକୋଟ, ଶୀତବସ୍ତ୍ର ଏବଂ ବିବାହ ଆଦି ଉତ୍ସବ ପାଇଁ ଶେର୍‌ୱାନି ସହିତ ମ୍ୟାଚ୍ କରୁଥିବା ଟ୍ରେଣ୍ଡି ଆକ୍ସେସୋରିଜ୍ ମଧ ରହିଛି। ଆଲିଶାନ୍‌ର ପ୍ରୋପ୍ରାଇଟର ଯୁଗଳ ଅଗ୍ରୱାଲ କହିଛନ୍ତି, ଚଳିତ ପୂଜାରେ ଗ୍ରାହକମାନେ ସମସ୍ତ ବ୍ରାଣ୍ଡର ଶପିଂକରି ଏହି ଅଫରର ଲାଭ ଉଠାଇବା ସହ ପୁରୁଷମାନେ ଏଠାରେ ଅତ୍ୟାଧୁନିକ ପରିପାଟୀ ପରିଧାନ କରି ଷ୍ଟାଇଲିଶ୍ ଦେଖାଯିବେ। ଆଲିଶାନ୍ ନିଜର ଗ୍ରାହକମାନଙ୍କୁ 'ଆଲିଶାନ୍ ଲୁକ୍' ପ୍ରଦାନ କରିବାରେ ବିଶ୍ୱାସ ରଖେ ବୋଲି ସେ କହିଛନ୍ତି।

# ଉତ୍କଳୀୟ ସଂସ୍କୃତିରେ ନବରାତ୍ର ଉପାସନା ବହୁ ପ୍ରାଚୀନ

ଭୁବନେଶ୍ୱର, ୨୭।୯ (ସୌମ୍ୟରଞ୍ଜନ ରାଉତ)

ଗ୍ଲୋବାଲ୍ ସ୍ପିରିଚୁଆଲ୍ ମିଶନ ପକ୍ଷରୁ 'ଉତ୍କଳୀୟ ସଂସ୍କୃତିରେ ନବରାତ୍ର ଉପାସନା ବହୁ ପ୍ରାଚୀନ' ଉପରେ ଏକ ଆଲୋଚନାଚକ୍ର ଶନିବାର ଆଇଆର୍‌ସି ଭିଲେଜସ୍ଥିତ ରାମକୃଷ୍ଣ ମିଶନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡା. ସୁଶୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତ ଭୂଷଣ ରଥ ଯୋଗଦେଇ କହିଲେ, ଉତ୍କଳୀୟ ସଂସ୍କୃତିରେ ନବରାତ୍ର ଉପାସନା ବହୁ ପ୍ରାଚୀନ ଓ ଏହା ପ୍ରକୃତି ମାତାଙ୍କ ପୂଜା। ଏହା ଦ୍ୱାରା ସମାଜ ଓ ପରିବାରରେ ଶାନ୍ତି ଆନନ୍ଦ ଉପଲବ୍ଧ ହେବା ସହ ପ୍ରକୃତି ମାତା ଆଶୀର୍ବାଦ ପ୍ରଦାନ କରିଥାନ୍ତି ବୋଲି ସେ କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ମିଶ୍ର ନବରାତ୍ର ପାଳନ ଅବସରରେ ସମସ୍ତେ ପ୍ରକୃତି ମାତାଙ୍କ ପୂଜା ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହି ଅବସରରେ ମଧୁସ୍ମିତା ଦାଶ ଭଜନ ଗାନ କରିଥିଲାବେଳେ ମୁରଲୀଧର ପଲାଇ, କୃଷ୍ଣା ପଲାଇ ଜଗନ୍ନାଥ ସାହସ୍ରନାମ ଗାନ କରିଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ଓ ବିଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ତିରୁପତି ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତ ଭୂଷଣ ରଥଙ୍କ ସହ ଅନ୍ୟ ଅତିଥି।

# ମହାଷ୍ଟମୀରେ ଆମିଷ ଭୋଗ, ନବମୀରେ କୁମାରୀ ପୂଜା




ପୁରୁଣା ଭୁବନେଶ୍ୱର, ୨୭।୯
(ସୁବାସ ଚନ୍ଦ୍ର ପ୍ରଧାନ)

### ଭାଇଚାରାକୁ ଗୁରୁତ୍ୱ



ପାର୍ବଣ ପାଳନ ବେଳେ ସ୍ଥାନୀୟ ଅଞ୍ଚଳର ଭାଇଚାରାକୁ ଗୁରୁତ୍ୱ ଦିଆଯିବ। ତୋରଣ ଏବଂ ସାଜସଜ୍ଜା ଅପେକ୍ଷା ମା'ଙ୍କ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯିବ। ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ପାଇଁ କମିଟି କର୍ମକର୍ତ୍ତାଙ୍କ ସହ ପୋଲିସ ରହିବେ।

-ରାଜେନ୍ଦ୍ର ସମର୍ଥା, ପୂଜା କମିଟି ସଭାପତି

### ରୀତିନୀତି ମା'ଙ୍କ ପୂଜାର୍ଚ୍ଚନା



ରୀତିନୀତି ଅନୁସାରେ ମା'ଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ମହାଷ୍ଟମୀରେ ଆମିଷ ଭୋଗ ଅନୁଷ୍ଠାନର ସଦସ୍ୟ ଓ ସମସ୍ତ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ। ସରକାରୀ ନିୟମ ଅନୁଯାୟୀ ପୂଜା ପାଳନ କରାଯିବା ସହିତ ଏଥର ଆଲୋକୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି।

- ବିଜୟ ମହାପାତ୍ର, ପୂଜା କମିଟି ସମ୍ପାଦକ

ପୁରୁଣା ଭୁବନେଶ୍ୱର ହାଟସାହି ଦୁର୍ଗାପୂଜା କମିଟି

ଦେବୀ ଦୁର୍ଗାଙ୍କୁ ଆବାହନ ପାଇଁ ରାଜଧାନୀର ପୂଜା ମଣ୍ଡପଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରିଛନ୍ତି। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜାମଣ୍ଡପ। ଏହି ପରିପ୍ରେକ୍ଷୀରେ ପୁରୁଣା ଭୁବନେଶ୍ୱରର ହାଟସାହି ଦୁର୍ଗାପୂଜା କମିଟିର ମଧ ପ୍ରସ୍ତୁତି ଶେଷ ହୋଇଛି। କଟକର ବିଶିଷ୍ଟ କାରିଗରିଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କରାଯାଇଛି। ଚାନ୍ଦି ମୁକୁଟରେ ଝଟକିବେ ମା'। ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜା ଅଞ୍ଚଳ। ପ୍ରତିବର୍ଷ ଭଳି ଏବର୍ଷ ମଧ ମହାଷ୍ଟମୀରେ ମା'ଙ୍କ ନିକଟରେ ଆମିଷ ଭୋଗ ଲାଗି ହେବ। ଏହାକୁ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଯାଇଥାଏ। ମହାନବମୀରେ କୁମାରୀ ପୂଜା ଏବଂ ସପ୍ତମୀରେ ସାହିର ବରିଷ୍ଠ ଓ କନିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ପରମ୍ପରା ରହିଆସିଛି। ଭସାଣି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ବାଜାର ଆୟୋଜନ କରାଯାଇଛି। ବ୍ରହ୍ମପୁରରୁ ପତକା, ବାଘ, ଘୋଡା, ବଗବଗୁଲି, ସୋନପୁରରୁ ଘଣ୍ଟ, ଜଟଣୀର ମାଦଳ ବାଜା, ଜୁନାଗଡ଼ର ସିଂହ ବାଜା, ବ୍ୟାଣ୍ଡପାର୍ଟି ସହିତ ମଧ୍ୟପ୍ରଦେଶର ଉଜ୍ଜୟିନୀ ମହାକାଳେଶ୍ୱରର ଡମ୍ବୁର ଢୋଲ ମୁଖ୍ୟ ଆକର୍ଷଣ ରହିବ।

# ଭସାଣିରେ ଆକର୍ଷଣ ସାଜିବ ପାରମ୍ପରିକ ବାଜା

## କଳାରାହାଙ୍ଗ ସାର୍ବଜନୀନ ଦୁର୍ଗାପୂଜା ସମିତି

ଭୁବନେଶ୍ୱର, ୨୭।୯ (ସୁଚିସ୍ମିତା ସାହୁ): କଳାରାହାଙ୍ଗ ସାର୍ବଜନୀନ ଦୁର୍ଗାପୂଜା ସମିତି ଚଳିତବର୍ଷ ୨୫ତମ ବର୍ଷରେ ପଦାର୍ପଣ କରିଛି। କ୍ଲବ ପକ୍ଷରୁ ପ୍ରତିବର୍ଷ ପରି ଏବର୍ଷ ମଧ ମା'ଙ୍କ ପୂଜା ଆଡମ୍ବରରେ କରାଯାଉଛି। ଆକର୍ଷଣୀୟ ତୋରଣ ନିର୍ମାଣ ହୋଇଛି। ଏହାର ଉଚ୍ଚତା ୪୦ ଫୁଟ ରହିଥିବା ବେଳେ ପ୍ରସ୍ଥ ୨୦ ଫୁଟ ରହିଛି। ବାରଙ୍ଗ ଫୁଲପୋଖରୀ କାରିଗରଙ୍କ ଦ୍ୱାରା ମା'ଙ୍କ ୧୪ ଫୁଟ ଉଚ୍ଚତାର ମୂର୍ତ୍ତି ସହ ପାର୍ଶ୍ୱଦେବଦେବୀ ତିଆରି ସରିଛି। ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଯିବା ସହିତ ଦୁଇଟି ଲାଇଟ୍ ଗେଟ କରାଯାଇଛି। ଷଷ୍ଠୀ ତିଥିରୁ ବେଲବରଣ ଓ କଳସ ଯାତ୍ରା କରାଯିବ। ମା'ଙ୍କ ନିକଟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯିବ। ଷଷ୍ଠୀ ଦିନ ପ୍ରବଚନ, ସପ୍ତମୀ ଦିନ ଭଜନ ସନ୍ଧ୍ୟା, ଅଷ୍ଟମୀ ଦିନ ଡ୍ୟାନ୍ସ, ନବମୀରେ ମେଲୋଡି ଏବଂ ଦଶମୀରେ ଡ୍ୟାନ୍ସ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଭସାଣିରେ ଡିଜେ, ବାଣକୁ ବର୍ଜନ କରାଯାଇଛି। ପାରମ୍ପରିକ ନୃତ୍ୟ ଓ ବାଜା ଆକର୍ଷଣ ସାଜିବ। ଢୋଲ, ନିଶାନ, ମୃଦଳ, ସମ୍ବଲପୁର ବାଜା ସହ ଘଣ୍ଟ ଧ୍ୱନିରେ ମେଲାଣି ନେବେ ମା'।



### ପ୍ଲାଷ୍ଟିକମୁକ୍ତ ପୂଜା, ଷଷ୍ଠୀରୁ ଦଶମୀ ପ୍ରସାଦ ବ୍ୟବସ୍ଥା



ପୂଜାରେ ନିଶାମୁକ୍ତ ଏବଂ ପ୍ଲାଷ୍ଟିକ ବର୍ଜନକୁ ଗୁରୁତ୍ୱ ଦିଆଯିବ। ପ୍ଲାଷ୍ଟିକ ଜିନିଷରେ ପୂଜା ସାମଗ୍ରୀ ଆଣିବାକୁ ବାରଣ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ୫ଶହ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି। ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ନାଚ ଗୀତ ଓ ମିନାବଜାର ଆଦି ରହିଛି।

-ସୁକାନ୍ତ ପଣ୍ଡା, ସଭାପତି

### ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଉଛି। ବରିଷ୍ଠ ନାଗରିକ, ମହିଳା ଏବଂ ଭିନ୍ନକ୍ଷମଙ୍କ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପୂଜା ହେଉଥିବା ଅଞ୍ଚଳଗୁଡ଼ିକୁ ସିସିଟିଭି ନଜରରେ ରଖାଯାଇଛି। ଏଥିସହ ୨୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସମେତ ପୋଲିସ ମୁତୟନ ରହିବେ।

-ଲକ୍ଷ୍ମୀଧର ମହାପାତ୍ର, ସମ୍ପାଦକ

# ବିକାଶ ଅପେକ୍ଷାରେ ପର୍ଯ୍ୟଟନ କ୍ଷେତ୍ର

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)



■ ପର୍ଯ୍ୟଟକଙ୍କ ପାଇଁ ନାହିଁ ଆନୁଷଙ୍ଗିକ ବ୍ୟବସ୍ଥା
■ ଭିତ୍ତିଭୂମି ଅଭାବରୁ ମୁହଁ ଫେରାଉଛନ୍ତି
■ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ଖୋର୍ଦ୍ଧା ଜିଲାର ବହୁ ପର୍ଯ୍ୟଟନ କ୍ଷେତ୍ର ଅବହେଳିତ ଅବସ୍ଥାରେ ରହିଛି। ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ଭିତ୍ତିଭୂମି ଅଭାବରୁ ଏହାର ଅସ୍ତିତ୍ୱ ହଜିବାକୁ ବସିଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଜିଲା ପ୍ରଶାସନର ଅବହେଳାରୁ ପର୍ଯ୍ୟଟନ କ୍ଷେତ୍ରଗୁଡିକ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ବେଳେ ଧୀରେଧୀରେ ପର୍ଯ୍ୟଟକ ମଧ୍ୟ ମୁହଁ ଫେରାଇବାରେ ଲାଗିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ବରୁଣେଇ ପାହାଡ଼। ଏଠାରେ ଖୋର୍ଦ୍ଧାଗଡ଼ ରାଜାଙ୍କ ଇଷ୍ଟଦେବୀ ମା' ବରୁଣେଇ ଓ କରୁଣେଇଙ୍କ ଆସ୍ଥାନ ରହିଛି। ପର୍ଯ୍ୟଟନର ମାନ୍ୟତା ମିଳିଥିଲେ ମଧ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଅଳିଆ, ଆବର୍ଜନା ପଡ଼ିରହିଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ନାହିଁ। ପାଣି ଟ୍ୟାପ୍ ଭାଙ୍ଗିରୁଜି ଯାଇଥିବା ବେଳେ ପାଦଦେଶରୁ ମା'ଙ୍କ ପୀଠକୁ ଯାଇଥିବା ପାହାଚ ମଧ୍ୟ ଭାଙ୍ଗିଗଲାଣି। ବରୁଣେଇ ପାଦଦେଶରୁ ଉପରକୁ ସଂଯୋଗ ଲାଗି ପ୍ରସ୍ତାବିତ ରୋପ୍ ୱେ ସରକାରୀ ନାଲିଫିତା ତଳେ ଚାପିହୋଇ ରହିଯାଇଛି। ସେହିପରି ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ତଥା ଶେଷ ସ୍ୱାଧୀନ ଦୁର୍ଗଭାବେ ପରିଚିତ ଖୋର୍ଦ୍ଧାଗଡ଼ ବିଲୁପ୍ତ ଅବସ୍ଥାରେ। ଏବେ ଏହାର ଅସ୍ତିତ୍ୱ ହଜିଯିବାକୁ ବସିଛି। ଗଡ଼ର ପୁନରୁଦ୍ଧାର ଲାଗି କୌଣସି ବ୍ୟବସ୍ଥା କରାଯାଉନାହିଁ। ଗଡ଼ ଭିତରେ ଥିବା ଅନେକ ଐତିହ୍ୟ କୀର୍ତ୍ତିରାଜି ମଧ୍ୟ ନଷ୍ଟହେବାକୁ ବସିଛି। ଏହି ଦୁର୍ଗ ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ୧୯୭୮ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଖୋର୍ଦ୍ଧାଦୁର୍ଗର ବିକାଶ କାର୍ଯ୍ୟ ହାତକୁ ନେଇଥିଲା। ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ଲାଗି ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି। ତେବେ ଏହି ଗଡ଼ର ଜରାଜୀର୍ଣ୍ଣ ଅବସ୍ଥା ଯୋଗୁ ଏଠାକୁ ପର୍ଯ୍ୟଟକ ଆସୁ ନ ଥିବା ଜଣାପଡ଼ିଛି। ସେହିପରି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୁଞ୍ଜବନ ମଠ ଅବହେଳିତ ଅବସ୍ଥାରେ ରହିଛି। ତେବେ ଏହି ସ୍ଥାନର ବିକାଶ ପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥ ଜାଗୁଲିପାଟଣା ଗ୍ରାମରେ ବିଜେ କରିଛନ୍ତି ଶ୍ରୀ ଅନନ୍ତ ପୁରୁଷୋତ୍ତମ। ଏଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂର୍ଣ୍ଣ ବିଗ୍ରହ ପୂଜା ପାଉଛନ୍ତି। ପର୍ଯ୍ୟଟନ ମାନ୍ୟତା ସତ୍ତ୍ୱେ ଭିତ୍ତିଭୂମିର ବିକାଶ ନାହିଁ। ସଂଯୋଗ ରାସ୍ତାଟି ଖାଲଖମାରେ ପରିପୂର୍ଣ୍ଣ ଥିବା ବେଳେ ଚନ୍ଦନ ପୋଖରୀର ପୁନରୁଦ୍ଧାର କରାଯାଉନାହିଁ। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଅତ୍ରିସ୍ଥିତ ଉଷ୍ଣ ପ୍ରସ୍ରବଣ। ବର୍ଷସାରା ଗରମ ବାମ୍ଫ ବାହାରୁଥିବା କୁଆକୁଣ୍ଡ ମଧ୍ୟ ବିପର୍ଯ୍ୟସ୍ତ ଅବସ୍ଥାରେ। ପର୍ଯ୍ୟଟକଙ୍କ ପାଇଁ ଏଠାରେ କୌଣସି ସୁବିଧା ନାହିଁ। ଏକାଦଶ ରୁଦ୍ର ଶ୍ରୀହଟ୍ଟକେଶ୍ୱର ପୀଠ ଐତିହ୍ୟ କୀର୍ତ୍ତି ସତ୍ତ୍ୱେ ଏହାର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଗୁରୁଜଙ୍ଗଠାରେ ଧବଳେଶ୍ୱର ପୀଠ ରହିଛି। ଏହି ଐତିହାସିକ ପୀଠ ପର୍ଯ୍ୟଟନର ମାନ୍ୟତା ପାଇଛି। ଐତିହ୍ୟ ସ୍ମୃତିକୁ ସାଉଁଟି ରଖିଥିବା ଏହି ପୀଠର ଆନୁଷଙ୍ଗିକ ବ୍ୟବସ୍ଥା ତଥା ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସେହିଭଳି ଚିଲିକାର କାଙ୍କଣଶିଖରୀ(ଏକ ଟାପୁ)ରେ ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ପଦଚିହ୍ନ ସ୍ୱରୂପ ନନ୍ଦିଘୋଷ ରଥର ଚକା ଏବଂ ଚତୁର୍ଦ୍ଧା ବିଗ୍ରହ ପୂଜା ପାଉଛନ୍ତି। ଏହାକୁ ପର୍ଯ୍ୟଟନର ମାନ୍ୟତା ମିଳିଛି। ତେବେ ଚିଲିକା ମଧ୍ୟଦେଇ କାଙ୍କଣଶିଖରୀ ଯିବାକୁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଏହି କ୍ଷେତ୍ରର ବିକାଶ ପ୍ରତି ସରକାରଙ୍କ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିପରି ଜରିପୁଟ ଗ୍ରାମ ନିକଟ ତନ୍ତ୍ର ମୁଣ୍ଡିଆ ପାହାଡ଼ ଉପରେ ବିଜେ କରିଛନ୍ତି ସଙ୍କଟମୋଚନ। ଏହି ମନ୍ଦିରକୁ ମଧ୍ୟ ପର୍ଯ୍ୟଟନର ମାନ୍ୟତା ମିଳିଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମସ୍ଥଳ, ପାନୀୟଜଳର ସେଭଳି କୌଣସି ବ୍ୟବସ୍ଥା କରାଯାଇନାହିଁ। ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଭିତ୍ତିଭୂମି ଓ ବିକାଶ ପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ୮୮ ହଜାର ଟଙ୍କାର ବାଣ ଜବତ, ୨ ଗିରଫ

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)



ରାଜ୍ୟ ପୋଲିସ ପକ୍ଷରୁ ଦଶହରାକୁ ଦୃଷ୍ଟିରେ ରଖି ଅପରେଶନ ଅଗ୍ନି ଚାଲିଛି। ଏହି କ୍ରମରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ ଜାରି ରହିଛି। ବାଘମାରୀ ଏବଂ ଟାଙ୍ଗୀ ପୋଲିସ ଚଢ଼ାଉ ସମୟରେ ୮୮କେଜି ବାଣ ଜବତ କରିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୮୮ ହଜାର ଟଙ୍କା ହେବ। ଏଭଳି ପୃଥକ୍ ମାମଲାରେ ୨ଜଣ ଗିରଫ ହୋଇଛନ୍ତି। ସୂଚନା ମୁତାବକ, ବାଘମାରୀ ପୋଲିସ ଶନିବାର ୬୫ କେଜିରୁ ଊର୍ଦ୍ଧ୍ୱ ବାଣ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ। ବେଆଇନ ବାଣ କାରବାର ନେଇ ପଙ୍ଗାରସିଂହ ଗ୍ରାମର ମୁବାରକ୍ ଖାଁଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଶମ୍ଭୁନାଥ ନାୟକ କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୨୦୩/୨୫) ରୁଜୁ ହୋଇଛି। ସେହିପରି ଟାଙ୍ଗୀ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉକରି ୮ କେଜି ବାଣ ଜବତ କରିଥିବା ବେଳେ ଏହାର ମୂଲ୍ୟ ୮ ହଜାର ଟଙ୍କା ହେବ। ଏଥିରେ ସମ୍ପୃକ୍ତି ନେଇ ଜଣଙ୍କୁ ଗିରଫ କରାଯାଇଛି। ତେବେ ଗିରଫ ଅଭିଯୁକ୍ତଙ୍କର ପରିଚୟ ମିଳିପାରିନାହିଁ।

## ୩୦ ମଇଁଷି ଉଦ୍ଧାର, ଜଣେ ଗିରଫ

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)

### ଆଇଚର, ପିକ୍ଅପ୍ ଭ୍ୟାନ୍ ଜବତ

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ପଣ୍ଡିତ୍ ଢାବା ନିକଟରୁ ବଜରଙ୍ଗ ଦଳ କର୍ମୀ ମଇଁଷି ବୋଝେଇ ଦୁଇଟି ଆଇଚର ଏବଂ ଏକ ପିକ୍ଅପ୍ ଭ୍ୟାନ୍ ଜବତକରି ଖୋର୍ଦ୍ଧା ସଦର ଥାନା ଜିମା ଦେଇଛନ୍ତି। ପୋଲିସ ଗାଡ଼ି ଜବତ କରିବା ସହ ୩୦ଟି ମଇଁଷି ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ତେଲଙ୍ଗାନା ଅଞ୍ଚଳର ଶ୍ରୀନିବାସ(୩୯)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଦୁଇଟି ଆଇଚର ଏବଂ ଏକ ପିକ୍ଅପ୍ ଭ୍ୟାନ୍‌ରେ ମଇଁଷି ବୋଝେଇ ହୋଇ ଆସୁଥିବା ଖବରପାଇ ବଜରଙ୍ଗ ଦଳ ସଦସ୍ୟ ଓ ଗୋ-ସୁରକ୍ଷା ବାହିନୀର କର୍ମକର୍ତ୍ତା ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚବେଳେ ସେଥିରେ ୩୦ ମଇଁଷି ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରୁ ଦୁଇ ଡ୍ରାଇଭର ଖସିଯାଇଥିବା ବେଳେ ଜଣେ ଡ୍ରାଇଭର ଶ୍ରୀନିବାସଙ୍କୁ ପୋଲିସ ଧରିଛି। ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୮୬/୨୫) ରୁଜୁ କରିଛି। ଉଦ୍ଧାର ମଇଁଷିଙ୍କୁ ନୟାଗଡ଼ ଖଣ୍ଡପଡ଼ାସ୍ଥିତ କାମଧେନୁ ଗୋଶାଳାରେ ଛଡ଼ାଯାଇଛି।

## ଦେଶୀ ମଦ ସହ ୧୧ କେଜି ଗଞ୍ଜେଇ ଜବତ, ୨ ଗିରଫ

ବାଲୁଗାଁ/ବାଣପୁର,୨୭।୯
(ସଂଗ୍ରାମ ପାଇକରାୟ/ଦିଲୀପ କୁମାର ସ୍ୱାଇଁ)

ବାଲୁଗାଁ ଏବଂ ଟାଙ୍ଗୀ ଅବକାରୀ ଟିମ୍ ଶନିବାର ପୃଥକ୍ ଭାବେ ଦୁଇଟି ସ୍ଥାନରେ ଚଢ଼ାଉକରି ଦେଶୀ ମହୁଲି ମଦ ଏବଂ ୧୧ କେଜି ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ନେଇ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କାର୍ତ୍ତିକ ସେଠୀ ଏବଂ ବାଦଲ ଚମ୍ପତି। ସୂଚନା ମୁତାବକ, ଦଶହରା ଉପଲକ୍ଷେ ଗ୍ରାମାଞ୍ଚଳରେ ବେଆଇନ ନିଶା କାରବାର ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେରଖି ଖୋର୍ଦ୍ଧା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ ଅଭିଯାନକୁ ଜୋରଦାର କରାଯାଇଛି। ଶନିବାର ସକାଳେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ପ୍ରଥମେ ବାଣପୁର ଥାନା ଡୁମୁରାପୁଟ ଗ୍ରାମରେ ଚଢ଼ାଉ କରାଯାଇ ୭୦ ଲିଟର ମହୁଲି ମଦ ଜବତ ସହ କାର୍ତ୍ତିକଙ୍କୁ ଗିରଫ କରାଯାଇଥିଲା। ସେହିପରି ଟାଙ୍ଗୀ ଥାନା ସୋରଣ ଗ୍ରାମରୁ ବାଦଲଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୧୧ କେଜି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୧ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ଆକଳନରୁ ଜଣାପଡ଼ିଛି। ଏନେଇ ପୃଥକ୍‌ଭାବେ ଦୁଇଟି ମାମଲା (ନଂ.୧୫୫, ୧୫୬/୨୫) ରୁଜୁ ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ବାଲୁଗାଁ ଏଏସ୍ଆଇ ମୀନକେତନ ମହାଳିକ, ରଞ୍ଜିତ ପଟେଲ, ସୁନିତା ମହାରଣା, ଅନିଲ କୁମାର ପ୍ରଧାନ, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।




ନବରାତ୍ରର ଷଷ୍ଠ ଦିବସରେ ଶନିବାର ଟାଙ୍ଗୀ ବ୍ଲକ୍ ରାଉତପଡ଼ା ପଞ୍ଚାୟତ ଅଧୀନ ମା'ଉଗ୍ରତାରା ଏବଂ ରାମେଶ୍ୱର ପଞ୍ଚାୟତର ମା' ବନଦୁର୍ଗା କାତ୍ୟାୟନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। **(ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)**

## ଓସିଏସ୍ ପରୀକ୍ଷାରେ ଶୁଭଶ୍ରୀ, ସୌମ୍ୟରଞ୍ଜନ କୃତକାର୍ଯ୍ୟ



ଶୁଭଶ୍ରୀ ଅଙ୍କିତା ପ୍ରଧାନ



ସୌମ୍ୟରଞ୍ଜନ ଜେନା

ଟାଙ୍ଗୀ/କୃଷ୍ଣପ୍ରସାଦ,୨୭।୯
(ରଘୁନାଥ ସାହୁ/କୈଳାସ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ୨୦୨୩ର ଚୂଡ଼ାନ୍ତ ଫଳ ଗତ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପାରିଓରଡ଼ ଗ୍ରାମର ଶୁଭଶ୍ରୀ ଅଙ୍କିତା ପ୍ରଧାନ ୧୦୧ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ଏହି ସଫଳତାର ଶ୍ରେୟ ତାଙ୍କ ବାପା, ମା', ବଡ଼ଭାଇ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଇଛନ୍ତି। ନିଷ୍ଠା, ଏକାଗ୍ରତା ସହ କଠୋର ପରିଶ୍ରମ କଲେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବ ବୋଲି ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ ଶୁଭଶ୍ରୀ ପରାମର୍ଶ ଦେଇଛନ୍ତି। ୨୦୨୪ ମସିହାରେ ସେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଚାକିରି ସମୟ ମଧ୍ୟରେ ନିଜକୁ ପ୍ରସ୍ତୁତ କରି ଦ୍ୱିତୀୟ ପ୍ରଚେଷ୍ଟାରେ ସେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

ସେହିପରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ଟାପୁରେ ଥିବା ବ୍ରହ୍ମପୁର ଗ୍ରାମର ସୌମ୍ୟରଞ୍ଜନ ଜେନା ୨୬୯ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ତାଙ୍କର ଏହି ସଫଳାର ଶ୍ରେୟ ପରିବାର ଏବଂ ଶିକ୍ଷକଙ୍କୁ ଦେଇଛନ୍ତି। ଏନେଇ ସୌମ୍ୟରଞ୍ଜନ କହିଛନ୍ତି ଯେ, ଦିନକୁ ୧୨ଘଣ୍ଟା ପାଠ ପଢିଥାନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ବିନା କୋଚିଂରେ ଘରେ ପଢ଼ି ଏହି ସଫଳତା ହାସଲ କରିଛନ୍ତି। ପ୍ରଶାସନିକ କ୍ଷେତ୍ରରେ ନିଯୁକ୍ତି ପାଇଲେ ସାଧାରଣ ଲୋକଙ୍କୁ ତାଙ୍କର ମୌଳିକ ସୁବିଧା ଯୋଗାଇଦେବେ ବୋଲି ସେ କହିଛନ୍ତି।

## ୬୫ ମହିଳା ନିର୍ମାଣ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ମହିଳା ନିର୍ମାଣ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)

'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ମହିଳା ନିର୍ମାଣ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୬୫ ଜଣ ମହିଳା ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଛି। ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଡ. ବିଷ୍ଣୁପ୍ରିୟା ଦାସ, ଡ. ଏ.କେ. ଶୁଭଶ୍ରୀ ଚାନ୍ଦ, ଫାର୍ମାସିଷ୍ଟ ଚିନ୍ମୟ ଖଣ୍ଡାୟତରାୟ, ଆଲୋକ କୁମାର ରଣସିଂ, ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଅଣସଂକ୍ରାମକ ରୋଗ, ଯକ୍ଷ୍ମା, ରକ୍ତହୀନତା, ରକ୍ତଚାପ ଏବଂ ମଧୁମେହ ରୋଗର ଚିକିତ୍ସା କରିଥିଲେ। ଋତୁସ୍ରାବ ସମୟରେ କିଭଳି ପରିଷ୍କାର ପରିଚ୍ଛନ୍ନତା ରହିବେ ସେନେଇ ବୁଝାଇଥିଲେ। ସହକାରୀ ଶ୍ରମ ଅଧିକାରୀ ବିକାଶ କୁମାର ନାୟକ ସଂଯୋଜନା କରିଥିଲେ। ଶ୍ରମ ବିଭାଗର ଡିଇଓ ଆଶିଷ ରଞ୍ଜନ ମହାପାତ୍ର, ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)

### ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲା

ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲାର ରାୟ ଶନିବାର ଖୋର୍ଦ୍ଧା କୋର୍ଟରେ ପ୍ରକାଶ ପାଇଛି। ପ୍ରଥମ ଏଡିଜେ ରଞ୍ଜୁଲତା ଲେଙ୍କା ଏହି ମାମଲାର ଶୁଣାଣିକରି ଅଭିଯୁକ୍ତଙ୍କୁ ଦଫା ୩୦୨ରେ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ବାଙ୍କୀ ଥାନା ଘୋଳପୁର ଗ୍ରାମର ନରେନ୍ଦ୍ର ମହାରଣା ଓରଫ ବାବୁଲି। ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

୨୦୧୯ ଜାନୁଆରୀ ୩୦ରେ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ବାଘମାରୀ ଫାଣ୍ଡି କଣ୍ଟାମଲିମ ସିମୋର ଗ୍ରାମରେ ଘଟିଥିଲା ଏହି ବୀଭତ୍ସ ହତ୍ୟାକାଣ୍ଡ। ସୂଚନାଥାଉ କି, ଉକ୍ତ ଗ୍ରାମର ଗୋପାଳ ଚନ୍ଦ୍ର ପାତ୍ର କୋଠାଘର ନିର୍ମାଣ କରୁଥିଲେ। ତାଙ୍କ ସାନପୁଅ ସତ୍ୟବ୍ରତ ଓରଫ ତପି ଭୁବନେଶ୍ୱରରେ ଚାକିରି କରୁଥିବା ବେଳେ ଘରକାମ ବୁଝାଶୁଝା କରୁଥିଲେ। ଗୋପାଳ ଘରର କେୟାରଟେକର ଭାବେ ଅଭିଯୁକ୍ତ ନରେନ୍ଦ୍ରଙ୍କୁ ରଖିଥିଲେ। ତେବେ ନରେନ୍ଦ୍ର ସବୁବେଳେ ମଦ୍ୟପାନ କରୁଥିବାରୁ ସତ୍ୟବ୍ରତ ତାଙ୍କୁ ବାରମ୍ବାର ବାରଣ କରୁଥିଲେ। ଏପରିକି ମଦ୍ୟପାନ ଘଟଣାକୁ ନେଇ ନରେନ୍ଦ୍ର ଓ ସତ୍ୟବ୍ରତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମଦ୍ୟପାନ କଲେ ତାଙ୍କୁ ଘରୁ ବାହାର କରିଦେବେ ବୋଲି ସତ୍ୟବ୍ରତ କହି ଶୋଇବାକୁ ଯାଇଥିଲେ। ଏଥିରେ ନରେନ୍ଦ୍ର ଉତ୍କ୍ଷିପ୍ତ ହୋଇ ବିଳମ୍ବିତ ରାତିରେ ସତ୍ୟବ୍ରତଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଅଙ୍ଗାରରେ ଘର କାନ୍ଥରେ ହତ୍ୟାର କାରଣ ଲେଖି ବାହାରପଟ କବାଟରେ ତାଲା ପକାଇ ନରେନ୍ଦ୍ର ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ମୃତକଙ୍କ ବାପା ଗୋପାଳଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୨୮/୨୦୧୯) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଘଟଣାସ୍ଥଳରୁ ରକ୍ତଭିଜା ଟାଙ୍ଗିଆ ଜବତ କରିବା ସହ ଅଭିଯୁକ୍ତ ନରେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଏହି ମାମଲା କୋର୍ଟରେ ବିଚାରାଧୀନ ରହିଥିଲା। ଶନିବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ପ୍ରଥମ ଏଡିଜେ ୨୩ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ : ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ଜଳିଗଲା



ବୋଲଗଡ଼,୨୭।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ୍ ପିତୁକୁଳି ପାଟଣାସାହିରେ ଶନିବାର ରୋଷେଇ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ବହୁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ପୋଡ଼ିଯାଇଥିବା ସାମଗ୍ରୀର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସୂଚନା ମୁତାବକ, ଏହି ଗ୍ରାମର ଦୀନବନ୍ଧୁ ପଟ୍ଟନାୟକଙ୍କ ସାନବୋହୂ ସକାଳ ସାଢ଼େ ୯ଟାରେ ରୋଷେଇ କରୁଥିଲେ। ଏହି ସମୟରେ ହଠାତ୍ ସିଲିଣ୍ଡର ପାଇପ୍‌ରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଏହା ଦେଖି ପରିବାର ଲୋକେ ଘରୁ ବାହାରକୁ ପଳାଇ ଆସିଥିଲେ। ତେବେ ଅଗ୍ନିକାଣ୍ଡରେ ଘରେ ଥିବା ୩୦ହଜାର ଏଲ୍ଇଡି ବଲ୍ବ, ୩ଟି କମ୍ପ୍ୟୁଟର, ଦୁଇଟି ଫ୍ରିଜ୍, ୱାଶିଂ ମେଶିନ, କଫି ମେଶିନ, ୨୦ଟି ନୂଆ ମୋଟର ସହ ଅନେକ ଦାମୀ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେହିପରି ପିତୁକୁଳି ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଅଗ୍ନିବିପନ୍ନ ପରିବାରକୁ ଜରିପାଲ ଯୋଗାଇ ଦେଇଛନ୍ତି।

## ଗଡ଼ସାନପୁଟକୁ ହରାଇ ବାରଙ୍ଗ ବିଜୟୀ

ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ



ବୋଲଗଡ଼,୨୭।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ୍ ବାଙ୍କୋଇ କଟେରିବର କବାଡ଼ି ଖେଳ ପଡ଼ିଆରେ ମା' ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୫ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପୁରୀ ଜିଲା ଗଡ଼ସାନପୁଟ କବାଡ଼ି ଟିମ୍‌କୁ ୧୫ ପଏଣ୍ଟ ଅଧିକ ବ୍ୟବଧାନରେ ପରାସ୍ତ କରି ବାରଙ୍ଗ କବାଡ଼ି ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ଗଡ଼ସାନପୁଟ ଟିମ୍ ୯ ପଏଣ୍ଟ ହାସଲ କରିଥିବା ବେଳେ ବାରଙ୍ଗ ଟିମ୍ ୧୮ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ନିର୍ଦ୍ଧାରିତ ସମୟ ଶେଷସୁଦ୍ଧା ଗଡ଼ସାନପୁଟ ଟିମ୍ ୨୧ ପଏଣ୍ଟ ପାଇଥିବା ବେଳେ ବାରଙ୍ଗ ଟିମ୍ ୩୬ ପଏଣ୍ଟ ହାସଲକରି ମ୍ୟାଚ୍ ବିଜୟୀ ହୋଇଛି। ରେଫରି ଭାବେ ଭାଗୀରଥି ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, ନୀଳକଣ୍ଠ ବେହେରା, ଅଜୟ ବଳିୟାରସିଂହ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ବଂଶୀଧର ସାହୁ, ସମ୍ମାନିତ ଅତିଥି ସାମାଜିକ କର୍ମୀ ବିଶ୍ୱରଞ୍ଜନ ବିଶ୍ୱାଳ, ଶିକ୍ଷକନେତା ସୁମନ୍ତ ଛୋଟରାୟ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ତୃତୀୟ ଲିଗ୍ ମ୍ୟାଚ ନୟାଗଡ଼ ଜିଲା ବାଦଭୂଇଁ କବାଡ଼ି ଟିମ୍ ଏବଂ ଭୁବନେଶ୍ୱର ପଟିଆ କବାଡ଼ି ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟିମ୍ ସଦସ୍ୟ ସୁରେଶ କୁମାର ସାମନ୍ତରାୟ କହିଛନ୍ତି।

## ପରିଛଳ କପ୍ : ଆଇଆର୍‌ସି ଭିଲେଜ ବିଜୟୀ

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ପରିଛଳ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୩ତମ ରାଜ୍ୟସ୍ତରୀୟ ପରିଛଳ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନରେ ଆଇଆର୍‌ସି ଭିଲେଜ୍ ଭୁବନେଶ୍ୱର ଟିମ୍ ବିଜୟୀ ହୋଇଛି। ଶନିବାର ସ୍ଥାନୀୟ ଖେଳପଡ଼ିଆରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ କୁମାରବସ୍ତ ଏବଂ ଆଇଆର୍‌ସି ଭିଲେଜ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରାଇଜିଂ ଷ୍ଟାର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୭୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବସନ୍ତ ସାହୁ ୫୫ ଓ କୁଲଦୀପ ପାଇକରାୟ ୩୦ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସି.ଏସ୍. କାନୁନ୍‌ଗୋ ୩ ଓଭରରେ ୪ଟି ଉଇକେଟ ନେଇଥିଲେ। ଜବାବରେ ଆଇଆର୍‌ସି ଭିଲେଜ୍ ଟିମ୍ ୧୩ ଓଭରରେ ୧୭୫ ରନ୍ ସଂଗ୍ରହକରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅମୂଲ୍ୟ ପାତ୍ର ୬୫ ଏବଂ ସୌରଭ ଦାସ ୨୯ ରନ୍ କରିଥିଲେ। ବିପକ୍ଷ ଦଳର ବସନ୍ତ ସାହୁ ଏବଂ ଚନ୍ଦନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଶ୍ରୀନିବାସ ବାରିକ ଏବଂ ଦୀନବନ୍ଧୁ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ଅମୂଲ୍ୟ ପାତ୍ର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଦେଉଳି ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଯଦୁପୁର କ୍ରିକେଟ ଆସୋସିଏଶନ ଏବଂ ମାଣିଆବନ୍ଧ କ୍ରିକେଟ କ୍ଲବ୍ ବଡ଼ମ୍ବା ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

**ଆର୍‌ଏସ୍‌ଏସ୍ ପୁରୀ ନଗର ପକ୍ଷରୁ ପ୍ରସ୍ତୁତି ବୈଠକ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପୁରୀ ନଗର ତରଫରୁ ଚଳିତ ଶତାବ୍ଦୀ ବର୍ଷର ଯୋଜନା ସ୍ଥାନୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି, ପଥୁରିଆ ସାହିରେ ୨୬ରୁ ୨ତାରିଖ ପବିତ୍ର ବିଜୟା ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ୧୨ଟି ଉତ୍ସବ ପାଳନ ପାଇଁ ବୈଠକରେ ସ୍ଥିର ହୋଇଛି। ୧ ତାରିଖରେ ନଗରର ସାମୂହିକ ଉତ୍ସବ ପାଳନ କରାଯିବ। ପ୍ରାୟ ୫୦୦ ସ୍ୱୟଂସେବକ ଭାଗନେବେ। ବୈଠକରେ ନଗର ସଂଘ ଚାଳକ ଶ୍ୟାମସୁନ୍ଦର ହାଲଦାର, ଜିଲା କାର୍ଯ୍ୟବାହ ସର୍ବେଶ୍ୱର ବିଶୋଇ, ନଗର କାର୍ଯ୍ୟବାହ ସୁକାନ୍ତ ଦଳାଇ, ଜିଲା ପ୍ରଚାରକ ରଞ୍ଜନ ନାୟକ, ଲୋକନାଥ ମହାପାତ୍ର, ସୁଦର୍ଶନ ପଣ୍ଡା, ହୃଷୀକେଶ ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

- ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**

୨୦୧୫ ମସିହାରେ ସତ୍ୟବାଦୀ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ସତ୍ୟବାଦୀ ଥାନା ବଳପୁରର ଫକିର ଭୋଇ (୫୫)ଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଅଭିଯୁକ୍ତ ଫକିର ୨୦୧୫ ଡିସେମ୍ବର ୯ ତାରିଖରେ ନାବାଳିକା ଜଣଙ୍କ ଘରଠାରୁ ମାତ୍ର ୫୦ ମିଟର ଦୂର କେନାଲକୁ ବାସନ ମାଜିବାକୁ ଯାଇଥିଲେ। ଫକିର ସେଠାରେ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ନାବାଳିକା ତାଙ୍କ ହାତ କାମୁଡ଼ି ଖସିଆସି ଘରେ ଜଣାଇଥିଲା। ଏ ନେଇ ନାବାଳିକାଙ୍କ ବାପା ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୮୩/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୬ ଜାନୁଆରୀ ୩୧ ତାରିଖରେ ଏହାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ତେବେ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଦାଲତ ଏହି ରାୟ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୁହାଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

### ପର୍ଯ୍ୟଟକଙ୍କୁ ଫୁଲ ଚନ୍ଦନ ଦେଇ ଆତିଥେୟତା ପ୍ରଦାନ

- କୋଣାର୍କରେ ବିଶ୍ୱ ପର୍ଯ୍ୟଟନ ଦିବସ

**କୋଣାର୍କ,୨୭।୯(ଜ୍ୟୋତିରାଜ ମହାନ୍ତି)**

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ କୋଣାର୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାଭିୟର କଲେଜ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟର ଛାତ୍ରୀଛାତ୍ର ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ନୂଆଗାଁର ଛାତ୍ରୀଛାତ୍ରମାନଙ୍କୁ ନେଇ ସୂର୍ଯ୍ୟ ମନ୍ଦିର ସଂଲଗ୍ନ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଓ ପର୍ଯ୍ୟଟକଙ୍କୁ ସଚେତନତା କରାଯାଇଥିଲା। ଅତିଥି ଦେବୋ ଭବ ନାରାରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହ ଫୁଲ ଚନ୍ଦନ ଅର୍ପଣ କରାଯାଇ ଆତିଥେୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ କ୍ରୀଡ଼ା ଶିକ୍ଷକ ଅଭୟ ମଲ୍ଲ ଓ ଶିକ୍ଷକ ଭାଗୀରଥି ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟର ପଦ୍ମଚରଣ ପାତ୍ରଙ୍କ ସମେତ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଛଣିଜଙ୍ଗ ଉପସ୍ୱାସ୍ଥ୍ୟକେନ୍ଦ୍ର

**ଚାରିଛକ,୨୭।୯(ଶିଶିର କୁମାର ସ୍ୱାଇଁ)**

ଗ୍ରାମାଞ୍ଚଳରେ ତ୍ୱରିତ ପ୍ରାଥମିକ ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଥିଲା। ତେବେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ପ୍ରକୃତ ଲକ୍ଷ୍ୟଠାରୁ ଦୂରେଇ ଯାଇଛି ବୋଲି ଅଭିଯୋଗ ହେଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି, ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ଅଫିସ୍‌କୁ ଲାଗି ନିର୍ମିତ ହୋଇଛି ଉପସ୍ୱାସ୍ଥ୍ୟକେନ୍ଦ୍ର। ବିଶେଷ କରି ଉକ୍ତ ପଞ୍ଚାୟତରେ ବସବାସ କରୁଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା



ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ର ।

ନିମନ୍ତେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ରଟି ନିର୍ମିତ ହୋଇଥିଲା। ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ) ନିଯୁକ୍ତ ହୋଇଛନ୍ତି। ସେ ଅଧିକାଂଶ ସମୟ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବାରୁ ରୋଗୀସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସାଧାରଣ ରୋଗ ଜ୍ୱର, ଝାଡ଼ା, ଥଣ୍ଡା, କାଶ ଆଦି ହେଲେ ରୋଗୀ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ତାଙ୍କୁ ନ ପାଇ ଚାରିଛକ, ନିମାପଡ଼ା ଓ ଗୋପ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥାନ୍ତି। ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର ପରିସର ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଛି। ଅନାବନା ଘାସ, ଗଛ ଲତା ଚାରିଆଡ଼େ ମାଡ଼ିଯାଇଛି। ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ନେଇ ଅଞ୍ଚଳର ରାଜେଶ ମହାପାତ୍ର, ତୋଫାନ ମହାପାତ୍ର, ସୁକାନ୍ତ ଦାଶ, ପବିତ୍ର ବେହେରା, ଅଜୟ ବେହେରା, ପ୍ରତାପ କୁମାର ବାରିକ, ତୋଫାନ କୁମାର ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚାରିଛକ ଚିକିତ୍ସା କେନ୍ଦ୍ରର ମୁଖ୍ୟ ପି. କେ. ସାମନ୍ତରାୟଙ୍କୁ ପଚାରିବାରେ ସେ କହିଛନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

**ଅସ୍ତରଙ୍ଗ/କାକଟପୁର,୨୭।୯**
**(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)**

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ଆଶ୍ୱିନ ମାସ ମୂଳାଷ୍ଟମୀ ତିଥିରୁ ପାରମ୍ପରିକ ପ୍ରଥାନୁସାରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇଯାଇଛି। ମା' ମଙ୍ଗଳାଙ୍କୁ ଆଦ୍ୟାଶକ୍ତି ଭାବେ ବିବେଚନା କରାଯାଇଥାଏ। ଷୋଳପୂଜା ଅବସରରେ ଶନିବାର ଷଷ୍ଠୀତିଥିରେ ମା' କାତ୍ୟାୟନୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଏହି ଦିନ ଦେବତାମାନେ ମା' ଦୁର୍ଗାଙ୍କୁ ଅସ୍ତ୍ର ଭାବେ କାତି ବା ଖଣ୍ଡା ଏବଂ ଖର୍ପର ଅର୍ପଣ କରିଥାନ୍ତି ଏବଂ ମା' ଙ୍କୁ କାତ୍ୟାୟନୀ ବେଶରେ ଭୂଷିତ କରାଯାଇଥାଏ। ଏହି ଅବସରରେ ସକାଳେ ପାରମ୍ପରିକ ରୀତିନୀତି ସରିବା ପରେ ମା'ଙ୍କ ପହୁଡ଼ ପକାଯାଇ କାତି ଖର୍ପର ବେଶରେ ସଜ୍ଜିତ କରାଯାଇଥିଲା। ମା' ଙ୍କ ଭୁଜଲାଗି କରାଯିବା ପରେ ଗୋଟିଏ ହସ୍ତରେ କାତି ଏବଂ ଅନ୍ୟ ହାତରେ ରକ୍ତପୂର୍ଣ୍ଣ ପାତ୍ର ବା ଖର୍ପର ଅର୍ପଣ କରାଯାଇଥିଲା। ମା' ଙ୍କ ଚଳନ୍ତି ପ୍ରତିମା ରତ୍ନଗିରି ବିଜେ କରିବା ପରେ ବେଶପଣା ଭୋଗ କରାଯାଇ



ସର୍ବସାଧାରଣ ଦର୍ଶନ ନିମନ୍ତେ ପହୁଡ଼ ଖୋଲାଯାଇଥିଲା। ଏହି ଅବସରରେ ସମସ୍ତ ପୂଜାପଣ୍ଡା ଉପସ୍ଥିତ ଥିବାବେଳେ ପୂଜାପଣ୍ଡା ସେବକ ଭାବେ ରଘୁନାଥ ଦୀକ୍ଷିତ ଏବଂ ଷୋଡ଼ଶ ଉପଚାର ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।

## 'ଉନ୍ନତି ଯୋଜନା' ଶୀର୍ଷକ କର୍ମଶାଳା, କତାଶିଳ୍ପ ପ୍ରଦର୍ଶନୀ




ଆୟୋଜିତ ଆଞ୍ଚଳିକ ଯୋଜନା କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

**ନିମାପଡ଼ା,୨୭।୯(ବିଚିତ୍ରାନନ୍ଦ ସାହୁ)**

ଆଞ୍ଚଳିକ କୟର ବୋର୍ଡ ବିଭାଗ (ଭୁବନେଶ୍ୱର) ତରଫରୁ କତାଶିଳ୍ପ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇମାନଙ୍କର ମୂଲ୍ୟ ଓ ଗୁଣାତ୍ମକ ପ୍ରତିଯୋଗିତାମୂଳକ ଉନ୍ନତି ଶୀର୍ଷକ ଏକ ଆଞ୍ଚଳିକ କର୍ମଶାଳା ନିମାପଡ଼ା ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ କୟର ବୋର୍ଡ ଏମ୍‌ଜେଡ୍‌ର ବିକାଶ ଅଧିକାରୀ ସୁରେଶ କୁମାର, କୟର ବୋର୍ଡ ଭୁବନେଶ୍ୱରର ଆଞ୍ଚଳିକ ଅଧିକାରୀ ଦୁର୍ଗା ଦାସ ଟି, ପୁରୀ ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି)ର ଅଧିକାରୀ, ଭୁବନେଶ୍ୱର ନଡ଼ିଆ ବିକାଶ ବୋର୍ଡର ଅଧିକାରୀ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ (ଓଏସ୍‌ଆଇଏମ୍‌ଏ)ର ସଚିବ, ନିମାପଡ଼ା ବ୍ଲକ ଓଡ଼ିଶା ଜୀବିକା ମିଶନ ବିଭାଗର ବିପିଏମ୍ ମୋନାଲିସା ତ୍ରିପାଠୀ ପ୍ରମୁଖ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ କତା ଶିଳ୍ପ କ୍ଷେତ୍ରରେ ସୁଯୋଗ ଏବଂ ଚ୍ୟାଲେଞ୍ଜ ଉପରେ କତା ଶିଳ୍ପର ଗୁଣବତ୍ତା, ବୃଦ୍ଧି, ଆର୍ଥିକ ସହାୟତା ଓ ବଜାର ସଂଯୋଗୀକରଣର ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କତା ଉତ୍ପାଦନ ସାମଗ୍ରୀର ଏକ ପ୍ରଦର୍ଶନୀ ଓ କୟର ପ୍ରକ୍ରିୟାକରଣ ମେସିନ୍‌ଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା। କର୍ମଶାଳାରେ ୧୦୦ ଜଣ କୟର ଉଦ୍ୟୋଗୀ ଓ କାରିଗରମାନେ ଯୋଗ ଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ କର୍ମଶାଳା କତା ଶିଳ୍ପୀମାନଙ୍କ ପାଇଁ ଏକ ଅଂଶ ସଦୃଶ ଓ ଏହା ବହୁଳ ଭାବେ ସହାୟକ ହେବ ବୋଲି ଜଣାପଡ଼ିଛି।

## ଜିଏସ୍‌ଟିକୁ ନେଇ ସତ୍ୟବାଦୀରେ ଜନସଚେତନତା

**ସାକ୍ଷୀଗୋପାଳ,୨୭।୯(ଭରତ ରାଉତ)**

ଜିଏସ୍‌ଟି କମିବାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ରାଜ୍ୟ ଓ ଜିଲା ଏପରିକି ବ୍ଲକ ବିଭିନ୍ନ ବଜାର ଓ ମଲ୍‌ଗୁଡ଼ିକରେ ଜିଏସ୍‌ଟି କମିଥିବା ସମ୍ପର୍କରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସାକ୍ଷୀଗୋପାଳ ବଜାରରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ବୁଲି ଜିଏସ୍‌ଟି କମିଥିବା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସାମଗ୍ରୀ ଉପରେ ଦରଦାମ କମିଥିବା ସମ୍ପର୍କରେ ବ୍ୟବସାୟ ପ୍ରତିଷ୍ଠାନ ମାଲିକ ଓ ସେଲ୍‌ସମ୍ୟାନଙ୍କୁ ପଚାରି ବୁଝିଥିଲେ। ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକରେ ଜିଏସ୍‌ଟି ସମ୍ପର୍କିତ ଷ୍ଟିକର୍ ଯେଉଁଥିରେ ଲେଖାହୋଇଛି, କମିଲା ଜିଏସ୍‌ଟି ମିଳିଲା ଉପହାର, ଧନ୍ୟବାଦ ମୋଦି ସରକାର ବୋଲି ଲେଖା ରହିବା ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ଚିତ୍ର ରହିଛି, ଏହି ଷ୍ଟିକର୍‌ଗୁଡ଼ିକ ଦୋକାନ କାନ୍ଥରେ ଲଗାଇଥିଲେ। ସେହିପରି ଗରାଖମାନଙ୍କୁ ମଧ୍ୟ ଦରଦାମ୍ କମିଥିବା ସମ୍ପର୍କରେ ବୁଝାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଯୋଗୁ ଜନସାଧାରଣ ଉପକୃତ ହୋଇପାରୁଛନ୍ତି ବୋଲି ଏମ୍‌ପିଙ୍କ ଡ. ପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତିସଭ୍ୟ ଦୀପକ ସତପଥି, ଆମ୍ବା ସଭାପତି ସୁରେନ୍ଦ୍ର ପ୍ରଧାନ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟର ବିଶ୍ୱ ପର୍ଯ୍ୟଟନ ଦିବସ




ଫାଉଣ୍ଡେଶନର ସଦସ୍ୟମାନେ ସଚେତନତା କରୁଛନ୍ତି ।

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପୁରୀ ରେଳଷ୍ଟେଶନ ସମ୍ମୁଖରେ ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟର କର୍ମକର୍ତ୍ତାମାନେ ପର୍ଯ୍ୟଟକମାନଙ୍କୁ ପୁଷ୍ପ ଦେଇ ଖୁବ୍ ସୁନ୍ଦର ଏବଂ ଶୃଙ୍ଖଳିତ ଭାବେ ଏହି ଦିବସକୁ ପାଳନ କରିଛନ୍ତି। ହଜାରରୁ ଅଧିକ ଭକ୍ତ ଓ ଆଗନ୍ତୁକ ଯାତ୍ରୀମାନଙ୍କୁ ସଂଘର କର୍ମକର୍ତ୍ତାମାନେ ଜୟ ଜଗନ୍ନାଥ ଧ୍ୱନି ସହ ପ୍ରଣାମ ଜଣାଇ ପର୍ଯ୍ୟଟକଙ୍କୁ ଅତିଥି ସତ୍କାର କରିଥିଲେ। ଅତିଥି ଦେବୋ ଭବଃ ବାକ୍ୟର ପୂର୍ଣ୍ଣ ପରାକାଷ୍ଠା ସଂଘର କର୍ମକର୍ତ୍ତା ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ସ୍ପଷ୍ଟ ଦେଖିବାକୁ ମିଳିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଜିଆର୍‌ପିର ଆରକ୍ଷୀ ଅଧିକାରୀ ସନ୍ତୋଷ ବାହିନୀପତି ଯୋଗଦାନ କରି ପର୍ଯ୍ୟଟକଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଆଇନଜୀବୀ ଦୀପକ ପଣ୍ଡା ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହାପରେ ସଂଘର ସମ୍ପାଦିକା ଗିରିଜା ମଞ୍ଜରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜଶ୍ରୀ କହଁର, ମଦନ ମୋହନ ହୋତା, ରାଧାକାନ୍ତ ଦାସ, ସତ୍ୟ ରଞ୍ଜନ ସାହୁ, ସଂଘମିତ୍ରା ପଣ୍ଡା, ବୈକୁଣ୍ଠ ମହାନ୍ତି, ରୋସ୍ନୀ ପାଢ଼ୀ, ସଂଯୁକ୍ତା ପ୍ରଧାନ ଏବଂ ଅନ୍ୟ ସଦସ୍ୟାସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସଂଘର ସଦସ୍ୟା ମୋନାଲିସା ଶ୍ରୀଚନ୍ଦନ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମର ପରିସମାପ୍ତି କରିଥିଲେ।

## ପର୍ଯ୍ୟଟନ କ୍ଷେତ୍ରରେ ପୁରୀ ଏକ ଅଗ୍ରଣୀ ଜିଲା

**ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ**

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**



କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ ।

ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ଶନିବାର ପର୍ଯ୍ୟଟନ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ ପୁରୀ ଏକ ଅଗ୍ରଣୀ ଜିଲା ବୋଲି ଅତିରିକ୍ତ ଜିଲାପାଳ ବେହେରା କହିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀକ୍ଷେତ୍ର ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ବେଶ୍ ମହତ୍ତ୍ୱ ରଖେ। ଏହାର ଅଧିବାସୀ ଭାବେ ଅତିଥି ଦେବୋ ଭବଃର ପରମ୍ପରାକୁ ଅକ୍ଷୁଣ୍ଣ ରଖି ଆମେ ସମସ୍ତ ପର୍ଯ୍ୟଟକଙ୍କୁ ଉଚିତ ସେବା ଓ ସମ୍ମାନ ଦେବାକୁ ବେହେରା ଆହ୍ୱାନ ଦେଇଥିଲେ।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିରିକ୍ତ ଜିଲାପାଳ ପୁରସ୍କୃତ କରିଥିଲେ। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ସ୍ମୃତିପ୍ରଜ୍ଞା ରାଜେଶ୍ୱରୀ ପ୍ରଥମ, ପିପିଲି କଲେଜର ମିଲିନା ସାହୁ ଦ୍ୱିତୀୟ ଓ ସୂରଜମଲ୍ଲ ଶାହା କଲେଜର ବିଶ୍ୱଭୂଷଣ ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହାବିଦ୍ୟାଳୟ କୁଇଜ୍‌ରେ ଆଇଏମ୍‌ଟି ଫାର୍ମାସୀ କଲେଜର ଛାତ୍ର ଦୁର୍ଗା ମାଧବ ମହାନ୍ତି ପ୍ରଥମ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶାନ୍ତି ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ପାଣ୍ଡିଆ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଓ ପର୍ଯ୍ୟଟନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ କର୍ମଚାରୀ ସନ୍ତୋଷ କୁମାର ମହାନ୍ତି, ମଳୟା ପ୍ରଧାନ, ଅମୃତା ଦାସ ପ୍ରମୁଖ ଯୋଗଦେଇଥିଲେ।

## ବଳଙ୍ଗା ମହାବିଦ୍ୟାଳୟ ଇଂଲିଶ ଅଧ୍ୟାପକଙ୍କ ଅବସର ଗ୍ରହଣ

**ବଳଙ୍ଗା,୨୭।୯(କେଦାରେଶ୍ୱର ନନ୍ଦ)**

ଦୀର୍ଘ ୩୬ ବର୍ଷ ବଳଙ୍ଗା ମହାବିଦ୍ୟାଳୟରେ ଇଂଲିଶ ବିଭାଗରେ ଅଧ୍ୟାପନା କରିବା ପରେ ଅଧ୍ୟାପକ ପ୍ରମୋଦ କୁମାର ପ୍ରଧାନ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କର୍ମଚାରୀ ସଂଗଠନର ତତ୍ତ୍ୱାବଧାନରେ ଏକ ସଭାର ଆୟୋଜନ କରାଯାଇଛି। ସମ୍ପାଦକ ଅଧ୍ୟାପକ ବଳଭଦ୍ର ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଭାଗର ମୁଖ୍ୟ କେଲୁଚରଣ ପଣ୍ଡା ଓ ସଂଗଠନର ସହ ସମ୍ପାଦକ ରବିନାରାୟଣ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଚାକିରି କାଳରେ ସେ ନିଜର ସଚ୍ଚୋଟତା, କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା, ପରୋପକାରିତା ପ୍ରଦର୍ଶନ କରିଥିବା ପ୍ରଶଂସା ସଭାରେ ଚର୍ଚ୍ଚା ହୋଇଥିଲା। ଜଣେ ସରଳ ନିଷ୍କପଟ, ସମଦର୍ଶୀ, ଛାତ୍ରବତ୍ସଳ, ସଂସ୍କାରୀ ବ୍ୟକ୍ତି ରୂପେ ବଳଙ୍ଗା ଅଞ୍ଚଳରେ ସୁଖ୍ୟାତି ଅର୍ଜନ କରିଥିଲେ। ବିଭିନ୍ନ ବିଭାଗ ସମେତ କର୍ମଚାରୀ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୁରୀ ସହର ପାଟିକା ସଂଘ ସମ୍ମିଳନୀ

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**

ପୁରୀ ସହର ପାଟିକା ସଂଘର ସମ୍ମିଳନୀ ଭକ୍ତ ସାଲବେଗ ସଭା କକ୍ଷରେ ତୃତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଜିଲା ପାଟିକା ସଂଘ ସଭାପତି ପୀତବାସ ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ସହର ପାଟିକା ସଂଘ ସଭାପତି ଜଗନ୍ନାଥ ଦେଓ, ସମ୍ପାଦିକା ସୁଜାତା ବିଶ୍ୱାସ, ପୁରୀ ସହର କାର୍ଯ୍ୟକାରୀ ସଭାପତି ଟୁନା ନାୟକ, କୃଷକ ସଭା ପୁରୀ ଜିଲା ସମ୍ପାଦକ ଭୀମସେନ ସ୍ୱାଇଁ, ପାଟିକା ନେତ୍ରୀ ବିଷ୍ଣୁପ୍ରିୟା ମିଶ୍ର, ଝୁନାମଣି ମହାପାତ୍ର, ନମିତା ନାୟକ, କନକଲତା ନାୟକ, ଲିଲି ଘଡ଼େଇ, ବବିତା ପରିଡ଼ା, ସରସ୍ୱତୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଆଗାମୀ ତିନି ବର୍ଷ ପାଇଁ ୧୬ ଜଣିଆ କମିଟି ଗଠନ କରାଯାଇଛି। ସଭାପତି ଭାବେ ଜଗନ୍ନାଥ ଦେଓ, ସମ୍ପାଦିକା ଭାବେ ସୁଜାତା ବିଶ୍ୱାସ, କାର୍ଯକାରୀ ସଭାପତି ଟୁନା ନାୟକ, ଉପ ସଭାପତି ବିଷ୍ଣୁପ୍ରିୟା ମିଶ୍ର, ସହସମ୍ପାଦିକା ଝୁନାମଣି ମହାପାତ୍ର ଓ କନକଲତା ନାୟକ, କୋଷାଧ୍ୟକ୍ଷ ସରସ୍ୱତୀ ବାରିକ, ରଶ୍ମିତା ମହାପାତ୍ର, ବବିତା ପରିଡ଼ା, କବିତା ସାହୁ, ପୁଷ୍ପଲତା ମହାପାତ୍ର, ରାଜଲକ୍ଷ୍ମୀ ନାୟକ, ସୁନୀତା ମଣ୍ଡଳ, ହେମଲତା ପ୍ରଧାନ ଓ ଟିକିନା ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି।



ପୁରୀ ଭକ୍ତ ସାଲବେଗ ପୀଠଠାରେ ପାଟିକା ସଂଘ ପକ୍ଷରୁ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ସଦସ୍ୟମାନେ ।

# ସାମ୍ପ୍ରଦାୟିକତା, କର୍ପୋରେଟ୍ ଫାସିବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ଆହ୍ୱାନ

**ପୁରୀରେ ରାଜ୍ୟସ୍ତରୀୟ କନଭେନଶନ**

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**



ରାଜ୍ୟସ୍ତରୀୟ କନଭେନ୍‌ଶନ୍‌ରେ ଉପସ୍ଥିତ ସଦସ୍ୟମାନେ ।

ସାମ୍ପ୍ରଦାୟିକତା ଓ କର୍ପୋରେଟ୍ ଫାସିବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ଆହ୍ୱାନ ଦେଇ ସିପିଆଇ (ଏମ୍.ଏଲ୍) ରେଡ୍ ଷ୍ଟାର୍ ପକ୍ଷରୁ ପୁରୀରେ ରାଜ୍ୟସ୍ତରୀୟ କନଭେନଶନ୍ ରାଜ୍ୟ ସମ୍ପାଦକ ପ୍ରମିଳାଙ୍କ ସଭାପତିତ୍ୱରେ ସଂସ୍କୃତି ଭବନଠାରେ ଶନିବାର ଆୟୋଜିତ ହୋଇଯାଇଛି। ଏକଦା ଜନସଂଘ ଏବଂ ବର୍ତ୍ତମାନର କ୍ଷମତାଶୀନ ସରକାର ଯେପରି ଦେଶର ସମ୍ବିଧାନ ଓ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ଜାରି ରଖିଛନ୍ତି, ତା' ବିରୋଧରେ ସମସ୍ତ ବାମପନ୍ଥୀ, ପ୍ରଗତିଶୀଳ, ଗଣତାନ୍ତ୍ରିକ ଓ ଜନବାଦୀ ଶକ୍ତି ଏକାଠି ହେବା ଓ ଗଣ ଆନ୍ଦୋଳନକୁ ସଂଗଠିତ କରିବା ପାଇଁ ଏହି କନଭେନଶନରେ ଆହ୍ୱାନ ଦିଆଯାଇଛି।

କାର୍ଯ୍ୟକ୍ରମରେ ଅତିଥି ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ, ଆଜି ଯେତେବେଳେ ଧର୍ମ, ଜାତି, ଆଞ୍ଚଳିକତା ଭିତ୍ତିରେ ଭାଜପା ପରି ମୌଳବାଦୀ ଶକ୍ତିମାନେ ଆମ ଦେଶର ସାଂସ୍କୃତିକ ବିବିଧତା ଏବଂ ଧର୍ମନିରପେକ୍ଷତା ସାମ୍ବିଧାନିକ ବ୍ୟବସ୍ଥା ଉପରେ ଆକ୍ରମଣକୁ ବ୍ୟାପକ କରି ଚାଲିଛନ୍ତି, ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ତା'ର ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିବାକୁ ଯାଉଛି। ନାଜୀ ଜର୍ମାନୀର ହିଟଲର୍‌ର ଆଦର୍ଶରେ ଅନୁପ୍ରାଣିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତା'ର ଜନ୍ମ ଲଗ୍ନ (୧୯୨୫)ରୁ ସାମ୍ୟ, ମୁକ୍ତି, ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ତଥା ଅଭିବ୍ୟକ୍ତିର ଅଧିକାର ଉପରେ ଆକ୍ରମଣ କରିଆସିଛି। ଏକ ମନୁବାଦ ଓ ବ୍ରାହ୍ମଣବାଦୀ ବିଚାରର ପୃଷ୍ଠପୋଷକତା ଜରିଆରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦାସର୍ବଦା ରାଜାରାଜୁଡ଼ା ଓ ସାମନ୍ତବାଦକୁ ସମର୍ଥନ କରିଥାଏ। ଏହି ସଂଗଠନରେ ନାରୀ ପାଇଁ ପ୍ରବେଶ ନିଷିଦ୍ଧ ଥିବାବେଳେ ନାରୀଙ୍କୁ ପୁରୁଷର ସେବାକାରୀ ତଥା ସମ୍ପତ୍ତି ଭାବେ ବିବେଚନା କରାଯାଏ।

ଏହି ପରିପ୍ରେକ୍ଷୀରେ କନଭେନଶନର ଭିତ୍ତିପତ୍ର ଉପସ୍ଥାପନ କରାଯିବା ସହିତ ଦଳିତ, ଆଦିବାସୀ, ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟ ଉପରେ ଫାସିବାଦ ରାଷ୍ଟ୍ର ଦମନ ବନ୍ଦ କରିବା, ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଆକ୍ରମଣ ବନ୍ଦ କରିବା, ସାମ୍ବିଧାନିକ ଅଧିକାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଧର୍ମନିରପେକ୍ଷତା ଉପରେ ଆକ୍ରମଣ ବିରୋଧରେ ଏକହେବା, ଶିକ୍ଷାର ବ୍ୟବସାୟୀକରଣ ଓ ଗୈରିକୀକରଣ ବନ୍ଦ କରିବା ଆଦି ଆହ୍ୱାନ ଦେଇଥିଲେ ଓ ପ୍ରସ୍ତାବ ଗ୍ରହଣ କରିଥଲେ। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପ୍ରାଧ୍ୟାପକ ବିଜୟ ବହିଦାରଙ୍କ ସମେତ ସିପିଆଇ (ଏମ୍.ଏଲ)- ରେଡ୍ ଷ୍ଟାର୍‌ର ପଲିଟବ୍ୟୁରୋ ସଦସ୍ୟ ଶଙ୍କର, ବ୍ରଜବନ୍ଧୁ ପ୍ରଧାନ (ସିପିଆଇ), ରଘୁନାଥ ଦାସ (ଏସ୍‌ୟୁସିଆଇ-କମ୍ୟୁନିଷ୍ଟ), ଜନ ଆନ୍ଦୋଳନ ନେତା ପ୍ରଫୁଲ୍ଲ ସାମନ୍ତରା, ଯୁଧିଷ୍ଠିର ମହାପାତ୍ର, ସିପିଆଇ(ଏମ୍.ଏଲ-ଲିବରେଶନ), ଜଗନ୍ନାଥ ଦେଓ (ସିପିଏମ୍), ଜ୍ୟୋତିରଞ୍ଜନ ମହାପାତ୍ର (ଫରୱାର୍ଡ ବ୍ଲକ୍), ମୋହନ ଆଙ୍କାରା ନାଇଡୁ(ସିପିଆଇ (ଏମ୍.ଏଲ), ମାନବାଧିକାର କର୍ମୀ ନରେନ୍ଦ୍ର ମହାନ୍ତି, ବିଶ୍ୱପ୍ରିୟ କାନୁନଗୋ, ଶ୍ରୀମନ୍ତ ମହାନ୍ତି, ଅସୀମ ଗିରି, ମାନବବାଦୀ-ହେତୁବାଦୀ ସଂଗଠନର ବାସନ୍ତୀ ଆଚାର୍ଯ୍ୟ, ବସ୍ତି ଆନ୍ଦୋଳନର ନେତା ଜୟଦେବ ନାୟକ, ହେନାରାଣୀ, ସାମାଜିକ ନ୍ୟାୟ ଆନ୍ଦୋଳନର ନେତା ମଧୁସୂଦନ ଯାଦବ, କୃଷ୍ଣ ମୋହନ ପ୍ରଧାନ, ସୁରେନ୍ଦ୍ର ତପସ୍ୱୀ, ପୂର୍ଣ୍ଣ ପ୍ରଧାନ (ମାଝୀ), ଜ୍ୟୋତ୍ସ୍ନାମୟୀ ମିଶ୍ର, ବିଚିତ୍ର ବିଶ୍ୱାଳ, ପେଦିନୀ ପ୍ରଭାତୀ, ଟୁନା ମଲ୍ଲିକ ଓ ଅନ୍ୟମାନେ ଉଦ୍‌ବୋଧନ ଦେଇଥିଲେ।

**ପୂଜା ଓ ଭସାଣି ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ନିବେଦନ**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ଚଳିତବର୍ଷ ଦୁର୍ଗାପୂଜା ଅବସରରେ ୧୭୬ ମଣ୍ଡପର କର୍ମକର୍ତ୍ତାଙ୍କୁ କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଓ ସାଧାରଣ ସମ୍ପାଦକ ଭିକାରୀ ଦାସ ଶାରଦୀୟ ଅଭିନନ୍ଦନ ଜଣାଇଛନ୍ତି। ଚଳିତବର୍ଷର ଶେଷ ପର୍ଯ୍ୟାୟ ସୁଦ୍ଧା ପ୍ରାୟ ୧୫୦୦ ଗଣେଶ ପ୍ରତିମା ଶାନ୍ତିଶୃଙ୍ଖଳାର ସହିତ ବିସର୍ଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ପଲିଥିନ-ମୁକ୍ତ ପୂଜା, ଡିଜେ-ମୁକ୍ତ ରୋସଣି ଓ ନିଶା-ମୁକ୍ତ ଭସାଣି ଶାନ୍ତି କମିଟି ଏହି ଆହ୍ୱାନକୁ ସମସ୍ତ ପୂଜା କମିଟି ଅନୁପାଳନ କରି ବିଜୟା ଦଶମୀ ଓ ଏକାଦଶୀ ତିଥିରେ ଅନୁଷ୍ଠିତ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳା ସହ ସମାପନ କରିବାକୁ ସାଧାରଣ ସମ୍ପାଦକ ଭିକାରୀ ଦାସ ନିବେଦନ କରିଛନ୍ତି।

**ସଂକ୍ଷେପରେ**

## ୪ ଦିନରେ ୨୩୦ ଚାରାରୋପଣ

### ଚଳିତବର୍ଷ ୫ଶହ ଚାରାରୋପଣ ଲକ୍ଷ୍ୟ

ମଙ୍ଗୁଳି-ଜଗତପୁର,୨୭।୯(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନଖରା ଗ୍ରାମର ହରିଜନ ଓ ମହାଜନ ସାହିବୃନ୍ଦ ପକ୍ଷରୁ ପରିବେଶକୁ ସନ୍ତୁଳନ କରିବା ଲକ୍ଷ୍ୟରେ ଘଣ୍ଟିଆ ହୁଡାରେ ଶନିବାର ଚରରୋପଣ କରାଯାଇଛି। ଗ୍ରାମର ବରିଷ୍ଠ ମୂରବୀ ବିଶନାଥ ପାଣିଙ୍କ ଉଦ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମରେ ଉଭୟ ସାହିର ଯୁବ ଓ ନାବାଳକ ବିଭିନ୍ନ ଜାତୀୟ ୮୦ଟି ଚାରାରୋପଣ କରିଥିଲେ। ୪ଦିନ ମଧ୍ୟରେ ମୋଟ ୨୩୦ଟି ଚାରାରୋପଣ କରଯାଇଥିଲା ବେଳେ ଚଳିତବର୍ଷ ୫ଶହ ଚାରାରୋପଣର ଲକ୍ଷ୍ୟ ରଖିଛି ବୋଲି ମୂରବୀ ପାଣି ସୂଚନା ଦେଇଥିଲେ। ଚାରାରୋପଣ କାର୍ଯ୍ୟକ୍ରମରେ ଦେବାଶିଷ ପାଣଗ୍ରାହୀ, ପ୍ରକାଶ ମଲିକ, ପ୍ରଶାନ୍ତ ମଲିକ, ପ୍ରକାଶ ପଣ୍ଡା, ନବ ମଲିକ, ଶ୍ରୀରାମ ସେଠି, ଅମ୍ବି ପାଣଗ୍ରାହୀ, ବାସୁଦେବ ମଲିକ, ଶ୍ରୀରାମ ପଣ୍ଡା, ବିକ୍ରମ ମଲିକ, ଶୁଭଙ୍କର ପଣ୍ଡା, ନବ ମଲିକ, ଖିତି ରଞ୍ଜନ ପାଣି ପ୍ରମୁଖ ଯୋଗଦେଇଥିଲେ।


ଷୋଡ଼ଶ ଉପଚାର ପୂଜା ଅବସରରେ ଶନିବାର ମା' କଟକ ଚଣ୍ଡୀଙ୍କ ଗାୟତ୍ରୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ।


ମା' ଝାଞ୍ଜିରି ମଙ୍ଗଳାଙ୍କ ଉଗ୍ରତାରା ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ ନୀଳସରସ୍ୱତୀ ବେଶ।


ପୀଠାପୁର ମା' ଧାକୁଲେଇଙ୍କ ଅନ୍ନପୂର୍ଣ୍ଣା ବେଶ।


ହରିପୁର ମା' ବିମଳାଙ୍କ ବନଦୁର୍ଗା ବେଶ।


ବଡ଼ଯ୍ଧା ମା' ଉଗ୍ରତାରିକାଙ୍କ ଗାୟତ୍ରୀ ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ନବରାତ୍ରର ୬ଷ୍ଠ ଦିନ ବେଶ।


ତିଗିରିଆ ବିନ୍ଧାଣିମା ବାଇପାସ୍ ମା' ବୁଢ଼ୀ ମଙ୍ଗଳାଙ୍କ ଉଗ୍ରତାରା ବେଶ।


ତିଗିରିଆ ହାଟମାଳ ମା' ଦୁର୍ଗାଦେବୀଙ୍କର ଭୁବନେଶ୍ୱରୀ ବେଶ।

## ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ପାଳିତ

କଟକ ସଦର,୨୭।୯(ସୁଶାନ୍ତ କୁମାର ଜେନା)

କଟକସଦରବ୍ଲକଅନ୍ତର୍ଗତସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷା କୋଷର ପ୍ରଣେତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ବିଜୟ ଚନ୍ଦ୍ର ଜେନା, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା କେନ୍ଦ୍ରର ସହକାରୀ ପ୍ରଫେସର ଡ. ଦେବାଶିଷ ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ ଯୋଗଦେଇଥିଲେ। ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିବାରେ ଗୋପାଳ ପ୍ରହରାଜଙ୍କ ଅବଦାନ ଓ ପୂର୍ଣ୍ଣଚନ୍ଦ୍ର ଭାଷା କୋଷ ପ୍ରଚଳନରେ ଉଦ୍ୟମକୁ ବକ୍ତାମାନେ ପ୍ରଶଂସା କରିଥିଲେ। କବି ପ୍ରତାପ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୀୟୂଷ ରଞ୍ଜନ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ ଓ କବି ବାମଦେବ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତବର୍ଷ ଡ.ଦୀନବନ୍ଧୁ ଦାଶଙ୍କୁ ଗୋପାଳ ଚନ୍ଦ୍ର ସାହିତ୍ୟ ସମ୍ମାନରେ ଭୂଷିତ କରାଯାଇଥିଲା। କାର୍ଯ୍ୟକ୍ରମ କବି ପୀତାମ୍ବର ମହାପାତ୍ର ସଞ୍ଚାଳନ କରିଥିବା ବେଳେ ତାପସ ରାଉତରାୟ ସହଯୋଗ କରିଥିଲେ।

# ଡିଜେ, ଗୁଜରାଟୀ ଲୋକନୃତ୍ୟରେ ଝୁମିବେ ସହରବାସୀ

ଗୁଜରାଟର ଦାଣ୍ଡିଆ ସଂସ୍କୃତି ଦଶହରାରେ ଏବେ ଓଡ଼ିଶାରେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ପୂର୍ବରୁ ଦାଣ୍ଡିଆ ଭୁବନେଶ୍ୱରରେ କେବଳ ସୀମିତ ଥିଲା। କିନ୍ତୁ ଏବେ ଦାଣ୍ଡିଆ କଟକ ସମେତ ବିଭିନ୍ନ ଜିଲା ଓ ଗାଁମୁହାଁ ହୋଇଛି। ଦାଣ୍ଡିଆର ଚାହିଦା ଦିନକୁ ଦିନ ବଢ଼ୁଥିବା ବେଳେ କେବଳ ଯୁବପିଢ଼ି ନୁହେଁ, ସବୁବର୍ଗର ଲୋକେ ଏଥିରେ ସାମିଲ ହେବାକୁ ବେଶ୍ ଉତ୍ସାହିତ। ନବରାତ୍ରରେ ଦାଣ୍ଡିଆ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ନବରାତ୍ର ଆରମ୍ଭ ହୋଇଥିବାବେଳେ କଟକର କେତେଜଣ ବ୍ୟକ୍ତିବିଶେଷ ଓ ପ୍ରମୁଖ ଅନୁଷ୍ଠାନ ପକ୍ଷରୁ ବାରବାଟୀ ଷ୍ଟାଡିୟମ ନିକଟସ୍ଥ ବାରବାଟୀ ପ୍ୟାଲେସ ଓ ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ୟାଲେସ, ଲିଙ୍କରୋଡସ୍ଥିତ ଲାୟନ୍ସ ଗାର୍ଡେନ ସମେତ ବିଭିନ୍ନ ସ୍ଥାନରେ ଦାଣ୍ଡିଆ ନାଇଟ୍ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

ରିପୋର୍ଟ: ଶିଳ୍ପା ପ୍ରିୟଦର୍ଶିନୀ

**ଦାଣ୍ଡିଆ ନାଇଟ୍ ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି**

### ଗୁଜରାଟୀ ଲୋକନୃତ୍ୟ ଆକର୍ଷିତ କରିବ



" ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ୟାଲେସରେ ଲାୟନ୍ସ କ୍ଲବ ଅଫ୍ ପେଟାଲ୍ସ ପକ୍ଷରୁ ସେପ୍ଟେମ୍ବର ୨୭ ଓ ୨୮ ଦୁଇଦିନ ଧରି ଦାଣ୍ଡିଆ ନାଇଟ୍‌ର ଆୟୋଜନ କରାଯାଇଛି । ଦାଣ୍ଡିଆ ନାଇଟ୍ ପାଇଁ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଦାଣ୍ଡିଆ ନାଇଟ୍‌ର ପ୍ରବେଶ ଦେୟ ୩୦୦ ଟଙ୍କା ଲେଖାଏ ରହିଛି। ଅତିଥି ଭାବେ ଓଲିଉଡର ଅଭିନେତ୍ରୀ ଓ ଅଭିନେତା ଯୋଗଦେବେ। ଏହାସହ ଡିଜେ ସାହାଙ୍କ ସଙ୍ଗୀତରେ ପରିବେଷଣ କରାଯିବା ସହ ଗୁଜରାଟୀ ଲାକନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ଏହାସହ ଢୋଲର ବ୍ୟବସ୍ଥା କରାଯାଇଛି ଏବଂ ଲାଇଭ ଗାରବା କରାଯିବ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଦାଣ୍ଡିଆ ନାଇଟ୍ ମାଧ୍ୟମରେ ଯାହା ଟଙ୍କା ରୋଜଗାର ହେବ ତାହା ଲାୟନ୍ସ କ୍ଲବ ଅଫ୍ ପେଟାଲ୍ସକୁ ଦାନ କରାଯିବ।

**ରିଙ୍କି ଅଗ୍ରୱାଲ, ଆୟୋଜକ**

### କଣ୍ଠଶିଳ୍ପୀ ସୁଜ୍ଞାନୀ ମହାପାତ୍ର ମୁଖ୍ୟ ଆକର୍ଷଣ



" ଲିଙ୍କରୋଡ୍‌ସ୍ଥିତ ଲାୟନ୍ସ ଗାର୍ଡେନରେ ମଧୁସ୍ମିତା ପାତ୍ର ଦାଣ୍ଡିଆ ନାଇଟ୍‌ର ଆୟୋଜନ କରିଛନ୍ତି। ୨୮ ତାରିଖରେ ଦାଣ୍ଡିଆ ନାଇଟ୍ ଆୟୋଜନକୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବେ। ଦାଣ୍ଡିଆ ନାଇଟ୍‌ର ପ୍ରବେଶ ଦେୟ ୩୫୦ ଟଙ୍କା ଲେଖାଏ ରହିଛି। ଓଲିଉଡ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କ ସମେତ ଇନଫ୍ଲୁଏନ୍ସର କ୍ରିଷ୍ଣା ରାଉତ ଓ ମହାପ୍ରସାଦ ଯୋଗଦେବେ। ଏହାସହ ଭୁବନେଶ୍ୱରର ଡିଜେ ବସିମଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। କଣ୍ଠଶିଳ୍ପୀ ସୁଜ୍ଞାନୀ ମହାପାତ୍ରଙ୍କ ଗୀତରେ ଝୁମିବେ ଦର୍ଶକ।

**ମଧୁସ୍ମିତା ପାତ୍ର, ଆୟୋଜକ**

### ଡିଜେରେ ଝୁମିବେ ଦର୍ଶକ

" ବାରବାଟୀ ଷ୍ଟାଡିୟମ ନିକଟସ୍ଥ ବାରବାଟୀ ପ୍ୟାଲେସ୍‌ରେ ମଧୁସ୍ମିତା ବିଶ୍ୱାଳ ଓ ସୁଜିତ କୁମାର ତରାଇ ଅକ୍ଟୋବର ୧ରେ କଟକି ଦାଣ୍ଡିଆ ନାଇଟ୍‌ର ଆୟୋଜନ କରିଛନ୍ତି। ଏହି ଦଣ୍ଡିଆ ନାଇଟ୍ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଦାଣ୍ଡିଆ ନାଇଟ୍‌ର ପ୍ରବେଶ ଦେୟ ଜଣ ପିଛା ୩୯୯ ଟଙ୍କା ଓ କପଲଙ୍କ ପାଇଁ ୫୯୯ ଟଙ୍କା ଲେଖାଏ ରହିଛି। ଏଥିରେ ଓଲିଉଡର କଳାକାର ଯୋଗଦେବେ। ଏହାସହ ଡିଜେ ଆର୍ସି, ଡିଜେ ଜ୍ୟାକ୍ ଓ ଡିଜେ ତୋସିଫ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଅତିଥିମାନଙ୍କୁ ମକ୍‌ଟେଲ ଦିଆଯାଇ ସ୍ୱାଗତ କରାଯିବ। ଏହାସହ ବିଭିନ୍ନ ଖାଦ୍ୟର ପସରା ରହିଛି, ଯାହାକୁ ଅତିଥିମାନେ କ୍ରୟ କରି ଖାଇପାରିବେ।



**ସୁଜିତ୍ କୁମାର ତରାଇ, ଆୟୋଜକ**

## ସାର ଯୋଗାଣରେ ଅନିୟମିତତା ଅଭିଯୋଗ

### କୃଷି ବିଭାଗ ଅଧିକାରୀଙ୍କୁ ଘେରାଉ

କଟକ ସଦର,୨୭।୯(ସୁଶାନ୍ତ କୁମାର ଜେନା)

କନ୍ଦରପୁର କୃଷକ ସମବାୟ ସମିତିରେ ୟୁରିଆ ସାର ଯୋଗାଣରେ ଅନିୟମିତତାର ଅଭିଯୋଗରେ ଶନିବାର ଚାଷୀମାନେ କୃଷି ବିଭାଗ ଅଧିକାରୀଙ୍କୁ ଘେରାଉ କରିଥିଲେ। ଆଜି ମାତ୍ର ୨୨୨ ବସ୍ତା ସାର ଆସୁଥିବା ବେଳେ ୪୦୦ରୁ ଅଧିକ ଚାଷୀ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ଏହାଛଡା ଗତି ରାଉତ ପାଟଣା ସମବାୟ ସମିତିର ନିମେଇସା ପୁର, ପରମହଂସ ପଞ୍ଚାୟତ ଚାଷୀମାନେ ସାର ପାଇବା ଆଶାରେ ସେଠାରେ ପହଞ୍ଚିଥିଲେ। ଏହି ଭିଡ଼କୁ ଦୃଷ୍ଟିରେ ରଖି ସାର ବଣ୍ଟନ କର୍ତ୍ତୃପକ୍ଷ ବନ୍ଦ କରିଦେଇଥିଲେ। ମାର୍କଫେଡ ଅଧିକାରୀ ଭାଗୀରଥୀ ବିଶ୍ୱାଳଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ୫ ଟ୍ରକ ସାର ଦିଆଯାଇଛି। ଗତିରାଉତ ପାଟଣା ସମବାୟ ସମିତିକୁ ଅଦ୍ୟାବଧି ସାର ଦିଆଯାଇ ନାହିଁ। ସେଥିପାଇଁ କନ୍ଦରପୁରରୁ ସାର ନେବା ପାଇଁ କୁହାଯାଇଛି।

## କନକ ଦୁର୍ଗାଙ୍କ ପୀଠରେ ତ୍ରିଦିନାତ୍ମକ ପୂଜା ପାଇଁ କଳସ ଯାତ୍ରା

ଖୁଣ୍ଟୁଣୀ,୨୭।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରମ୍ଫେଇ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କନକ ଦୁର୍ଗାଙ୍କ ତ୍ରିଦିନାତ୍ମକ ପୂଜା ପାଇଁ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ବର୍ଷା ସତ୍ତ୍ୱେ ମହାନଦୀର ବ୍ରହ୍ମପୁର ବାରୁଣୀ ଘାଟରେ ଗ୍ରାମର ମହିଳାମାନେ ସ୍ନାନ କରି ପୂର୍ଣ୍ଣ କଳସରେ ଜଳ ଧରି ମା'ଙ୍କ ପୀଠକୁ ଆସି ଘଟ ସ୍ଥାପନା କରିବା ପରେ ପୂଜା ଆରମ୍ଭ ହୋଇଛି। କନକଦୁର୍ଗା ଟ୍ରଷ୍ଟ ବୋର୍ଡ, ବାଲୁଙ୍କେଶ୍ୱର ଟ୍ରଷ୍ଟବୋର୍ଡ ଓ ଖୁଣ୍ଟୁଣୀ-ରମ୍ଫେଇ ଗ୍ରାମ କମିଟି ମିଳିତ ସହଯୋଗରେ ଆୟୋଜିତ ଆଧ୍ୟାତ୍ମିକ ଉତ୍ସବ ଆଗାମୀ ଦଶହରା ୨ ତାରିଖ ରାତିରେ ରାବଣ ପୋଡି ପରେ ଶେଷ ହେବ। ପ୍ରତ୍ୟହ ସୂର୍ଯ୍ୟପୂଜା ଗୋପୂଜା, ଦୁର୍ଗା ଷ୍ଟକ୍, ସହସ୍ର ନାମ, ଘୃତାହୁତୀ ଓ ସନ୍ଧ୍ୟାରେ ମହିଳା ଗୋସତୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଟ୍ରଷ୍ଟି ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସାମନ୍ତରାୟ, ବିପିନି ବିହାରୀ ପ୍ରଧାନ, ବିଜୟ ସାହୁ, ପ୍ରିୟବ୍ରତ ପାତ୍ର, ଡିକକିପି ଶେଠ, ରଜନୀ କାନ୍ତ ଯେନା, ଗୋବିନ୍ଦ ବେହେରା, ସଞ୍ଜୟ ବେହେରା, ବିଚିତ୍ରାନନ୍ଦ ପ୍ରଧାନ, ବିରବର ନାୟକ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପର୍ଣ୍ଣ କରୁଛନ୍ତି।

## ୨୨୨ ବସ୍ତା ସାର ବାଣ୍ଟିଲେ

ଖୁଣ୍ଟୁଣୀ, ୨୭।୯(ସଚ୍ଚିଦାନନ୍ଦ ପଣ୍ଡା)

### ପୁଣି ଏକ ଟ୍ରିପ୍ ସାର ଆସିବ: ଅଭୟ

ସାର ନାହିଁ ସାର ନାହିଁ କହି ଆଠଗଡରେ ହୋହଲ୍ଲା କରୁଥିଲେ ବିରୋଧୀ। ଏଥିପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ମଧ୍ୟ ଦେଇଥିଲେ ବହୁ ବିଜେଡି କର୍ମୀ ଓ ଚାଷୀ। ହେଲେ ଏହାକୁ କାଉଣ୍ଟର କରି ଆଠଗଡ଼ ଭାଜପା ନେତା ତଥା ବିଧାନସଭା ପ୍ରାର୍ଥୀ ଅଭୟ କୁମାର ବାରିକ ଶନିବାର ଖୁଣ୍ଟୁଣୀ ସୋସାଇଟିକୁ ଆସି ଏଠାରେ ଥିବା ରାଧାକିଶୋରପୁର, କୃଷ୍ଣପୁର ଓ କୃଷ୍ଣଶ୍ୟାମପୁର ଚାଷୀଙ୍କୁ ପ୍ରାୟ ୨୨୨ ବସ୍ତା ୟୁରିଆ ସାର ନିଜେ ବାଣ୍ଟିଥିଲେ। ସାର ପାଇବା ପରେ ଚାଷୀ ମହଲରେ ଖୁସିର ଲହରୀ ଖେଳି ଯାଇଥିଲା। ପୁଣି ଆପଣମାନଙ୍କୁ ସାର ଦିଆଯିବ, ଆଉ ଏକ ଟ୍ରିପ ସାର ପଠାଉଛି, ଇଏ ମୋହନ ସରକାର, କଥାରେ ନୁହେଁ କାମରେ କରିଦେଖାଏ। ଦେଇଥିବା ପ୍ରତିଶ୍ରୁତିରୁ ଆମ ଭାଜପା ସରକାର ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେବେ ବି ଓହରି ନାହାନ୍ତି ବୋଲି ଅଭୟ କହିଥିଲେ। ସାର ପାଇଁ ଚାଷୀମାନେ ଯେଉଁ ଖୋଭ ପ୍ରକାଶ କରିଥିଲେ, ତାହା ସାର ବଣ୍ଟନ ପରେ ଶାନ୍ତ ପଡିଯାଇଛି। ସାର ବଣ୍ଟନ ବେଳେ ଅଭୟଙ୍କ ସମେତ ସୋସାଇଟି ସମ୍ପାଦକ ବିଜୟ କୁମାର ସ୍ୱାଇଁ, ଗୋଲକ ସ୍ୱାଇଁ, ୨ ନମ୍ବର ଜୋନ ଭାଜପା ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀ, ପରେଶ କୁମାର ସାହୁ, ତପନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ନେତା ଅଭୟ କୁମାର ବାରିକ ଚାଷୀଙ୍କୁ ସାର ଦେଉଛନ୍ତି।

## ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ

### କମିଶନରେଟ ପୋଲିସର ରୂପଯାତ୍ରା ପ୍ରସ୍ତୁତି ବୈଠକ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୭।୯ (ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାର ପ୍ରସିଦ୍ଧ ରୂପଯାତ୍ରା ଓ କୁମାର ପୂର୍ଣ୍ଣିମା ଉତ୍ସବ ପାଇଁ କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ ଯୋଗଦେଇ ଚୌଦ୍ୱାରର ଐତିହାସିକ ରୂପଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସମସ୍ତ ମେଢ଼ କମିଟି କର୍ମକର୍ତ୍ତା, ଯୁବଗୋଷ୍ଠୀ ଓ ଚୌଦ୍ୱାରର ନାଗରିକମାନଙ୍କୁ ନିବେଦନ କରିଥିଲେ। ଚଳିତବର୍ଷ କମିଶନରେଟ ପୋଲିସ ପକ୍ଷରୁ ମଦମୁକ୍ତ ଭସାଣି, ଡିଜେମୁକ୍ତ ରୋସଣି ଏବଂ ପଲିଥିନ୍ ମୁକ୍ତ ଧରଣୀର ଉପରେ ଗୁରୁତ୍ୱ ଦିଆଯାଇଛି। ପୋଲିସର ନିୟମ ଅନୁସାରେ ସମସ୍ତେ ଯାତ୍ରା ଜାକଜମକରେ ପାଳନ କରିବାକୁ ନିବେଦନ କରିଥିଲେ। ଏଥି ସହିତ ମେଢ଼ ପେଣ୍ଡାଲ ଓ ସାଂସ୍କୃତିକ ପେଣ୍ଡାଲଗୁଡ଼ିକରେ ଉନ୍ନତମାନର ବିଦ୍ୟୁତ୍ ସରଞ୍ଜାମ ବ୍ୟବହାର, ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ଓ ସିସିଟିଭି କ୍ୟାମେରା ସଂଯୋଗ ପାଇଁ ପରାମର୍ଶ ଦେଇଥିଲେ। ଯାତ୍ରାରେ ଶୃଙ୍ଗଳା ରକ୍ଷା ପାଇଁ ମେଢ଼ଗୁଡ଼ିକ ସମୟ ଅନୁବର୍ତ୍ତିତା ହେବାକୁ ସେ ପରାମର୍ଶ ଦେଇଥିଲେ। ପୂଜା କମିଟି ସଭାପତି ସୁବୋଧ କୁମାର ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ୧୨୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ଐତିହାସିକ ରୂପଯାତ୍ରାକୁ ଶୃଙ୍ଗଳାର ସହ ଆଡ଼ମ୍ବରରେ ପାଳନ କରି ଏହାର ଗୌରବ ରକ୍ଷା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ ଅଧିକାରୀମାନଙ୍କ ସହିତ ୪୩ଟି ମେଢ଼ କମିଟି କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଅକ୍ଟୋବର ୪ରୁ ଚୌଦ୍ୱାରରେ କୁମାର ପୂର୍ଣ୍ଣିମା ଓ ରୂପଯାତ୍ରା ଆରମ୍ଭ ହେବା ସହିତ ୭ ତାରିଖ ରୂପଯାତ୍ରା ଉଦ୍‌ଘାଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ୯ ତାରିଖ ସମସ୍ତ ମଣ୍ଡପରୁ ମୃଣ୍ମୟ ପ୍ରତିମାଙ୍କ ରୂପଯାତ୍ରାକୁ ଆଗମନ ଓ ୧୦ ତାରିଖରେ ବିସର୍ଜନ ଶୋଭାଯାତ୍ରା ସହିତ ପ୍ରତେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଚୌଦ୍ୱାର ପ୍ରସିଦ୍ଧ ରୂପଯାତ୍ରା ଓ କୁମାର ପୂର୍ଣ୍ଣିମା ଉତ୍ସବ ପାଇଁ କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି।

# ସମସ୍ୟା ସମାଧାନ, ମଧ୍ୟସ୍ଥତା ଭାରତର ଇତିହାସ ସହ ଜଡ଼ିତ

## କେସିଆଇଏଏମ୍‌ର ‘କର୍ଟେନ ରେଜର ଆଣ୍ଡ୍ ଭିଜନ’ର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୯(ଅନୁରାଧା ମହାରଣା)

କିଟ୍ ସେଣ୍ଟର ଫର୍ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଆଣ୍ଡ୍ ମେଡିଏଶନ (କେସିଆଇଏଏମ୍)ରେ ‘କର୍ଟେନ ରେଜର ଆଣ୍ଡ୍ ଭିଜନ’ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଡ. ଜଷ୍ଟିସ ଅବଦୁଲକାୱି ଏ. ୟୁସୁଫ ଏହାକୁ ଉଦ୍‌ଘାଟନ କରି କହିଲେ, ସମସ୍ୟା ସମାଧାନ ଓ ମଧ୍ୟସ୍ଥତା ଭାରତରେ ନୂଆ ନୁହେଁ। ଏହାର ମୂଳ ଗଭୀର ଭାବେ ଭାରତର ଇତିହାସ ସହ ଜଡ଼ିତ ରହିଛି। ଏହି ନୂତନ କେନ୍ଦ୍ର ଦେଶରେ ସଂସ୍ଥାଗତ ଆର୍ବିଟ୍ରେଶନର ଏକ ନୂତନ ଯୁଗକୁ ସୂଚିତ କରିବ ବୋଲି ସେ କହିଥିଲେ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସନ୍ଦୀପ କୁମାର ମେହେଟ୍ଟା ଯୋଗଦେଇ କହିଲେ, କେସିଆଇଏଏମ୍ ବିଶ୍ୱସ୍ତରୀୟ ଆଇନ ସୁବିଧା ପ୍ରଦାନ ଓ ସହଯୋଗକୁ ପ୍ରୋତ୍ସାହନ କରିବା ସହ ଭବିଷ୍ୟତର ଆର୍ବିଟ୍ରେଟରମାନଙ୍କୁ ତାଲିମ ଦେବ। ଭୁବନେଶ୍ୱର ଏକ ପ୍ରଯୁକ୍ତିବିଦ୍ୟା ହବ୍ ଭାବରେ ଜଣାଶୁଣା ହୋଇଥିବାରୁ କେନ୍ଦ୍ର ପାଇଁ ଏହା ଉପଯୁକ୍ତ ସ୍ଥାନ। ଭାରତର ଆର୍ବିଟ୍ରେଶନ ଦୃଶ୍ୟପଟ



କେସିଆଇଏଏମ୍‌ର ‘କର୍ଟେନ ରେଜର ଆଣ୍ଡ୍ ଭିଜନ’ର ଶୁଭାରମ୍ଭ ଅବସରରେ ଆଇସିଜେ ବିଚାରପତି ଡ. ଜଷ୍ଟିସ ଅବଦୁଲକାୱି ଏ. ୟୁସୁଫ, ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସନ୍ଦୀପ କୁମାର ମେହେଟ୍ଟାଙ୍କ ସହ ଅନ୍ୟ ଅତିଥିମାନେ।

ଆମୂଳଚୂଳ ଭାବରେ ପରିବର୍ତ୍ତିତ ହୋଇଛି। ନିକଟ ବର୍ଷଗୁଡ଼ିକରେ କେବଳ ଆର୍ବିଟ୍ରେଶନ ଦ୍ୱାରା ୫୮ହଜାରରୁ ଅଧିକ ମାମଲାର ସମାଧାନ କରାଯାଇଛି। ଏଣିକି ଆର୍ବିଟ୍ରେଶନ ଓ ମେଡିଏଶନ ପାଇଁ ପକ୍ଷମାନେ ଦିଲ୍ଲୀ କିମ୍ବା ମୁମ୍ବାଇ ଉପରେ ନିର୍ଭର ନ କରି ଭୁବନେଶ୍ୱରରେ ବିବାଦର ସମାଧାନ କରିପାରିବେ। ଜଷ୍ଟିସ ରାଜେଶ କୁମାର ଆର୍ବିଟ୍ରେଶନ ଓ ମେଡିଏଶନ ଉପରେ ସଚେତନତା ବୃଦ୍ଧିକୁ ଗୁରୁତ୍ୱ ଦେବା ସହ ବିଦେଶକୁ ଯାଉଥିବା ମାମଲା ସଂଖ୍ୟା ହ୍ରାସ ହେବ ବୋଲି କହିଥିଲେ। ଜଷ୍ଟିସ ଆନନ୍ଦ ସେନ କହିଲେ, ଆର୍ବିଟ୍ରେଶନ ଏବଂ ମେଡିଏଶନ ବିକଳ୍ପରୁ ବିବାଦ ସମାଧାନର ମୁଖ୍ୟଧାରା ଭାବେ ପରିଣତ ହେବାରେ ଲାଗିଛି। ଦୃଢ଼ ଆଇନଗତ ପୃଷ୍ଠଭୂମି ସହିତ ପ୍ରଶିକ୍ଷିତ ଆର୍ବିଟ୍ରେଟରଙ୍କ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କେସିଆଇଏଏମ୍ ବିଶ୍ୱସ୍ତରରେ ସର୍ବୋତ୍ତମ କେନ୍ଦ୍ର ମଧ୍ୟରୁ ଗୋଟିଏ ହୋଇ ଉଭା ହେବାର ସମ୍ଭାବନା ରହିଛି ବୋଲି ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ସୁଜିତ ନାରାୟଣ ପ୍ରସାଦ କହିଥିଲେ। ବରିଷ୍ଠ ଅଧିବକ୍ତା ତଥା ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ଡ. ପିଙ୍କି ଆନନ୍ଦ କହିଲେ, ଏହି କେନ୍ଦ୍ରର ପ୍ରତିଷ୍ଠା ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ଆକାଂକ୍ଷାକୁ ପ୍ରତିଫଳିତ କରିବା ସହ ନ୍ୟାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବ। କିଟ ଲ’ ସ୍କୁଲର ପ୍ରଫେସର ଏମିରେଟସ୍ ପ୍ରଫେସର ଏନ୍. ଏଲ୍. ମିତ୍ର କହିଲେ, କେସିଆଇଏଏମ୍ ଏକ ବିଶ୍ୱସ୍ତରୀୟ ଆର୍ବିଟ୍ରେଶନ କେନ୍ଦ୍ର ହେବ ଏବଂ ଏଥିରେ ଆର୍ବିଟ୍ରେଶନ ଓକିଲଙ୍କ ଭଲ ପ୍ୟାନେଲ ରହିବ। ଏହି ଅବସରରେ କିଟ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କେସିଆଇଏଏମ୍‌ର ୱେବ୍‌ସାଇଟ ଓ ଲୋଗୋ ଉନ୍ମୋଚନ କରାଯାଇଥିଲା। କେସିଆଇଏଏମ୍‌ର ଅଧ୍ୟକ୍ଷ ତଥା କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ ପରିଜା ସ୍ୱାଗତ ଭାଷଣ ଦେଇଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଦେଇଥିଲେ।



୨୫୦ ବଲ୍ ବ୍ୟବହାର କରି ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ମା’ ଦୁର୍ଗାଙ୍କ ବାଲୁକା କଳା।

# ଜଙ୍ଗଲରୁ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

## ୯ ଦିନ ହେଲା ନିଖୋଜ ଥିଲେ, ହତ୍ୟା ସନ୍ଦେହ

ନିଶ୍ଚିନ୍ତକୋଇଲି, ୨୭।୯(ଅଶୋକ କୁମାର ମହାପାତ୍ର)

କଟକ ଜିଲା ଭଦ୍ରେଶ୍ୱର ଥାନା ଅଧୀନ ହଳଦିଆ ଗ୍ରାମପଞ୍ଚାୟତ ଓଲକଣା ଗ୍ରାମରୁ ୯ ଦିନ ହେବ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଶନିବାର ଡେରାବିଶ ବ୍ଲକ ଅନ୍ତର୍ଗତ ଆରଖଣ୍ଡ ଜଙ୍ଗଲରୁ ଜବତ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ଗୌରାଙ୍ଗ ଚରଣ ମହାରଣା(୬୫)। ତାଙ୍କୁ ହତ୍ୟା କରାଯାଇ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି।

ସେପ୍ଟେମ୍ବର ୧୯ରୁ ରହସ୍ୟଜନକ ଭାବେ ଗୌରାଙ୍ଗ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ଏ ସମ୍ପର୍କରେ ତାଙ୍କ କନ୍ୟା ପୁଷ୍ପଲତା ମହାରଣା ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ନାମକୁମାତ୍ର ଏକ ମାମଲା ରୁଜୁକରି ଚୁପ୍ ବସିରହିଥିଲା। ଏନେଇ ପରିବାର



ଗୌରାଙ୍ଗ ଚରଣ ମହାରଣା

ଲୋକେ ଚିନ୍ତାରେ ଥିଲେ। ଆରଖଣ୍ଡ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ଏହାପରେ ଡେରାବିଶ ଓ ଭଦ୍ରେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ରିପୋର୍ଟ ହସ୍ତଗତ ହେଲାପରେ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

## ଷଷ୍ଠ ଭାରତୀୟ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ

# ତୃତୀୟ ଦିନରେ ୭ ଚଳଚ୍ଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର, ୨୭।୯(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱରର ଫିଲ୍ମ ସୋସାଇଟି ପକ୍ଷରୁ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର୍‌ଠାରେ ଚାଲିଥିବା ଷଷ୍ଠ ଭାରତୀୟ ଡକ୍ୟୁମେଣ୍ଟାରୀ ଫିଲ୍ମ ଫେଷ୍ଟିଭାଲର ଶନିବାର ତୃତୀୟ ଦିନରେ ୭ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସଚିନଙ୍କ ‘ଫ୍ଲାଣ୍ଡର୍ସ ଦି ଲ୍ୟାଣ୍ଡ ୱିଚ୍’ରୁ ଚଳଚ୍ଚିତ୍ର ପ୍ରଦର୍ଶନ ଆରମ୍ଭ ହୋଇଥିଲା। ଏହା ପରେ ପ୍ରାଚୀ ବଜାନିଆଙ୍କ ‘ହେୟାର ଲାଇକ୍ ମାଖଫି’ ପ୍ରଦର୍ଶିତ ହୋଇଥିଲା। ୧୭ଶହ ଶତାବ୍ଦୀର ଭାରତୀୟ ରାଜକୁମାରୀ ଜେବ୍ ଉନ୍ ନିସାଙ୍କ କାହାଣୀ ଉପରେ ଆଧାରିତ ଥିଲା, ଯିଏ ‘ମାଖଫି’ ନାମରେ ପାର୍ସୀ କବିତା ଲେଖିଥିଲେ। ସ୍କ୍ରିନିଂ ପରେ ‘ମିଟ୍ ଦ ଡାଇରେକ୍ଟର’ରେ ପ୍ରାଚୀ ନିଜ ଫିଲ୍ମ ସମ୍ପର୍କରେ କହିଥିଲେ। ଏହାପରେ ନିୟମଗିରି ପର୍ବତମାଳା ଉପରେ ନିର୍ମିତ




ପ୍ରଫେସର ସ୍ନେହା କେ. ଚିତ୍ରଙ୍ଗଦା ଚୌଧୁରୀ ଓ ଦେବାଲ୍ ଦେବ୍ ଚଳଚ୍ଚିତ୍ର ସମ୍ପର୍କରେ ଆଲୋଚନା କରୁଛନ୍ତି।

ଚିତ୍ରାଙ୍ଗଦା ଚୌଧୁରୀଙ୍କ ‘ସିଡ୍ ଷ୍ଟୋରୀ’ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ପରିବେଶବିତ୍ ଦେବଲ ଦେବ ଓ ତାଙ୍କ ଟିମ୍ କିପରି ୧୦୦୦ରୁ ଅଧିକ ବିଲୁପ୍ତପ୍ରାୟ ଦେଶୀ ଧାନ କିସମ ସଂରକ୍ଷଣ କରୁଛନ୍ତି, ତାହାକୁ ଦର୍ଶକ ଜାଣିବାକୁ ପାଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଦେବଲ ଦେବ ପରିବେଶ ସହିତ ସୁସଙ୍ଗତ କୃଷି-ପାରିବେଶିକ କୃଷି ପଦ୍ଧତି ଉପରେ କହିଥିଲେ। ଏହାପରେ ରଣଜିତ୍ ରାୟଙ୍କ ‘ପୁତୁଲନାମା’ ପ୍ରଦର୍ଶିତ ହୋଇଥିଲା। ରଣଜିତ ଚଳଚ୍ଚିତ୍ର ସମାଲୋଚକ ଆଦିତ୍ୟ ଶ୍ରୀକୃଷ୍ଣଙ୍କ ସହିତ ଫିଲ୍ମ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଅନ୍ୟାନ୍ୟ ଚଳଚ୍ଚିତ୍ର ମଧ୍ୟରେ ଲଳିତ ବଛାନିଙ୍କ ‘ଦି ବ୍ୟାଟେଲ ରୟାଲ’, ଶଙ୍ଖଜିତ୍ ବିଶ୍ୱାସଙ୍କ ‘ବିୟଣ୍ଡ ବାଉଣ୍ଡ୍ରିଜ୍’ ଏବଂ ସୁନନ୍ଦା ଭଟ୍ଟଙ୍କ ‘ସଙ୍ଗମା’ ପ୍ରଦର୍ଶିତ ହୋଇଥିଲା। ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲା ଗିରିଶ କସରାବଲ୍ଲୀଙ୍କ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ‘ଅନନ୍ତମୂର୍ତ୍ତି-ନଟ୍ ଏ ବାୟୋଗ୍ରାଫି ବଟ୍ ଏ ହାଇପୋଥିସିସ୍’ର ପ୍ରଦର୍ଶନ। ଏହାପରେ ପ୍ରଫେସର ସ୍ନେହା କେ., ଚିତ୍ରଙ୍ଗଦା ଚୌଧୁରୀ ଓ ଦେବାଲ୍ ଦେବ୍ ଚଳଚ୍ଚିତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ମିଡ଼ିଆ ପାର୍ଟନର୍ ଥିବା ଏହି ଫିଲ୍ମ ଫେଷ୍ଟିଭାଲ ୨୮ ପର୍ଯ୍ୟନ୍ତ ଚାଲିବ।

# ଭାରସାମ୍ୟ ହରାଇ ଓଲଟିଲା ଆମ୍ବୁଲାନ୍ସ



ତ୍ରିଶୂଳିଆ, ୨୭।୯(ତୁଷାରକାନ୍ତ ବେହେରା)

ବାରଙ୍ଗ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାର ଷଣ୍ଢପୁର ଗ୍ରାମ ନିକଟରେ ଶନିବାର ଏକ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଗାଡ଼ିରେ କେହି ରୋଗୀ ନ ଥିବା ବେଳେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ସକାଳେ ଆମ୍ବୁଲାନ୍ସଟି ଭୁବନେଶ୍ୱରର ଏକ ଡାକ୍ତରଖାନାରେ ରୋଗୀଙ୍କୁ ଛାଡ଼ି ଅନୁଗୋଳ ଅଭିମୁଖେ ଯାଉଥିଲା। ପୁରୀ ମୁଖ୍ୟ କେନାଲପଟେ ଦ୍ରୁତଗତିରେ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଗାଡ଼ିଟି ଓଲଟିପଡ଼ିଥିଲା।

# ସିରିଜ୍ ବସ୍ ଦୁର୍ଘଟଣା: ଜଣେ ମୃତ, ୫ ଆହତ

## ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ

ବାଣପୁର/ବାଲୁଗାଁ, ୨୭।୯
(ଦିଲୀପ କୁମାର ସ୍ୱାଇଁ/ସଂଗ୍ରାମ ପାଇକରାୟ)

ବାଲୁଗାଁ ବାଇପାସ୍ ରାସ୍ତା ତଥା ୧୬ ନମ୍ବର ଜାତୀୟ ରାଜପଥର ବେଲପଡ଼ା ଛକ ନିକଟରେ ଶନିବାର ସକାଳେ ସିରିଜ୍ ବସ୍ ଦୁର୍ଘଟଣା ଘଟିଛି। ପଛକୁ ପଛ ତିନୋଟି ଯାତ୍ରୀବାହୀ ବସ୍ ପିଟିହୋଇଥିଲା। ତେବେ ମଝିରେ ଯାଉଥିବା ଜଣେ ବାଇକ୍ ଆରୋହୀଙ୍କ ବସ୍ ଧକ୍କାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ନିମିକ୍ଷେତା ଗ୍ରାମର ଶୁଭମ୍‌ଜ୍ୟୋତି ପ୍ରହରାଜ(୧୭)। ଏହି ଦୁର୍ଘଟଣାରେ ଦୁଇ ଯାତ୍ରୀଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ବିଭିନ୍ନ ଦାବିରେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ।

ସୂଚନା ମୁତାବକ, ଶିମିଳିଗୁଡ଼ାରୁ ଭୁବନେଶ୍ୱର ଆସୁଥିବା ଏକ ବସ୍ ବେଲପଡ଼ା ଛକ ନିକଟରେ ଏକ ଗାଈକୁ ବଞ୍ଚାଇବାକୁ ଯାଇ ହଠାତ୍ ବ୍ରେକ୍ ମାରିଥିଲା।



ଦୁର୍ଘଟଣାଗ୍ରସ୍ତ ଗାଡ଼ି ଆଗରେ ଟାୟାର ଜାଳି ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରୁଛନ୍ତି।

ଏହି ସମୟରେ ପଛରେ ଆସୁଥିବା ବାଇକ୍‌କୁ ପାଇଲଗୁଡ଼ାରୁ ଭୁବନେଶ୍ୱର ଆସୁଥିବା ବସ୍‌ଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକଙ୍କ ସମେତ ପଛରେ ବସିଥିବା ଶୁଭମ୍‌ଜ୍ୟୋତି ଗୁରୁତର ଆହତ ହୋଇଥିଲେ। ପରେ ବିଶାଖାପାଟଣାରୁ କୋଲକାତା ଅଭିମୁଖେ ଯାଉଥିବା ଅନ୍ୟ ଏକ ବସ୍ ତା’ପଛକୁ ପିଟିଥିଲା। ଫଳରେ ୨ଜଣ ଯାତ୍ରୀଙ୍କ ସହ ଜଣେ ସହକାରୀ ଡ୍ରାଇଭର ଏବଂ ଜଣେ ହେଲ୍ପର ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଚିକିତ୍ସା ଲାଗି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶୁଭମ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଉକ୍ତ ୩ ବସ୍‌ର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଦାବିରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ସମେତ ବାଣପୁର ଓ ବାଲୁଗାଁ ଥାନା ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ୧ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସମସ୍ତ ବସ୍‌ର ଯାତ୍ରୀଙ୍କୁ ଅନ୍ୟ ବସ୍‌ରେ ଗନ୍ତବ୍ୟସ୍ଥଳକୁ ପଠାଯାଇଥିବା ବେଳେ ପୋଲିସ ଦୁର୍ଘଟଣାକୁ ନେଇ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଶୁଭମ୍‌ଜ୍ୟୋତି ବାଣପୁର କଲେଜରେ ଯୁକ୍ତ ୨ ଛାତ୍ର ଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର କରାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଦୀପ୍ତ



@ ବୁବୁ



@ ଗୋବର୍ଦ୍ଧନ



@ ଶ୍ରୀକାନ୍ତ



@ ଆହୁତି



@ ଦୀପାଞ୍ଜଳି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିକଶିତ ଭାରତ ପାଇଁ ରାଜଭାଷାକୁ ମଜଭୁତ କରିବାକୁ ହେବ

ଭୁବନେଶ୍ୱର, ୨୭।୯(ବନ୍ଦନା ସେଠୀ)

ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରରେ ହିନ୍ଦୀ ପଖୱାଡ଼ା ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାଲେଖାକାର ଅତୁଲ ପ୍ରକାଶ ଯୋଗଦେଇ କହିଲେ, ଭାରତକୁ ବିକଶିତ କରିବା ପାଇଁ ରାଜଭାଷା ହିନ୍ଦୀକୁ ଆମେ ସମସ୍ତେ ମଜଭୁତ କରିବାକୁ ହେବ। ତେବେଯାଇ ଆମର ଦେଶ ଆତ୍ମନିର୍ଭର ହୋଇପାରିବ। ଏହି ଅବସରରେ ସେ ‘ଉତ୍କଳ ଉଦ୍‌ଘୋଷ’ ନାମକ ପତ୍ରିକାର ଉଦ୍‌ଘାଟନ କରିଥିଲେ। ଦୂରଦର୍ଶନ କେନ୍ଦ୍ର ମୁଖ୍ୟ ନରସିଂହ ଜେଠୀ ଯୋଗଦେଇ କହିଲେ, କେନ୍ଦ୍ର ହିନ୍ଦୀ ଭାଷାରେ ଅଧିକ କାର୍ଯ୍ୟ କରୁଛି। ଏହି ଅବସରରେ ହିନ୍ଦୀ ପଖୱାଡ଼ା ଅନ୍ତର୍ଗତ ଆୟୋଜିତ ୫ଟି ପ୍ରତିଯୋଗିତାରେ ଭାଗ ନେଇଥିବା ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୂରଦର୍ଶନ କେନ୍ଦ୍ରର ସହାୟକ ନିର୍ଦ୍ଦେଶକ ଉମେକ ଜେକେ, କାର୍ଯ୍ୟକ୍ରମ ମୁଖ୍ୟ ପ୍ରଦୀପ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ହିନ୍ଦୀ ପ୍ରଭାରୀ ରାଜେଶ ତିୱାରୀ ମଞ୍ଚ ସଞ୍ଚାଳନ କରିଥିବାବେଳେ ପ୍ରୋଗାମ ହେଡ୍ ପ୍ରଦୀପ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।




ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରଠାରେ ଅନୁଷ୍ଠିତ ହିନ୍ଦୀ ପଖୱାଡ଼ା ସମାପନ ସମାରୋହରେ ମହାଲେଖାକାର ଅତୁଲ ପ୍ରକାଶଙ୍କ ସହ ଅନ୍ୟ ଅତିଥି।

# ଓଟିଇଟି ପରୀକ୍ଷା ଦେଲେ ଗଣଶିକ୍ଷାମନ୍ତ୍ରୀଙ୍କ ସ୍ତ୍ରୀ, ବିଧାୟକଙ୍କ ସ୍ତ୍ରୀ

**ନବରଙ୍ଗପୁର,୨୭।୯ (ସଦାଶିବ ପ୍ରହରାଜ)**


ଚୈତ୍ରି ଗଣ୍ଡ


ତରୁଣୀ ମାଝୀ

ନବରଙ୍ଗପୁର ଜିଲାରେ ଶନିବାର ଓଟିଇଟି ପରୀକ୍ଷା ହୋଇଛି। ଏଠାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସ୍ତ୍ରୀ ଚୈତ୍ରି ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସ୍ତ୍ରୀ ତରୁଣୀ ମାଝୀ ପରୀକ୍ଷା ଦେଇଛନ୍ତି। ଚୈତ୍ରି ଉମରକୋଟ ବ୍ଲକ ଡଙ୍ଗରଗୁଡ଼ା ୟୁପି-୩ ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତରୁଣୀ ମାଝୀ ନନ୍ଦାହାଣ୍ଡି ଜେଙ୍ଗୁଗୁଡା ସ୍କୁଲରେ ଶିକ୍ଷକତା କରୁଛନ୍ତି। ତେବେ ଦୁହେଁ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ନିଜ ନିଜ କେନ୍ଦ୍ରରେ ଓଟିଇଟି ପରୀକ୍ଷା ଦେଇଛନ୍ତି। ନବରଙ୍ଗପୁର ଜିଲାରେ ୨ଟି ସିଟିଂରେ ଓଟିଇଟି ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ୪ଟି କେନ୍ଦ୍ରରେ ହୋଇଥିଲା। ୮୪୮ଜଣ ଶିକ୍ଷକଙ୍କ ମଧ୍ୟରୁ ୭୮୭ ଜଣ ପରୀକ୍ଷା ଦେଇଥିଲେ। ୬୧ଜଣ ଅନୁପସ୍ଥିତ ଥିଲେ। ସେହିଭଳି ଦ୍ୱିତୀୟ ସିଟିଂ ୬ଟି କେନ୍ଦ୍ରରେ କରାଯାଇଥିଲା। ୧୫୯୮ଜଣଙ୍କ ମଧ୍ୟରୁ ୧୫୩୪ଜଣ ପରୀକ୍ଷା ଦେଇଥିବା ବେଳେ ୬୪ଜଣ ଶିକ୍ଷକ ଅନୁପସ୍ଥିତ ରହିଥିଲେ। ଏହି କେନ୍ଦ୍ରଗୁଡ଼ିକୁ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ ପରିଦର୍ଶନ କରିଥିଲେ।

# ସରକାରୀ ବାସଭବନରେ ପଶି ବିଡିଓଙ୍କୁ ମାଡ଼

**ଉଲ୍ଲୁଣ୍ଡା,୨୭।୯ (ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲ୍ଲୁଣ୍ଡା ବିଡିଓଙ୍କ ସରକାରୀ ବାସଭବନରେ ଶନିବାର କେତେଜଣ ବ୍ୟକ୍ତି ପଶି ତାଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ବିଡ଼ିଓ ଚିନ୍ମୟ ମହାନନ୍ଦ ସରକାରୀ ବାସଭବନରେ ଥିଲେ। ହଠାତ୍ ୬ରୁ ୭ଜଣ ବ୍ୟକ୍ତି ପଶି ଆସି ବିଡ଼ିଓଙ୍କୁ ଡାକିଥିଲେ। ବିଡ଼ିଓ ଘରୁ ବାହାରି ଆସିବା କ୍ଷଣି କିଏ ବୋଲି ପଚାରିଥିଲେ। କିନ୍ତୁ ହଠାତ୍ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ନିଘୁମ ମାଡ଼ ମାରି ଲହୁଲୁହାଣ କରି ଦେବା ସହ ତାଙ୍କର ଦୁଇଟି ମୋବାଇଲ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଖବର ପାଇ ଏସଡିପିଓ ହେମନ୍ତ ରାଓ, ଆଇଆଇସି ଲିଙ୍ଗରାଜ ସେଠୀ, ତହସିଲଦାର ମମତା ମେହେର ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ବିଡ଼ିଓ ମହାନନ୍ଦ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦାରଖ ଆରମ୍ଭ କରିଛି। ଅତିରିକ୍ତ ଜିଲାପାଳ ଅଞ୍ଜେଲିନା ପ୍ରଧାନ, ରାଜେନ୍ଦ୍ର ମାଝି ଓ ଜିଲା ପରିଷଦ ସିଇଓ ଅଶ୍ୱିନୀ ମେହେର ଥାନାରେ ପହଞ୍ଚି ଘଟଣା ବିଷୟରେ ଆଲୋଚନା କରିଥିବା ଜଣାପଡ଼ିଛି।

# ସଡ଼କ ଦୁର୍ଘଟଣାରେ ୭ ଫୁଟବଲ ଖେଳାଳି ଗୁରୁତର

**କେନସା,୨୭।୯ (ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଜାତୀୟ ରାଜପଥ ନଂ.୫୨୦ ରେଙ୍ଗାଲବେଡ଼ାରେ ଏକ ସଡ଼କ ଦୁର୍ଘଟଣାରେ ୭ ଫୁଟବଲ ଖେଳାଳି ଗୁରୁତର ହୋଇଛନ୍ତି। ସେମାନଙ୍କୁ କୋଇଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ପରିଚୟ ମିଳିପାରିନାହିଁ। କୋଇଡା ବ୍ଲକ ବନ୍ଦଲ ଗ୍ରାମରୁ ଫୁଟବଲ ଖେଳି ଏକ ସ୍କର୍ପିଓରେ ଖେଳାଳିମାନେ କେନ୍ଦୁଝର ଜିଲା ଗୁଆଲିକୁ ଫେରୁଥିବାବେଳେ ବାଟରେ ଏକ ଟ୍ରେଲର ପଛରେ ବାଡ଼େଇ ହୋଇ ଦୁର୍ଘଟଣା ଘଟିଥିଲା।

# ଓସିଏସ୍ ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡେମୀର ୧୭୩ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)**



ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)-୨୦୨୩ ପରୀକ୍ଷା ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି। ପୂର୍ବବର୍ଷଗୁଡ଼ିକ ପରି ଚଳିତବର୍ଷ ମଧ୍ୟ ବାଜିରାଓ ଆଇଏଏସ୍ ଏକାଡେମୀ ସଫଳତା ହାସଲ କରିଛି। ଏକାଡେମୀର ୧୭୩ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ସ୍ୱପ୍ନିଲ ପଟ୍ଟନାୟକ, ଦୀପସୀତା ବେହେରା, ପୁପୁୟା ମିଶ୍ର, ଅସୀମା ଅନ୍ୱେଷା, ଏମ୍ ଜି ସୁବର୍ଣ୍ଣ ମହାନ୍ତି, ଆକାଶ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଣ୍ଡା, କଲ୍ୟାଣୀ ସାହୁ, ମୃତ୍ୟୁଞ୍ଜୟ ରାଉଳ ଓ ସାଇ ରମଣ ପାତ୍ର ପ୍ରମୁଖ ଛାତ୍ରୀଛାତ୍ର ୪୦ ର୍‍ୟାଙ୍କ ମଧ୍ୟରେ ରହି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶୁଭ୍ରାଂଶୁ ଶେଖର ଓଝା ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସୂଚନାଫଳକରେ ଚାପିହୋଇ ଶିଶୁ ମୃତ

**କୁଚିଣ୍ଡା,୨୭।୯ (ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା କିଣ୍ଡିରା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ଅଗଣାରେ ଖେଳୁଥିବା ସମୟରେ ସୂଚନା ଫଳକ ଭାଙ୍ଗି ଯିବାରୁ ଚାପିହୋଇ ଶିଶୁ ପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁପୁତ୍ର ହେଲେ ହାଡ଼ିପାଲି ପଞ୍ଚାୟତ କିଣ୍ଡିରା ଗ୍ରାମର ଜଗନ୍ନାଥ ଶେଉଳଙ୍କ ୮ବର୍ଷର ପୁତ୍ର ଆଶ୍ରିତ। ଏ ନେଇ ପୋଲିସ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୧/୨୫)ରୁଜୁକରିଛି। ପ୍ରକାଶ ଯେ,୨୦୨୪-୨୫ଆର୍ଥିକ ବର୍ଷରେ କୁଚିଣ୍ଡା ବ୍ଲକ କିଣ୍ଡିରା ଗ୍ରାମରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପକ୍ଷରୁ ୨ଲକ୍ଷ ଟଙ୍କା ବିନିମୟରେ କିଷାନପଡ଼ାରେ ମଣି ଡୁଡୁମ ଘରଠାରୁ ବାୟା ଡୁଡୁମ ଘର ପର୍ଯ୍ୟନ୍ତ ଏକ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ରାସ୍ତା ନିର୍ମାଣ ସମୟରେ ଏକ ସୂଚନା ଫଳକ ନିର୍ମାଣ କରାଯାଇଥିଲା। ମାତ୍ର ରାସ୍ତା କାମ ସରିବାର ମାସେ ନ ପୂରୁଣୁ ସୂଚନା ଫଳକଟି ଦୋହଲି ଯାଇଥିଲା। ଶନିବାର ସକାଳ ପ୍ରାୟ ସାଢେ ୮ଟାରେ ଘର ଅଗଣାରେ ଥିବା ନଳକୂପ ପାଖରେ ଲାଗିଥିବା ସୂଚନା ଫଳକ ନିକଟରେ ଶିଶୁ ଖେଳୁଥିଲା। କୌଣସି କାରଣରୁ ଶିଶୁ ଜଣକ ସୂଚନା ଫଳକରେ ଘଷି ହେବାରୁ ପୂର୍ବରୁ ଦୋହଲୁ ଥିବା ଫଳକଟି ତା ଉପରେ ପଡ଼ିଯାଇଥିଲା। ଫଳରେ ଶିଶୁ ପୁତ୍ର ଜଣକ ଫଳକ ତଳେ ଚାପି ହୋଇଯାଇଥିଲେ। ଘଟଣା ପରେ ପଡ଼ାବାସୀ ଫଳକ ତଳୁ ମୁମୂର୍ଷୁ ଅବସ୍ଥାରେ ଶିଶୁଙ୍କୁ ଉଦ୍ଧାର କରି କୁଚିଣ୍ଡା ମେଡ଼ିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ମାଟି ଉପରେ ଫଳକ ନିର୍ମାଣ କରାଯାଇଥିବାରୁ ଏହା ଭାଙ୍ଗିଯାଇ ଜଣେ ନିରୀହ ଶିଶୁଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି।

# ଦିବ୍ୟାଙ୍ଗ ସ୍ମୃତି ଶିଖାଙ୍କୁ ଅଭିନନ୍ଦନ ଜଣାଇଲେ ଜିଲାପାଳ

**ସୋନପୁର,୨୭।୯ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଗ୍ରାମର ମୂଳବାସିନ୍ଦା ତଥା ଏବେ ଜିଲା ସଦର ମହକୁମାର ସାନଝିଙ୍କିରେ ରହୁଥିବା ଦିବ୍ୟାଙ୍ଗ ଝିଅ ସ୍ମୃତି ଶିଖା ଭୋଇ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ସମ୍ପୂର୍ଣ୍ଣ ଦୃଷ୍ଟି ବାଧିତ ହୋଇ ମଧ୍ୟ ୩୩୫ ନମ୍ବର ର୍‍ୟାଙ୍କ୍ ରଖି ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଖବର ଜାଣିବା ପରେ ଜିଲାପାଳ ଡ. ନୃପରାଜ ସାହୁ ଶନିବାର ସାନଝିଙ୍କିସ୍ଥିତ ସ୍ମୃତିଶିଖାଙ୍କ ଘରକୁ ଯାଇ ତାଙ୍କୁ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଜନ୍ମରୁ ଦିବ୍ୟାଙ୍ଗ। ତେବେ ଦୃଢ ଇଚ୍ଛାଶକ୍ତି ଆଗରେ ଶାରୀରିକ ଅକ୍ଷମତା ହାର ମାନିଛି। ସେ ପ୍ରଥମ ଚେଷ୍ଟାରେ ଓସିଏସ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ଜିଲାପାଳ କହିଛନ୍ତି। ଏହିଅବସରରେ ସ୍ମୃତି ଶିଖାଙ୍କ ମା ସୁବାସିନୀ, ବାପା ଫକୀର ଚରଣ ଭୋଇ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

**ବହୁମୁଖୀ ଏବଂ ଖାଦ୍ୟ ସରବରାହ ଷ୍ଟଲର ଇ-ନିଲାମ**

କ୍ରମ ସଂ.1: ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼, ପ୍ଲାଟଫର୍ମ ନଂ.-6/7, କ୍ରମ ସଂ.2 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପିଲର ନଂ.11 ଏବଂ 12 ମଧ୍ୟରେ ପ୍ଲାଟଫର୍ମ ନଂ.-4, କ୍ରମ ସଂ.3 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପ୍ଲାଟଫର୍ମ ନଂ.-2&3, କ୍ରମ ସଂ.4 : ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼, ପ୍ଲାଟଫର୍ମ ନଂ.-3।

ସଂରକ୍ଷଣ ବର୍ଗ : ବହୁମୁଖୀ ଷ୍ଟଲ(GMU) (କ୍ରମ ସଂ.1 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଅନୁସୂଚିତ ଜାତି)(କ୍ରମ ସଂ.2 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଶାରୀରିକ/ ମାନସିକ ବିକଳାଙ୍ଗ) (କ୍ରମ ସଂ.3 ପାଇଁ) ଏବଂ ତାଜା ଫଳ ଏବଂ ଜୁସ୍ ଷ୍ଟଲ SMU(ଅନୁସୂଚିତ ଜନଜାତି) (କ୍ରମ ସଂ.4 ପାଇଁ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.07.10.2025 ରିଖ 1530 ଘଣ୍ଟିକା ଠାରୁ (କ୍ରମ ସଂ.1 ପାଇଁ) ଏବଂ ତା.07.10.2025 ରିଖ 1100 ଘଣ୍ଟିକା ଠାରୁ (କ୍ରମ ସଂ.2 ରୁ 4 ପାଇଁ)।

ଦ୍ରଷ୍ଟବ୍ୟ: ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ଏବଂ ଯୋଗ୍ୟତା ମାନଦଣ୍ଡ, ସାଇଟ୍‌ର ବିବରଣୀ ଓ ଅନ୍ୟାନ୍ୟ ସବିଶେଷ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-641/Q/25-26



**OFFICE OF THE SUPERINTENDING ENGINEER**
**P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 24.09.2025

**E-PROCUREMENT TENDER NOTICE**

01. For tender detail please visit **http://eproc.cgstate.gov.in**
02. Concern Division : S. No. 1, 2 Jashpur & S. No. 3 Manendragarh Division
03. S. No. 1 to 3 - 'D' Class and above Contractor
04. Bid submission due date - 15.10.2025

| S. No. | N.I.T. No. | Name of Work | P.A.C. in Lacks |
|---|---|---|---|
| 1 | 2 | 3 | 4 |
| 1 | 189 | Construction of Kandadhora to Ghumra Road Length 0.80 Km of District Jashpur (First Call) | 74.07 |
| 2 | 190 | Construction of First Floor at ITI Building duldula Distt. Jashpur (First Call) | 97.66 |
| 3 | 191 | Renovation of ITI Building at Lalpur Distt. MCB (C.G.) (First Call) | 46.35 |

Sd./- Superintending Engineer
P.W.D. Ambikapur Circle, Ambikapur

G-252603772/1



**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ

(1) ଟେଣ୍ଡର ସଂ.e-tender-BrKUR-251-2025,ତା.16.09.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ବ୍ରିଜ୍)/କଟକ-II ପରିସୀମା ଅଧୀନସ୍ଥ ହରିଦାସପୁର-ପାରାଦ୍ୱୀପ ସେକ୍ସନ ନିମନ୍ତେ 30.06.2026 ପର୍ଯ୍ୟନ୍ତ ସମୟାବଦ୍ଧ ନିମନ୍ତେ ଜୋନାଲ (Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/-।

(2) ଟେଣ୍ଡର ସଂ.e-tender-EASTKUR-252-2025,ତା.16.09.2025ରିଖ

ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ପାରାଦ୍ୱୀପ ଠାରେ ଗ୍ରାଡ୍ ପୃଥକୀକରଣ କାର୍ଯ୍ୟ" ସମ୍ବନ୍ଧୀୟ ପ୍ରସ୍ତାବିତ ଟ୍ରାକ୍ ଯୋଡ଼ିବା (Linking)କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/-।

ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ରିଖ 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-647/Q/25-26



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା29.09.2025ରିଖ** ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0194/2526



**GOVERNMENT OF ODISHA** No.A-687
**OFFICE OF THE SUPERINTENDING ENGINEER**
**M.I.DIVISION, GANJAM NO-II, BERHAMPUR**
QUOTATION/TENDER
CALL NOTICE I.D. NO./06/GMID-II/2025-26

| | |
|---|---|
| Name of Work | : Hiring of private vehicle on monthly rent basis for official use under M.I. Division Ganjam No-II, Berhampur. |
| No. of Work | : 2 No. (Two) |
| Quotation/Tender Paper Cost | : NIL |
| Date, Time and place of availability of Quotation/ tender Paper | : From 10.00 A.M. of 03.10.2025 to 08.10.2025 up to 3.00 P.M. (During Office Hours) at M.I. Division, Ganjam No-II, Berhampur |
| Date, Time and Place of Opening of Quotation/ Tender | : At 04.00 P.M. on 08.10.2025 in the office of the Superintend Engineer, M.I. Division, Ganjam No-II, Berhampur |
| Name & Adderss of the Officer inviting Tender | : Superintending Engineer, M.I.Division Ganjam-II, Berhampur, Email : mi2_exe.engr@yahoo.co.in |

Sd./- Superintending Engineer
M.I. Divn., Ganjam-II, Berhampur

OIPR-32043/11/0033/2526



**DEPUTY DIRECTOR,**
**NANDANKANAN ZOOLOGICAL PARK**
**P.O. - BARANG, DIST. - KHURDA, PIN - 754005**
**PHONE/FA NO-0674-2466075, 9437022023 (M)**
Email : deputydirector.kanan@gmail.com
NANDANKANAN
Web : www.nandankanan.org

**e-PROCUREMENT NOTICE**

**No.MM- Tender No. DD-NKN-21_/PMU/NKZP-2025-26 Dt. 24.09.2025**

| | | |
|---|---|---|
| 1 | Name of the work | : Tender for construction of Entry Date Complex (RIGHT SIDE) at Gate no.2 inside Nandankanan Zoological Park for the year 2025-2026 |
| 2 | No. of works | : 1 (one) no. |
| 3 | Date of availability of bid document in the portal | : 26.09.2025 |
| 4 | Last date for receipt of bids in the portal | : 08.10.2025 up to 5.00 P.M. |
| 5 | Date of pre-Bid meeting | : 06.10.2025 at 11.00 A.M. |
| 6 | Date of opening of Technical Bid (Cover-I) | : 09.10.2025 at 11.00 A.M. |
| 7 | Name & Address of Officer Inviting Tender (OIT) | : Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
Nandankanan Zoological Park

OIPR-08070/11/0109/2526



**THE ASKA CO-OPERATIVE SUGAR INDUSTRIES LTD.**
P.O.: Nuagam (Aska) - 761111, Dist.: Ganjam, State: Odisha
Email id: askasugar@yahoo.co.in
GSTIN: 21AAAAT5989L1ZO

Letter No. GAD/F-200/1450 Date: 26.09.2025

**ADVERTISEMENT FOR CONTRACTUAL APPOINTMENT**

Fresh applications are invited from eligible candidates for filling of the post of "Cane Manager" on Contractual Basis for a period of one year and likely to be extened after satisfactory performance. The eligible candidates may apply in prescribed application form duly filled in and send through Speed Post/ Registered Post only on or before 28.10.2025. For details, please visit our website **(www.askasugar.com)**.

Sd./- Managing Director



GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, PO-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com

No.2896/NACP Dt.25.09.2025

National Competitive Bidding through e-procurement
Bid Identification No. **NAC-PDP-04/2025-26**

**No.C-1191** : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of works : 4 (Four Nos.)
3. Estimate Cost : Rs.2,65,562/- to Rs.9,62,188/-
4. Class of Contractor : "C" or "D" Class
5. Date & Time of availability of Bid Documents in the portal : **9.00 A.M. on dt.26.09.2025 up to 05.00 P.M. on dt.17.10.2025**
6. Last date & time for receipt of Bids in the portal : **17.10.2025 at 05.00 P.M.**
7. Bid opening Date : **Dt.18.10.2025 at 11.00 A.M.**

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Executive Officer
N.A.C. Padampur

OIPR-13118/11/0041/2526



**ZILLA SWASTHYA SAMITI, JAJPUR**
**TENDER CALL NOTICE FOR HIRING OF VEHICLES**

No. 530 Date : 26.09.2025

**No.E-415** : Sealed tenders are invited from Registered Agencies, Tour Operators, Individuals for hiring of commercial light diesel/petrol A/C vehicles towards engagement under DPMU, NHM, Jajpur, on monthly hiring basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.jajpur.odisha.gov.in. The bidders have to superscribe on the top left hand corner of the envelope "Quotation for hiring of vehicle under NHM, Jajpur" without which their quotations shall be rejected. The undersigned reserves the right to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

OIPR-10042/11/0019/2526 Sd./- CDM & PHO, Jajpur



**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

**Advertisement (In-House)**

**No.E-414** : Interested **In-house candidates presently working** in other districts under NHM desiring to be posted in Dhenkanal district under NHM of OSH & FWS may log on to **www.dhenkanal.odisha.gov.in** for details (advertisement, terms and conditions & application form etc.).

**The fresh candidates or the candidates who are not working under National Health Mission of OSH & FW Society need not to apply for the above mentioned posts.**

Sd./- Chief District Medical & PH Officer, Dhenkanal

OIPR-10059/11/0026/2526



**ଟେଣ୍ଡର ନୋଟିସ**

**ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା: ପୁରୀ, ୧୦୬୩ ପି.**

ଏତଦ୍ୱାରା ସର୍ବ ସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫-୨୬ ମସିହା (ତା୧୭।୧୦।୨୦୨୫ରିଖଠାରୁ ୧୬।୧୦।୨୦୨୬ରିଖ) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଭୋଗ ଦୋକାନ ଓ ପାର୍କିଂ ଷ୍ଟାଣ୍ଡ ପାଇଁ ଟେଣ୍ଡର ଆସନ୍ତା ତା୧୩।୧୦।୨୦୨୫ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା୨୮।୦୯।୨୦୨୫ରିଖଠାରୁ ତା୦୪।୧୦।୨୦୨୫ରିଖ ପର୍ଯ୍ୟନ୍ତ ଦିବା ୧୦ଘଟିକାଠାରୁ ଅପରାହ୍ନ ୪ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ। ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା୧୦।୧୦।୨୦୨୫ରିଖ ଅପରାହ୍ନ ୫ଘଟିକା ସମୟ ମଧ୍ୟରେ ସର୍ତ୍ତ ମୁତାବକ ତଥ୍ୟ ପୂରଣ କରି ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱର, ସା: ଦେବୋତ୍ତର ଭବନ (ଦେୱାନୀ ଅଦାଲତ ନିକଟବର୍ତ୍ତୀ), ପୋ: ବିଜେବି ନଗର, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ପିନ୍ - ୭୫୧୦୧୪ଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ ରେଜିଷ୍ଟ୍ରି ଡାକଦ୍ୱାରା ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଅର୍ଥାତ୍ ସେହି ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ। ତା୧୩।୧୦।୨୦୨୫ରିଖ ଅପରାହ୍ନ ୩ଘଟିକା ସମୟରେ ଚେୟାରମ୍ୟାନ୍ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର) ଉପସ୍ଥିତିରେ ଟେଣ୍ଡର ଖୋଲାଯିବ। ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ।

**ତଫସିଲ ନଂ. ୧**
**ନିଲାମ ପାଇଁ ଥିବା ଦୋକାନର ବିବରଣୀ**

| କ୍ର.ସଂ. | ଦୋକାନର ନାମ | ୨୦୨୫-୨୬ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|---|
| ୧. | ଭୋଗ ଦୋକାନ | ଟ.୧,୧୨,୨୭,୦୦୦/- | ଟ.୧୧,୨୨,୭୦୦/- |
| ୨. | ପାର୍କିଂ ଷ୍ଟାଣ୍ଡ | ଟ.୨୪,୨୩,୩୦୦/- | ଟ.୨,୪୨,୩୩୦/- |

**କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ**

ଭୋଗ ଦୋକାନ ପାଇଁ ଭୋଗର ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଯିବା ସହିତ ସମସ୍ତ ଭୋଗ ସାମଗ୍ରୀ ଡାଲା କିମ୍ବା ପତ୍ର ଠୋଲାରେ ବିକ୍ରୟ କରାଯିବ କିନ୍ତୁ ପଲିଥିନ୍ ବ୍ୟବହାର କରାଯିବ ନାହିଁ।

| କ୍ର.ସଂ. | ଭୋଗର ନାମ | ବ୍ୟବହୃତ ଦ୍ରବ୍ୟ | କିଲୋ ପ୍ରତି ମୂଲ୍ୟ |
|---|---|---|---|
| ୧. | ଶୁଖିଲି ଭୋଗ କେବଳ ଅମୁଲ/ଓମ୍ଫେଡ୍ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହେବା ଆବଶ୍ୟକ | ସୁଜି, ମଇଦା, ଅଟା, ବେସନ ଚିନି, ଘିଅ ଓ ଗୁଡ଼ | ଟ.୨୫୦/- (ଦୁଇ ଶହ ପଚାଶ ଟଙ୍କା) |

ବି.ଦ୍ର.: ଶୁଖିଲି ଭୋଗ ସର୍ବନିମ୍ନ ଟ.୫୦/- (ପଚାଶ ଟଙ୍କା)ରେ ବିକ୍ରୟ କରାଯାଇପାରିବ।

୨. ଦୁଇଚକିଆ ଯାନ ଟ.୧୦/- ତିନିଚକିଆ ଯାନ ଟ.୩୦/- ଚାରିଚକିଆ ଯାନ ଟ.୫୦/- ଓ ଚାରିଚକିଆ ଯାନରୁ ଉର୍ଦ୍ଧ୍ୱ ଟ.୮୦/-

ସ୍ୱାକ୍ଷର: କୈଳାସ ଚନ୍ଦ୍ର ଦାଶ
କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**

**लापता: आवश्यक सूचना**


गुमशुदा भावना राज मरवा
उम्र–करीब 20 वर्ष।

सर्व साधारण को सूचित किया जाता है कि आवेदक रमेश राज मरवा के द्वारा अपनी बेटी **भावना राज मरवा उम्र–करीब 20 वर्ष की गुमशुदगी** के संबंध में संबंधित थाना जादुगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा भावना राज मरवा उम्र–करीब 20 वर्ष, पिता–रमेश राज मरवा, सा0–राखा कॉलोनी, थाना–जादुगोड़ा, जिला–पूर्वी सिंहभूम, जमशेदपुर** जो दिनांक–17.09.2025 को समय करीब 06:30 बजे घर से पानी लाने के लिए निकली थी एवं बहुत समय तक जब घर वापस नहीं आई तो परिवारवालों ने रिस्तेदार एवं पड़ोसियों से पुछताछ किया लेकिन कुछ पता नहीं चल सका।

गुमशुदा महिला का हुलिया निम्न प्रकार है :–कद–05 फीट 07 इंच, रंग–गोरी, बाल–काला, पहनावा–भगवा रंग की कुर्ती एवं काला रंग का पैजामा।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक ग्रामीण, पूर्वी सिंहभूम, जमशेदपुर | : 9470199228 |
| पुलिस उपाधीक्षक, मुसाबनी | : 9431706492 |
| थाना प्रभारी, जादुगोड़ा | : 9431706523 |

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

PR.NO.363129 Police(25-26):D



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଡେଲାଙ୍ଗ ଶାଖା / **ଋଣଗ୍ରହୀତା: ଶ୍ରୀ ପରମାନନ୍ଦ ସାହୁ,** ପିତା: ଗୋବିନ୍ଦ ଚନ୍ଦ୍ର ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରେମାନନ୍ଦ ସାହୁ,** ପିତା: ଗୋବିନ୍ଦ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୦୬.୦୧.୨୦୨୫ ସୁଦ୍ଧା ଟ.୩,୨୬,୩୨୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ପରମାନନ୍ଦ ସାହୁ ଏବଂ ଶ୍ରୀ ପ୍ରେମାନନ୍ଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଏସ୍‌ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୬୦୧/୧୫୮, ପ୍ଲଟ୍ ନଂ.: ୬୦/୧୬୩୪ ଏବଂ ୫୯/୧୬୩୫, କ୍ଷେତ୍ର: ଏକର୦.୦୪% ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଧୋବା ସାହୁ, ପୂର୍ବ: ପ୍ରଶାନ୍ତ ମହାରଣା, ପଶ୍ଚିମ: ସୁଦର୍ଶନ ପାତ୍ର |
| ଡେଲାଙ୍ଗ ଶାଖା / **ଋଣଗ୍ରହୀତା: ଶ୍ରୀ ହୃଷିକେଶ ରାଉତ,** ପିତା: ଧ୍ରୁବ ଚରଣ ରାଉତ, ସା/ପୋ.: ବେରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ସିଂ,** ପିତା: ଦୟାନିଧି ସିଂ, ସା: ରାମଚନ୍ଦ୍ରପୁର, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୩୦.୦୧.୨୦୨୫ ସୁଦ୍ଧା ଟ.୪,୬୪,୯୮୧.୦୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ହୃଷିକେଶ ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେରବୋଇ, ଥାନା: ଡେଲାଙ୍ଗ, ଏସ୍‌ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୭୯୬, ପ୍ଲଟ୍ ନଂ.: ୧୮୯୩, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୯୨, ଦକ୍ଷିଣ: ପ୍ଲଟ୍ ନଂ.: ୧୮୯୪, ପୂର୍ବ: ପ୍ଲଟ୍ ନଂ.: ୧୮୯୫, ପଶ୍ଚିମ: କେନାଲ |
| ମୈତ୍ରୀ ବିହାର ଶାଖା / **ଋଣଗ୍ରହୀତା: ମେସର୍ସ ମା ତାରିଣୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମୀଧର ସାହୁ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଲକ୍ଷ୍ମୀଧର ସାହୁ,** ପିତା: ସ୍ୱ ନେତ୍ରାନନ୍ଦ ସାହୁ, **୨) ଶ୍ରୀ ଶିବ ପ୍ରସାଦ ସାହୁ,** ପିତା: ସ୍ୱ ନେତ୍ରାନନ୍ଦ ସାହୁ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୪୬/୬୮୩, ସା: ଦାଡ଼ାପାଟଣା, ବାରଙ୍ଗ ରେଲୱେ ଷ୍ଟେସନ୍ ନିକଟ, ଥାନା: ବାରଙ୍ଗ, ଜିଲ୍ଲା: କଟକ-୭୫୪୦୦୫ | ୦୯.୦୬.୨୦୨୫ ସୁଦ୍ଧା ଟ.୧୯,୭୫,୨୦୯.୨୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୬.୨୦୨୫ / ୨୫.୦୯.୨୦୨୫ | ଶ୍ରୀ ଲକ୍ଷ୍ମୀଧର ସାହୁ ଏବଂ ଶ୍ରୀ ଶିବ ପ୍ରସାଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦାଡ଼ାପାଟଣା, ଥାନା: ବାରଙ୍ଗ, ତହସିଲ: ବାରଙ୍ଗ, ଜିଲ୍ଲା: କଟକ, ଖାତା ନଂ.: ୮୧/୨୧, ପ୍ଲଟ୍ ନଂ.: ୧୪୬/୬୮୩, କ୍ଷେତ୍ର: ୩୪୮୪.୮ ବର୍ଗଫୁଟ, କିସମ: ଜମି ସହିତ ବାସୋପଯୋଗୀ ବିଲ୍ଡିଂ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତାମାନଙ୍କ ପ୍ଲଟ୍, ଦକ୍ଷିଣ: ଦିପାମଣୀ ହେମ୍ବ୍ରମ୍, ପୂର୍ବ: ବିକ୍ରେତାମାନଙ୍କ ପ୍ଲଟ୍, ପଶ୍ଚିମ: ଘରୋଇ ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୬.୦୯.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



କର୍ନାଟକର ମହୀଶୂରଠାରେ ଦଶରା ଏୟାର ଶୋ' ଅବସରରେ ଶନିବାର ଭାରତୀୟ ବାୟୁସେନା ହେଲିକପ୍ଟର ପ୍ରଦର୍ଶନକାରୀ ଟିମ୍ 'ସରାଙ୍ଗ' ଆକାଶମାର୍ଗରେ ଯୁଦ୍ଧାଭ୍ୟାସ ପ୍ରଦର୍ଶନ କରୁଛି।

## ସଂକ୍ଷେପରେ

### ଚାଇନାର ଗାନ୍ସୁ ପ୍ରଦେଶରେ ଭୂକମ୍ପ

ବେଜିଂ,୨୭।୯

ଚାଇନାର ଗାନ୍ସୁ ପ୍ରଦେଶରେ ଶନିବାର ଭୋର ସମୟରେ ୫.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୧ ଜଣ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଭୂକମ୍ପ ପ୍ରଭାବରେ ଛାତର ଟାଇଲ୍‌ଗୁଡ଼ିକ ଖସିପଡ଼ିଥିଲା। ଏଥିରେ ୧୭ଟି ଘର ଭାଙ୍ଗିଯାଇଥିବାବେଳେ ୩,୫୦୦ରୁ ଊର୍ଦ୍ଧ୍ୱ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଲୋଙ୍ଗକ୍ସି ଏବଂ ଝାଙ୍ଗଜିଆନ କାଉଣ୍ଟିରୁ ୭,୮୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଭୋର ୫ଟା ୪୯ ମିନିଟ୍ ସମୟରେ ଲୋଙ୍ଗକ୍ସି କାଉଣ୍ଟିରେ ସଂଘଟିତ ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ବୋଲି ଚାଇନା ସରକାରଙ୍କ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା

**ବ୍ୟାଗ୍‌ରୁ ମିଳିଲା ମୃତଦେହ**

ଆଜମଗଡ଼,୨୭।୯

ଉତ୍ତରପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ସିଧାରୀରେ ଜଣେ ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଶାହଜେବ୍ ନାମକ ବାଳକ ବୁଧବାର ଟିଉଶନ ଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଶୈଳେନ୍ଦ୍ର କୁମାର ନିଗମଙ୍କ ସହ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ବୁଧବାର ସନ୍ଧ୍ୟାରେ ନିଖୋଜ ଏତଲା ଦିଆଯାଇଥିବାବେଳେ ଗୁରୁବାର ପିଲାର ଖଣ୍ଡିତ ମୃତଦେହ ମିଳିବା ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ମୃତଦେହକୁ ଏକ ଅଖାରେ ରଖି ଜଣେ ପଡ଼ୋଶୀଙ୍କ ଫାଟକରେ ଝୁଲାଇ ଦିଆଯାଇଥିଲା। ଏହି ମାମଲାରେ ଶୈଳେନ୍ଦ୍ର, ରାଜା ନିଗମଙ୍କୁ ଗିରଫ କରାଯାଇଛି। ସେମାନେ ପୋଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ପାଲଟା ଗୁଳି ଚଳାଇଥିଲା।

### ଦିଲ୍ଲୀ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣା ଅଭିଯୁକ୍ତଙ୍କୁ ଜାମିନ



ଗଗନପ୍ରୀତ୍ କୌର

ନୂଆଦିଲ୍ଲୀ,୨୭।୯

ଦିଲ୍ଲୀରେ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣାରେ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ପଟିଆଲା ହାଉସ୍ କୋର୍ଟ ଏହି ମାମଲାରେ ଶନିବାର ଅଭିଯୁକ୍ତ ଗଗନପ୍ରୀତ୍ କୌରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ୧ ଲକ୍ଷ ଟଙ୍କାର ବଣ୍ଡ୍ ସହ ୨ଟି ସିଓରିଟି ଦାଖଲ କରି ଜାମିନରେ ଯିବା ପାଇଁ କୁହାଯାଇଛି। କୌରଙ୍କୁ ପାସ୍‌ପୋର୍ଟ ଦାଖଲ କରିବାକୁ କୁହାଯିବା ସହ ପ୍ରତି ଶୁଣାଣି ବେଳେ କୋର୍ଟରେ ଉପସ୍ଥିତ ରହିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି। ଜାମିନ ସମୟରେ ଗଗନପ୍ରୀତ୍ ନ୍ୟୁ ଲାଇଫ୍ ହସ୍ପିଟାଲ ଷ୍ଟାଫ୍ କିମ୍ବା ଅନ୍ୟ ସାକ୍ଷୀଙ୍କ ସହ ଯୋଗାଯୋଗ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି।

# ବ୍ରିକ୍ସକୁ ଘାରିଲା ଟାରିଫ୍ ଚିନ୍ତା

## ବହୁପାକ୍ଷିକ ବାଣିଜ୍ୟିକ ବ୍ୟବସ୍ଥାକୁ ମଜଭୁତ କରାଯିବା ଜରୁରୀ: ଏସ୍. ଜୟଶଙ୍କର

ଜାତିସଂଘ/ନ୍ୟୁୟର୍କ,୨୭।୯



ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ରାଷ୍ଟ୍ର ସମୂହ ବ୍ରିକ୍ସ ଆମେରିକା ପକ୍ଷରୁ କଷାଯାଇଥିବା ଉଚ୍ଚ ଟାରିଫ୍‌କୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଅବିଚାରିତ ଭାବେ ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ବାଣିଜ୍ୟିକ କାରବାରରେ ବାଧା ସୃଷ୍ଟି ହେବା ସହ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକର କ୍ଷତି ହେଉଥିବା ବ୍ରିକ୍ସ ପକ୍ଷରୁ କୁହାଯାଇଛି।

୨୦୨୬ ବର୍ଷ ପାଇଁ ବ୍ରିକ୍ସରେ ଭାରତ ଅଧ୍ୟକ୍ଷତା କରିବ। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନ ପରିପ୍ରେକ୍ଷୀରେ ବ୍ରିକ୍ସ ବହିର୍ବ୍ୟାପାର/ଅନ୍ତର୍ଜାତୀୟ ସମ୍ପର୍କ ମନ୍ତ୍ରୀମାନଙ୍କ ବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବ୍ରିକ୍ସ ରାଷ୍ଟ୍ର ସମୂହ ପକ୍ଷରୁ ଏକ ମିଳିତ ଘୋଷଣାନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆମେରିକା ପକ୍ଷରୁ ଲଗାଯାଉଥିବା ଟାରିଫ୍ ବିଶ୍ୱ ବାଣିଜ୍ୟ ପାଇଁ ଏକ ପ୍ରତିବନ୍ଧକ। ଭବିଷ୍ୟତରେ ଏହା ବାଣିଜ୍ୟିକ କାରବାର ପାଇଁ ବିପଦ ସୃଷ୍ଟି କରିବା ସହ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି କରିବ। ଏଥିସହ ଅନ୍ତର୍ଜାତୀୟ ଆର୍ଥିକ ଓ ବାଣିଜ୍ୟିକ କାର୍ଯ୍ୟକଳାପରେ ଅନିଶ୍ଚିତତା ଉପୁଜାଇବ। ଏହା କେବଳ ବ୍ରିକ୍ସ ପାଇଁ ନୁହେଁ, ବରଂ ଅନ୍ୟ ଦେଶଗୁଡ଼ିକର ଅର୍ଥନୈତିକ ପ୍ରଗତିକୁ ପ୍ରଭାବିତ କରିବ। ବ୍ରିକ୍ସରେ ସାମିଲ ଥିବା ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ଏହି ଏକତରଫା ଟାରିଫ୍ ବୃଦ୍ଧି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏପରି ଆମଦାନୀ ଶୁଳ୍କ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ନିୟମର ବିରୁଦ୍ଧାଚରଣ କରୁଛି ବୋଲି ଏହି ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି। ଏନେଇ ଜୟଶଙ୍କର କହିଛନ୍ତି, ସଂରକ୍ଷଣବାଦ ବୃଦ୍ଧି, ଟାରିଫ୍ ଭୋଲାଟିଲିଟି ଓ ଅଣଟାରିଫ୍ ପ୍ରତିବନ୍ଧକଗୁଡ଼ିକ ବାଣିଜ୍ୟର ସ୍ରୋତକୁ ପ୍ରଭାବିତ କରୁଥିବାରୁ ବ୍ରିକ୍ସ ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ବହୁପକ୍ଷବାଦ ଚାପରେ ରହିଛି, ବ୍ରିକ୍ସ ଏକ ଯଥାର୍ଥତାର ଦୃଢ଼ ସ୍ୱର ଭାବେ ଉଭା ହୋଇ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତାବହ ସାଜିଛି। ବିଶ୍ୱ ନାନା ଅସୁବିଧା ଦେଇ ଗତିକରୁଥିବାବେଳେ ବ୍ରିକ୍ସ ଶାନ୍ତି ପ୍ରତିଷ୍ଠା, ଆଲୋଚନା, କୂଟନୀତି ଓ ଅନ୍ତର୍ଜାତୀୟ ଆଇନର ଅନୁପାଳନକୁ ଗୁରୁତ୍ୱ ଦେବା ପାଇଁ ବାର୍ତ୍ତା ପ୍ରେରଣ କରିବା ଜରୁରୀ। ଜାତିସଂଘର ପ୍ରମୁଖ ଅଂଶ ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଜିଏ)କୁ ବ୍ରିକ୍ସ ଏକ ବ୍ୟାପକ ସଂସ୍କାର ପାଇଁ ଆହ୍ୱାନ ଦେବା ଉଚିତ। ପ୍ରଯୁକ୍ତି ଓ ନବଉନ୍ମେଷ ବ୍ରିକ୍ସର ପରବର୍ତ୍ତୀ ପର୍ଯ୍ୟାୟ ସହଯୋଗକୁ ପରିଭାଷିତ କରିବ ବୋଲି ଜୟଶଙ୍କର X ରେ ଉଲ୍ଲେଖ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ବ୍ରିକ୍ସ ମନ୍ତ୍ରୀମାନେ ଆସନ୍ତାବର୍ଷ ଭାରତ କରିବାକୁ ଥିବା ଅଧ୍ୟକ୍ଷତାକୁ ସମର୍ଥନ ଜଣାଇଛନ୍ତି। ଗତ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣକୁ ମଧ୍ୟ ବ୍ରିକ୍ସର ମିଳିତ ଘୋଷଣାନାମାରେ ନିନ୍ଦା କରାଯାଇଛି। ଆତଙ୍କବାଦ ପ୍ରତି ଶୂନ ସହନଶୀଳତାକୁ ଜୋର୍ ଦେବା ସହ ଏହି ପ୍ରସଙ୍ଗରେ ଦୋମୁହାଁ ନୀତି ଆପଣାଉଥିବା ଦେଶଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଏଥିରେ ପରାମର୍ଶ ଦିଆଯାଇଛି। ଜାତିସଂଘ ଏବଂ ୟୁଏନ୍‌ଏସ୍‌ସିରେ ଭାରତ ଓ ବ୍ରାଜିଲର ଆକାଂକ୍ଷାକୁ ବ୍ରିକ୍ସ ନିଜ ସମର୍ଥନ ଦୋହରାଇଛି।

## ମାର୍ଚ୍ଚ ସୁଦ୍ଧା ରୁପି ବଣ୍ଡ୍ ଆଣିବାକୁ ଯୋଜନା

ମୁମ୍ବାଇ,୨୭।୯(ରଏଟର୍ସ)

ବ୍ରିକ୍ସ ରାଷ୍ଟ୍ର ସମୂହ-ସମର୍ଥିତ ନ୍ୟୁ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏନ୍‌ଡିବି) ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତୀୟ ମୁଦ୍ରା ରୁପି ବଣ୍ଡ୍ ଜାରି କରିବାକୁ ଯୋଜନା କରିଛି। ତିନୋଟି ସୂତ୍ରରୁ ଏହି ବିଷୟ ଜଣାପଡ଼ିଥିବା ରଏଟର୍ସ ଏକ ରିପୋର୍ଟରେ ପ୍ରକାଶ କରିଛି। ପୂର୍ବରୁ ଚାଇନାର ୟୁଆନ୍ ଏବଂ ଦକ୍ଷିଣ ଆଫ୍ରିକୀୟ ମୁଦ୍ରା ର୍ୟାଣ୍ଡରେ ପାଣ୍ଠି ସଂଗ୍ରହ କରିଥିବା ଏନ୍‌ଡିବି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ରୁପି ବଣ୍ଡ୍ ଜାରି ଲାଗି ଆଲୋଚନା କରୁଛି। ପ୍ରାଥମିକ ପର୍ଯ୍ୟାୟରେ ୩-୫ ବର୍ଷିଆ ବଣ୍ଡ୍‌ଗୁଡ଼ିକରେ ୪୦୦ ନିୟୁତରୁ ୫୦୦ ନିୟୁତ ଡଲାର ପର୍ଯ୍ୟନ୍ତ ପାଣ୍ଠି ପ୍ରତିଷ୍ଠା କରାଯାଇପାରେ। ଚାଇନା ଓ ଭାରତ ନିଜ ନିଜ କରେନ୍ସିର ଅନ୍ତର୍ଜାତୀୟ ଗ୍ରହଣୀୟତାକୁ ବଢ଼ାଇବା ପାଇଁ ଜୋର୍ ଦେଉଥିବାବେଳେ ନିବେଶକମାନେ ମଧ୍ୟ ନିଜ ଆସେଟ୍ସକୁ ବିକଶିତ ମାର୍କେଟଗୁଡ଼ିକ ଊର୍ଦ୍ଧ୍ୱକୁ ନେଇ ଏଥିରେ ବିବିଧତା ଆଣିବାକୁ ଚାହୁଁଛନ୍ତି। ଏଭଳି ସମୟରେ ଏନ୍‌ଡିବି ରୁପି ବଣ୍ଡ୍ ଅଣିବା ପାଇଁ ଭାରତ ସରକାର ଓ ନିୟନ୍ତ୍ରକଙ୍କ ସହ କାର୍ଯ୍ୟ କରୁଛି ବୋଲି ବ୍ୟାଙ୍କର ଚିଫ୍ ଫାଇନାନ୍ସିଆଲ ଅଫିସର ରଏଟର୍ସକୁ ସୂଚନା ଦେଇଛନ୍ତି। ତେବେ ଆର୍‌ବିଆଇର ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ପ୍ରକାଶ ଯେ, ଆମେରିକୀୟ ଡଲାରର ପ୍ରଭୁତ୍ୱ ହ୍ରାସ ପାଇଁ ବ୍ରିକ୍ସର କୌଣସି ପ୍ରକାର କରେନ୍ସି ଅଣାଗଲେ ସମ୍ପୃକ୍ତ ଦେଶଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ କଷାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇ ଆସୁଥିବାବେଳେ ରୁପି ବଣ୍ଡ୍ ଆଣିବା ଯୋଜନା ତାଙ୍କୁ ଆହୁରି କ୍ଷୁବ୍ଧ କରିପାରେ।

## ୱାଙ୍ଗଚୁକ୍‌ଙ୍କ ପାକିସ୍ତାନ ଲିଙ୍କ୍‌ର ତଦନ୍ତ ଜାରି

ଲେହ୍,୨୭।୯(ପି.ଟି.)



ସୋନମ୍ ୱାଙ୍ଗଚୁକ୍

ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିରେ ୬,୦୦୦ ବିକ୍ଷୋଭକାରୀ ବୁଧବାର ପୋଡ଼ାଜଳା ଓ ଟେକାମାଡ଼ କରିଥିଲେ। ସେମାନେ ସରକାରୀ ବିଲ୍ଡିଂ ଭଙ୍ଗାରୁଜା କରିବା ସହ ଭାଜପା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ ଓ ଅନେକ ଗାଡ଼ି ପୋଡ଼ିଦେଇଥିଲେ। ହିଂସା ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାର୍ଜ ଏବଂ ଗୁଳିଚାଳନା କରିଥିଲା। ଏଥିରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ୧୭ ସିଆର୍‌ପିଏଫ୍ ଯବାନ ଓ ୭୦ ଜଣ ସାଧାରଣ ଲୋକ ଆହତ ହୋଇଥିଲେ। ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍‌ଙ୍କ ଉତ୍ତେଜିତ ଭାଷଣକୁ ଦାୟୀ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ ସହ ୱାଙ୍ଗଚୁକ୍‌ଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯାଉଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍.ଡି. ସିଂ ଜମୱାଲ ଶନିବାର କହିଛନ୍ତି। ୱାଙ୍ଗଚୁକ୍‌ଙ୍କୁ ଶୁକ୍ରବାର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ତଦନ୍ତରୁ ମିଳିଥିବା ତଥ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରକାଶ କରାଯାଇପାରିବ ନାହିଁ। ତେବେ ସେ ତାଙ୍କ ଭାଷଣରେ ଆରବ ସ୍ପ୍ରିଙ୍ଗ୍ ଏବଂ ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କାରେ ଘଟିଥିବା ବିଦ୍ରୋହ ସମ୍ପର୍କରେ କହି ଲୋକମାନଙ୍କୁ ଉତ୍ତେଜିତ କରିଥିଲେ ବୋଲି ପୋଲିସ ମୁଖ୍ୟ କହିଛନ୍ତି।

## ଲେହ୍‌ରେ କର୍ଫ୍ୟୁ ୪ ଘଣ୍ଟା କୋହଳ

ଲେହ୍,୨୭।୯(ପି.ଟି.)

ଲଦାଖର ହିଂସା ପ୍ରଭାବିତ ଲେହ୍ ସହରରେ ବୁଧବାରଠାରୁ କର୍ଫ୍ୟୁ ଜାରି ରହିଥିବାବେଳେ ଶନିବାର ଅପରାହ୍ନରେ ପର୍ଯ୍ୟାୟକ୍ରମେ ୪ ଘଣ୍ଟା ପାଇଁ ଏହାକୁ କୋହଳ କରାଯାଇଛି। ସ୍ଥାନୀୟ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୋକାନଗୁଡ଼ିକରେ ଲମ୍ବା ଲାଇନ୍ ଲଗାଇଥିବା ଦେଖାଯାଇଛି। ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍ ଗିରଫ ହେବା ପରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ଶନିବାର ସକାଳଠାରୁ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ପାଟ୍ରୋଲିଂକୁ ଜୋରଦାର କରିଛି। କର୍ଫ୍ୟୁ କୋହଳ ସମୟରେ କୌଣସି ଅପ୍ରୀତିକର ସ୍ଥିତି ଉପୁଜିଥିବାର ଖବର ମିଳିନାହିଁ। ଲେହ୍ ପୁରୁଣା ସହରରେ ପ୍ରଥମ ପର୍ଯ୍ୟାୟରେ ଅପରାହ୍ନ ୧ଟାରୁ ୩ଟା ଏବଂ ନୂତନ ଅଞ୍ଚଳରେ ୩ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି।

## ସଂସଦୀୟ କମିଟି କାର୍ଯ୍ୟକାଳ ୨ ବର୍ଷ ହୋଇପାରେ

ନୂଆଦିଲ୍ଲୀ,୨୭।୯(ପି.ଟି.)

ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କ ସହ ପରାମର୍ଶ କରି ସରକାର ସଂସଦୀୟ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷ କରିବାକୁ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। କମିଟିଗୁଡ଼ିକର ନୂଆ କାର୍ଯ୍ୟକାଳ ସେପ୍ଟେମ୍ବର ଶେଷଭାଗ କିମ୍ବା ଅକ୍ଟୋବର ପ୍ରାରମ୍ଭରେ ଆରମ୍ଭ ହୋଇଥାଏ। ଏହାର କାର୍ଯ୍ୟକାଳ ବଢ଼ାଇବା ପାଇଁ କେତେଜଣ ସଦସ୍ୟ ନିବେଦନ କରିଥିଲେ। ନୂଆ ଲୋକ ସଭା ଗଠନ ପରେ ବିଭିନ୍ନ ଦଳ ସହ ପରାମର୍ଶ କରି କମିଟି ଗଢ଼ାଯାଇଥାଏ। ସମ୍ପ୍ରତି ୨୪ଟି ବିଭାଗୀୟ ଷ୍ଟାଣ୍ଡିଂ କମିଟି ରହିଛି। ସେଥିରୁ ୮ଟିରେ ରାଜ୍ୟ ସଭା ସଦସ୍ୟ ଅଧ୍ୟକ୍ଷ ଥିବାବେଳେ ୧୬ଟିରେ ଲୋକ ସଭା ସଦସ୍ୟ ଅଧ୍ୟକ୍ଷ ରହିଛନ୍ତି। ଏହା ବ୍ୟତୀତ ବିଲ୍ ଅନୁଧ୍ୟାନ ପାଇଁ ଅର୍ଥ କମିଟି ଓ ଅସ୍ଥାୟୀ କମିଟି ଗଢ଼ାଯାଇଥାଏ।

## 'ଆଇ ଲଭ୍ ମହମ୍ମଦ' ବିବାଦ ପଛର ମୁଖ୍ୟ ଅଭିଯୁକ୍ତ ମୌଲବୀ ଗିରଫ

ବରେଲି,୨୭।୯(ପି.ଟି.)



ତୌକିର ରଜା ଖାନ୍

ଉତ୍ତରପ୍ରଦେଶର ବରେଲିରେ 'ଆଇ ଲଭ୍ ମହମ୍ମଦ' ଅଭିଯାନକୁ ସମର୍ଥନ କରି ବିକ୍ଷୋଭ କରିବା ଲାଗି ଆହ୍ୱାନ ଦେଇଥିବା ସ୍ଥାନୀୟ ମୌଲବୀ ତଥା ଇତ୍ତେହାଦ-ଇ-ମିଲାତ କାଉନ୍‌ସିଲ୍ ମୁଖ୍ୟ ତୌକିର ରଜା ଖାନ୍‌ଙ୍କ ସମେତ ୮ ଜଣଙ୍କୁ ପୋଲିସ ଗିରଫ କରିଛି। ବରେଲିରେ ଶୁକ୍ରବାର ନମାଜପାଠ ପରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଥିଲା। ଏହା ପଛର ମାଷ୍ଟରମାଇଣ୍ଡ ରାଜା ଓ ଅନ୍ୟ ୭ ଜଣଙ୍କୁ ଶନିବାର ସ୍ଥାନୀୟ ଅଦାଲତ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜେଲ ଯାଇଥିବା ଅନ୍ୟ ୭ ଜଣ ହେଲେ ସରଫରାଜ, ମୁନିଫୁଦ୍ଦିନ୍, ଅଜିମ ଅହମଦ, ମହମ୍ମଦ ଶରିଫ, ମହମ୍ମଦ ଆମିର, ରେହାନ ଏବଂ ମହମ୍ମଦ ସରଫରାଜ। ହିଂସାକାଣ୍ଡରେ ସମ୍ପୃକ୍ତି ନେଇ ପୋଲିସ ୩୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ରାଜାଙ୍କ ସମେତ ୨୫ ଜଣ ଏବଂ ୨୦୦ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି।

ହିଂସାତ୍ମକ ବିକ୍ଷୋଭ ପରେ ବାରାବାଙ୍କୀ ଏବଂ ମଉ ଜିଲାରେ ଉତ୍ତେଜନା ଲାଗି ରହିଛି। ଶନିବାର ଉକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବଳ ନିୟୋଜିତ ହୋଇଥିବାବେଳେ ଇଣ୍ଟରନେଟ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅପରାଧମାନଙ୍କୁ ଧରିବା ପାଇଁ ପୋଲିସ ଶୁକ୍ରବାର ରାତିରେ ଘରକୁ ଘର ଯାଇ ଚଢ଼ାଉ କରିଥିଲା।

# ଗାଜାରେ ଏୟାରଷ୍ଟ୍ରାଇକ୍ : ୪୪ ମୃତ

ଡେଇର୍ ଅଲ୍-ବଲାହ,୨୭।୯

ଗାଜାରେ ଶନିବାର ସକାଳେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୪୪ ଜଣଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧ ବନ୍ଦ ପାଇଁ ଅନ୍ତର୍ଜାତୀୟ ଚାପ ବଢ଼ୁଥିବାବେଳେ ଯୁଦ୍ଧ ଜାରି ରଖିବା ଜିଦ୍‌ରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଅଟଳ ରହିଛନ୍ତି। କେନ୍ଦ୍ରୀୟ ଓ ଉତ୍ତର ଗାଜାରେ ଶନିବାର ଭୋର ସମୟରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ନୁସେଇରାତ ଶରଣାର୍ଥୀ କ୍ୟାମ୍ପରେ ଥିବା ଏକ ଘର ଉପରେ ଆକ୍ରମଣ ହେବାରୁ ଗୋଟିଏ ପରିବାରର ୯ ଜଣ ପ୍ରାଣ ହରାଇଛନ୍ତି। ଶୁକ୍ରବାର ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନରେ ନେତାନ୍ୟାହୁଙ୍କ ଭାଷଣର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି। ଗାଜାରେ ଧ୍ୱଂସକାରୀ ଯୁଦ୍ଧ ଜାରି ରହିବ ଏବଂ ହମାସ୍ ବିରୋଧରେ ଆମେ ଆମ କାମ ଶେଷ କରିବୁ ବୋଲି ନେତାନ୍ୟାହୁ କହିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଫ୍ରାନ୍ସ, ବ୍ରିଟେନ ସମେତ ଅନେକ ଦେଶ ସ୍ୱୀକୃତି ପ୍ରଦାନ କରିଥିବାରୁ ନେତାନ୍ୟାହୁ ଏହାର ନିନ୍ଦା କରିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଇସ୍ରାଏଲ୍ ସ୍ୱୀକୃତି ଦେବା ଅତ୍ୟନ୍ତ ପାଗଳାମି ହେବ ବୋଲି ସେ କହିଥିଲେ। ଯୁଦ୍ଧ ବନ୍ଦ ପାଇଁ ଚାପ ବଢ଼ିବା ସହ ଇସ୍ରାଏଲ୍ ଏକପ୍ରକାର ଏକଘରିକିଆ ହୋଇଯାଇଛି। ପାଲେଷ୍ଟାଇନ୍ ରାଷ୍ଟ୍ରକୁ ସମର୍ଥନ କରୁଥିବା ଦେଶ ସଂଖ୍ୟା ବଢ଼ିଚାଲିଛି। ଯୁଦ୍ଧବିରତି ଲାଗି ଇସ୍ରାଏଲ୍ ଉପରେ ଚାପ ପକାଇବାକୁ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଚଳାଇଛନ୍ତି।



ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ପରେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର କୋଠାଗୁଡ଼ିକରୁ ଧୂଆଁ ଉଠୁଛି।

## ପ୍ରେମରେ ତୃପ୍ତି



ତୃପ୍ତି ଡିମ୍ରୀ

**ମୁମ୍ବାଇ:** ପ୍ରେମରେ ପଡ଼ିଛନ୍ତି ବଲିଉଡ ଅଭିନେତ୍ରୀ ତୃପ୍ତି ଡିମ୍ରୀ। ବ୍ୟବସାୟୀ ତଥା ମଡେଲ ଶ୍ୟାମ ମର୍ଚ୍ଚାଣ୍ଟଙ୍କୁ ସେ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଦୁହେଁ କିନ୍ତୁ ଏନେଇ ମୁହଁ ଖୋଲୁ ନାହାନ୍ତି। ସୋସିଆଲ ମିଡିଆରେ କେବଳ କିଛି ଫଟୋ ସମ୍ପର୍କ ଉପରେ ମୋହର ଲଗାଉଛି।

ଶ୍ୟାମ ମର୍ଚ୍ଚାଣ୍ଟ ପ୍ରଥମେ ମଡେଲିଂ ଜଗତରେ ନାଁ କମାଇବା ପରେ ବ୍ୟବସାୟରେ ପାଦ ଥାପିଥିଲେ। ତୃପ୍ତି ବଲିଉଡରେ ବହୁ ବର୍ଷ ଧରି କାମ କରୁଛନ୍ତି। ସେ ଆନିମଲ ଫିଲ୍ମରେ ରଣବୀର କପୁରଙ୍କ ସହ ଅଭିନୟ କରି ରାତାରାତି ପାଲଟି ଯାଇଥିଲେ ଷ୍ଟାର। ନିକଟରେ ଫିଲ୍ମ 'ଧଡ଼କ ୨'ରେ ସେ ନଜର ଆସିଥିଲେ। ଏହି ଫିଲ୍ମରେ ତାଙ୍କର ଅଭିନୟ ଖୁବ ପ୍ରଶଂସା ପାଇଥିଲା। ତୃପ୍ତି ତାଙ୍କ ବୋଲ୍ଡ ଅନ୍ଦାଜ ପାଇଁ ଜଣାଶୁଣା। ସୋସିଆଲ ମିଡ଼ିଆରେ ତୃପ୍ତି ନିୟମିତ ଫଟୋ ଓ ଭିଡ଼ିଓ ଶେୟାର କରନ୍ତି, ଯାହା ଇଣ୍ଟରନେଟରେ ଭାଇରାଲ ହୋଇଥାଏ। ତେବେ ଏବେ ତାଙ୍କ ଏକାନ୍ତ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଆଗାମୀ ଦିନରେ ତାହା ସ୍ପଷ୍ଟ ହେବ ବୋଲି ପ୍ରଶଂସକ ଅନୁମାନ କରୁଛନ୍ତି।

### ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ୨ ଗିରଫ

ବଇଣ୍ଡା, (ପରିକ୍ଷିତ ସାହୁ): ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୁଡ଼ାସାହି ଗ୍ରାମର ମୁନା ବେହେରା, ଭଙ୍ଗାମୁଣ୍ଡା ଗ୍ରାମର ବିଜୟ ସିଂଙ୍କୁ ଶନିବାର କେନ୍ଦୁଝର ଓ ଧଣ୍ଡାତୋପା ବନ ବିଭାଗ ଗିରଫ କରିଛି। ସୂଚନା ଅନୁଯାୟୀ, ବର୍ଷେତଳେ ଧଣ୍ଡାତୋପା ଅଞ୍ଚଳରୁ ହାତୀ ଦାନ୍ତ କେନ୍ଦୁଝର ଚାଲାଣ କରାଯାଇଥିଲା। କେନ୍ଦୁଝର ଅଞ୍ଚଳରେ ହାତୀ ଦାନ୍ତ ଜବତ କରାଯାଇଥିବା ବେଳେ ୨ ଜଣ ଶିକାରୀ ପୂର୍ବରୁ ଗିରଫ ହୋଇଥିଲେ। ଏହି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ବିଜୟ ଓ ମୁନାଙ୍କୁ ଶନିବାର ଗିରଫ କରାଯାଇଛି।

# ସ୍ପେଶାଲ କ୍ରାଇମ୍ ୟୁନିଟ୍ ପଞ୍ଝାରେ କୁଖ୍ୟାତ ବନ୍ଧୁକ ବେପାରୀ


ଗିରଫ ବନ୍ଧୁକ ବେପାରୀ ସେଖ୍ ନଦିମ।


ଜବତ ବନ୍ଧୁକ, ଗୁଳି ଓ ଟଙ୍କା।

ଭୁବନେଶ୍ୱର, ୨୭।୯(ସତ୍ୟଜିତ ରାଉତ)

## ୧୦ ବନ୍ଧୁକ, ୧୮ ଗୁଳି, ୧୦ ମାଗଜିନ ଜବତ

### ୭ ବର୍ଷ ତଳେ କେନ୍ଦ୍ରାପଡ଼ାରେ ଏନ୍‌କାଉଣ୍ଟର ହୋଇଥିଲେ

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ପଞ୍ଝାରେ ଫସିଲେ କୁଖ୍ୟାତ ବନ୍ଧୁକ ବେପାରୀ। ସେ ହେଲେ ଜଗତ୍‌ସିଂହପୁର ଜିଲା କୃଷ୍ଣନନ୍ଦପୁର ଥାନା ଅନ୍ତର୍ଗତ ଇଟାଟିକିରି ଗ୍ରାମର ସେଖ୍ ନଦିମ (୩୧)। ଶନିବାର ଭୋର ପ୍ରାୟ ୫ଟା ଧଉଳି ଜଙ୍କ୍ସନ ନିକଟରେ ଏସ୍‌ସିୟୁ ଟିମ୍ ତାଙ୍କୁ ଗିରଫ କରିଛି। ନଦିମଙ୍କ ପାଖରୁ ୧୦ଟି ସେମି ଅଟୋମେଟିକ ପିସ୍ତଲ, ୧୮ ଗୁଳି, ୧୦ ମାଗାଜିନ, ବାଇକ ଓ ମୋବାଇଲ ଜବତ ହୋଇଛି। ଏ ସମ୍ପର୍କରେ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା (ନଂ.୭/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ନଦିମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଦିମ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳର ଡିଲରଙ୍କୁ ବନ୍ଧୁକ ବିକ୍ରି କରିବାକୁ ଆସିଥିବା ବେଳେ ଏସ୍‌ସିୟୁ ଟିମ୍ ଯୋଜନାବଦ୍ଧ ଭାବେ ତାଙ୍କୁ ଧରିଥିଲା। ତେବେ ତାଙ୍କର ଏହି ବନ୍ଧୁକ ରାକେଟକୁ ନେଇ ଅଧିକ ଛାନଭିନ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ନଦିମଙ୍କ ନାମରେ ବିଭିନ୍ନ ଥାନାରେ ବହୁ ସଙ୍ଗିନ ମାମଲା ରହିଛି। ଏପରିକି ସେ ଏହାପୂର୍ବରୁ ଏକାଧିକଥର ଜେଲ ଯାଇ ମଧ ଫେରିଛନ୍ତି। ଗତ ମାସେ ହେବ ଏସ୍‌ସିୟୁ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ସେ ପୁରୀ ପାର୍ଶ୍ୱରୁ ପଲସର ବାଇକରେ ଆସୁଥିବା ବେଳେ ଏସ୍‌ସିୟୁ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ତାଙ୍କୁ ଧଉଳି ଜଙ୍କ୍ସନଠାରେ ମାଡିବସିଥିଲା। ତେବେ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି କୁଖ୍ୟାତ ବନ୍ଧୁକ ବେପାରୀଙ୍କ ସହ ନଦିମଙ୍କ ଲିଙ୍କ ରହିଥିବା ପୋଲିସ ଜାଣିବାକୁ ପାଇଛି।

### ପୋଲିସ ଉପରକୁ ଗୁଳି ଚଳାଇ ନିଜେ ଗୁଳି ଖାଇଥିଲେ

୭ବର୍ଷ ତଳେ ପୋଲିସ ଉପରକୁ ଗୁଳି ଚଳାଇ ନଦିମ ଗୁଳିମାଡ଼ ଖାଇଥିଲେ। ୨୦୧୯ ଏପ୍ରିଲ ୧୨ ବିଳମ୍ବିତ ରାତିରେ ନଦୀମ ତାଙ୍କ ସହଯୋଗୀଙ୍କୁ ବନ୍ଧୁକ ଯୋଗାଇବାକୁ ପାଟକୁରା ଥାନା ଅଞ୍ଚଳକୁ ଆସୁଥିବା କେନ୍ଦ୍ରାପଡା ଜିଲା ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ଅର୍ଜୁନପୁର ଛକରେ ଛକି ରହିଥିଲା। ପୋଲିସକୁ ଦେଖି ନଦିମ ଖସି ପଳାଇବାକୁ ଚେଷ୍ଟା କରି ପ୍ରଥମେ ଗୁଳି ଚଳାଇଥିଲେ। ସେପଟୁ ପୋଲିସ ଗୁଳିମାଡ଼ କରିବାରୁ ନଦିମଙ୍କ ବାମ ଗୋଡ଼ରେ ଲାଗିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପୁତୁରାଙ୍କୁ ଠେଙ୍ଗାରେ ପିଟି ମାରିଦେଲେ ଦାଦା

ବନ୍ତଲା, ୨୭।୯ (ସୁଶିତ ସାହୁ)

ମାନସିକ ଭାବେ ଅସୁସ୍ଥ ଦାଦାଙ୍କୁ ଖାଇବାକୁ ଦେବାକୁ ଯାଇଥିବା ପୁତୁରାଙ୍କୁ ହତ୍ୟା କରିଛନ୍ତି ଦାଦା। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତ ବଡ଼କଞ୍ଜାନୀ ଗାଁରେ ଶୁକ୍ରବାର ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ବଡ଼କଞ୍ଜାନୀ ଗାଁର ସୁଦର୍ଶନ ଦାସ। ଅଭିଯୋଗପାଇ ଅନୁଗୋଳ ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଦାଦା ବସନ୍ତ କୁମାର ଦାସଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ବଡ଼କଞ୍ଜାନୀ ଗାଁର ବସନ୍ତ ଜଣେ ମାନସିକ ରୋଗୀ। ସେ ଗାଁ ଶ୍ମଶାନରେ ରୁହନ୍ତି। ପରିବାର ଲୋକେ ଦୈନିକ ଖାଦ୍ୟ ନେଇ ତାଙ୍କୁ ଶ୍ମଶାନରେ ଦେଇଆସନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ପୁତୁରା ସୁଦର୍ଶନ ଶ୍ମଶାନକୁ ଖାଦ୍ୟ ନେଇ ଯାଇଥିଲେ। ହେଲେ ସେ ଘରକୁ ନ ଫେରିବାରୁ ଶନିବାର ସକାଳେ ସୁଦର୍ଶନଙ୍କ ସ୍ତ୍ରୀ ଖୋଜିବା ପାଇଁ ଶ୍ମଶାନଆଡ଼େ ଯାଇ ସ୍ୱାମୀଙ୍କ ମୃତଦେଦ ଦେଖିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଅଭିଯୁକ୍ତ ଦାଦା ବସନ୍ତଙ୍କୁ ଏକ ଗଛରେ ବାନ୍ଧି ସୁଦର୍ଶନଙ୍କ ସମ୍ପର୍କରେ ପଚାରିଥିଲେ। ପୁତୁରାଙ୍କୁ ଠେଙ୍ଗାରେ ପିଟି ପିଟି ମାରି ଦେଇ ୨୦୦ ମିଟର ଦୂରରେ ଫିଙ୍ଗି ଦେଇଥିବା ଦାଦା ବସନ୍ତ କହିଥିଲେ। ଏହାପରେ ଗ୍ରାମବାସୀ ଅନୁଗୋଳ ସଦର ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ସାନଭାଇ ସିଦ୍ଧେଶ୍ୱର ଦାସ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୩୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ମୃଣାଳ କାଲ ସୂଚନା ଦେଇଛନ୍ତି।


ଅଭିଯୁକ୍ତ ଦାଦାଙ୍କୁ ଗ୍ରାମବାସୀ ଗଛରେ ବାନ୍ଧି ଦେଇଛନ୍ତି।

# ହାଣ୍ଡିଆ ପିଇଦେବାରୁ ସ୍ତ୍ରୀଙ୍କୁ ପିଟି ହତ୍ୟା

ଉଦଳା, ୨୭।୯ (ସନ୍ତୋଷ କୁମାର ବାଛିନୀ)

### ଫେରାର ହତ୍ୟାକାରୀ ସ୍ୱାମୀଙ୍କୁ ବାନ୍ଧିଲା ପୋଲିସ

ଘରେ ଥିବା ହାଣ୍ଡିଆ ପିଇଦେବାରୁ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ କାଠଫାଳିଆ ପିଟି ହତ୍ୟା କରିବା ଘଟଣା ମୟୂରଭଞ୍ଜ ଜିଲା ଉଦଳା ଥାନା ଉପର ତାଳଡିହା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ଏକ ମାମଲା(ନଂ. ୩୮୧/୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ କାଠଫାଳିଆକୁ ଜବତ କରାଯାଇଛି।

ଉପର ତାଳଡିହା ଗ୍ରାମର ଗୁରୁପ୍ରସାଦ ସିଂ ଶୁକ୍ରବାର ରାତି ୧୦ଟାରେ କାମ ସାରି ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ଘରେ ତିଆରି ହେଉଥିବା ହାଣ୍ଡିଆ ପିଇବାକୁ ଖୋଜିଥିଲେ। ହେଲେ ଏହି ସମୟରେ ସବୁତକ ହାଣ୍ଡିଆକୁ ସ୍ତ୍ରୀ ସୀତା ପିଇ ନିଶାସକ୍ତ ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ ସ୍ୱାମୀ ଗୁରୁପ୍ରସାଦ। ହାଣ୍ଡିଆ ପିଇବାକୁ ମାଗିବାରୁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଏତେ ଉଗ୍ରରୂପ ନେଇଥିଲା ଯେ, ସ୍ତ୍ରୀଙ୍କୁ କାଠଫାଳିଆରେ ପିଟି ପକାଇଥିଲେ ସ୍ୱାମୀ। ସ୍ତ୍ରୀଙ୍କୁ ବାଡେଇ ହତ୍ୟା କରିବା ବେଳେ ତାଙ୍କର ସାନ ପୁଅ ଦେଖିଦେବାରୁ ଏକ ଟାଙ୍ଗିଆ ଧରି ତାଙ୍କୁ ମଧ ମାରିବାକୁ ଗୋଡାଇଥିଲେ। ଛୋଟ ପିଲାଟି ଦୌଡି ଘରୁ ବାହାରି ପଡୋଶୀଙ୍କ ଘରକୁ ଚାଲିଯିବା ପରେ ପୁରା ଘଟଣା ବାବଦରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏହାମଧ୍ୟରେ ହତ୍ୟାକାରୀ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହ ଚାରିପାଖରେ ମଶାରୀ ଟାଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲା । ଏହା ସହିତ ବାରିପଦାରୁ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି।

# ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ବେପାରୀ ଗିରଫ

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସକୁ ଅପରେଶନ ଚକ୍ର ମାଧମରେ ଏକ ବଡ଼ ସଫଳତା ମିଳିଛି। ସଦର ଥାନା ପକ୍ଷରୁ ଶନିବାର ନୀଳଚକ୍ରନଗରରେ ଚଢ଼ାଉ କରାଯାଇ ଜଣେ ଆନ୍ତଃରାଜ୍ୟ ବ୍ରାଉନ୍‌ସୁଗର ଚାଲାଣକାରୀ ଏବଂ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ବ୍ରାଉନସୁଗର ଡିଲରଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ନେଇ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ସୂଚନା ପ୍ରଦାନ କରି କହିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ୨୦୦ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଏଥିସହ ଗୋଟିଏ କାର, ୨ଟି ମୋବାଇଲ୍ ଏବଂ ୫୨୦୦ ଟଙ୍କା ଜବତ କରିଛି। ଜବତ ହୋଇଥିବା ବ୍ରାଉନ୍‌ସୁଗରର ମୂଲ୍ୟ ୨୨ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଗିରଫ ଆନ୍ତଃରାଜ୍ୟ ଚାଲାଣକାରୀ ହେଲେ ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ଥାନା ଅଞ୍ଚଳର ମହମ୍ମଦ ସାଜଦ(୩୦) ଓରଫ ରାଜା ଏବଂ ସଦର ଥାନା ଅନ୍ତର୍ଗତ ନୀଳଚକ୍ରନଗରର ସୁକାନ୍ତି ପଣ୍ଡା(୬୦) ବୋଲି ସୂଚନା ମିଳିଛି।


ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି (ବାମ) ପ୍ରତୀକ ସିଂ ସୂଚନା ଦେଉଛନ୍ତି।

ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଆହୁରି ସୂଚନା ଦେଇ କହିଛନ୍ତି, ସଦର ଥାନା ଏସ୍‌ଆଇ ବିଜୟ ବସନ୍ତ ବିଶ୍ୱାଳଙ୍କୁ ସୁଦୂର ଜଳେଶ୍ୱର ଥାନା ଅଞ୍ଚଳର ଜଣେ ଆନ୍ତଃରାଜ୍ୟ ବ୍ରାଉନସୁଗର ଚାଲାଣକାରୀ ପୁରୀ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏନେଇ ସେ ଥାନାଧିକାରୀଙ୍କୁ ଅବଗତ କରିବା ସହ ଆନ୍ତଃରାଜ୍ୟ ଚାଲାଣକାରୀ ମହମ୍ମଦ ସାଜଦଙ୍କ ଫୋନକୁ ଟ୍ରାକିଂ କରାଯିବା ସହ ପିଛା କରାଯାଇଥିଲା। ଶନିବାର ସେ ଏକ କାର୍‌ରେ ପୁରୀ ପହଞ୍ଚିବା ପରେ ସ୍ଥାନୀୟ ଡିଲର ସୁକାନ୍ତି ପଣ୍ଡାଙ୍କ ଘରକୁ ଯାଇଥିଲେ। ସଦର ପୋଲିସ ତୁରନ୍ତ ଉକ୍ତ ଘରକୁ ଘେରାଉ କରି ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ମହମ୍ମଦ ସାଜଦ ଏବଂ ସୁକାନ୍ତି ପଣ୍ଡାଙ୍କୁ କାବୁ କରିଥିଲା। ଏନେଇ ପୋଲିସ ଉଭୟଙ୍କୁ ଗିରଫ କରି ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସୁକାନ୍ତି ପଣ୍ଡାଙ୍କ ବିରୋଧରେ ସଦର ଥାନାରେ ପୂର୍ବରୁ ୨ଟି ମାମଲା ବିଚାରାଧୀନ ରହିଥିବା ଏସ୍‌ପି ସିଂ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ ଓ ସଦର ଥାନାଧିକାରୀ ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଘରୋଇ ଶିକ୍ଷାନୁଷ୍ଠାନରେ ବଡ଼ ଧରଣର ଆର୍ଥିକ ହେରଫେର

କଟକ,୨୭।୯(କାର୍ତ୍ତିକ ସାହୁ)

### ପ୍ରଶାସନିକ ଅଧିକାରୀ ଗିରଫ

କଟକ ସିଡିଏ ସେକ୍ଟର ୮ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବଡ଼ ଧରଣର ଆର୍ଥିକ ହେରଫେର ହୋଇଛି। ଛାତ୍ରୀଛାତ୍ରଙ୍କ ନାମ ଲେଖା ବାବଦ ୧ କୋଟି ୮ ଲକ୍ଷ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗ ହୋଇଛି। ମର୍କତନଗର ଥାନା ପୋଲିସ ଏହି ଘଟଣାରେ ଶିକ୍ଷାନୁଷ୍ଠାନର ପ୍ରଶାସନିକ ଅଧିକାରୀଙ୍କୁ ଗିରଫ କରିଛି। ଅଧିକାରୀ ଜଣକ ହେଲେ ରୂପଶ୍ରୀ ମିଶ୍ର। ପୋଲିସ ରୂପଶ୍ରୀଙ୍କ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ଜବତ କରିଛି। ଥାନାରେ ମାମଲା (ନଂ.୧୬୬/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସିଡିଏ ସେକ୍ଟର ୮ରେ ଥିବା ଉକ୍ତ ଶିକ୍ଷାନୁଷ୍ଠାନରେ ହାଇସ୍କୁଲ ଓ ଯୁକ୍ତ ୨ ଶିକ୍ଷା ବ୍ୟବସ୍ଥା ରହିଛି। କିଶନନଗର ଉତ୍ତରକୂଳ ଅଞ୍ଚଳର ରୂପଶ୍ରୀ ୨୦୧୯ରୁ ଶିକ୍ଷାନୁଷ୍ଠାନର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ରୂପଶ୍ରୀ ଛାତ୍ରୀଛାତ୍ରଙ୍କ ନାମଲେଖା ବାବଦ ଟଙ୍କା ଗତ ୩ ବର୍ଷ ହେବ ପର୍ଯ୍ୟାୟ କ୍ରମେ ନିଜ ଆକାଉଣ୍ଟରେ ଜମା କରୁଥିଲେ। ପ୍ରାୟ ୨୦୦ ଛାତ୍ରୀଛାତ୍ରଙ୍କ ଅଭିଭାବକ ନିଜର ବ୍ୟାଙ୍କ ଆକାଉଣ୍ଟରୁ ନାମ ଲେଖା ଟଙ୍କା ସିଧାସଳଖ ରୂପଶ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଥିଲେ। ମାତ୍ର ଏହି ଛାତ୍ରୀଛାତ୍ରମାନଙ୍କ ନାମ ଲେଖା ବାବଦ ଟଙ୍କା ଆସି ନ ଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ଯାଞ୍ଚ ବେଳେ ଜଣାପଡ଼ିଥିଲା। ଏ ନେଇ ସମ୍ପୃକ୍ତ ଛାତ୍ରୀଛାତ୍ରମାନଙ୍କୁ ପଚାରାଯିବା ପରେ ପୂରା ନାମଲେଖା ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିଥିଲା। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ଯଶସ୍ୱିନୀ ପଟ୍ଟନାୟକ ମର୍କତନଗର ଥାନାରେ ଅଗଷ୍ଟ ୧୮ରେ ଅଭିଯୋଗ କରିଥିଲେ। ପୋଲିସ ୨୦୦ ଛାତ୍ରୀଛାତ୍ରଙ୍କ ଦେୟ ପ୍ରଦାନ କରିଥିବା ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ ହେରଫେର ପ୍ରମାଣ ମିଳିଥିବା ମର୍କତନଗର ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

## ରାଜ୍ୟ ଖବର

# ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି: କଂଗ୍ରେସ

ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସପ୍ତମ ଥର ଲାଗି ଓଡ଼ିଶା ଗସ୍ତରେ ଆସିଛନ୍ତି। ଖଣିଜ ଦ୍ରବ୍ୟ, ପ୍ରାକୃତିକ ସମ୍ପଦକୁ ଖୋଲାଖୋଲି ଲୁଟକରି ପ୍ରାଚୁର୍ଯ୍ୟରେ ଭରା ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଏକ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଭାଜପା କେବଳ ବିଜ୍ଞାପନ ଓ ଭାଷଣରେ ସରକାର ଚଳାଇଛି। ତାଙ୍କ ସରକାର ଆସିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ପଶ୍ଚିମରେ ହେବ ଏବଂ ଏହାର ଅନୁଦାନ ହଜାର ହଜାର କୋଟି କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସେ ଦିଗରେ ପାହୁଣ୍ଡଟିଏ କାର୍ଯ୍ୟ ମଧ ଅଗ୍ରସର ହୋଇନାହିଁ। ହାଇକୋର୍ଟ ବେଞ୍ଚ ସ୍ଥାପନ ଅଞ୍ଚଳବାସୀଙ୍କ ଏକ ପୁରୁଣା ଦାବି ସେଥିପ୍ରତି ମଧ ସରକାର ଉଦାସୀନ। ଏସବୁ ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ଧୋକା ବ୍ୟତୀତ ଅନ୍ୟ କିଛି ନୁହେଁ। ବିଜେଡି ସରକାର ଥିବାବେଳେ ଛତିଶଗଡ଼ ସହ ଥିବା ମହାନଦୀ ଜଳ ବିବାଦକୁ ନେଇ ରକ୍ତମୁଖା ହୋଇଥିବା ଭାଜପା ଏବେ ଟ୍ରିପଲ ଇଞ୍ଜିନ ସରକାର ହୋଇ ମଧ ସମାଧାନ କରିପାରୁ ନାହିଁ। ଓଡ଼ିଶାକୁ ସ୍ୱତନ୍ତ୍ର ଅନୁଦାନ ତ ନାହିଁ ଖାଲିଟାରେ ପ୍ରଧାନମନ୍ତ୍ରୀ କାହିଁକି ବାରମ୍ବାର ଆସି ରାଜ୍ୟକୁ ବହୁ କୋଟି ଟଙ୍କାର ଖର୍ଚ୍ଚାନ୍ତ କରୁଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ଭାଜପା ଶାସନରେ ନିଅଁ ପକାଇବାକୁ ଲାଗିଗଲା ୧୧ ବର୍ଷ: ବିଜେଡି

ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)

ଭାଜପା ଶାସନରେ ଯଦି ନିଅଁ ପକାଇବାକୁ ୧୧ ବର୍ଷ ପଳେଇଲାଣି ତେବେ ଛାତ ପାଇଁ କେତେଦିନ ଲାଗିବ। ସେମାନଙ୍କୁ କ'ଣ ସବୁବେଳେ ଲୋକ ଭୋଟ ଦେଉଥିବେ ନା ସେମାନେ ଶାସନରେ ଥିବେ ବୋଲି ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶନିବାର ପ୍ରମିଳା କହିଛନ୍ତି, ଯେବେଠାରୁ ଭାଜପା ସରକାରକୁ ଆସିଲାଣି ସେମାନେ ଯେତିକି ପ୍ରକଳ୍ପ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବା ଶୁଭ ଦେଇଛନ୍ତି ସେଥିରୁ କେତୋଟି ସାରିଲେଣି। ତାଳଚେର ସାର କାରଖାନା କେତେଦିନରେ ଚଳେଇବେ ବୋଲି କହିଥିଲେ। ମିଛ ପ୍ରଚାର ଛଡ଼ା ଭାଜପା ସରକାର କିଛି କରୁନାହିଁ। ରାଜ୍ୟରେ ବେକାରିଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ନାରୀ ନିର୍ଯାତନା ବଢ଼ିଛି। ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନକରି ସାର ଯୋଗାଇ ପାରୁନାହାନ୍ତି। ଖାଲି ନୂଆ ସ୍ୱପ୍ନ ଦେଖାଇବାରେ ଏମାନେ ମାହିର। କିନ୍ତୁ ସାଧାରଣ ଲୋକଙ୍କ ଆଶା କିଛି ଏଯାଏଁ ପୂରଣ ହେଲାନାହିଁ ବୋଲି ପ୍ରମିଳା କହିଛନ୍ତି।

# କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସ ଦୋହରାଇଛି: ଭାଜପା

ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ଦେଶର ଯେକୌଣସି ରାଜ୍ୟକୁ ଯେତେବେଳେ ବି ଯାଇପାରିବେ। ଏଥିପାଇଁ କାହାର ଅନୁମତି ନେବା ଆବଶ୍ୟକ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ପ୍ରଶ୍ନ ପଚାରି କଂଗ୍ରେସ ନିଜ ନିର୍ବୋଧତାର ପରିଚୟ ଦେଇଛି। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାବଦରେ ଗାଳିଦେବା, କଟାକ୍ଷ କରିବା, ନିଚା ଦେଖାଇବା କଂଗ୍ରେସ ବରିଷ୍ଠ ନେତାମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଛି। ଶନିବାର ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିମ୍ନସ୍ତରର ବକ୍ତବ୍ୟ ଦେଇ କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସକୁ ଦୋହରାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, କଥାରେ ଅଛି କୋଇଲାକୁ ଯେତେ ଧୋଇଲେ ବି ରଙ୍ଗ ବଦଳିବ ନାହିଁ। ସମାନ ଭାବେ ଯେତେ ପରାମର୍ଶ ଦେଲେ ବି କଂଗ୍ରେସର ଚରିତ୍ର ଓ ସ୍ୱଭାବ ବଦଳିବ ନାହିଁ। କଂଗ୍ରେସ ଭଳି ରାଷ୍ଟ୍ରୀୟ ଦଳର ନେତାମାନେ ଜଣେ ମହିଳା ଏମ୍‌ପିଙ୍କ ଚରିତ୍ର ସଂହାରକରି ବକ୍ତବ୍ୟ ଦେବା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଶାଳିନତା ଉଲ୍ଲଂଘନକରି ଅସଭ୍ୟ ଟିପ୍ପଣୀ ଦେବା କଂଗ୍ରେସର ଚିରାଚରିତ ସ୍ୱଭାବ। କଂଗ୍ରେସ ମୁଖପାତ୍ରଙ୍କ ବକ୍ତବ୍ୟ ନିଜର ବ୍ୟକ୍ତିଗତ ନା ଦଳୀୟ ତାହା ସ୍ପଷ୍ଟ କରିବା ଉଚିତ। ଆଜିର ଏଭଳି ହୀନ ବକ୍ତବ୍ୟ ପାଇଁ ଓଡ଼ିଶା ତଥା ଭାରତବାସୀ ଆଦୌ କ୍ଷମା ଦେବେ ନାହିଁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।

# ୭ ଦିନ ପରେ ସୁଇସାଇଡ୍ ନୋଟ୍ ଜବତ

### ମହିଳାଙ୍କ ଆତ୍ମହତ୍ୟା ମାମଲା

ବେତନଟୀ,୨୭।୯(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଏସ୍‌ଏସ୍ ମହୁଲିଆର ଶୁଭାସ ଛକ ନିକଟରେ ସାଇ ଜଗନ୍ନାଥ ଦାଶ ମହାପାତ୍ରଙ୍କ ସ୍ତ୍ରୀ ହିରଣମଇ ସ୍ୱାଇଁ (୨୯) ଗତ ୨୦ ତାରିଖ ଦିନ ବେଳରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟାର ୭ ଦିନ ପରେ ଶୁକ୍ରବାର ବେତନଟୀ ପୋଲିସ ମୃତକଙ୍କ ଶାଶୁ ଘରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ନୋଟ୍‌ରେ ଲେଖାଅଛି ଯେ, 'ମୁଁ ମ୍ୟାରେଜ ପାଇଁ ରେଡି ନ ଥିଲି, ଘର ଲୋକ ବହୁତ ଫୋର୍ସ କରିଲେ, ମୁଁ ଯେତେ କହିଲେ ବି ମୋ କଥା ଶୁଣିଲେନି, ମତେ ବୁଝେଇବା ପାଇଁ ଚେଷ୍ଟା କରିଲେ, ମତେ ଆଉ କିଛିଦିନ ଟାଇମ ଦେଲେନାହିଁ, ସେଥିପାଇଁ ମୁଁ ସୁଇସାଇଡ୍ କରିଦେଲି'। ପୋଲିସ ସାଇଣ୍ଟିଫିକ ଟିମ୍ ଦ୍ୱାରା ଫିଙ୍ଗର ପ୍ରିଣ୍ଟର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ମୃତ ହିରଣମଇ ଆତ୍ମହତ୍ୟା କରିବା ପରେ ତାଙ୍କ ଭାଉଜ ସୂଚିତା ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ।

# ଆଇନଜୀବୀଙ୍କ ଘରକୁ ବୋମାମାଡ଼, ୩ ନାବାଳକଙ୍କୁ ପଚରାଉଚରା

ବ୍ରହ୍ମପୁର ୨୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା ଯୁବ ଆଇନଜୀବୀ ଅସିତ ସାବତଙ୍କ ଘର ଉପରକୁ ଶୁକ୍ରବାର ରାତିରେ କେତେ ଜଣ ଦୁର୍ବୃତ୍ତ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ନଂ.୪୮୮/୨୫ରେ ମାମଲା ରୁଜୁ କରିଛି। ୩ ଜଣ ନାବାଳକଙ୍କୁ ଥାନାକୁ ଧରି ଆଣି ପଚରାଉଚରା କରୁଛି। ସହରରେ ନାବାଳକମାନେ ଏବେ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହୁଛନ୍ତି। ଯାହାକି ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି।

# ପ୍ରଶାସନିକ ସେବା ପରୀକ୍ଷାରେ କିସ୍‌ର ୨ଜଣ କୃତକାର୍ଯ୍ୟ

ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା)

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପ୍ରଶାସନିକ ସେବା ପରୀକ୍ଷାରେ କିସ୍‌ର ୨ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ପ୍ରଦୀପ କୁମାର ଭତ୍ରା ଓ ପୁଷ୍ପରାଣୀ କୁଜୁର। ସମ୍ବଲପୁର ଜିଲା ରେଢ଼ାଖୋଲ ଅନ୍ତର୍ଗତ ପଞ୍ଚଖଣ୍ଡ ସାହି ଗ୍ରାମର ପୁଷ୍ପରାଣୀ ଚତୁର୍ଥ ଶ୍ରେଣୀରୁ କିସ୍‌ରେ ପଢ଼ିଆସୁଥିଲେ। ସଲେଷ୍ଟିନ କୁଜୁର ଓ କିର୍ପା କୁଜୁରଙ୍କ ଝିଅ ହେଉଛନ୍ତି ପୁଷ୍ପରାଣୀ। ଓରାମ ସମ୍ପ୍ରଦାୟରୁ ଆସିଥିବା ପୁଷ୍ପରାଣୀ କିସ୍ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

ସେହିପରି କୋରାପୁଟ ଜିଲା ବଣିଆଗାଁର ସ୍ୱର୍ଗତ ଗିରିଧାରୀ ଭତ୍ରା ଓ ବନବାସୀ ଭତ୍ରାଙ୍କ ପୁଅ ହେଉଛନ୍ତି ପ୍ରଦୀପ। ସେ ଭତ୍ରା ସମ୍ପ୍ରଦାୟର ହୋଇଥିବା ବେଳେ ୬ଷ୍ଠ ଶ୍ରେଣୀରୁ କିସରେ ପାଠ ପଢ଼ିଆସୁଥିଲେ। ଶିକ୍ଷା ସମାପ୍ତ କରିବା ପରେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଅତି ଗରିବ ପରିବାରରୁ ଆସିଥିବା ଏହି ଦୁଇ ମେଧାବୀଙ୍କ ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଗରିବ ପିଲାଙ୍କ ପାଇଁ ଶିକ୍ଷା ଲାଭ ନିମନ୍ତେ ଅର୍ଥ ଯେପରି ବାଧକ ନ ହୁଏ ସେଥିପ୍ରତି କିସ୍ ସର୍ବଦା ଯତ୍ନଶୀଳ ରହିଆସିଛି। ଏଠାରେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରବେଶିକା ଓ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ସ୍ୱତନ୍ତ୍ର କୋଚିଂ ପ୍ରଦାନ କରାଯାଇଥାଏ।


ପୁଷ୍ପରାଣୀ କୁଜୁର


ପ୍ରଦୀପ କୁମାର ଭତ୍ରା

ପ୍ରଥମ ପୃଷ୍ଠାରୁ...

## ମଧ୍ୟସ୍ଥତା ନ୍ୟାୟ ପ୍ରଦାନର...

ଲାଗି ଉଭୟ ପକ୍ଷଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ସମ୍ମିଳନୀର ନିଷ୍କର୍ଷରୁ କରାଯିବାକୁ ଥିବା ସୁପାରିସଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଅଧିବେଶନ ବେଳେ ଆଇନ ବିଭାଗ ସମସ୍ତ ନିଷ୍କର୍ଷକୁ ତୁରନ୍ତ ରେକର୍ଡ କରି ତାଙ୍କ ନିକଟକୁ ପଠାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ପ୍ରକ୍ରିୟା ଉକ୍ତ ବ୍ୟବସ୍ଥାର ଉପଲବ୍ଧତାକୁ ସୁନିଶ୍ଚିତ କରିବ। ମଧ୍ୟସ୍ଥତା ପ୍ରତି ଜନସାଧାରଣଙ୍କ ଆସ୍ଥା ବୃଦ୍ଧି ସକାଶେ ସରକାର ଏକ ନୂଆ ବ୍ୟବସ୍ଥା ଆଣିବାକୁ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଟଣ୍ଡନ୍ କହିଛନ୍ତି, ଓଡ଼ିଶା ମଧ୍ୟସ୍ଥତା ସେବାକୁ ବିସ୍ତାର କରିବା ପାଇଁ ଅନେକ ତାତ୍ପର୍ଯ୍ୟପୂର୍ଣ୍ଣ ପଦକ୍ଷେପ ନେଇଛି। ଆଇନମନ୍ତ୍ରୀ ହରିଚନ୍ଦନ ଦେଶବ୍ୟାପୀ ମେଡିଏଶନ୍‌କୁ ପ୍ରୋତ୍ସାହିତ କରିବା ଦିଗରେ ନ୍ୟାୟପାଳିକା ଓ ସରକାରଙ୍କ ମିଳିତ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି, ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ରାଜ୍ୟର ଚିଫ୍ ଜଷ୍ଟିସ୍ ଓ ବିଚାରପତିମାନେ ଯୋଗଦେଇଥିଲେ। ଏଜି ପୀତାମ୍ବର ସ୍ୱାଗତ ଭାଷଣ ଦେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସନ୍ଦେଶ ପ୍ରେରଣ କରିଥିଲେ। ଜଷ୍ଟିସ୍ ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତଙ୍କ ଅବଦାନକୁ ପ୍ରଶଂସା କରିଥିଲେ।

## ମା' ମୋବାଇଲ ନ ଦେବାରୁ...

ମହାନ୍ତଙ୍କ ଏକମାତ୍ର ପୁଅ ଗୁଗୁଲି ଗଣେଶ ପ୍ରସାଦ ମହାନ୍ତ (୧୧)। ସେ କେନ୍ଦୁଝର ଟାଉନ ନିର୍ମଳା କନ୍‌ଭେଣ୍ଟ ଇଂଲିଶ ମିଡିୟମରେ ପଢୁଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ଗୁଗୁଲି ମାଆଙ୍କୁ ମୋବାଇଲ ଦେଖିବାକୁ ମାଗିଥିଲେ। ମା'ଜୟନ୍ତୀ ମୋବାଇଲ ଦେବାକୁ ମନାକରି ଜଙ୍ଗଲକୁ ଛତୁ ତୋଳିବାକୁ ପଳାଇଥିଲେ। ଅପରାହ୍ନରେ ଜେଜେ ମା' ବାସନ ମାଜୁଥିବା ବେଳେ ଗୁଗୁଲି ଗଣେଶ ଏକ ରଶି ସାହାଯ୍ୟରେ ଘର ଭିତର ସଂଘାରେ ଝୁଲି ପଡ଼ିଥିଲେ। ଜେଜେ ମାଆ କିଛି ସମୟ ପରେ କବାଟ ଖୋଲି ଗୁଗୁଲି ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପାଟି କରିବାରୁ ପଡ଼ୋଶୀ ଆସି ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବ୍ୟାସଦେବ ମିର୍ଦ୍ଧା ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ. ୪୯/୨୫)ରୁଜୁ ହୋଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ସଙ୍ଘମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ଧରିତ୍ରୀ ମାଗଣାରେ ଜନ୍ମଦିନ ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଘଟୁଆର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।


# ବିଓଏମ୍‌ର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ



ଭୁବନେଶ୍ୱର, ୨୭।୯

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ -୨୦୨୫ ଅନ୍ତର୍ଗତ 'ସ୍ୱଚ୍ଛୋତ୍ସବ', ଏକ୍‌ଦିନ୍, ଏକ୍‌ଘଣ୍ଟା, ଏକ୍‌ସାଥ୍-ଶ୍ରମଦାନ' ବିଷୟ ସମ୍ବଳିତ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକର ଜଗତପୁର, ଭୁବନେଶ୍ୱର ନୀଳାଦ୍ରିବିହାରର ରାଧାକୃଷ୍ଣ ମନ୍ଦିର ପାର୍କ, ବ୍ରହ୍ମପୁର, ଜୟପୁର, ଖାରସୁଗୁଡ଼ା, ସମ୍ବଲପୁର ଏବଂ ରାଉରକେଲା ଆଦି ସ୍ଥାନରେ ଏହି ସଫେଇ କରାଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଅଞ୍ଚଳ ମୁଖ୍ୟ ଦିଲୀପ କୁମାର ରାଉଳ ଏବଂ ଉପ-ଅଞ୍ଚଳ ମୁଖ୍ୟ ସଞ୍ଜୀବ କୁମାର ଦାଶଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


**ଜନ୍ମଦିନ ଶୁଭେଚ୍ଛା**



**ସଙ୍ଘମିତ୍ରା ପାତ୍ର**
୪୨ ମୌଜା, କଟକ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନ ସୁଖମୟ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ: ତୋର ବାପା, ବୋଉ, ନନା, ପାପା, ଚିକି, ପାପା, ମାମା, ଗୁଡ଼ାପାପା, ତୋର ବଡ଼ଭାଇ ଓ ସାନଭାଉ, ଅପା, ଆଈ


# ଗବେଷଣାରେ ଭାରତ ଜିଡିପିର ୧%ରୁ କମ୍ ଖର୍ଚ୍ଚ କରୁଛି

ଭୁବନେଶ୍ୱର, ୨୭।୯

ଯୁକ୍ତରାଷ୍ଟ୍ରରେ ୫୦ଟି ରାଜ୍ୟ ଥାଇ କେବଳ କାଲିଫର୍ନିଆର ଜନସଂଖ୍ୟା ୪ କୋଟି ଏବଂ ଏହାର ଜିଡିପି ୪ ଟ୍ରିଲିୟନ ଡଲାର। ୧୪୬ କୋଟି ଜନସଂଖ୍ୟା ଥାଇ ଭାରତକୁ ଏହାକୁ ଅନୁସରଣ କରିବାକୁ ହେବ। ଉନ୍ନତ ଦେଶଗୁଡ଼ିକ ସେମାନଙ୍କ ଜିଡିପିର ୨-୩% ଗବେଷଣା ଓ ବିକାଶରେ ବିନିଯୋଗ କରୁଛନ୍ତି, ମାତ୍ର ଭାରତ ୧%ରୁ କମ୍ ଖର୍ଚ୍ଚ କରୁଛି। ୨୦୪୭ ସୁଦ୍ଧା ଭାରତକୁ ଉନ୍ନତ ଦେଶ କରିବାକୁହେଲେ ଉଚ୍ଚଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି ଏବଂ ଗବେଷଣାକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଭେଲୋରରେ ଆରମ୍ଭ ହୋଇଥିବା ୩ଦିନିଆ ଟେକ୍ନୋ-ପରିଚାଳନା ମହୋତ୍ସବ-୨୦୨୫କୁ ଉଦ୍‌ଘାଟନ କରିବା ଅବସରରେ ଭିଆଇଟି ପ୍ରତିଷ୍ଠାତା ଓ କୁଳପତି ଡ. ଜି. ବିଶ୍ୱନାଥନ କହିଛନ୍ତି। କୁଳପତି ବିଶ୍ୱନାଥନ କହିଛନ୍ତି, ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ସମେତ ଶିକ୍ଷା ସମସ୍ତଙ୍କ ପାଇଁ ସୁଲଭ ହେବା ଉଚିତ। ଦେଶରେ ୧୮ରୁ ୨୩ ବୟସ ବର୍ଗର ୧୪ କୋଟି ବ୍ୟକ୍ତିଙ୍କ ମଧ୍ୟରୁ ମାତ୍ର ୪ କୋଟି ଉଚ୍ଚ ଶିକ୍ଷା ଗ୍ରହଣ କରୁଛନ୍ତି। ଅବଶିଷ୍ଟ ୧୦ କୋଟିଙ୍କ ଦୁର୍ଦ୍ଦଶାକୁ ସରକାରଙ୍କୁ ସମାଧାନ କରିବାକୁ ହେବ। ସେ ଆହୁରି କହିଲେ, ଆବୁଧାବି ଛୋଟ ହେଲେ ମଧ୍ୟ



ଅର୍ଥନୈତିକ ଦୃଷ୍ଟିରୁ ସମୃଦ୍ଧ। ଏହାର ମୁଣ୍ଡ ପିଛା ଆୟ ୭୫,୦୦୦ଟଙ୍କା ଥିବାବେଳେ ଭାରତର ୨,୯୦୦। ଆବୁଧାବିର ମାତ୍ର ୨୦% ଜନସଂଖ୍ୟା ସ୍ଥାନୀୟ, ୮୦% ବିଦେଶୀ, ଯେଉଁଥିରେ ଅନେକ ଭାରତୀୟ ଅଛନ୍ତି। ୟୁଏଇର ୯୫% ତୈଳ ଓ ଗ୍ୟାସ ଭଣ୍ଡାର ସହ ଆବୁଧାବି ୧ ଟ୍ରିଲିୟନ ଡଲାରର ବିନିଯୋଗ ଆକର୍ଷଣ କରୁଛି। ଭାରତ ଏହାଠାରୁ ଶିକ୍ଷା ନେବା ଉଚିତ। ଆବୁଧାବି ମ୍ୟୁନିସିପାଲିଟି ଓ ପ୍ରଶାସନ ବିଭାଗର ମନ୍ତ୍ରୀ ମଜିଦ୍ ଅଲି ଅଲ୍ ମନ୍‌ସୁରୀ କହିଲେ, ଛାତ୍ରମାନେ କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତି, ମହାକାଶ ଅନୁସନ୍ଧାନ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ଚ୍ୟାଲେଞ୍ଜକୁ ସମାଧାନ କରିବା ଉଚିତ। ନ୍ୟୁଜ୍୧୮ର ମ୍ୟାନେଜିଂ ଏଡିଟର ଆନନ୍ଦ ନରସିଂହନ କହିଲେ, ଛାତ୍ରମାନେ ଆବିଷ୍କାରକ ଓ ଉଦ୍ୟୋଗୀ ହେବାକୁ ଲକ୍ଷ୍ୟ ରଖିବା ଉଚିତ। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୦୭ଟି ଇଭେଣ୍ଟ, ୫୭ଟି କର୍ମଶାଳା, ୫୧ଟି ହାକାଥନ, ରୋବଟ୍ ଯୁଦ୍ଧ ଏବଂ ଡ୍ରୋନ୍ ଶୋ' ଆଦି ରହିଛି। ପ୍ରାୟ ୪୦ ହଜାର ଛାତ୍ର ଏଥିରେ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମରେ ଭିଆଇଟିର ଉପାଧ୍ୟକ୍ଷ ଡ. ଶେଖର ବିଶ୍ୱନାଥନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସନ୍ଧ୍ୟା ପେଣ୍ଟାରେଡ୍ଡୀ, ମ୍ୟାକ୍ସିମସ୍ ଇଣ୍ଡିଆର କଣ୍ଟ୍ରି ହେଡ୍ ଓ ସିନିୟର ଉପାଧ୍ୟକ୍ଷ ପ୍ରବୀଣା ଭୀମବରପୁ, ଡ. କାଞ୍ଚନା ଭାସ୍କରନ୍, ଡ. ପାର୍ଥସାରଥି ମଲ୍ଲିକ, ରେଜିଷ୍ଟ୍ରାର ଡ. ଜୟଭାରତୀ ଏବଂ ଗ୍ରାଭିଟାସ୍ ସଂଯୋଜିକା ଶର୍ମିଳା ଉପସ୍ଥିତ ଥିଲେ।

# ଗୌତମ ସୋଲାର ପକ୍ଷରୁ ଶ୍ୱେତପତ୍ର ଉନ୍ମୋଚିତ

ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା)



ଭାରତର ଅନ୍ୟତମ ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ଗୌତମ ସୋଲାର ପକ୍ଷରୁ 'ଗ୍ଲାସ୍-ଟୁ-ଗ୍ଲାସ୍ (ଜି୨ଜି) ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ (ଜି୨ଟିବି) ସୋଲାର ମଡ୍ୟୁଲ୍' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଶ୍ୱେତପତ୍ର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କମ୍ପାନୀର ମାର୍କେଟିଂ ମ୍ୟାନେଜର(ଟେକ୍ନିକାଲ) ଅଭିନବ କୌଶିକ ଏହି ଶ୍ୱେତପତ୍ର ଶୁଭାରମ୍ଭ କରିଛନ୍ତି।ଏଥିରେ ଦୁଇଟି ବାଇଫେସିଆଲ ପିଭି ମଡ୍ୟୁଲ ଟେକ୍ନୋଲୋଜିର ଏକ ବିସ୍ତୃତ ତୁଳନା ପ୍ରଦାନ କରାଯିବା ସହ ଏହି ଶିଳ୍ପରେ ରହିଥିବା ସାଧାରଣ ଭ୍ରାନ୍ତ ଧାରଣାଗୁଡ଼ିକୁ ଦୂରକରୁଛି। ଏହି ଅବସରରେ ଗୌତମ ସୋଲାରର ସିଇଓ ଗୌତମ ମୋହଙ୍କା କହିଛନ୍ତି, ସୋଲାର ଶିଳ୍ପରେ ବାଇଫେସିଆଲ ମଡ୍ୟୁଲଗୁଡ଼ିକର ଦ୍ରୁତ ଗ୍ରହଣୀୟତା ଦେଖିବାକୁ ମିଳୁଛି। ମାତ୍ର ଗ୍ଲାସ୍-ଟୁ-ଗ୍ଲାସ୍ ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ ମଡ୍ୟୁଲଗୁଡ଼ିକର ଅନୁକୂଳତା ଓ କାର୍ଯ୍ୟଦକ୍ଷତାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଏହି ଶ୍ୱେତପତ୍ର ସହ ଆମେ ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରକଳ୍ପ ଆବଶ୍ୟକତା ଉପରେ ଆଧାରକରି ସୂଚିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏକ ସ୍ୱଚ୍ଛ, ନିରପେକ୍ଷ ଓ ବୈଜ୍ଞାନିକ ତୁଳନା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଶ୍ୱେତପତ୍ର ବିଭିନ୍ନ ଜଳବାୟୁ, ପ୍ରକଳ୍ପ ଖର୍ଚ୍ଚ ଓ ପ୍ରୟୋଗ ପରିଦୃଶ୍ୟରେ ଉଭୟ ଜି୨ଜି ଓ ଜି୨ଟିବି ବାଇଫେସିଆଲ ମଡ୍ୟୁଲଗୁଡ଼ିକର ବୈଷୟିକ ବିଶେଷତା, ସ୍ଥାୟିତ୍ୱ ଓ କାର୍ଯ୍ୟଦକ୍ଷତାକୁ ଅବିଷ୍କାର କରିଛି। ଏହା ଗୁରୁତ୍ୱ ଦେଉଛି ଯେ, ଉଭୟ ଟେକ୍ନୋଲୋଜି ଉନ୍ନତ ମୂଲ୍ୟ ପ୍ରଦାନ କରୁଛନ୍ତି, ସେମାନଙ୍କ ଅନୁକୂଳତା ସ୍ଥାନ-ନିର୍ଦ୍ଦିଷ୍ଟ ଓ ପ୍ରକଳ୍ପ-ନିର୍ଦ୍ଦିଷ୍ଟ ଆବଶ୍ୟକତାଗୁଡ଼ିକଉପରେନିର୍ଭର କରୁଛି।

# ଜିନ୍ଦଲ ଷ୍ଟିଲ୍‌କୁ ଆୱାର୍ଡିଂ ବଡି ମାନ୍ୟତା



ଭୁବନେଶ୍ୱର,୨୭।୯

ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ମନ୍ତ୍ରାଳୟ ଅଧୀନ ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ପରିଷଦ (ଏନସିଭିଇଟି) ଦ୍ୱାରା ଜିନ୍ଦଲ ଷ୍ଟିଲ୍‌କୁ ସାର୍ଟିଫିକେଟ ପ୍ରଦାନକାରୀ ସଂସ୍ଥା (ଆୱାର୍ଡିଂ ବଡି) ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏହା କମ୍ପାନୀର ଦକ୍ଷତା ଶିକ୍ଷା ଓ ଭାରତୀୟ ଇସ୍ପାତ କ୍ଷେତ୍ରରେ ନେତୃତ୍ୱକୁ ଦର୍ଶାଉଛି। ଏନ୍‌ସିଭିଇଟି ଓ ଜିନ୍ଦଲ ଷ୍ଟିଲ୍ ମଧ୍ୟରେ ଏକ ଚୁକ୍ତି ହୋଇଛି, ଯାହା କମ୍ପାନୀକୁ ସମଗ୍ର ଭାରତରେ ପୁରସ୍କାର ଦାତା ସଂସ୍ଥା ଭାବେ କାମ କରିବାର ଅଧିକାର ଦେଉଛି। ଏହା ଜିନ୍ଦଲ ଷ୍ଟିଲ୍‌କୁ ଉଦ୍ୟୋଗ ଅନୁଯାୟୀ ଦକ୍ଷତା କାର୍ଯ୍ୟକ୍ରମ ତିଆରି କରିବା ଓ ଭବିଷ୍ୟତ କର୍ମୀଙ୍କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ଚୁକ୍ତି ଅଧୀନରେ ସମସ୍ତ ତାଲିମ ଓ ଯୋଗ୍ୟତାକୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ କ୍ରେଡିଟ୍ ମିଳିବ। ଏହା ଶିକ୍ଷା ଓ ଚାକିରି ମଧ୍ୟରେ ବ୍ୟବଧାନ ଦୂରକରିବ ଏବଂ ଦେଶର ସବୁଜ ଶକ୍ତି ଓ ଆଧୁନିକ ଭିତ୍ତିଭୂମି ବିକାଶରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଦିଆଯାଉଥିବା ସାର୍ଟିଫିକେଟ୍ ବିଶ୍ୱବ୍ୟାପୀ ଗ୍ରହଣୀୟ ହେବ। ଜିନ୍ଦଲ ଷ୍ଟିଲର ଅଧକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏନ୍‌ସିଭିଇଟି ଦ୍ୱାରା ଆୱାର୍ଡିଂ ବଡି ଭାବେ ମାନ୍ୟତା ପାଇବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଏହା ଆମକୁ ଯୁବକମାନଙ୍କୁ ଉଦ୍ୟୋଗ ଅନୁଯାୟୀ ଶିକ୍ଷା ଓ ଦକ୍ଷତା ଦେଇ ଦେଶ ଗଠନରେ ସାହାଯ୍ୟ କରିବ।

# ଦୁର୍ଗାପୂଜା ପାଇଁ ଭି-ଗାର୍ଡର ମେଗା ଅଫର

ଭୁବନେଶ୍ୱର, ୨୭।୯

ଦୁର୍ଗାପୂଜା ଅବସରରେ ଭି-ଗାର୍ଡ ପକ୍ଷରୁ ମେଗା ଅଫର ଘୋଷଣା କରାଯାଇଛି। ସମସ୍ତ ପ୍ରଡକ୍ଟରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ ସହ ପ୍ରତି ୫,୦୦୦ ଟଙ୍କା କ୍ରୟରେ ମିଳିବ ଗିଫ୍ଟ କୁପନ ଏବଂ କୁପନ ସହ ସ୍କ୍ରାଚ୍‌କରି ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ମଧ୍ୟ ରହିଛି। ଏକ୍ସଚେଞ୍ଜ ଅଫରରେ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ସଞ୍ଚୟ କରିପାରିବେ। କଟକ କେଉଟସାହି, ଚୌଧୁରୀ ବଜାରଠାରେ ଥିବା ଭି-ଗାର୍ଡ ଏକ୍ସକ୍ଲୁସିଭ ଷ୍ଟୋର ଶ୍ରୀ ସାଇ ଇଲେକ୍ଟ୍ରିକାଲ୍‌ସରେ ଫ୍ୟାନ୍, ଗିଜର, ବ୍ୟାଟେରି, ଇନ୍‌ଭର୍ଟର, ଗ୍ୟାସ୍ ଚୁଲା, କିଚେନ ଚିମିନି, ଇଣ୍ଡକ୍ସନ ଏବଂ ମିକ୍ସର ଗ୍ରାଇଣ୍ଡର ଆଦି ପ୍ରଡକ୍ଟ ଉପଲବ୍ଧ ହେଉଛି। ଏହି ମେଗା ଅଫରର ଲାଭ ଗ୍ରାହକ ଅକ୍ଟୋବର ୧୦ ମଧ୍ୟରେ ନେଇପାରିବେ ବୋଲି ଶ୍ରୀସାଇ ଇଲେକ୍ଟ୍ରିକାଲ୍‌ସର ମୁଖ୍ୟ ସୋହନ ଅଗ୍ରୱାଲ କହିଛନ୍ତି।

SRI SAI ELECTRICALS


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ.ରଞ୍ଜନ କୁମାର ସାହୁ (ଜୁନା)
ଆବିର୍ଭାବ: ୨୩/୦୩/୧୯୬୭ | ତିରୋଧାନ: ୨୨/୦୯/୨୦୨୦

ଶୋକସନ୍ତପ୍ତ: ବୋଉ, ସ୍ତ୍ରୀ, ସାନ ଭାଇ, ଭାଇ ବୋହୂ, ଭଉଣୀ-ଭିଣୋଇ, ଝିଅ-ଜ୍ୱାଇଁ, ପୁଅ-ବୋହୂ, ଭଣଜା-ଭାଣଜୀ, ନାତି-ନାତୁଣୀ ...
Unit-6 (DRC) ...

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ.ଅଲେଖ ଚନ୍ଦ୍ର ପଣ୍ଡା
ଆବିର୍ଭାବ: ୦୧।୦୭।୧୯୪୮
ତିରୋଧାନ: ୦୫।୧୦।୨୦୨୦

ଶ୍ରଦ୍ଧାଞ୍ଜଳି ସହ: ...



# Classified Everyday
0674-2580101, 9692975378



MATRIMONIAL

**GROOM WANTED**

ବୟସ 28, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7815055186. D-2148

ବୟସ 29, High School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9668229904. D-2147

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



AUTOMOBILE
**SALE**

Voltix E-Scooter Lithium Battery Three Wheeler (For Handicrafts) only 345K.M. running. Brands new for sale. Contact: 9090533314. D-60986



REAL ESTATE
**SALE**

ପୁରୀ ବାଟମଙ୍ଗଳା ସମ୍ମୁଖ 200 ଫୁଟ Bypass ରୋଡ୍ ପାଖରେ ଅବିଶାସ୍ତ ଘର କରିବା ଯୋଗ୍ୟ ପ୍ଲଟ୍ ଡିସିମିଲକୁ 12 ଲକ୍ଷ ଟଙ୍କା। ଯୋଗାଯୋଗ- 9438109040/ 8144658008. D-2134

1600sqft. new simplex House for ready to sale at Gopinathpur Nuasahi, Balugaon. Mob- 9938639685. D-2146

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରକଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

Commercial cum residential plot, Gharabari with compoundwall touching to NH-316 road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30= 2400sqft. highland from road level. @ 2750/- per sqft. 7809525452. D-76594

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02

**AFFIDAVIT**

I, Chinmayee Biswal, W/o Surajit Biswal, resident of PP-56, Pandav Nagar, Bhubaneswar-751018, Dist: Khordha, Odisha declare by this affidavit No.1814 Dtd.-26.09.2025 that now onwards I shall be known as Chinmayee Nayak for all future purposes.
CHINMAYEE NAYAK D-2151

By virtue of an affidavit sworn before Executive Magistrate, Bhubaneswar, dated 20.09.2025, I, **Sambit Bhuyan**, Address- Plot- 91, Satya Nagar, Bhubaneswar, Khordha, Odisha- 751007 declare that I have changed the name of my daughter from **KANISHKA BHUYAN** to **KANISHKA KAMAL**. Henceforth, she shall be known as **KANISHKA KAMAL** for all purposes.
**SAMBIT BHUYAN** D-2140

I, Mohammad Tauheed Alam, S/o- Mohammad Tahir Hussain, R/o- Raza Nagar, P.O.- Motijharan, P.S.- Dhanupali, Dist.- Sambalpur- 768001, Odisha declare by this affidavit No.- 3313, dated- 24.09.2025, that now onwards I shall be known as "MOHD TAUHEED ALAM" for all future purposes. D-2149

By virtue of an affidavit sworn before Executive Magistrate, Sadar, Cuttack No.- 8320, dated 06.12.2024, I, Jumena Swain, W/o- Late Bhramarabar Swain, At- Korakora, P.O.- Brahmanda, P.S.- Govindpur, Dist.- Cuttack, PIN- 754003 declare that I have changed my name from Jhumuri Swain to Jumena Swain. Henceforth, I shall be known as Jumena Swain for future purposes. D-2142

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନ ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର
ସି.ଏସ୍. ନଂ.-୧୦୨/୨୦୨୪
ଶ୍ରୀମତୀ ହରପ୍ରିୟା ମିଶ୍ର ....ବାଦୀ
ବନାମ
ରେଣୁପ୍ରଭା ମହାପାତ୍ର ଓ ଅନ୍ୟମାନେ ....ପ୍ରତିବାଦୀ
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ ପ୍ରତିବାଦୀ ନଂ-୨ ହରପ୍ରିୟା ମିଶ୍ର, ସ୍ୱାମୀ- କୃଷ୍ଣକେଶ ମିଶ୍ର, ସା/ପୋ- ଡିମିରି, ଥାନା-କଣାସ, ଜିଲ୍ଲା- ପୁରୀ, ପିନ୍-୭୫୨୦୧୭।
ଏତଦ୍ୱାରା ପ୍ରତିବାଦୀ ନଂ.-୨ଙ୍କ ଅବଗତି ନିମନ୍ତେ ସମ୍ବାଦଦାତ ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀଙ୍କ ନିମ୍ନୋକ୍ତ ଜମିକୁ ପ୍ରତିବାଦୀ ନଂ.-୨ ଚକ୍ରାନ୍ତ କରି ବିକ୍ରୟ ଦଲିଲ ପ୍ରସ୍ତୁତ କରିଥିବାରୁ ଉକ୍ତ ଦଲିଲକୁ ଖାରଜ କରିବା ତଥା ଦାବି ସ୍ୱତ୍ୱ, ଅଧିକାର ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ଘୋଷଣା ନିମନ୍ତେ ବାଦୀ ପ୍ରତିବାଦୀଙ୍କ ବିରୁଦ୍ଧରେ ସି.ଏସ୍. ନଂ.- ୧୦୨/୨୦୨୪ ମୋକଦ୍ଦମା ମାନ୍ୟବର ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର ଦାଏର କରିଛନ୍ତି। ଉକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକ ଏବଂ କୋର୍ଟ ପ୍ରୋସେସ ସର୍ଭରଙ୍କ ମାଧ୍ୟମରେ ନୋଟିସ ଜାରି ହୋଇଥିଲା। ତେଣୁ ଉକ୍ତ ନୋଟିସ ସଠିକ ଠିକଣା ନ ପାଇବାରୁ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।
ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱରଙ୍କର ଇଜିଲାସରେ ଆସନ୍ତା ତା୮ ।୧୦।୨୫ରିଖ ପୂର୍ବାହ୍ନ ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ମୌଜା- ଶଙ୍କରପୁର, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା ନଂ.-୫୫, (ହାଲ୍ ଥାନା- ଖଣ୍ଡଗିରି), ହାଲ୍ ଖାତା ନଂ.- ୨୦୩୬, ହାଲ୍ ପ୍ଲଟ୍ ନଂ.- ୩୦୩୩, ରକବା- ଏ୦.୦୫୦ଡି., କିସମ- ଶାରଦ ତିନି, ତତ୍‌କରା ମ୍ୟୁଟେସନ ଖାତା ନଂ.- ୨୦୭୪/୧୬୮୯, ପ୍ଲଟ୍ ନଂ.-୩୦୩୩, ରକବା ଏ୦.୦୫୦ଡି. ଯାହାର ସାବକ ଖାତା ନଂ.- ୧୩୯, ପ୍ଲଟ୍ ନଂ.- ୧୨୦୨, କ୍ରୟ ବୃତ୍ତି ରକବା ଏ୦.୦୫୦ଡି. ଯାହାର ସାବକ ମ୍ୟୁଟେସନ ଖାତା ନଂ.- ୩୨୫୬/୧୫୦, ପ୍ଲଟ୍ ନଂ.-୧୨୦୨/୧୫୪୧, ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.-୨ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମା ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।
ଭୁବନେଶ୍ୱର
ତା.୨୬।୦୮।୨୦୨୫
ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ
ଭୁବନେଶ୍ୱରଙ୍କ ଆଦେଶକ୍ରମେ




ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଶନିବାର ଆୟୋଜିତ ସେବା ପର୍ବ-୨୦୨୫ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ୬୦ ହଜାର କୋଟି ଟଙ୍କା ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ସମଲେଇଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ।




ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟବର୍ଗଙ୍କୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ଶନିବାର ୫୦,୦୦୦ ହିତାଧିକାରୀଙ୍କୁ ଏକକାଳୀନ କାର୍ଯ୍ୟାଦେଶ ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।




ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଆୟୋଜିତ ସେବା ପର୍ବ-୨୦୨୫ରେ ଯୋଗଦେବାକୁ କାର୍‌କେଡ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି।



କାର୍ଯ୍ୟକ୍ରମସ୍ଥଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଏବଂ ସୁରଟ୍ (ଉଧନା) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



କର୍ନାଟକ ଉଡୁପିରୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତି କାର୍ଯ୍ୟକ୍ରମସ୍ଥଳରେ ଉତ୍ସାହ ଭରିଦେଇଛନ୍ତି।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୮ ସେପ୍ଟେମ୍ବର, ୨୦୨୫ Bhubaneswar, Sunday, 28 September, 2025

# ପାକିସ୍ତାନ ବିପକ୍ଷରେ ଭାରତ ଫେଭରାଇଟ୍

**ଏସିଆ କପ୍**

ଦୁବାଇ,୨୭।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍ଟେଜ୍ ଟାଇଟଲ ଲଢ଼େଇରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ୧୯୮୪ରେ ଆରମ୍ଭ ହୋଇଥିବା ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଫାଇନାଲରେ ପ୍ରଥମଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ତେବେ ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ଯଦି ଭାରତ ରବିବାର ଫାଇନାଲ ଜିତେ, ତେବେ ନବମଥର ପାଇଁ ଟ୍ରଫି ଉଠାଇବ। ଅନ୍ୟପକ୍ଷରେ ପାକିସ୍ତାନ ମାତ୍ର ଦୁଇଥର ଏସିଆ କପ୍ ଜିତିଛି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଭାରତୀୟ ଦଳ ଅପରାଜେୟ ରହି ଲଗାତର ୬ଟି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି। ଓପ୍‌ନର ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂକରି ୨୦୦ରୁ ଅଧିକ ଷ୍ଟ୍ରାଇକ୍‌ରେଟ୍‌ରେ ୩ ଅର୍ଦ୍ଧଶତକ ସହ ଟୁର୍ନାମେଣ୍ଟରେ ସର୍ବାଧିକ ୩୦୯ ରନ୍ କରିଛନ୍ତି। ବୋଲିଂରେ କୁଲ୍‌ଦୀପ ଯାଦବ ସର୍ବାଧିକ ୧୩ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ଲିଗ୍ ଓ ସୁପର-୪ ପର୍ଯ୍ୟାୟରେ ଭାରତଠାରୁ ପରାସ୍ତ ହୋଇଥିବା ପାକିସ୍ତାନ ଅନ୍ୟ ସମସ୍ତ ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିଛି। ଏଠାରେ ପାକିସ୍ତାନ ଫାଇନାଲ ଫଳାଫଳରେ ପରିବର୍ତ୍ତନ କରିବା ସହ ୨୦୧୨ ପରେ ପ୍ରଥମଥର ଏସିଆ କପ୍ ଜିତିବା ଲକ୍ଷ୍ୟରେ ରହିଛି। ପାକିସ୍ତାନ ପାଇଁ ବ୍ୟାଟରଙ୍କ ମଧ୍ୟରେ ସାହିବଜାଦା(୧୬୦ ରନ୍) ଓ ଫଖର ଜମାନ(୧୩୫) ଭଲ ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ଶାହିନ ଶାହ ଆଫ୍ରିଦୀ ଓ ହାରିସ ରୌଫ୍ ୯ ଲେଖାଏ ଏବଂ ସଇମ ଆୟୁବ ୮ ଉଇକେଟ ନେଇଛନ୍ତି।

ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୧୫ଟି ଟି୨୦ ଖେଳାଯାଇଥିବା ବେଳେ ଭାରତ ୧୨ଥର ବିଜୟୀ ହୋଇଛି। ପାକିସ୍ତାନ ମାତ୍ର ୩ଥର ବିଜୟ ସ୍ୱାଦ ଚାଖିଛି। ଗତ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୭୧ ରନ୍‌ର ଟାର୍ଗେଟ୍‌କୁ ଭାରତ ୪ ଉଇକେଟ ହରାଇ ୭ ବଲ୍ ପୂର୍ବରୁ ହାସଲ କରିନେଇଥିଲା। ଏଣୁ ରେକର୍ଡ ଓ ପ୍ରଦର୍ଶନ ଦୃଷ୍ଟିକୋଣରୁ ଭାରତ ମ୍ୟାଚ୍ ଜିତିବା ଲାଗି ଫେଭରାଇଟ୍। ତେବେ କୌଣସି ଟୁର୍ନାମେଣ୍ଟ ଫାଇନାଲରେ ଭାରତ ଅପେକ୍ଷା ପାକିସ୍ତାନର ପଲା ଭାରି ରହିଛି। ଏହି ଦଳ ଦ୍ୱୟ ମଧ୍ୟରେ ୫ଥର ଫାଇନାଲ ଖେଳାଯାଇଥିବା ବେଳେ ୩ଥର ପାକିସ୍ତାନ ବାଜି ମାରିଛି। ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଓପ୍‌ନର ଅଭିଷେକ ଶର୍ମା ଏବଂ ପାକିସ୍ତାନର ଘାତକ ପେସର ଶାହିନ ଶାହ ଆଫ୍ରିଦୀଙ୍କ ମଧ୍ୟରେ ହେବାକୁ ଥିବା ମୁକାବିଲା ନିର୍ଣ୍ଣାୟକ ହେବ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ କହିଛନ୍ତି।

**ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ୍ (ଉପଅଧିନାୟକ), ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମ୍‌ସନ (ଉଇକେଟ୍‌କିପର), ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଯଶ୍‌ପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ/ ଅର୍ଶଦୀପ ସିଂ।

**ପାକିସ୍ତାନ ଦଳ:** ସାହିବଜାଦା ଫର୍ହାନ, ଫଖର ଜମାନ, ସଇମ ଆୟୁବ, ସଲମାନ ଆଘା (ଅଧିନାୟକ), ହୁସେନ ତାଲତ, ମହମ୍ମଦ ହାରିସ (ଉଇକେଟକିପର), ମହମ୍ମଦ ନୱାଜ, ଫହିମ ଆଶ୍ରଫ, ଶାହିନ ଆଫ୍ରିଦୀ, ହାରିସ ରୌଫ, ଆବ୍ରାର ଅହମ୍ମଦ।

**ମ୍ୟାଚ୍ ସମୟ- ରାତି ୮ଟା**
**ସ୍ଥାନ - ଦୁବାଇ**
**ପ୍ରସାରଣ- ସୋନୀ ସ୍ପୋର୍ଟ୍ସ ନେଟୱର୍କ**



## ନକ୍‌ଭି ଉପସ୍ଥିତ ରହିବେ

ଏସିଆନ କ୍ରିକେଟ କାଉନ୍ସିଲ (ଏସିସି) ଚେୟାରମ୍ୟାନ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକ୍‌ଭି ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଏସିଆ କପ୍ ଫାଇନାଲରେ ଉପସ୍ଥିତ ରହିବେ। କିନ୍ତୁ ମ୍ୟାଚ୍ ପରବର୍ତ୍ତୀ ଟ୍ରଫି ପ୍ରଦାନ ଉତ୍ସବରେ ଭାରତୀୟ ଦଳର ପ୍ରତିକ୍ରିୟା ଦେଖିବା କୌତୂହଳପୂର୍ଣ୍ଣ ହେବ। ନକ୍‌ଭି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମୁଖ୍ୟ ମଧ୍ୟ ରହିଛନ୍ତି। କୌଣସି ବୋର୍ଡ ମୁଖ୍ୟ ମ୍ୟାଚ୍ ଦେଖିବାକୁ ଆସିବା କିଛି ବଡ଼କଥା ନୁହେଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏସିସି ମୁଖ୍ୟ ଥିବାରୁ ଟ୍ରଫି ପ୍ରଦାନ ଉତ୍ସବରେ ତାଙ୍କର ଉପସ୍ଥିତି ନିହାତି ଦରକାର। ଚାମ୍ପିୟନ ଟିମ୍‌ର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିବା ସହ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇବା ତାଙ୍କ ଅଧିକାର। ପାକିସ୍ତାନ ବିପକ୍ଷ ମ୍ୟାଚ୍ ବେଳେ ଭାରତୀୟ ଦଳ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିଲା। ଏଣୁ ବିସିସିଆଇ ଏହାର ଖେଳାଳିଙ୍କୁ ପିସିବି ମୁଖ୍ୟଙ୍କ ସହ ହାତ ମିଳାଇବାକୁ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ତେବେ ନକ୍‌ଭିଙ୍କ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରି ନାହିଁ।

## ଅଭିଷେକ, ହାର୍ଦ୍ଦିକ ଆହତ

ଓପନର ଅଭିଷେକ ଶର୍ମା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶୁକ୍ରବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ କ୍ରାମ୍ପର ସମ୍ମୁଖୀନ ହୋଇ ପଡ଼ିଆରୁ ଚାଲିଯାଇଥିଲେ। ଏପରିକି ପାଣ୍ଡ୍ୟା କ୍ରାମ୍ପ କାରଣରୁ ମାତ୍ର ୧ ଓଭର ବୋଲିଂ କରିଥିଲେ। ସେ ପ୍ରଥମ ଓଭର ବୋଲିଂ କରିବା ପରେ ପଡ଼ିଆରୁ ଯାଇଥିବା ବେଳେ ଅଭିଷେକ ୯.୨ ଓଭରରେ ପଡ଼ିଆ ଛାଡ଼ିଥିଲେ ଏବଂ ସୁପର ଓଭରରେ ବ୍ୟାଟିଂ କରିବାକୁ ମଧ୍ୟ ଓହ୍ଲାଇ ନ ଥିଲେ। ଏଥିଯୋଗୁ ସୁପର ଓଭରରେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ସହ ଶୁବମନ ଗିଲ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି କ୍ରାମ୍ପର ସମ୍ମୁଖୀନ ହେବା ପରେ ଆଇସ୍ ବାଥ ନେଇଥିଲେ। ସେମାନେ ଏବେ କେବଳ ବିଶ୍ରାମ ନେବେ। ପରେ ଖେଳାଳିଙ୍କ ଲାଗି ପୁଲ ସେଶନ ରଖାଯାଇଛି। ସେମାନଙ୍କୁ ମସାଜ୍ ଦିଆଯିବ। ଏଣୁ ସେମାନେ ମ୍ୟାଚ୍ ବେଳକୁ ଫିଟ୍ ହୋଇଯିବେ, ଏହା ଆମେ ଆଶା ରଖିଛୁ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ରଶ୍ମିକା-କପିଲଙ୍କୁ ସ୍ୱର୍ଣ୍ଣ



**ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍**

ନୂଆଦିଲ୍ଲୀ, ୨୭।୯ (ପି.ଟି.)

ସ୍ଥାନୀୟ କାର୍ନି ସିଂ ରେଞ୍ଜ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଟପ୍-ଟୁ ପୋଡିୟମ ଫିନିଶ କରିଥିବା ବେଳେ ସ୍କିଟ୍ ବିଶାରଦ ରାଇଜା ଧିଲ୍ଲୋଁ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ନିକଟରେ କାଜାଖସ୍ତାନରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୦ ମିଟର ଏୟାର ପିସ୍ତଲ ମହିଳା ଓ ପୁରୁଷ ସ୍ୱର୍ଣ୍ଣ ଜିତିଥିବା ରଶ୍ମିକା ସହଗଲ ଓ କପିଲ ଯୋଡ଼ି ଏଠାରେ ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ଜିତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି। ଏହି ଯୋଡ଼ି ଟାଇଟଲ ରାଉଣ୍ଡରେ ଅନ୍ୟ ଭାରତୀୟ ଯୋଡ଼ି ବଂଶିକା ଚୌଧାରୀ ଓ ଆଣ୍ଟୋନୀ ଜୋନାଥନ ଗାଭିନଙ୍କୁ ୧୬-୧୦ରେ ହରାଇ ଦେଇଛନ୍ତି। ସ୍ପାନିଶ ଯୋଡ଼ି ଇନେସ ଓର୍ଟେଗା ଇନେସ ଓର୍ଟେଗା କାଷ୍ଟ୍ରୋ ଓ ଲୁକାସ ସାଞ୍ଚେଜ ୧୬-୧୪ରେ ଇରାନର ପାରିମାହ ଆମିରି ଓ ମହମାଦ୍ରେଜା ଅହମଦିଙ୍କୁ ପରାସ୍ତ କରି ବ୍ରୋଞ୍ଜ ଜିତିଥିଲେ।

## ଶୀତଲ, ତୋମାନଙ୍କୁ ସ୍ୱର୍ଣ୍ଣ ପଦକ

**ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍**

ଗ୍ୱାଙ୍ଗଜୁ (ଦକ୍ଷିଣ କୋରିଆ), ୨୭।୯ (ପି.ଟି.)

ଭାରତ ଏଠାରେ ଚାଲିଥିବା ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ ଜାରି ରଖିଛି। ଶନିବାର ତୀରନ୍ଦାଜମାନଙ୍କ ପାଇଁ ଭଲ ଦିନ ଥିଲା। ୧୮ବର୍ଷୀୟା ଶିତଲ ଦେବୀ ପ୍ରଥମ ଭାରତୀୟ ଆର୍ମଲେସ୍ ଆର୍ଚର ଭାବେ କମ୍ପାଉଣ୍ଡ ବ୍ୟକ୍ତିଗତ ବିଭାଗରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତୋମାନ କୁମାର ପୁରୁଷ ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଫଳତଃ ଭାରତ ଦୁଇ ବିଶ୍ୱ ଚାମ୍ପିୟନ ସୃଷ୍ଟି କରିବା ସହ ପଦକ ସଂଖ୍ୟା ୫କୁ ବୃଦ୍ଧି କରିପାରିଛି। ଶିତଲ ବିଶ୍ୱର ନମ୍ବର-୧ ତଥା ତୁର୍କୀର ଓଜ୍‌ନୁର କିୟୋର ଗିର୍ଦ୍ଦିଙ୍କୁ ୧୪୬-୧୪୩ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ସହ ଇତିହାସ ପୁସ୍ତକରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଜମ୍ମୁ ଓ କଶ୍ମୀରର ଏହି ତୀରନ୍ଦାଜ ଟୁର୍ନାମେଣ୍ଟରେ ହାତ ବିହୀନ ପ୍ରତିଯୋଗୀ ଥିଲେ। ପ୍ରତିଯୋଗିତାରେ ସେ ତାଙ୍କ ପାଦ ଓ ଥୋଡ଼ିର ସହାୟତା ନେଇଥିଲେ। ଏହା ପୂର୍ବରୁ ଜଣେ ହାତ ବିହୀନ ତୀରନ୍ଦାଜ ୨୦୨୨ରେ ଦୁବାଇ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲେ। ସେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ମଟ୍ଟାଟ୍ ଷ୍ଟୁଜ୍‌ମାନ। ଶିତଲ ପୂର୍ବରୁ ତୋମାନ କୁମାରଙ୍କୁ ସାଥୀ କରି ମିକ୍ସଡ ଟିମ୍ କମ୍ପାଉଣ୍ଡ ଇଭେଣ୍ଟରେ ଗ୍ରେଟ୍ ବ୍ରିଟେନର ଜୋଡି ଗ୍ରିନ୍‌ହାମ୍ ଓ ନାଥାନ ମ୍ୟାକ୍‌କୁଇନ୍‌ଙ୍କୁ ୧୫୨-୧୪୯ରେ ହରାଇ ଦେଇଛନ୍ତି। ସେହିପରି ମହିଳା କମ୍ପାଉଣ୍ଡ ଓପନ ଟିମ୍ ଇଭେଣ୍ଟ ଫାଇନାଲରେ ତୁର୍କୀଠାରୁ ପରାଜିତ ହୋଇ ରୌପ୍ୟ ଜିତିଥିଲେ ଶିତଲ ଓ ସରିତା। ପରେ ଏକ ଅଲ୍-ଇଣ୍ଡିଆନ ଫାଇନାଲରେ ରାକେଶ କୁମାର ଓହରିଯିବାରୁ ତୋମାନ ପୁରୁଷ କମ୍ପାଉଣ୍ଡ ଟାଇଟଲ ଜିତିଥିଲେ। ରାକେଶ ହେଉଛନ୍ତି ଜଣେ ପ୍ୟାରିସ ପାରାଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା। ତାଙ୍କ ଧନୁରେ ଏକ ପୁଲି ସମସ୍ୟା ଦେଖାଦେବାରୁ ୪ଟି ଶଟ୍ ପରେ ସେ ଓହରିଯାଇଥିଲେ। ଫଳତଃ ତୋମାନ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ପଦାର୍ପଣରେ ଚାରି ଉତ୍ତମ ତୀରଚାଳନା ସହ ଟାଇଟଲ ବିଜୟୀ ହୋଇଥିଲେ।

## ଭାରତର ପଦକ ଖାତା ଖୋଲିଲେ ଶୈଳେଶ



ନୂଆଦିଲ୍ଲୀ, ୨୭।୯(ପି.ଟି.)

ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଭାରତର ପଦକ ଖାତା ଖୋଲିଛନ୍ତି ଶୈଳେଶ କୁମାର ଓ ବରୁଣ ସିଂ ଭଟି। ଶନିବାର ଅନୁଷ୍ଠିତ ପୁରୁଷ ହାଇଜମ୍ପ ଟି୬୩ ଇଭେଣ୍ଟରେ ଏହି ଦୁଇ ଆଥଲେଟ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଛନ୍ତି। ୨୫ବର୍ଷୀୟ ଶୈଳେଶ ଟି୪୨ କାଟେଗୋରିରେ ୧.୯୧ମିଟର ପ୍ରୟାସ ସହ ପୋଡିୟମ ଟପ୍‌ରେ ରହି ଚାମ୍ପିୟନଶିପ୍ ରେକର୍ଡ ଓ ଏସିଆନ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବତନ ପାରା ଏସିଆନ ଗେମ୍ସ ପଦକ ବିଜେତା ଭଟି ବ୍ରୋଞ୍ଜ ଜିତିଥିବା ବେଳେ ଅଲିମ୍ପିକ ଚାମ୍ପିୟନ ଆମେରିକାର ଇଜ୍ରା ଫ୍ରେଚ୍ ରୌପ୍ୟ ଲାଭ କରିଛନ୍ତି। ଉଭୟେ ଭଟି ଓ ଫ୍ରେଚ୍‌ଙ୍କ ଶ୍ରେଷ୍ଠ କ୍ଲିୟରାନ୍ସ ୧.୮୫ ମିଟର ରହିଥିଲା। ମାତ୍ର ଆମେରିକୀୟ ଜଣକ କାଉଣ୍ଟ ବ୍ୟାକ୍‌ରେ ଭାରତୀୟଙ୍କୁ ପରାସ୍ତ କରିଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ତୃତୀୟ ଭାରତୀୟ ରାହୁଲ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧.୭୮ମିଟର ସହ ଚତୁର୍ଥ ସ୍ଥାନରେ ରହିଥିଲେ।

## ୱେଷ୍ଟଇଣ୍ଡିଜ୍‌କୁ ହରାଇଲା ନେପାଳ

ଶାରଜା,୨୭।୯

ନେପାଳ କ୍ରିକେଟ ଦଳ ଶନିବାର ଏକ ଟି୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ଇତିହାସ ରଚିଛି। ଏହା ନେପାଳ ପାଇଁ ଟେଷ୍ଟ ପ୍ଲେଇଂ ଦେଶ ବିପକ୍ଷରେ ପ୍ରଥମ ବିଜୟ। ନେପାଳ ଅଧିନାୟକ ରୋହିତ ପୌଡେଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୮ ରନ କରିଥିଲା। ଦଳ ପାଇଁ ଅଧିନାୟକ ରୋହିତ ପୌଡେଲ ୩୮ ଓ କୁଶାଲ ମଲ୍ଲ ୩୦ ରନ କରିଥିଲେ। ୱେଷ୍ଟଇଣ୍ଡିଜ ଲାଗି ଜାସନ ହୋଲ୍ଡର ୪ ଓ ନବିନ ବିଦେଶୀ ୩ ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୯ ଉଇକେଟ ହରାଇ ୧୨୯ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ନିମନ୍ତେ ବିଦେଶୀ ୨୨, ଫାବିଆନ ଆଲେନ ଓ ଆମିର ଜାଙ୍ଗୁ ୧୯ ଲେଖାଏ ରନ କରିଥିଲେ। ବିଜୟୀ ଦଳ ପାଇଁ କୁଶାଲ ଭୁର୍ଟେଲ ୨ ଉଇକେଟ ନେଇଥିଲେ।

# ନିଖିଳ ଓଡ଼ିଶା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର/ ବ୍ରାହ୍ମଣଝରିଲୋ, ୨୭।୯(ଅନାଦି କର)

କଟକସ୍ଥିତ ଫୁଲନଖରାର ଆମ୍ରପାଲୀ ରିସର୍ଟରେ ଶନିବାର ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍ ଆର୍ ନିଖିଳ ଓଡ଼ିଶା ଫିଡେ ରେଟେଡ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଲିମ୍ପିଆନ ତଥା ଦୌଡ଼ ରାଣୀ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍.ଆର୍. ଚେସ୍ ସେଣ୍ଟର ତରଫରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସହ ୫୩ ଜଣ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିହୀନ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ଭାଗ ନେଇଛନ୍ତି। ୪ ଦିନ ଧରି ଚାଲିବାକୁ ଥିବା ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ଶ୍ରୀୟାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ରବିନ୍ଦ୍ର କୁମାର ଓଝା, ସୌୟମ ଲକ୍ଷ୍ମୀଦତ୍ତ ସାବତ୍ତ, ସୁଧୀର ମହାନ୍ତି, ଶ୍ରଦ୍ଧା ସ୍ମରଣିକା ନନ୍ଦଙ୍କ ସହ ୭୦ ଜଣ ଖେଳାଳି ସମ୍ପୂର୍ଣ୍ଣ ୨ ପଏଣ୍ଟ ଲେଖାଏ ଅର୍ଜନ କରି ଶୀର୍ଷରେ ରହିଛନ୍ତି। ଏସ୍.ଆର୍. ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦୂରଦର୍ଶୀର ସମ୍ପାଦକ ତଥା ଯୁବ ସଂଗଠକ ଦୁର୍ଗା ସାମନ୍ତରାୟ, ରାଜ୍ୟ ଚେସ୍ ସଂଘର ଯୁଗ୍ମ ସମ୍ପାଦକ ଉବେଶ ମହାନ୍ତି, କେନ୍ଦୁଝର ଜିଲା ଚେସ୍ ସଂଘର ସମ୍ପାଦକ ଅମର ମହାନ୍ତି, ସ୍ୱର୍ଗତ ଭାଗ୍ୟଶ୍ରୀଙ୍କ ବାପା ପ୍ରଦୀପ ପଣ୍ଡା ଓ ବଡ଼ ବାପା ପ୍ରତାପ ପଣ୍ଡା ଯୋଗ ଦେଇଥିଲେ। ଆଜିର ପ୍ରଥମ ରାଉଣ୍ଡକୁ କଟକ ଜିଲା ସଂଘ ମେଣ୍ଟର ଚୌଧୁରୀ ପ୍ରଦିମ୍ନ ମିଶ୍ର ଓ ଦ୍ୱିତୀୟ ରାଉଣ୍ଡକୁ ବଲାଙ୍ଗୀର ଚେସ୍ ସଂଘର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଆରମ୍ଭ କରିଥିଲେ। ଏହି ଅବସରରେ କ୍ରୀଡ଼ା ଖବରଦାତା ବେଣୁଧର ଦାଶ ଓ ଅଜୟ ଦାଶଙ୍କୁ କ୍ରୀଡ଼ା ଖବରଦାତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏସ୍.ଆର୍. ଚେସ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ଅତିଥି ସମ୍ମାନିତ କରୁଛନ୍ତି।

## ସୁନୀଲ ଯୋଶୀ ସ୍ପିନ୍ ବୋଲିଂ କୋଚ୍

ନୂଆଦିଲ୍ଲୀ,୨୭।୯

ଭାରତର ପୂର୍ବତନ ସ୍ପିନର ସୁନୀଲ ଯୋଶୀ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ସ୍ପିନ୍ ବୋଲିଂ କୋଚ୍ ଭାବେ ଅକ୍ଟୋବର ୧ରେ ଯୋଗଦେବେ। ୫୫ ବର୍ଷୀୟ ପୂର୍ବତନ ସ୍ପିନର ନିକଟରେ ଶେଷ ହୋଇଥିବା ଦୁଲୀପ ଟ୍ରଫି ସହ ଜଡ଼ିତ ରହି ଅଷ୍ଟ୍ରେଲିଆ ଏ' ବିପକ୍ଷ ମ୍ୟାଚ୍ ପାଇଁ ଭାରତ ଏ' ସହିତ ଟ୍ରାଭେଲ କରିଥିଲେ। ଯୋଶୀ ସିଓଇରେ ଯୋଗ ଦେଇଥିବାରୁ ପଞ୍ଜାବ କିଙ୍ଗ୍ସକୁ ଜଣେ ନୂଆ ଆସିଷ୍ଟାଣ୍ଟ କୋଚ୍ ଖୋଜିବାକୁ ପଡ଼ିବ। ଆଇପିଏଲ୍ ଛଡ଼ା ଯୋଶୀ ଘରୋଇ କ୍ରିକେଟ୍‌ରେ ଉତ୍ତର ପ୍ରଦେଶ ଦଳର କୋଚ୍ ଓ ବାଂଲାଦେଶର ସ୍ପିନ୍ ବୋଲିଂ ପରାମର୍ଶଦାତା ରହିଥିଲେ।

## ଭାରତର ଦ୍ୱିତୀୟ ପରାଜୟ

**ଜୁନିୟର ମହିଳା ହକି**

କାନବେରା, ୨୭।୯(ପି.ଟି.)

ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ଭାରତର ଜୁନିୟର ମହିଳା ହକି ଦଳ ସେଠାରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଦଳ ଅଷ୍ଟ୍ରେଲିଆଠାରୁ ୦-୫ ଗୋଲ୍‌ରେ ପରାଜିତ ହୋଇଛି। ଆୟୋଜକ ଦଳ ତରଫରୁ ମାକେଲା ଜୋନ୍ସ ହାଟ୍ରିକ୍(୧୦ମ, ୧୧ଶ, ୫୨ତମ ମିନିଟ୍) ଗୋଲ୍ ସ୍କୋର କରିଥିବା ବେଳେ ସାମିଲଭ୍(୩୮ତମ) ଓ ମିଗାଲିୟା ହାୱେଲ(୫୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨-୩ ଗୋଲ୍‌ରେ ପରାଜିତ ହୋଇଥିଲା।

# ଓଡ଼ିଶା ପାୱାରଲିଫ୍ଟିଂ ଦଳକୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ

ଭୁବନେଶ୍ୱର, ୨୭।୯ (ବିଜୟ ରଣା)

ଚଳିତମାସ ୨୨ ରୁ ୨୬ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ଭାରତ ପାୱାରଲିଫ୍ଟିଂ ଜାତୀୟ ଚାମ୍ପିଅନଶିପରେ ଓଡ଼ିଶା ପୁରୁଷ ଦଳ ଗୋଟିଏ ସ୍ୱର୍ଣ୍ଣ ଏବଂ ୩ ରୌପ୍ୟ ପଦକ ଜିତିଛି। ଭୁବନେଶ୍ୱରର ଶ୍ରୀହରି ତ୍ରିପାଠୀ ସ୍ୱର୍ଣ୍ଣ ଜିତିଥିବା ବେଳେ, ବଲାଙ୍ଗୀରର ଅଖିଳେଶ ସାହୁ, ସମ୍ବଲପୁରର କିରଣ ନାଗ୍ ଏବଂ ରାଉରକେଲାର ଶୁଭ୍ରାଂଶୁ ମହାରଣା ପ୍ରତ୍ୟେକ ଗୋଟିଏ ଲେଖାଏ ରୌପ୍ୟ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ପାୱାରଲିଫ୍ଟିଂ ଜାତୀୟ ଚାମ୍ପିୟନଶିପରେ ପ୍ରଥମ ଥର ଓଡ଼ିଶା ଦଳ ଅଂଶଗ୍ରହଣ କରିଥିଲା। ପୁରୁଷ ଦଳର ସଦସ୍ୟମାନେ ସେମାନଙ୍କ ନିଜ ନିଜ ଓଜନ ବର୍ଗରେ ବହୁତ ଭଲ ପ୍ରଦର୍ଶନ କରିଥିଲେ ଏବଂ ମହିଳା ଦଳର ସଦସ୍ୟମାନେ ମୂଲ୍ୟବାନ ଅଭିଜ୍ଞତା ହାସଲ କରିଥିଲେ। ଏହି ଅବସରରେ କ୍ଷେତ୍ର ନିର୍ଦ୍ଦେଶକ ଏବଂ ସ୍ପେଶାଲ ଅଲିମ୍ପିକ୍ସ ଭାରତ - ଓଡ଼ିଶାର ସଭାପତି ବୋର୍ଡ ସଦସ୍ୟମାନଙ୍କ ସହିତ ଦଳର ସଦସ୍ୟମାନଙ୍କୁ ସେମାନଙ୍କର ଶୁଭେଚ୍ଛା ଜଣାଇଛନ୍ତି।



ଅଫିସିଆଲ ଓ ପଦକ ବିଜେତା।

# ଭାରତକୁ ୭ମ ସାଫ୍ ଟାଇଟଲ

**୧୭ ବର୍ଷରୁ କମ୍ ଫୁଟ୍‌ବଲ**

କଲମ୍ବୋ, ୨୭।୯ (ପି.ଟି.)

ଭାରତ ୭ମ ଥର ଦକ୍ଷିଣ ଏସୀୟ ଫୁଟ୍‌ବଲ ମହାସଂଘ (ସାଫ୍) ଟାଇଟଲ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ରୋମାଞ୍ଚକ ଫାଇନାଲରେ ଦଳ ୪-୧ ପେନାଲ୍ଟି ଶୁଟ୍‌ଆଉଟରେ ବାଂଲାଦେଶକୁ ହରାଇ ଦେଇଛି। ଦଲାମୋନ ଗାଙ୍ଗ୍‌ଟେ(୪ର୍ଥ ମିନିଟ) ଓ ଆଜଲାନ ଶାହା କେଏଚ୍ (୩୮ତମ)ଙ୍କ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୨-୧ରେ ଅଗ୍ରଣୀ ଲଶଭ କରିଥିଲା। ମାତ୍ର ମ୍ୟାଚ୍‌ର ଶେଷ ମିନିଟ୍‌ରେ ଇଶାନ ହବିବ ରିଦୁଆନଙ୍କ ଗୋଲ ଯୋଗୁ ନିର୍ଦ୍ଧାରିତ ସମୟ ଖେଳାଳି ୨-୨ରେ ସ୍ତରରେ ରହିଥିଲା। ପେନାଲ୍ଟି ଶୁଆଉଟ୍‌ରେ ଦଲାଲମୋନ ଗାଙ୍ଗ୍‌ଟେ, କୋରୋଉ ମେଇତି କୋଣ୍ଟୋଜାମ୍, ଇନ୍ଦ୍ର ରାଣା ମଗର ଏବଂ ଶୁଭମ ପୁନିଆ ଗୋଲ୍ ସ୍କୋର କରିଥିବା ବେଳେ ବାଂଲାଦେଶ ତରଫରୁ ମହମ୍ମଦ ମାନିକ ଗୋଟିଏ ଗୋଲ୍ ଦେବାରେ ସମର୍ଥ ହୋଇଥିଲେ।




ଟ୍ରଫି ସହ ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ।

# ପୂଜାରେ ଫଟୋଶୁଟ୍

## ନ ହେଉ ଚିନ୍ତାର କାରଣ

ମା'ଙ୍କ ଆଗମନରେ ଏବେ ସବୁଆଡ଼େ ଉତ୍ସବମୁଖର। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୂର୍ତ୍ତି ଦର୍ଶନ କରିବା, ଶପିଂ କରିବା, ବିଭିନ୍ନ ସ୍ଥାନରେ ଆୟୋଜିତ ଦାଣ୍ଡିଆ ନାଇଟ୍ସରେ ଡ୍ୟାନ୍ସ କରିବାକୁ ସମସ୍ତେ ତତ୍ପର। ତା'ସହ ଏସବୁର ଫଟୋ ଏବଂ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ଅଧିକାଂଶଙ୍କ ଭିତରେ ବେଶି କ୍ରେଜ୍। ହେଲେ କେବେକେବେ ଏହି ଖୁସି ଭିତରେ ଟେନ୍ସନ୍ ବଢ଼ାଇଦିଏ ମୋବାଇଲ୍ ଚୋରି। ତେଣୁ ପୂଜାରେ ଫଟୋଶୁଟ୍ କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...



ବର୍ତ୍ତମାନ ଅଧିକାଂଶଙ୍କଠାରେ, ବିଶେଷକରି ଯୁବପିଢ଼ିଙ୍କଠାରେ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବା, ଅଧିକ ଲାଇକ୍, କମେଣ୍ଟ ପାଇବା ଲାଗି ଫଟୋ, ଭିଡିଓ ଏବଂ ରିଲ୍ସ କରିବା ନିଶା ଘାରିଛି। ଯେଉଁଥିପାଇଁ ପୂଜାରେ ଫଟୋ, ଭିଡିଓ ଆଦି କରିବାକୁ ସେମାନେ ବେଶ୍ ଉତ୍କଣ୍ଠିତ। ହେଲେ ବର୍ତ୍ତମାନ ପୂଜାମଣ୍ଡପଗୁଡ଼ିକରେ ଅଧିକ ଗହଳି ଥିବାରୁ ମୋବାଇଲ୍ ଫୋନ୍ ଚୋରି ଆଶଙ୍କା ଅଧିକ। ତେଣୁ ଏହି ଫେଷ୍ଟିଭ୍ ସିଜନ୍‌ରେ ନିଜ ମୋବାଇଲ୍‌କୁ ସୁରକ୍ଷିତ ରଖିବା ଲାଗି କେତୋଟି କଥା ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

– ପୂଜା ପେଣ୍ଡାଲ୍‌ରେ ଗହଳିର ସୁଯୋଗ ନେଇ ଲୁଟେରାମାନେ ମୋବାଇଲ୍ ଚୋରି ଅଧିକ କରିଥା'ନ୍ତି। ଫୋନ୍‌ରେ ଫଟୋ କିମ୍ବା ଭିଡିଓ କରୁଥିଲେ ସରିବାମାତ୍ରେ ଫୋନ୍‌କୁ ହାତରେ ନ ଧରି ତୁରନ୍ତ ବ୍ୟାଗ୍ ଭିତରେ ରଖିଦିଅନ୍ତୁ ଏବଂ ବ୍ୟାଗ୍‌କୁ ହାତରେ ଆଗପଟକୁ କରି ରଖନ୍ତୁ। ସେହିପରି ଯୁବକମାନେ ଫୋନ୍‌କୁ ପ୍ୟାଣ୍ଟର ପଛ ପକେଟରେ ଆଦୌ ରଖନ୍ତୁ ନାହିଁ। ଏଥିପାଇଁ ସ୍ଲିଙ୍ଗ୍ ବ୍ୟାଗ୍ କିମ୍ବା ୱେଷ୍ଟ ବ୍ୟାଗ୍ ବ୍ୟବହାର କରିପାରିବେ।

– ଫୋନ୍‌ରେ ଏକ ରିଷ୍ଟ ଷ୍ଟ୍ରାପ୍ ଲଗାଇବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାଦ୍ୱାରା କୌଣସି କାରଣରୁ ହାତରୁ ଫୋନ୍ ଖସିଗଲେ ତଳେ ପଡ଼ି ନଷ୍ଟ ହେବ ନାହିଁ କିମ୍ବା କେହି ହଠାତ୍ ଛଡ଼ାଇ ନେଇପାରିବେ ନାହିଁ।



### ନିଜେ ସତର୍କ ରହିବା ଜରୁରୀ

**ମୃତ୍ୟୁଞ୍ଜୟ ସ୍ୱାଇଁ** (ଆଇଆଇସି, ମଞ୍ଚେଶ୍ୱର ଥାନା)– ପାର୍ବଣ ଅବସରରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ଅଧିକ ଭିଡ଼ ପରିଲକ୍ଷିତ ହେଉଥିବାରୁ ଲୁଟେରାମାନେ ଏହାର ଖୁବ୍ ଫାଇଦା ନେଉଛନ୍ତି। ଗତ କିଛିବର୍ଷ ହେବ ପୂଜା ସମୟରେ ବହୁ ସଂଖ୍ୟାରେ ମୋବାଇଲ୍ ଫୋନ୍ ଚୋରି ଘଟଣା ନଜରକୁ ଆସିଛି। ଯେହେତୁ ସେଲ୍‌ଫି ନେବା କିମ୍ବା ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା କ୍ରେଜ୍ ଏବେ ସଭିଙ୍କର ବିଶେଷକରି ଯୁବପିଢ଼ିଙ୍କ ଠାରେ ଅଧିକ ଦେଖିବାକୁ ମିଳୁଛି, ଏମିତିରେ ସେମାନଙ୍କ ଫୋନ୍ ଚୋରି ହେବା ଆଶଙ୍କା ବେଶି ବଢ଼ିଯାଉଛି। ତେଣୁ ନିଜେ ସତର୍କ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଫଟୋ ଉଠାଇବା ବେଳେ ଫୋନ୍‌କୁ ଭଲ ଭାବେ ଧରିବା ସହ ଉଠାଇ ସାରିଲେ ଏହାକୁ ଠିକ୍ ଭାବେ ରଖିବା ଦରକାର। ଯୁବକମାନେ ପ୍ୟାଣ୍ଟର ପଛ ପକେଟ୍‌ରେ ଫୋନ୍ ରଖିବା ଠିକ୍ ନୁହେଁ, ଏହାଦ୍ୱାରା ଚୋରଙ୍କୁ ପକେଟ୍‌ମାର କରିବା ସହଜ ହୋଇଥାଏ। ସେହିପରି ଯୁବତୀମାନେ ପଛ ପ୍ୟାଣ୍ଟ ପକେଟ୍‌ରେ ଫୋନ୍ ନ ରଖିବା ଭଲ। ଭ୍ୟାନିଟି ବ୍ୟାଗ୍‌ରେ ଫୋନ୍ ରଖୁଥିଲେ ଏହାକୁ ପଛକୁ କିମ୍ବା କଡ଼ରେ ନ ରଖି ଆଗ ପଟକୁ ରଖିବା ଦରକାର। ତେବେ ପୋଲିସ୍ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଣ୍ଡପଗୁଡ଼ିକରେ ୟୁନିଫର୍ମରେ ଏବଂ ସାଦା ପୋଷାକରେ ମଧ୍ୟ ପୋଲିସ୍ ମୁତୟନ କରାଯାଇଛି। ତଥାପି କୌଣସି ଅସୁବିଧା ହେଲେ ତୁରନ୍ତ ସହାୟତା ପାଇଁ ପ୍ରତ୍ୟେକ ଥାନା ନମ୍ବର ଏବଂ କଣ୍ଟ୍ରୋଲ ନମ୍ବରରେ ତୁରନ୍ତ ଯୋଗାଯୋଗ କରିପାରିବେ। ତେବେ କେବଳ ମୋବାଇଲ୍ ଫୋନ୍ ନୁହେଁ, ସୁରକ୍ଷା ଦୃଷ୍ଟିରୁ ପୂଜା ସମୟରେ ଗହଳି ଅଧିକ ଥିବାରୁ ସୁନା କିମ୍ବା କୌଣସି ଦାମୀ ଗହଣା ନ ପିନ୍ଧିବାକୁ ଏବଂ ପାଖରେ ଅଧିକ କ୍ୟାଶ୍ ନ ରଖି ଇ-ବ୍ୟାଙ୍କିଙ୍ଗ୍ ବ୍ୟବହାର କରିବାକୁ ମଧ୍ୟ ବାରମ୍ବାର ସଚେତନ କରାଯାଉଛି।



**ଧ୍ୟାନ ଦିଅନ୍ତୁ:** ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ବି କେବେକେବେ ମୋବାଇଲ୍ ଚୋରି ହୋଇଯାଏ। ଯେହେତୁ ମୋବାଇଲ୍‌ରେ ଫଟୋ, ଭିଡିଓ, କଣ୍ଟାକ୍ଟ ନମ୍ବର ଭଳି ସମସ୍ତ ପର୍ସନାଲ୍ ଡାଟା ଏବଂ ବ୍ୟାଙ୍କ୍ ଡିଟେଲ୍ସ ଆଦି ରହୁଛି, ତେଣୁ ଏହା ଚୋରି ହୋଇଗଲେ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜିପାରେ। ତେଣୁ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ନିହାତି ଜାଣିରଖିବା ଦରକାର...

**ଗୁଗୁଲ୍ ଆଇଡି ଡିଟେଲ୍ସ ରଖନ୍ତୁ:** ସାଧାରଣତଃ ଫୋନ୍‌ରେ ଗୁଗୁଲ୍ ଆଇଡି ସେଟ୍ କରିବା ପରେ ଆମେ ଏହା ସମ୍ବନ୍ଧିତ ସୂଚନା ଯେପରି ଆଇଡି, ପାସ୍‌ୱାର୍ଡ ଆଦି ମନେ ରଖି ନ ଥାଉ। ଯଦ୍ୱାରା ଫୋନ୍ ଚୋରି ହେଲେ ଏହା ମିଳିବା କଷ୍ଟ ହୋଇଥାଏ। ତେଣୁ ଏସବୁ ଡିଟେଲ୍ସ ସବୁବେଳେ ଲେଖି ରଖିବା ଦ୍ୱାରା ଯଦି କୌଣସି କାରଣରୁ ଫୋନ୍ ଚୋରି ହୁଏ, ତେବେ ଅନ୍ୟ ଫୋନ୍‌ରୁ ଏହାକୁ ଆକ୍ସେସ୍ କରି ତୁରନ୍ତ ଫୋନ୍‌ରୁ ଆଇଡି ଲଗ୍‌ଆଉଟ୍ କରି ନିଜ ପର୍ସନାଲ୍ ଡାଟାକୁ ସୁରକ୍ଷିତ ରଖିପାରିବେ।



**ୟୁଥ୍ ଆଲର୍ଟ**

### କ'ଣ କୁହନ୍ତି ଏମାନେ...

#### ସତର୍କତା ଅବଲମ୍ବନ କରିବି



**ପାର୍ଥସାରଥୀ ସାମନ୍ତରାୟ**(ଖୋର୍ଦ୍ଧା)– ଗତ ଦୁଇ ବର୍ଷ ହେବ ୟୁଟ୍ୟୁବ୍ ଚ୍ୟାନେଲ୍ କରି ବିଭିନ୍ନ ଭ୍ଲଗ୍ କରୁଛି। ଚଳିତବର୍ଷ ଭୁବନେଶ୍ୱର ଓ କଟକ ଦୁର୍ଗା ପୂଜା ସମେତ ଖୋର୍ଦ୍ଧା ପ୍ରସିଦ୍ଧ ଲକ୍ଷ୍ମୀପୂଜା ଶୁଟ୍ କରିବା ଯୋଜନା କରିଛି। ସାଙ୍ଗସାଥିଙ୍କ ସହ ପୂଜାମଣ୍ଡପ ବୁଲାବୁଲିର ମୋବାଇଲ ଭିଡିଓ ଶୁଟ୍ କରିବି। ହେଲେ ଗତ କିଛି ବର୍ଷ ପୂଜା ମଣ୍ଡପରେ ଯେଉଁ ଭଳି ମୋବାଇଲ୍ ଚୋରୀ ଘଟଣା ଶୁଣିବାକୁ ମିଳିଛି ସେଥିପାଇଁ ବିଶେଷ ଭାବେ ସତର୍କତା ଅବଲମ୍ବନ କରିବି। ଦୂରରୁ ଭିଡିଓରେ କ୍ଲାରିଟି ରହୁ ନ ଥିବାରୁ ଭିଡରେ ପେଣ୍ଡାଲ୍ ପାଖକୁ ଯାଇ ଶୁଟ୍ କରିବା ବେଳେ ଯଥା ସମ୍ଭବ ସତର୍କ ରହିବି। ସେଲ୍ଫି ଷ୍ଟିକ୍ ବ୍ୟବହାର କରିବି ଏବଂ ଶୁଟିଂ ସରିବା ମାତ୍ରେ ଫୋନ୍‌କୁ ପକେଟ୍‌ରେ ନ ରଖି ବ୍ୟାଗ୍‌ରେ ରଖିବି, ଯାହାଦ୍ୱାରା ଚୋରୀ ରିସ୍କ ରହିବ ନାହିଁ ବୋଲି ମୋର ଆଶା।

#### ସୁରକ୍ଷା ପାଇଁ ୱେଷ୍ଟ ବ୍ୟାଗ୍ ଭଲ ଅପ୍ସନ



**କାଜଲ ଅଗ୍ରୱାଲ**( ବରଗଡ)– ପାର୍ବଣ ଋତୁ ଆସିଲେ ମା'ଙ୍କ ଆଗମନରେ ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଯାଏ। ସବୁଠି ଉତ୍ସବମୁଖର ହୋଇଉଠେ। ଏ ସମୟରେ ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ଆଉ ଦାଣ୍ଡିଆ ନାଇଟ୍ସ ଏଞ୍ଜୟ କରିବାକୁ ମୋତେ ବହୁତ ଭଲ ଲାଗେ। ଆଉ ଏସବୁ ମୁହୂର୍ତ୍ତକୁ ମୁଁ ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ପୋଷ୍ଟ ବି କରେ। ହେଲେ ଏହି ଖୁସି ଭିତରେ ଟେନ୍‌ଶନ୍ ବଢାଇଦିଏ ବିଭିନ୍ନ ଚୋରି ଖବର। ଏପରି ଅସୁବିଧାର ସମ୍ମୁଖୀନ ନ ହେବା ଲାଗି ଗହଳି ସ୍ଥାନକୁ ଯିବା ବେଳେ ମୋବାଇଲ୍ ରଖିବା ଲାଗି ୱେଷ୍ଟ ବ୍ୟାଗ୍ ବ୍ୟବହାର କରିବି। ଦୁର୍ଭାଗ୍ୟବଶତଃ ଏପରି କେବେ ହେଲେ ପର୍ସନାଲ୍ ଡାଟା ସୁରକ୍ଷିତ ରଖିବା ଲାଗି ମୋବାଇଲ୍‌ରେ ସେଫ୍ଟି ଆପ୍ ବି ଇନ୍‌ଷ୍ଟଲ୍ କରି ରଖିଛି। ମୋ ମତରେ କେବଳ ପୂଜା ସମୟରେ ନୁହେଁ ମୋବାଇଲ୍ କୌଣସି କାରଣରୁ ଚୋରୀ ଅବା ହଜିଗଲେ ଯେପରି କେହି ଏହାର ମିସ୍‌ୟୁଜ୍ ନ କରନ୍ତି ସେଥିପାଇଁ ସମସ୍ତେ ସେଫ୍ଟି ଆପ୍ ବ୍ୟବହାର କରିବା ଦରକାର।

**ଇଏମ୍‌ଇଆଇ ନମ୍ବର ଜାଣିବା ଜରୁରୀ:** ଆପଣ ଯେଉଁ ଫୋନ୍ ବ୍ୟବହାର କରୁଛନ୍ତି, ତା'ର ଇଏମ୍‌ଇଆଇ ନମ୍ବର ନିହାତି ଜାଣିବା ବା ଲେଖିରଖିବା ଦରକାର। ଯଦ୍ୱାରା ଫୋନ୍ ଚୋରି ହୋଇଗଲେ ପୋଲିସ୍ ଏହା ସାହାଯ୍ୟରେ ଆପଣଙ୍କ ଫୋନ୍ ଟ୍ରାକ୍ କରି ଖୋଜିପାରିବେ। ଏହାକୁ ଜାଣିବା ପାଇଁ ନିଜ ଫୋନ୍‌ର ସେଟିଂରେ ଥିବା ଏବାଉଟ୍ ଅପ୍ସନ୍‌କୁ କ୍ଲିକ୍ କରି ଇଏମ୍‌ଆଇ ନମ୍ବର ଓପନ୍ କରନ୍ତୁ ଏବଂ ଏହାକୁ ଲେଖିରଖନ୍ତୁ। ଏହାଦ୍ୱାରା ଫୋନ୍ ଟ୍ରାକ୍ ରହିବା ସହ ଡିଭାଇସ୍‌କୁ ବ୍ଲକ୍ ମଧ୍ୟ କରିପାରିବେ।

**ଫାଇଣ୍ଡ ମାଇଁ ଡିଭାଇସ୍:** ଗୁଗୁଲ୍ ଦ୍ୱାରା ପ୍ରସ୍ତୁତ ଏହି ଆପ୍ ଦ୍ୱାରା ଅନ୍ୟ ଏକ ଫୋନ୍‌ରେ ନିଜ ଆଇଡି ଏବଂ ପାସ୍‌ୱାର୍ଡ ଦେଇ ନିଜ ଚୋରି ହୋଇଥିବା ଫୋନ୍ ଖୋଜିପାରିବେ। ଏହାଦ୍ୱାରା ଫୋନ୍‌ର ଲୋକେଶନ୍, ସେଥିରେ ବର୍ତ୍ତମାନ କେଉଁ ସିମ୍ ପଡ଼ିଛି ଆଦି ଟ୍ରାକ୍ କରିପାରିବେ।

**ହ୍ୟାମର୍ ସିକ୍ୟୁରିଟି ଆପଣାନ୍ତୁ:** ଏହା ଏକ ଖୁବ୍ ସୁରକ୍ଷିତ ଏବଂ ଲୋକପ୍ରିୟ ଆପ୍, ଯାହାକି ମୋବାଇଲ୍‌କୁ ଚୋରି ହେବା ବା ଚୋରକୁ ଧରିବାରେ ସାହାଯ୍ୟ କରିଥାଏ। ଏହି ଆପ୍ ପ୍ଲେ ଷ୍ଟୋରରେ 'ଟ୍ରାକ୍ ଇଟ୍ ଇଭେନ୍ ଇଫ୍ ଇଟ୍ ଇଜ୍ ଅଫ୍' ନାଁରେ ରହିଛି। ଏଥିରେ ଫେକ୍ ସ୍ୱିଚ୍ ଅଫ୍ ଅପ୍ସନ ଏବଂ ଫେକ୍ ଏରୋପ୍ଲେନ୍ ମୋଡ୍ ଅପ୍ସ ରହିଛି। ଫଳରେ ଚୋରି କଲେ ବି ଚୋର ଯେବେ ଏହାକୁ ସ୍ୱିଚ୍ ଅଫ୍ କରିବ କିମ୍ବା ଏରୋପ୍ଲେନ୍ ମୋଡ୍‌ରେ ରଖିବ, ତେବେ ତାହା ଫେକ୍ ଅପ୍ସନ ଦେଖାଇବ ଏବଂ ଫୋନ୍ ଅନ୍ ଅଛି ବୋଲି ସେ ଜାଣିପାରିବ ନାହିଁ। ତା'ଛଡ଼ା ଏଥିରେ ଥିବା ପ୍ୟାନିକ୍ ମୋଡ୍ ଆକ୍ଟିଭ୍ ରଖିବା ଦ୍ୱାରା ତୁରନ୍ତ ଚୋରର ସେଲ୍ଫି ଓ ଲୋକେଶନ୍ ଆପଣଙ୍କ ଏମର୍ଜେନ୍ସି କଣ୍ଟାକ୍ଟ ନମ୍ବରକୁ ଚାଲିଯାଇଥାଏ, ଯାହାକୁ ଟ୍ରାକ୍ କରି ଫୋନ୍‌କୁ ଖୋଜିବା ସହଜ ହୋଇଥାଏ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ପୂଜା ସମୟରେ ଦୁର୍ଭାଗ୍ୟବଶତଃ ଫୋନ୍ ଚୋରି ହୋଇଯାଏ, ତେବେ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ସିମ୍ କାର୍ଡ ବ୍ଲକ୍ କରିବା ସହ ନିକଟସ୍ଥ ପୋଲିସ୍ ଷ୍ଟେଶନ୍‌ରେ ଖବର ଦେବା ଜରୁରୀ।

**– ପୌର୍ଣ୍ଣମାସୀ**

## ପୂଜାବେଳେ ବାହାର ଖାଦ୍ୟ ଖାଉଥିଲେ...

ଆରମ୍ଭ ହୋଇଯାଇଛି ଦଶହରା। ପୂଜାମଣ୍ଡପଗୁଡ଼ିକ ନିକଟରେ ମିଳୁଛି ନାନାଦି ପ୍ରକାର ଖାଦ୍ୟର ସମ୍ଭାର। ହେଲେ ଏସବୁ ଖାଦ୍ୟ ଅଧିକ ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ତେଣୁ ପୂଜାରେ ଏଭଳି ଖାଦ୍ୟ ଖାଉଥିଲେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ପ୍ରତି ଧ୍ୟାନ ଦେବା ଜରୁରୀ...

➔ପୂଜା ସମୟରେ ମାର୍କେଟ ସହିତ ପୂଜାସ୍ଥଳ ନିକଟରେ ମଧ୍ୟ ଅନେକ ଫୁଡ୍ ଷ୍ଟଲ୍ ଦେଖିବାକୁ ମିଳିଥାଏ। ଆଉ ଯୁବପିଢ଼ି ଏ ସବୁ ଖାଇବାର ମଉକା ଆଦୌ ହାତଛଡ଼ା କରି ନ ଥା'ନ୍ତି। ହେଲେ ଅପରପକ୍ଷେ ଏଭଳି ଖାଦ୍ୟ ଖାଇବା ଦ୍ୱାରା ଅନେକଙ୍କଠାରେ ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। କେବେକେବେ ଫୁଡ୍ ପଏଜନିଂ ହୋଇ ଝାଡ଼ା, ବାନ୍ତି ଭଳି ସମସ୍ୟା ବି ଉପୁଜିଥାଏ। ତେଣୁ ବାହାରେ ଯଥାସମ୍ଭବ କମ୍ ଖାଆନ୍ତୁ।

➔ପୂଜା ବେଳେ ଲାଭ ପାଇବା ଆଶାରେ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ବ୍ୟବସାୟୀ ଅଧିକ ରଙ୍ଗ, ଖରାପ ତେଲ ଆଦି ମଧ୍ୟ ବ୍ୟବହାର କରିଥା'ନ୍ତି ; ଯାହାକୁ ଖାଇଲେ ଶରୀରକୁ ବିଷାକ୍ତ ପଦାର୍ଥ ଚାଲିଯାଏ ଏବଂ ପେଟ ସମସ୍ୟା ଉପୁଜିଥାଏ। ଏହାକୁ ଦୂର କରିବା ଲାଗି ବା ଶରୀରକୁ ଡିଟକ୍ସ ନିମିତ୍ତ ପ୍ରୋବାୟୋଟିକ୍ ସବୁଠୁ ଭଲ। ଏଥିପାଇଁ ଦହି ଖାଆନ୍ତୁ। ଏହାଦ୍ୱାରା ହଜମକ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।



– ପୂଜା ଦିନରେ ଅତିକମ୍‌ରେ ଦିନକୁ ୩-୪ ଲିଟର ପାଣି ପିଅନ୍ତୁ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବା ସହ ତାପମାତ୍ରାକୁ ନିୟନ୍ତ୍ରଣରେ ରଖି ଶରୀରକୁ ସୁସ୍ଥ ରଖିଥାଏ।

– ପୂଜା ଆଳରେ ବୁଲାବୁଲି ସହ ବାହାରେ ଅଧିକ ଲୁଣ, ରାଗ, ତେଲ, ମସଲାଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣମାତ୍ରା କମ୍ କରିବା ଆବଶ୍ୟକ।

– ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିବା ଲାଗି ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଅନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ଲାଗି ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ।

### ଏ ସପ୍ତାହର ପ୍ରଶ୍ନ ?

୧– ଏନ୍‌ଏମ୍‌ଏଚ୍‌ସିର ଫୁଲ୍‌ଫର୍ମ ............ ?
୨– ଆଇଏନ୍‌ଏସ୍ ରାଜାଲି ତାମିଲନାଡୁରେ ଥିବା ଏକ ............ ?
୩– ନିକଟରେ ........... ଦେଶ ଭାରତରୁ ବାଦାମ ଆମଦାନୀ ବନ୍ଦ କରିଦେଇଛି ?
୪– ଦି ଗଲ୍ଫ ଅଫ୍ ଫିନ୍‌ଲାଣ୍ଡ ................ ଠାରେ ରହିଛି ?
୫– ସ୍ୱେଶ୍ ଆଣ୍ଡ ମିଜାଇଲ୍ ଟ୍ରାକିଂଶିପ୍ ଉଆନ୍ ୟାଙ୍ଗ୍ ୫ ........ ଦେଶ ନିର୍ମାଣ କରିଛି ?

### ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ୩୮
୩ ଚେନ୍ନାଇ
୪ ତାଞ୍ଜାନିଆ ଏବଂ କେନିଆ
୫ ଅକ୍ଟୋବର ୧୫

### ଉତ୍ତର ଦାତା



ଛବିଲାଲ୍ ଭାଟି
କଳାହାଣ୍ଡି



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ଶେଖ୍ ୟାକୁବ୍
ଗୋପ

**ଜାଣନ୍ତୁ ଦୁନିଆ**

## ବିନା ଦୀପ ଆଉ ବତିରେ ଜଳୁଛି ଅଖଣ୍ଡ ଜ୍ୟୋତି

ଆମ ଦେଶରେ ଅନେକ ଦେବୀ ମନ୍ଦିର ରହିଛି, ଯାହା ମଧ୍ୟରୁ ଏମିତି ଏକ ଅଲୌକିକ ଶକ୍ତିପୀଠ ରହିଛି; ଯେଉଁଠାରେ ବିନା ଦୀପ ଏବଂ ବତିରେ ଅଖଣ୍ଡ ଜ୍ୟୋତି ପ୍ରକାଶିତ ହେଉଥିବା ଦେଖିବାକୁ ମିଳେ। ହିମାଚଳ ପ୍ରଦେଶରେ ଥିବା ଏହି ଶକ୍ତିପୀଠ ହେଉଛି ମା' ଜ୍ୱାଲା ଦେବୀ ମନ୍ଦିର। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି କଥା...



❖ଆମ ଦେଶରେ ଥିବା ୫୧ଟି ଶକ୍ତିପୀଠ ମଧ୍ୟରେ ହିମାଚଳ ପ୍ରଦେଶରେ ଥିବା ଜ୍ୱାଲାଦେବୀ ମନ୍ଦିର ଅନ୍ୟତମ।

❖ଶିବାଲକ ପର୍ବତମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶରେ ଥିବା ଏହି ମନ୍ଦିରର ଅନେକ ଧାର୍ମିକ ମାନ୍ୟତା ରହିଛି। ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

❖ହିନ୍ଦୁ ପୌରାଣିକ କଥା ଅନୁସାରେ, ଯେବେ ମା' ସତୀ ପିତା ଦକ୍ଷଙ୍କ ଯଜ୍ଞରେ ନିଜ ସ୍ୱାମୀ ଶିବଙ୍କ ଅପମାନ ସହି ନ ପାରି ଆତ୍ମଦାହ କରିଥିଲେ, ସେତେବେଳେ ଭଗବାନ ଶିବ ଅତ୍ୟନ୍ତ ରାଗରେ ସତୀଙ୍କ ଜଳିଯାଇଥିବା ଶରୀର ଧରି ବ୍ରହ୍ମାଣ୍ଡସାରା ବୁଲୁଥିଲେ। ଶିବଙ୍କୁ ଶାନ୍ତ କରିବା ଲାଗି ନାରାୟଣ ନିଜ ଚକ୍ରରେ ଦେବୀ ସତୀଙ୍କ ପୋଡ଼ା ଶରୀରକୁ କାଟି ଦେଇଥିଲେ, ଯାହାକି ଖଣ୍ଡ ଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଥିଲା। ଉକ୍ତ ସ୍ଥାନଗୁଡ଼ିକ ପରବର୍ତ୍ତୀ ସ୍ଥାନରେ ଶକ୍ତିପୀଠ ପାଲଟିଛି। ତେବେ କୁହାଯାଏ, ଏଠାରେ ମା'ଙ୍କ ଜିଭ ପଡିଥିଲା ; ଯାହାକି ଏବେ ବି ନିରନ୍ତର ଜଳୁଛି ଏବଂ ତାହା ମା' ଜ୍ୱାଲାମୁଖୀଙ୍କ ନାମରେ ପରିଚିତ।

❖ଏହା ବ୍ୟତୀତ ଆଉ କେତେକ କିମ୍ବଦନ୍ତୀ ବି ରହିଛି। କୁହାଯାଏ, ମୋଗଲ ବାଦଶାହ ଆକବର ଯେବେ ଏହି ମନ୍ଦିର ବିଷୟରେ ଜାଣିଲେ, ନିଜ ସେନାବାହିନୀ ଧରି ଏହି ଜ୍ୟୋତି ଲିଭେଇବା ଲାଗି ଆସିଲେ। ହେଲେ ବହୁ ଚେଷ୍ଟା ପରେ ମଧ୍ୟ ଅସଫଳ ରହିଥିଲେ। ଆଉ ଏଥିପାଇଁ ସେ ମଧ୍ୟ ଏହି ଅଲୌକିକ ଘଟଣାରେ ବିଶ୍ୱାସ କରିବା ସହ ଉକ୍ତ ମନ୍ଦିରରେ ସୁନାର ଛତ୍ର ଚଢ଼ାଇଥିଲେ।

❖ଏହି ମନ୍ଦିରର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ କୌଣସି ମୂର୍ତ୍ତିର ପୂଜା କରାଯାଇ ନ ଥାଏ। ମନ୍ଦିରର ବିଭିନ୍ନ ସ୍ଥାନରେ ଅନାଦି କାଳରୁ ପ୍ରାକୃତିକ ଜ୍ୟୋତି ପ୍ରଜ୍ୱଳିତ ହୋଇଆସୁଛି, ଯାହାକୁ ମା'ଙ୍କ ସ୍ୱରୂପ ବୋଲି ଗ୍ରହଣ କରାଯାଏ ଏବଂ ଭକ୍ତ ଉକ୍ତ ଜ୍ୟୋତିକୁ ପୂଜାର୍ଚ୍ଚନା କରିଥା'ନ୍ତି।

❖କିମ୍ବଦନ୍ତୀ ଅନୁଯାୟୀ, କେତେକ ସ୍ଥାନରେ ଏମିତିବି ବର୍ଣ୍ଣନା ରହିଛି ଯେ, ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରାଇଥିଲେ। ସେବେଠୁ ଏହାକୁ ଆସ୍ଥା ଏବଂ ଶ୍ରଦ୍ଧାର ପ୍ରତୀକ ବୋଲି ବିଶ୍ୱାସ କରାଯାଉଛି। ମାର୍ଚ୍ଚ-ଏପ୍ରିଲ୍ ଏବଂ ଅକ୍ଟୋବର-ନଭେମ୍ବରରେ ନବରାତ୍ର ସମୟରେ ଏଠାରେ ମେଳା ଆୟୋଜନ ହୋଇଥାଏ ଏବଂ ଦେଶ ବିଦେଶରୁ ଅନେକ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ହୋଇ ମା'ଙ୍କ ପୂଜା କରିଥା'ନ୍ତି। ଏହି ସମୟରେ ଏଠାକାର ଦୃଶ୍ୟ ଆହୁରି ଭବ୍ୟ ଓ ମନୋରମ ହୋଇଉଠେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମୟରେ ମା'ଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଶ୍ରଦ୍ଧା ଓ ନିଷ୍ଠାର ସହିତ ଭକ୍ତ ଯେଉଁ ମନସ୍କାମନା କରନ୍ତି, ତାହା ନିଶ୍ଚୟ ପୂରଣ ହୋଇଥାଏ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




Finance Partners: TVS CREDIT, IDFC FIRST Bank ALWAYS YOU FIRST, SHRIRAM Finance, L&T Finance, Muthoot Finance, TATA CAPITAL Two Wheeler Loans

#Odisha Ex-showroom price of TVS Sport ES Variant. Prices are subject to change without any prior notice. ^Price Benefit from Revised GST rates on TVS Sport ES+ Variant.
**Finance at the sole discretion of the financer. Price Mentioned are Applicable from 22nd Sep'25. Limited period offer. Accessories shown here may not be part of standard fitment. *T&C apply.

**FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA:8249710415, JATANI:7077588558, 9124605556, BALUGAON:9937886712, NIRAKARPUR:7735402179, 8658517804, BHUBANESHWAR:9337022334, KHURDA:7008412374, BALIPATNA:9776036999, MENDHASALA:9437072019, SUNDARPADA:8249094931, PIPILI:9861150706, SAKHIGOPAL:8249769742, NIMAPARA:7381765800, DELANG:9090214582, BRAHMAGIRI:8480928882, 6370937155, CHARI CHOWK:8327783765, KAKATPUR:9776125534, KANAS:9090214582, ABHIMANPUR POST:9937019555, BANKI:9437666687, NIALI:9437307967, PHULNAKHARA,CUTTACK:7440037801, NISCHINTAKOILI:9337438686, KANDARPUR:9090098000, SISUA:8018556514, ADASHPUR:82498 57169, TANGI: 83277 14238, PATTAMUNDAI:9938602209, MARSHAGHAI:9938837705, RAJNAGAR:9439650236, GARADAPUR:9437527214, MANGALPUR:9853486660, BARI:9437510237, BINJHARPUR:9090503379, KUAKHIA:9348035630, SINGHPUR:9040646458, ROHIBANK:6371229226, KALAPATHAR:9937844941, RANPUR:9778520193, KHANDAPADA:7008659421, PURUNAKATAK:9439071610, CHANDPUR:9337112565, RAJ SUNAKHELA:9437637421, NARASINGHPUR:9658410027, ODOGAON:7815050701, BHAPUR:7389040805.